# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୮/୨୦୧୯ (୨୦ ପୃଷ୍ଠା) | Bhubaneswar, Thursday, April 18/2019 | ★★★★

୪୫ଶ ଭାଗ ୧୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-






ଦୁର୍ନୀତିଗ୍ରସ୍ତ ହୁସିଆର୍ — ଘରେ ଘରେ ଚୌକିଦାର

ଫେରାର ଉପରେ ଆଇନର ମାଡ଼ — ଘରେ ଘରେ ଚୌକିଦାର

ବନ୍ଦ ହେବ କଳା କାରବାର — ଘରେ ଘରେ ଚୌକିଦାର

ଦେଶଦ୍ରୋହୀଙ୍କ ଉପରେ କଡ଼ା ପ୍ରହାର — ଘରେ ଘରେ ଚୌକିଦାର

ଆତଙ୍କ ଉପରେ ଅନ୍ତିମ ପ୍ରହାର — ଘରେ ଘରେ ଚୌକିଦାର

ଶତ୍ରୁ ହୁଅ ଖବରଦାର — ଘରେ ଘରେ ଚୌକିଦାର

ଅନୁପ୍ରବେଶକାରୀ ହୁଅ ବାହାର — ଘରେ ଘରେ ଚୌକିଦାର

ବଂଶବାଦର ହେବ ହାର — ଘରେ ଘରେ ଚୌକିଦାର

ଫିର୍ ଏକ୍ ବାର୍
ମୋଦି ସରକାର

ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର

ନୂଆ ଆଶା, ପୂରା ଭରସା,
ମୋଦିଙ୍କ ସାଥେ ନୂଆ ଓଡ଼ିଶା

ଏମ୍‌ପି ଏବଂ ଏମ୍‌ଏଲ୍‌ଏ ପାଇଁ
ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ

Issued by BJP, 4R-3/2, Kharavel Nagar, Unit-3, Bhubaneswar



କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ଦୁଇ ପ୍ରଧାନମନ୍ତ୍ରୀ ହେବାକୁ ଭାରତୀୟ ଜନତା ପାର୍ଟି ସୁଯୋଗ ଦେବ ନାହିଁ।
-ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧକ୍ଷ





କେନ୍ଦ୍ରମନ୍ତ୍ରୀ ତଥା ଭାଜପା ପ୍ରାର୍ଥୀ ରାଜନାଥ ସିଂ ଲକ୍ଷ୍ନୌସ୍ଥିତ ତାଙ୍କ ନିର୍ବାଚନୀ କାର୍ଯ୍ୟାଳୟରେ ବୁଧବାର ହୋମ କରୁଛନ୍ତି।



ଲକ୍ଷ୍ନୌ ଆସନରୁ ପୁନମ୍ ସିହ୍ନାଙ୍କୁ ପ୍ରାର୍ଥୀ ଘୋଷଣା କରୁଛନ୍ତି ସମାଜବାଦୀ ପାର୍ଟି ଅଧକ୍ଷ ଅଖିଳେଶ ଯାଦବ। ପାଖରେ ଦଳୀୟ ଏମ୍‌ପି ଡିମ୍ପଲ ଯାଦବ ଉପସ୍ଥିତ ଅଛନ୍ତି।



କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ବୁଧବାର ୱାୟାନାଡ୍ ଜିଲାର ଥିରୁନେଲି ମନ୍ଦିରରେ ପୂଜାର୍ଚ୍ଚନା କରୁଛନ୍ତି।

## ସଂକ୍ଷେପରେ

### ଲକ୍ଷ୍ନୌରୁ ପୁନମ୍ ସିହ୍ନା ଏସ୍‌ପି ପ୍ରାର୍ଥୀ

**ଲକ୍ଷ୍ନୌ,୧୭।୪(ପି.ଟି.):** ଶତ୍ରୁଘ୍ନ ସିହ୍ନାଙ୍କ ପତ୍ନୀ ପୁନମ୍‌ଙ୍କୁ ସମାଜବାଦୀ ପାର୍ଟି (ଏସ୍‌ପି) ଲକ୍ଷ୍ନୌରୁ ପ୍ରାର୍ଥୀ କରିଛି। ସେ ଭାଜପା ପ୍ରାର୍ଥୀ ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛନ୍ତି। ପୁନମ୍ ଏସ୍‌ପିରେ ସାମିଲ ହେବାର ଦିନକ ପରେ ବୁଧବାର ଦଳ ଅଧକ୍ଷ ଅଖିଳେଶ ଯାଦବ ତାଙ୍କ ପ୍ରାର୍ଥିତ୍ୱ ଘୋଷଣା କରିଛନ୍ତି। ଏସ୍‌ପି ଓ ବିଏସ୍‌ପି ସରକାରରେ ହୋଇଥିବା ବିକାଶକୁ ଆଧାର କରି ଲକ୍ଷ୍ନୌରେ ତାଙ୍କ ଦଳ ନିର୍ବାଚନ ଲଢ଼ିବ ବୋଲି ଅଖିଳେଶ ଖବରଦାତାମାନଙ୍କୁ କହିଛନ୍ତି।

### ୧୫୦ ଭାରତୀୟ ଶାନ୍ତିସେନାଙ୍କୁ ମେଡାଲ

**ଜାତିସଂଘ,୧୭।୪(ପି.ଟି.):** ଦକ୍ଷିଣ ସୁଦାନରେ ଜାତିସଂଘ ମିଶନରେ ନିୟୋଜିତ ୧୫୦ ଭାରତୀୟ ଶାନ୍ତିସେନାଙ୍କୁ ସେମାନଙ୍କ ଉତ୍ସର୍ଗୀକୃତ ସେବା ଓ ତ୍ୟାଗ ପାଇଁ ମେଡାଲ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି। ମାଲାକାଲଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ କଲୋନେଲ ଅମିତ ଗୁପ୍ତାଙ୍କ ସମେତ ଅନ୍ୟମାନଙ୍କୁ ମେଡାଲ ପ୍ରଦାନ କରାଯାଇଛି। ଦକ୍ଷିଣ ସୁଦାନର ଅପର୍ ନାଇଲ୍ ଅଞ୍ଚଳରେ ଗୁପ୍ତା ୮୫୦ ଯବାନଙ୍କ ଏକ ବାଟାଲିୟନର ନେତୃତ୍ୱ ନେଉଥିଲେ। ଏହା ପୂର୍ବରୁ ସେ ଜାତିସଂଘ ପକ୍ଷରୁ କଙ୍ଗୋର ଉତ୍ତର କିଭୁରେ ମଧ କାର୍ଯ୍ୟ କରିଥିଲେ। ଜାତିସଂଘ ଶାନ୍ତିରକ୍ଷା ମିଶନ୍‌ରେ ଭାରତରୁ ଦ୍ୱିତୀୟ ସର୍ବାଧିକ ୨୪୦୦ ଯବାନ ନିୟୋଜିତ ଅଛନ୍ତି। ଗତ ୭୦ ବର୍ଷ ହେଲା ଉକ୍ତ ମିଶନରେ ୨ ଲକ୍ଷରୁ ଅଧିକ ସେନା ଯବାନ ଓ ପୋଲିସ କାର୍ଯ୍ୟ କରୁଛନ୍ତି। କର୍ତ୍ତବ୍ୟରେ ଥାଇ ୧୬୮ ଭାରତୀୟ ଯବାନ ପ୍ରାଣ ହରାଇଛନ୍ତି।

### ରାଷ୍ଟ୍ରପତିଙ୍କୁ ନେଇ ଗେହଲଟଙ୍କ ବିବାଦୀୟ ମନ୍ତବ୍ୟ
### କ୍ଷମା ଦାବି କଲା ଭାଜପା

**ନୂଆଦିଲ୍ଲୀ,୧୭।୪(ପି.ଟି.):** ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଜାତିକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ରାମନାଥ ଦଳିତ ହୋଇଥିବାରୁ ତାଙ୍କୁ ରାଷ୍ଟ୍ରପତି କରାଯାଇଥିବା ଗେହଲଟ କହିଥିଲେ। ଏଥିପାଇଁ ସେ କ୍ଷମା ମାଗନ୍ତୁ ବୋଲି ଭାଜପା ଦାବି କରିଛି। ଦଳ ପକ୍ଷରୁ ନିର୍ବାଚନ କମିଶନଙ୍କ ପାଖରେ ଅଭିଯୋଗ କରାଯିବା ସହ ଗେହଲଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ସାମ୍ବିଧାନିକ ପଦବୀରେ ଥାଇ ବରିଷ୍ଠ କଂଗ୍ରେସ ନେତା ରାଷ୍ଟ୍ରପତିଙ୍କ ବିରୋଧରେ ଜାତିଭିତ୍ତିକ ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ। ଏହା କଂଗ୍ରେସର ଦଳିତ ବିରାଧୀ ମନୋଭାବକୁ ସୂଚାଉଛି ବୋଲି ଭାଜପା ମୁଖପାତ୍ର ଜି.ଭି.ଏଲ୍. ନରସିଂହ ରାଓ କହିଛନ୍ତି।

ଇତିହାସର ଆଇନାରେ

### ଏପ୍ରିଲ ୧୮ର ପ୍ରମୁଖ ଘଟଣା

୧୯୪୬ ଏପ୍ରିଲ ୧୮ରେ ନେଦରଲାଣ୍ଡର ହେଗ୍‌ଠାରେ ଅନ୍ତର୍ଜାତୀୟ ନ୍ୟାୟାଳୟ(ଆଇସିଜେ)ର ଉଦ୍‌ଘାଟନୀ ବୈଠକ ଅନୁଷ୍ଠିତ ହୋଇଥିଲା। ଆଇସିଜେକୁ ମଧ ବିଶ୍ୱ ବିଶ୍ୱ ଅଦାଲତ କୁହାଯାଏ। ଏହା ବିଭିନ୍ନ ରାଷ୍ଟ୍ର ମଧରେ ଉପୁଜୁଥିବା ବିବାଦର ସମାଧାନ କରିବା ସହିତ ଆଇନଗତ ପରାମର୍ଶ ମଧ ଦେଇଥାଏ।

୧୯୮୩ ଏପ୍ରିଲ ୧୮ରେ ଲେବାନନ୍ ରାଜଧାନୀ ବିରୁଟ୍‌ସ୍ଥିତ ଆମେରିକୀୟ ଦୂତାବାସରେ ଆତ୍ମଘାତୀ ବୋମା ବିସ୍ଫୋରଣ ଯୋଗୁ ୬୩ ଲୋକଙ୍କ ମୃତ୍ୟୁ ଘଟିଥିଲା। ଲେବାନନ୍ ହେଉଛି ପଶ୍ଚିମ ଏସିଆର ଏକ ଦେଶ। ଏହାର ଉତ୍ତର-ପୂର୍ବ ଭାଗରେ ସିରିଆ, ଦକ୍ଷିଣରେ ଇସ୍ରାଏଲ୍ ଏବଂ ପଶ୍ଚିମରେ ଭୂମଧସାଗର ମଧସ୍ଥ ସାଇପ୍ରସ ରହିଛି।

## ■ ଆଜି ଦ୍ୱିତୀୟ ପର୍ଯ୍ୟାୟ ଭୋଟ
# ବ୍ୟାପକ ସୁରକ୍ଷା ବ୍ୟବସ୍ଥା

**ନୂଆଦିଲ୍ଲୀ,୧୭।୪**

ଦ୍ୱିତୀୟ ପର୍ଯ୍ୟାୟରେ ୧୧ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ଅନ୍ତର୍ଗତ ୯୫ଟି ଲୋକ ସଭା ନିର୍ବାଚନମଣ୍ଡଳୀରେ ଗୁରୁବାର ମତଦାନ ହେବ। ଏଥିପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ମତଦାନକୁ ମୁକ୍ତ ଓ ଅବାଧ କରିବା ଲାଗି ବ୍ୟାପକ ସୁରକ୍ଷା ବଳ ନିୟୋଜିତ କରାଯାଇଛି। ଏହି ପର୍ଯ୍ୟାୟରେ ତାମିଲନାଡୁର ୩୮ ଆସନ, କର୍ଣ୍ଣାଟକର ୧୪, ମହାରାଷ୍ଟ୍ରର ୧୦, ଉତ୍ତରପ୍ରଦେଶର ୮, ଓଡିଶା, ବିହାର ଏବଂ ଆସାମର ୫ଟି ଲେଖାଏ ନିର୍ବାଚନ ମଣ୍ଡଳୀ, ଛତିଶଗଡ ଏବଂ ପଶ୍ଚିମବଙ୍ଗର ୩ଟି ଲେଖାଏ ଆସନ, ଜମ୍ମୁ-କଶ୍ମୀରର ଦୁଇଟି ଓ ମଣିପୁର ଏବଂ ପୁଡୁଚେରୀର ଗୋଟିଏ ଲେଖାଏ ଆସନରେ ଭୋଟଗ୍ରହଣ ହେବାକୁ ଯାଉଛି।



ଭାଗଲପୁର ଆସନରେ ମତଦାନ ଲାଗି ବୁଧବାର ସୁରକ୍ଷା କର୍ମୀ ଇଭିଏମ୍ ଏବଂ ଭିଭିପିଏଟି ନେଇ ଭୋଟଗ୍ରହଣ କେନ୍ଦ୍ର ଅଭିମୁଖେ ଯାଉଛନ୍ତି।

ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁ ହେଭିଓ୍ୱେଟ ନେତାଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବାକୁ ଯାଉଛି ସେମାନଙ୍କ ମଧରେ ଅଛନ୍ତି ଉତ୍ତରପ୍ରଦେଶ କଂଗ୍ରେସ ସଭାପତି ରାଜ ବବ୍ବର, ଅଭିନେତ୍ରୀରୁ ରାଜନେତ୍ରୀ ହୋଇଥିବା ହେମାମାଳିନୀ, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲା, କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ପ୍ରମୁଖ। ବବ୍ବର ଉତ୍ତରପ୍ରଦେଶର ଫତେପୁର ସିକ୍ରିରୁ ପ୍ରାର୍ଥୀ ହୋଇଥିବାବେଳେ ହେମା ମଥୁରାରୁ ନିର୍ବାଚନ ଲଢୁଛନ୍ତି। ଫାରୁକ ଜମ୍ମୁ-କଶ୍ମୀରର ଶ୍ରୀନଗର ଆସନରୁ ଏବଂ ଜିତେନ୍ଦ୍ର ଉଧମପୁର ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଏହି ଦୁଇ ଆସନରେ ମୋଟ ୨୪ ପ୍ରାର୍ଥୀ ଥିବାବେଳେ ୨୯.୮୧ ଲକ୍ଷ ଭୋଟର ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏଥିପାଇଁ ୮୦ କମ୍ପାନୀ ସୁରକ୍ଷାବଳ ମୁତୟନ କରାଯାଇଛି।

ଦ୍ୱିତୀୟ ପର୍ଯ୍ୟାୟରେ ୯୭ଟି ଆସନରେ ନିର୍ବାଚନ ଅନୁଷ୍ଠିତ ହେବାକୁ ପୂର୍ବରୁ ସ୍ଥିର ହୋଇଥିବାବେଳେ ତାମିଲନାଡୁର ଭେଲୋରରେ ପ୍ରଚୁର ଅର୍ଥବଳର ପ୍ରୟୋଗ ହେଉଥିବା ଜଣାପଡିବା ପରେ ସେଠାରେ ମତଦାନ ବାତିଲ କରାଯାଇଛି। ସେହିପରି ଆଇନଶୃଙ୍ଖଳା ଦୃଷ୍ଟିରୁ ତ୍ରିପୁରା (ପୂର୍ବ) ଆସନରେ ଆସନ୍ତାକାଲି ହେବାକୁ ଥିବା ଭୋଟକୁ ତୃତୀୟ ପର୍ଯ୍ୟାୟରେ ଅର୍ଥାତ୍ ଏପ୍ରିଲ ୨୩ରେ କରିବାକୁ ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଲାଗି ବିଭିନ୍ନ ଦଳରୁ ୧୬୪୪ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ସେଥି ମଧରେ ତାମିଲନାଡୁରୁ ସର୍ବାଧିକ ୮୪୫ ପ୍ରାର୍ଥୀ ରହିଛନ୍ତି।

■ ୯୫ ଆସନରେ ହେବ ଭୋଟ ଗ୍ରହଣ
■ ଭେଲୋରରେ ନିର୍ବାଚନ ବାତିଲ
■ ତ୍ରିପୁରା (ପୂର୍ବ)ଆସନରେ ମତଦାନ ୨୩କୁ ଘୁଞ୍ଚିଲା

## ■ ୱାୟାନାଡ୍‌ରେ ରାହୁଲଙ୍କ ନିର୍ବାଚନୀ ସଭା
# ପ୍ରଧାନମନ୍ତ୍ରୀ କେବଳ ମିଛ କହୁଛନ୍ତି

**ୱାୟାନାଡ୍,୧୭।୪(ପି.ଟି.)**

କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ନିଜ ନିର୍ବାଚନ ମଣ୍ଡଳୀର କେରଳର ୱାୟାନାଡ୍ ଯାଇ ବୁଧବାର ତିନୋଟି ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ଯାହା କହୁଛନ୍ତି ସବୁ ମିଛ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ଚୋରି କରିଛନ୍ତି। ପୁଲ୍‌ୱାମା ଆକ୍ରମଣ ଦିନ ମୋଦି ତାଙ୍କ ବନ୍ଧୁ ଆଦାନିଙ୍କୁ ୬ଟି ବିମାନ ବନ୍ଦର ଦେଇଛନ୍ତି। ବିମୁଦ୍ରୀକରଣକୁ ପ୍ରଧାନମନ୍ତ୍ରୀ କଳାଧନ ବିରୋଧରେ ଲଢ଼େଇ ବୋଲି କହୁଛନ୍ତି। ପ୍ରକୃତରେ ବିମୁଦ୍ରୀକରଣ ଯୋଗୁ ଭାରତର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇପଡିଛି ବୋଲି କଂଗ୍ରେସ ଅଧକ୍ଷ କହିଥିଲେ। ନୋଟବନ୍ଦୀ ପରେ ଦେଶରେ ୫୦ ଲକ୍ଷ ଲୋକ ନିଯୁକ୍ତି ହରାଇଛନ୍ତି। ଉତ୍ତରପ୍ରଦେଶର ଅମେଠି ସମେତ ୱାୟାନାଡ୍ ଆସନରୁ ପ୍ରାର୍ଥୀ ହୋଇଥିବା ରାହୁଲ ଉକ୍ତ ନିର୍ବାଚନ ମଣ୍ଡଳୀକୁ ଉଚ୍ଚ ପ୍ରଶଂସା କରିଛନ୍ତି। ବିଭିନ୍ନ ସଂସ୍କୃତି ଓ ଚିନ୍ତାଧାରା ପ୍ରତୀକ ଏହି ସୁନ୍ଦର ସ୍ଥାନର ପ୍ରତିନିଧିତ୍ୱ କରିବା ପାଇଁ ସେ ଚାହିଁଥିଲେ ବୋଲି କହିଛନ୍ତି।

ଏହି ଅବସରରେ ରାହୁଲ ତାଙ୍କ ପିତା ରାଜୀବ ଗାନ୍ଧୀଙ୍କ ଚିତାଭସ୍ମ ବିସର୍ଜନ ହୋଇଥିବା ପାପନାଶିନୀ ନଦୀ କୂଳରେ ପହଞ୍ଚି ବାଲି ତର୍ପଣ କରିଥିଲେ। ଏହା ପରେ ସେ ଥିରୁନେଲି ମନ୍ଦିର ଯାଇ ସେଠାରେ ପୂଜାର୍ଚ୍ଚନା କରିଥିଲେ। ରାହୁଲ ଧୋତି ଓ ସିଲ୍କ ସାଲ୍ ପରିଧାନ କରିଥିବା ଦେଖାଯାଇଥିଲା। ଦକ୍ଷିଣର କାଶୀ ଭାବେ ପରିଚିତ ପାହାଡ ଜଙ୍ଗଲଘେରା ଏହି ମନ୍ଦିରରେ ଭଗବାନ ମହାବିଷ୍ଣୁ ପୂଜା ପାଇଥାନ୍ତି।

ଅନ୍ୟପକ୍ଷରେ ଆନନ୍ଦଠାରେ ଏକ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ରାହୁଲଙ୍କୁ କଡ଼ା ଜବାବ ଦେଇଛନ୍ତି। କଂଗ୍ରେସ ହିଁ ମିଛର ସୃଷ୍ଟିକର୍ତ୍ତା। ସାମ୍ପ୍ରଦାୟ ମଧରେ ବିଭାଜନ ସୃଷ୍ଟି କରିବା କଂଗ୍ରେସର ଏକମାତ୍ର ଲକ୍ଷ୍ୟ। ତାଙ୍କୁ ଚୋର କହି ରାହୁଲ ସମସ୍ତ ଓବିସିଙ୍କଠାରେ ଚୋର ମୋହର ଲଗାଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଭାଜପା ଅଧକ୍ଷ ଅମିତ ଶାହ ଗତ ସପ୍ତାହରେ କହିଥିଲେ, ରାହୁଲଙ୍କ ଶୋଭାଯାତ୍ରାରୁ ତାହା ଭାରତରେ କିମ୍ବା ପାକିସ୍ତାନରେ ଚିହ୍ନଟ କରିବା କଷ୍ଟକର ହେଉଥିଲା। ରାହୁଲଙ୍କ ଗତ ୪ ତାରିଖ ରୋଡ୍ ଶୋରେ ଆଇୟୁଏମ୍‌ଏଲ୍‌ର ସବୁଜ ପତାକାକୁ ଲକ୍ଷ୍ୟ କରି ଶାହ ଏଭଳି ମନ୍ତବ୍ୟ ଦେଇଥିଲେ।

# ସାଧ୍ୱୀ ପ୍ରଜ୍ଞା ଠାକୁର ଭୋପାଳରୁ ଭାଜପା ପ୍ରାର୍ଥୀ

**ନୂଆଦିଲ୍ଲୀ,୧୭।୪(ପି.ଟି.)**

୨୦୦୮ ମାଲେଗାଓଁ ବିସ୍ଫୋରଣ ମାମଲାରେ ବିଚାରର ସମ୍ମୁଖୀନ ହୋଇଥିବା ସାଧ୍ୱୀ ପ୍ରଜ୍ଞା ସିଂ ଠାକୁରଙ୍କୁ ଭାଜପା ମଧ୍ୟପ୍ରଦେଶର ଭୋପାଳ ଆସନରୁ ପ୍ରାର୍ଥୀ କରିଛି। ଏହି ଆସନରେ ତାଙ୍କର ବରିଷ୍ଠ କଂଗ୍ରେସ ନେତା ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା ହେବ। ଜାମିନରେ ଆସିଥିବା ପ୍ରଜ୍ଞା ସିଂ ବୁଧବାର ଭାଜପାରେ ଯୋଗଦେବାର କିଛି ସମୟ ପରେ ଦଳ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୋପାଳ ଆସନରୁ ପ୍ରାର୍ଥୀ କରିଛି। ଏନ୍‌ଆଇଏ କୋର୍ଟ ତାଙ୍କ ବିରୋଧରେ ମକୋକା ଅଭିଯୋଗକୁ ବାଦ୍ ଦେଇଥିଲେ ହେଁ ମାଲେଗାଓଁ ମାମଲାର ଅନ୍ୟ ଅଭିଯୋଗରେ ତାଙ୍କ ବିରୋଧରେ ମକଦ୍ଦମା ଚାଲିଛି। ସେହିପରି ଗୁନା ଆସନରୁ କେ.ପି. ଯାଦବ ଭାଜପା ପ୍ରାର୍ଥୀ ହେବାକୁ ଯାଉଛନ୍ତି। ଏହି ଆସନରେ କଂଗ୍ରେସ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ ଲଢୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଗର ଏବଂ ବିଦିଶା ଆସନରୁ ଭାଜପା ରାଜ୍ ବାହାଦୁର ସିଂ ଏବଂ ରମାକାନ୍ତ ଭାର୍ଗବଙ୍କୁ ପ୍ରାର୍ଥୀ କରିଛି। ୨୦୧୪ରେ ସୁଷମା ସ୍ୱରାଜ ବିଦିଶା ଆସନରୁ ଜିତିଥିଲେ। ଏଥର ସେ ସ୍ୱାସ୍ଥ୍ୟଗତ କାରଣରୁ ନିର୍ବାଚନ ଲଢ଼ିବେନି ବୋଲି ପୂର୍ବରୁ ଘୋଷଣା କରିଥିଲେ।



ଦିଗ୍‌ବିଜୟଙ୍କୁ ଟକ୍କର ଦେବେ

### ସୌଦି ଆରବରେ ୨ ଭାରତୀୟଙ୍କ ମୁଣ୍ଡକାଟ୍

**ଚଣ୍ଡିଗଡ଼,୧୭।୪**

ସୌଦି ଆରବରେ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ଦୁଇ ଭାରତୀୟଙ୍କ ମୁଣ୍ଡକାଟ୍ କରାଯାଇଛି। ସେମାନେ ହେଲେ ପଞ୍ଜାବ ହୋଶିଆରପୁରର ସତ୍‌ୱିନ୍ଦର କୁମାର ଏବଂ ଲୁଧିଆନାର ହରଜିତ ସିଂ। ସେମାନେ ଅନ୍ୟ ଜଣେ ଭାରତୀୟଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଫେବୃୟାରୀ ୨୮ରେ ସେମାନଙ୍କୁ ଦଣ୍ଡବିଧାନ କରାଯାଇଥିବା ସୌଦି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜଣାଇ ଦିଆଯାଇଛି। ତେବେ ମୁଣ୍ଡକାଟ୍ ପୂର୍ବରୁ ରିୟାଧରେ ଥିବା ଭାରତୀୟ ଦୂତାବାସକୁ ସୌଦି କର୍ତ୍ତୃପକ୍ଷ ଜଣାଇ ନ ଥିଲେ। ସେଠାର ନିୟମ ଅନୁଯାୟୀ ମୃତକଙ୍କ ମରଶରୀର ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇ ନ ପାରେ। ଲୁଟ୍ ଟଙ୍କା ଭାଗବଣ୍ଟାକୁ ନେଇ ଗଣ୍ଡଗୋଳରୁ ଅରିଫ ଇମାମୁଦ୍ଦିନଙ୍କୁ ହରଜିତ ଏବଂ ସତ୍‌ୱିନ୍ଦର ହତ୍ୟା କରିଥିଲେ। ସେମାନଙ୍କୁ ମଦ ପିଇବା ଓ ଗଣ୍ଡଗୋଳ କରିବା ଅଭିଯୋଗରେ ୨୦୧୫ ଡିସେମ୍ବର ୯ରେ ଗିରଫ କରାଯାଇଥିଲେ ହେଁ ସେମାନେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ପରେ ଜଣାପଡିଥିଲା।

# ବର୍ଷା, ବଜ୍ରପାତରେ ୫୦ ମୃତ

**ଜୟପୁର/ଭୋପାଳ, ଅହମଦାବାଦ, ୧୭।୪(ପି.ଟି.)**

ରାଜସ୍ଥାନ, ମଧ୍ୟପ୍ରଦେଶ, ଗୁଜରାଟ ଓ ମହାରାଷ୍ଟ୍ରର ବିଭିନ୍ନ ସ୍ଥାନରେ ମଙ୍ଗଳବାର ରାତିରେ କାଳବୈଶାଖୀ ବର୍ଷା ସାଙ୍ଗକୁ ବଜ୍ରପାତ ଘଟି ୫୦ ଜଣଙ୍କ ମୃତ୍ୟୁ ଘଟିଛି। ଅଦିନିଆ ବର୍ଷା ଯୋଗୁ ଗୁଜରାଟ ଓ ରାଜସ୍ଥାନରେ ବ୍ୟାପକ ଫସଲ କ୍ଷତି ହୋଇଛି। ରାଜସ୍ଥାନରେ ସର୍ବାଧିକ ୨୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ମଧ୍ୟପ୍ରଦେଶରେ ୧୫, ଗୁଜରାଟରେ ୧୦ ଏବଂ ମହାରାଷ୍ଟ୍ରରେ ୩ ଜଣଙ୍କ ଜୀବନ ଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେବଳ ଗୁଜରାଟରେ ବର୍ଷା ଓ ବଜ୍ରପାତରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ଦୁଃଖ ପ୍ରକାଶ କରିବା ସହ ସହାୟତା ଘୋଷଣା କରିଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ଅନ୍ୟପକ୍ଷରେ ବର୍ଷା ଓ ବଜ୍ରପାତ ଜନିତ ମୃତ୍ୟୁକୁ ନେଇ କମଳନାଥ ରାଜନୀତି କରୁଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ଟୁଇଟ୍ କରାଯାଇ ୪ ରାଜ୍ୟରେ ଅଦିନିଆ ବର୍ଷାଜନିତ ଜୀବନହାନି ଓ କ୍ଷୟକ୍ଷତି ଲାଗି ଦୁଃଖ ପ୍ରକାଶ କରାଯିବା ସହ ପ୍ରତି ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରାଯାଇଛି। ସେହିପରି ଆହତମାନଙ୍କ ଲାଗି ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫୦ ହଜାର ଟଙ୍କା ଲେଖାଏ ଯୋଗାଇ ଦେବାକୁ ଅନୁମୋଦନ କରାଯାଇଛି। ବର୍ଷାଜନିତ କ୍ଷୟକ୍ଷତିକୁ କେନ୍ଦ୍ର ସରକାର ଅନୁଧ୍ୟାନ କରୁଛନ୍ତି ଏବଂ ସମ୍ପୃକ୍ତ ରାଜ୍ୟଗୁଡିକୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ରାଜସ୍ଥାନ ସରକାର ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଘୋଷଣା କରିଛନ୍ତି। ଫସଲ କ୍ଷୟକ୍ଷତିର ଆକଳନ କରାଯାଉଥିବା ରାଜସ୍ଥାନର ଜଣେ ଅଧିକାରୀ କହିଛନ୍ତି। କାଳବୈଶାଖୀ ବର୍ଷା ଓ ବଜ୍ରପାତରେ ଅନେକ ଗୋମହିଷାଦି ମରିଥିବା ଜଣାପଡିଛି।

ପରବର୍ତ୍ତୀ ୨୪ ଘଣ୍ଟାରେ ଦେଶର ଉତ୍ତର ଓ ଉତ୍ତରପୂର୍ବାଞ୍ଚଳର ବିଭିନ୍ନ ସ୍ଥାନରେ ଧୂଳିଝଡ଼ ସାଙ୍ଗକୁ ଘଡ଼ଘଡ଼ି ସହ ବର୍ଷା ଓ କୁଆପଥର ବର୍ଷା ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଉତ୍ତରପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ ଓ ବିହାରରେ ସତର୍କ ସୂଚନା ଜାରି ହୋଇଛି।



# ନମୋ ଟିଭି ପ୍ରସାରଣରେ ଇସିଙ୍କ କଟକଣା

**ନୂଆଦିଲ୍ଲୀ,୧୭।୪(ପି.ଟି)**

ନିର୍ବାଚନ ଆଇନରେ ଥିବା ବିଧିବ୍ୟବସ୍ଥା ଅନୁଯାୟୀ 'ସାଇଲେନ୍ସ ପିରିୟଡ୍'ରେ ଭାଜପା ପ୍ରାୟୋଜିତ ନମୋ ଟିଭି ନିର୍ବାଚନ ସଂକ୍ରାନ୍ତୀୟ କାର୍ଯ୍ୟକ୍ରମ ପ୍ରସାରଣ ନ କରିବାକୁ କମିଶନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣର ୪୮ଘଣ୍ଟା ପୂର୍ବରୁ ସିନେମା, ଟେଲିଭିଜନ ଏବଂ ତତ୍ତୁଲ୍ୟ ମାଧ୍ୟମଗୁଡିକରେ ନିର୍ବାଚନ ବିଷୟବସ୍ତୁ ପ୍ରଦର୍ଶନ ନ କରିବା ପାଇଁ ଲୋକ ପ୍ରତିନିଧି ଆଇନର ଧାରା ୧୨୬ରେ ଉଲ୍ଲେଖ ରହିଛି। ଉକ୍ତ ସମୟକୁ 'ସାଇଲେନ୍ସ ପିରିୟଡ୍' କୁହାଯାଏ। ଏହି ସମୟରେ ଭୋଟର ଆଦୌ ପ୍ରଭାବିତ ନ ହୋଇ କାହାକୁ ଭୋଟ ଦେବ ମନସ୍ଥ କରିଥାଏ। ଅବଶ୍ୟ ଧାରା ୧୨୬ ଛାପା ଗଣମାଧ୍ୟମ କ୍ଷେତ୍ରରେ ଲାଗୁହୁଏ ନାହିଁ।

ବର୍ତ୍ତମାନ ଲୋକ ସଭା ନିର୍ବାଚନ ଚାଲିଥିବାବେଳେ ପ୍ରତ୍ୟେକ ପର୍ଯ୍ୟାୟରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ଯେପରି କାର୍ଯ୍ୟକାରି ହୁଏ ତାହା ସୁନିଶ୍ଚିତ କରିବାକୁ ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଟିଭି ଚ୍ୟାନେଲ ଏବଂ ସେଭଳି ପ୍ଲାଟଫର୍ମରେ ଦେଶବ୍ୟାପୀ ପ୍ରସାରିତ ହେଉଥିବା ରାଜନୈତିକ ବିଷୟବସ୍ତୁକୁ ପ୍ରମାଣପତ୍ର ପ୍ରଦାନ ପାଇଁ ଦିଲ୍ଲୀ ସିଇଓଙ୍କୁ ନୋଡାଲ ଅଫିସର ଦାୟିତ୍ୱ ଦିଆଯାଇଛି। ଏହି ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର କମିଟି ମଧ ଗଠନ କରାଯାଇଛି।




# ଆଝାର ପ୍ରସଙ୍ଗରେ ସମୟସୀମାକୁ ଚାଇନାର ଅଗ୍ରାହ୍ୟ

**ବେଜିଂ,୧୭।୪(ପି.ଟି)**

ପାକିସ୍ତାନଭିତ୍ତିକ ଜେଇଏମ୍ ମୁଖ୍ୟ ମାସୁଦ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବାରେ ଚାଇନା ବିଳମ୍ବ କରୁଛି। ଏପ୍ରିଲ ୨୩ ମଧରେ ଏ ସମ୍ପର୍କରେ ନିଷ୍ପତ୍ତି ନେବା ଲାଗି ଆମେରିକା, ବ୍ରିଟେନ୍ ଓ ଫ୍ରାନ୍ସ ସମୟସୀମା ଧାର୍ଯ୍ୟ କରିଥିବା ରିପୋର୍ଟକୁ ଚାଇନା ଅଗ୍ରାହ୍ୟ କରିଛି। ବରଂ ଏହି ସମସ୍ୟାଜଡ଼ିତ ପ୍ରସଙ୍ଗ ସମାଧାନ ଆଡକୁ ଯାଉଛି ବୋଲି ଚାଇନା ପକ୍ଷରୁ କୁହାଯାଇଛି।

ଭାରତରେ ପୁଲ୍‌ୱାମା ଆକ୍ରମଣ ପରେ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବା ପାଇଁ ଫ୍ରାନ୍ସ, ବ୍ରିଟେନ ଓ ଆମେରିକା ଜାତିସଂଘ ନିରାପତ୍ତା ପରିଷଦରେ ସାନି ପ୍ରସ୍ତାବ ରଖିଥିଲେ। କିନ୍ତୁ ଉକ୍ତ ପ୍ରସ୍ତାବ ଉପରେ ଚାଇନା କୌଣସି ମନ୍ତବ୍ୟ ନ ଦେଇ ଏଥିରେ 'ବୈଷୟିକ ସ୍ଥିତାବସ୍ଥା' ବଜାୟ ରଖିଛି। ନିରାପତ୍ତା ପରିଷଦର ସଭ୍ୟ ଭାବରେ କୌଣସି ଏକ ପ୍ରସଙ୍ଗ ଉପରେ ଚାଇନାର ଭେଟୋ ପ୍ରୟୋଗ କରିବାର କ୍ଷମତା ରହିଛି। ସେହି ଦୃଷ୍ଟିରୁ ଆଝାର ପ୍ରସଙ୍ଗକୁ ୧୨୬୭ କମିଟିରେ ସମାଧାନ କରିବାକୁ ଚାଇନା ମତ ଦେଇଛି।

ଚାଇନାର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଲୁ କାଙ୍ଗ ଏପ୍ରିଲ ୨୩ ସମୟସୀମା ପ୍ରସଙ୍ଗରେ ପ୍ରତିକ୍ରିୟା ପ୍ରକାଶ କରି କହନ୍ତି, ଉପରୋକ୍ତ ୩ ଦେଶ ଆଝାର ପ୍ରସଙ୍ଗରେ ଜାତିସଂଘ ନିରାପତ୍ତା ପରିଷଦରେ ଆଲୋଚନା ପାଇଁ ଚାପ ପକାଇପାରିବେ। ଏଥିପାଇଁ ଉଭୟ ନିରାପତ୍ତା ପରିଷଦ ଏବଂ ଏହାର ସହାୟକ ସଂସ୍ଥା ୧୨୬୭ କମିଟି ଏ ସଂକ୍ରାନ୍ତରେ ବିଧିବଦ୍ଧ ନିଷ୍ପତ୍ତି ନେଇପାରିବେ। ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବା କ୍ଷେତ୍ରରେ ଚାଇନାର ଆଭିମୁଖ୍ୟ ସ୍ପଷ୍ଟ। ସହଯୋଗ ମାଧ୍ୟମରେ ଉକ୍ତ ସମସ୍ୟାର ସମାଧାନ ହେବା ଉଚିତ। ଏ କ୍ଷେତ୍ରରେ କୌଣସି ପ୍ରକାର ଅଗ୍ରଗତି ସଦସ୍ୟ ରାଷ୍ଟ୍ରଙ୍କ ସହମତି ବିନା ସଫଳ ହୋଇପାରିବ ବୋଲି ବିଶ୍ୱାସ ହେଉନାହିଁ। ତେବେ ଏହି ପ୍ରସଙ୍ଗ ସମାଧାନ ଆଡକୁ ଗତି କରୁଛି ବୋଲି ଲୁ କାଙ୍ଗ ପ୍ରକାଶ କରିଛନ୍ତି।



■ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା ପାଇଁ ଚାଇନାର କାଳକ୍ଷେପଣ
■ ଆମେରିକା, ବ୍ରିଟେନ୍ ଓ ଫ୍ରାନ୍ସର ଚାପ ବୃଦ୍ଧି
■ ଆଝାର ପ୍ରସଙ୍ଗ ସମାଧାନ ଆଡକୁ ମୁହାଁଉଛି: ଚାଇନା

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୮/୨୦୧୯ | Bhubaneswar, Thursday, April 18/2019 | ପୃଷ୍ଠା-୧



**ଗୋଟିଏ କଷ୍ଟ୍ୟୁମ୍ ପାଇଁ ୪ ଘଣ୍ଟା**

ନିକଟରେ କ୍ୟାଟ୍ରିନା ଏକ ର୍ୟାମ୍ପ୍ ଶୋ'ରେ ଭାଗ ନେଇଥିଲେ । ହେଲେ ସେଥିପାଇଁ ଗୋଟିଏ କଷ୍ଟ୍ୟୁମ୍ ସିଲେକ୍ସନ ପାଇଁ ତାଙ୍କୁ ୪ ଘଣ୍ଟା ଲାଗିଥିଲା ।

୧୪

୧୬

**ବଜରଙ୍ଗ ବିଶ୍ୱର ନମ୍ବର ୱାନ୍**

ଭାରତୀୟ କୁସ୍ତି ଯୋଦ୍ଧା ବଜରଙ୍ଗ ପୁନିଆ ପୁରୁଷ ୬୫ କେଜି ବିଶ୍ୱ ର୍ୟାଙ୍କିଂରେ ନମ୍ବର ୱାନ ସ୍ଥାନକୁ ଫେରିଛନ୍ତି।








**ଆଜିର ସମ୍ପାଦକୀୟ**

**କୀଟପତଙ୍ଗରୁ ଔଷଧ**

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ରୀୟ ସଂସ୍ଥାକୁ ତାଙ୍କ ବିରୋଧୀମାନଙ୍କ ବିରୋଧରେ ଲଗାଇ ଭୟଭୀତ କରାଇବାକୁ ଉଦ୍ୟମ କରୁଛନ୍ତି।

– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

ଦେଶରେ ବାର୍ଷିକ ୨୪ ମିଲିୟନ ଟନ ଡାଲିର ଚାହିଦା ରହିଥିବା ବେଳେ ୪–୬ ମିଲିୟନ ଟନ ଆମଦାନୀ କରାଯାଉଛି।

–ଡାଇରେକ୍ଟୋରେଟ ଜେନେରାଲ ଅଫ୍ ଫରେନ ଟ୍ରେଡ


NECC NATIONAL EGG CO-ORDINATION COMMITTEE 17.04.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 89 | 144 | 154 |
| DKL | 89 | 144 | 154 |
| BDK | 91 | 146 | 156 |
| BLS | 92 | 148 | 158 |
| ANG | 88 | 142 | 152 |

*Conditions Apply
Eggs Retail Price- 42/-Dozen
Issued in the Interest of Consumers


# ଭୋଟ ପୂର୍ବରୁ ମାଓବାଦୀଙ୍କ ହିଂସା

## ■ ପୋଲିଂ ପାର୍ଟି ଗାଡ଼ି ପୋଡ଼ିଲେ

## ■ ବିସ୍ଫୋରଣ ପରେ ମହିଳା ମେସେଞ୍ଜରଙ୍କୁ ହତ୍ୟା

**ଦ୍ୱିତୀୟ ପର୍ଯ୍ୟାୟ ଭୋଟର ଦିନକ ପୂର୍ବରୁ ନିର୍ବାଚନ ଓ ସୁରକ୍ଷା ବ୍ୟବସ୍ଥାକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ମାଓବାଦୀ। କନ୍ଧମାଳ ଜିଲାର ଗୋଟିଏ ସ୍ଥାନରେ ପୋଲିଂ ପାର୍ଟି ଗାଡ଼ିକୁ ପୋଡ଼ି ଦେଇଥିବାବେଳେ ଅନ୍ୟ ଏକ ସ୍ଥାନରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ କରିବା ସହ ପୋଲିଂ ଚେକିଂ ପାର୍ଟିର ଜଣେ ମହିଳା ମେସେଞ୍ଜରଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଏହି ଘଟଣାର ଦିନକ ପୂର୍ବରୁ କନ୍ଧମାଳ ଏସ୍‌ପି ଏକ ବିବୃତିରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ସହ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାରେ ସମ୍ପନ୍ନ କରିବାକୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି କହିଥିଲେ। ମାତ୍ର ବୁଧବାର ମାଓବାଦୀଙ୍କ ଏଭଳି ବର୍ବର ଆକ୍ରମଣ ପରେ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ଆକ୍ରମଣ ପରେ ଉକ୍ତ ଅଞ୍ଚଳରେ ଭୋଟଦାନ ହେବ କି ନାହିଁ, ସେ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି ।**



ସଞ୍ଜୁକ୍ତା ଦିଗାଲ



ମାଓବାଦୀମାନେ ପୋଡ଼ିଦେଇଥିବା ପୋଲିଂ ଗାଡ଼ି ।

**ଫୁଲବାଣୀ ଅଫିସ/ଫିରିଙ୍ଗିଆ,୧୭।୪**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକରେ ବୁଧବାର ଦୁଇଟି ସ୍ଥାନରେ ମାଓବାଦୀମାନେ ହିଂସାକାଣ୍ଡ ଭିଆଇଛନ୍ତି। ମାଓବାଦୀମାନେ ପ୍ରଥମେ ସୁମରବନ୍ଧ ପଞ୍ଚାୟତ ମିଙ୍ଗୁନୁପଦରଠାରେ ପୋଲିଂ ଗାଡ଼ିକୁ ଅଟକାଇ ସେଥିରେ ନିଆଁ ଲଗାଇ ଦେଇଥିଲେ। ପରେ କୋଏରମାଣ୍ଡୁ ପଞ୍ଚାୟତ ବାରାହାଲାଠାରେ ଲ୍ୟାଣ୍ଡମାଇନ ବିସ୍ଫୋରଣ କରି ପୋଲିଂ ଚେକିଂ ପାର୍ଟିର ମେସେଞ୍ଜର ସଞ୍ଜୁକ୍ତା ଦିଗାଲଙ୍କୁ ଗୁଳିକରି ହତ୍ୟା କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ବୁଧବାର ସକାଳ ପ୍ରାୟ ୯ଟାରେ ଫୁଲବାଣୀ ସହର ପଲିଟେକ୍ନିକ କଲେଜରେ ହୋଇଥିବା ରିସିଭ୍ ସେଣ୍ଟରରୁ ଇଭିଏମ୍ ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ପୋଲିଂ ପାର୍ଟିର ୧୨ଜଣ କର୍ମଚାରୀ ୬୦କିମି ଦୂର ସୁମରବନ୍ଧ ପଞ୍ଚାୟତ ମିଙ୍ଗୁନୁପଦରକୁ ଯାଉଥିଲେ। ରିବିଲଦା ଘାଟି ନିକଟରେ ପ୍ରାୟ ୨୦ରୁ ୨୫ଜଣ ସଶସ୍ତ୍ର ମାଓବାଦୀ ପୋଲିଂ ପାର୍ଟି ଗାଡ଼ିକୁ ଅଟକାଇଥିଲେ। ଏହାପରେ ଗାଡ଼ିରେ ଥିବା ସମସ୍ତ କର୍ମଚାରୀଙ୍କୁ ଓହ୍ଲାଇଦେଇ ଗାଡିରେ ନିଆଁ ଲଗାଇ ପୋଡି ଦେଇଥିଲେ। ମାଓବାଦୀମାନେ ପୋଲିଂ ପାର୍ଟିର କର୍ମଚାରୀଙ୍କୁ ନିକଟରେ ଥିବା ପାହାଡ଼ ନିକଟକୁ ନେଇ ପଚରାଉଚରା କରିବା ପରେ ଛାଡ଼ି ଦେଇଥିଲେ। ଭୟରେ ପୋଲିଂ ପାର୍ଟି କର୍ମଚାରୀମାନେ ଚାଲି ଚାଲି ସାଡିଙ୍ଗିଆ ପଞ୍ଚାୟତରେ ପହଞ୍ଚିବା ପରେ ଫିରିଙ୍ଗିଆ ବିଡିଓ ସେମାନଙ୍କୁ ଫୁଲବାଣୀ ନେଇ ଆସିଥିଲେ। ସେହିପରି ପୋଲିଂ ପାର୍ଟି ଚେକିଂ ପାଇଁ ଆଉ ଏକ ଗାଡିରେ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ପ୍ରକାଶ ଦାସ, ମେସେଞ୍ଜର ତଥା ଲୁଇସିଂ ପଞ୍ଚାୟତ ଗ୍ରାମ ରୋଜଗାର ସେବକ (ଜିଆରଏସ୍) ସଞ୍ଜୁକ୍ତା ଦିଗାଲ ଏବଂ ଅନ୍ୟମାନେ ଯାଉଥିଲେ। ବାଲନ୍ଦାପଡ଼ାରୁ ୧୦/୧୨ କିମି ଦୂର ବାରାହାଲାଠାରେ ଉକ୍ତ ଗାଡ଼ି ଆଗରେ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ଫଳରେ ଡ୍ରାଇଭର ତୁରନ୍ତ ଗାଡି ଅଟକାଇ ପଛକୁ ବୁଲାଇ ଫେରିବାକୁ ଚେଷ୍ଟା କରିବାବେଳେ ମାଓବାଦୀମାନେ ଗାଡ଼ି ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ଏହି ସମୟରେ ଗୋଟିଏ ଗୁଳି ଗାଡ଼ିରେ ବସିଥିବା ଜିଆର୍‌ଏସ ସଞ୍ଜୁକ୍ତାଙ୍କ ମୁଣ୍ଡରେ ବାଜିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଡ୍ରାଇଭର ତୁରନ୍ତ ତାଙ୍କୁ ବାଲନ୍ଦାପଡ଼ା ଡାକ୍ତରଖାନା ଆଣିଥିଲେ। ☞ପୃଷ୍ଠା–୨






## ■ ଆଜି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

# ୪୦% ବୁଥ୍ ସମ୍ବେଦନଶୀଳ

**ଭୁବନେଶ୍ୱର,୧୭।୪(ବ୍ୟୁରୋ)**

ଗୁରୁବାର ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ୫ ଲୋକ ସଭା ଏବଂ ୩୫ ବିଧାନସଭା ଆସନ ପାଇଁ ୭୭ ଲକ୍ଷ ଭୋଟର ୨୭୯ ପ୍ରାର୍ଥୀଙ୍କର ଭାଗ୍ୟ ନିର୍ଣ୍ଣୟ କରିବେ। ଭୋଟ ଗ୍ରହଣ ଦାୟିତ୍ୱରେ ଥିବା କର୍ମଚାରୀମାନେ ନିଜ ବୁଥ୍‌ରେ ପହଞ୍ଚି ଗଲେଣି। ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ ହେବ। ମାଓବାଦୀ ପ୍ରଭାବିତ ଅଞ୍ଚଳରେ ସକାଳ ୭ଟାରୁ ଅପରାହ୍ନ ୪ଟା ମଧ୍ୟରେ ଭୋଟ ଗ୍ରହଣ ଶେଷ ହେବ। ମାଓବାଦୀ ପ୍ରବଣ ଜିଲାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯାଇଛି। ମୋଟ ୯୧୧୭ ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି। ସେଥିମଧ୍ୟରୁ ପ୍ରାୟ ୪୦% ଅର୍ଥାତ ୩୭୦୧ଟି ବୁଥ୍ ସମ୍ବେଦନଶୀଳ ରହିଥିବା ବେଳେ ୩୫ଟି ମହିଳା ବୁଥ୍ ଖୋଲାଯାଇଛି। ☞ପୃଷ୍ଠା–୨

- ■ ୫ ଲୋକ ସଭା, ୩୫ ବିଧାନସଭା ଆସନରେ ହେବ ମତଦାନ
- ■ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ହେଭିୱେଟ ନେତାଙ୍କ ହେବ ଭାଗ୍ୟ ପରୀକ୍ଷା
- ■ ୭୪୮ ସିଆରପିଏଫ୍ ଯବାନ ମୁତୟନ
- ■ ୧ ଲକ୍ଷ ୭୭ ହଜାର ନୂଆ ଭୋଟର
- ■ ଦୁଇ ବୁଥରେ ହେବ ସାନି ମତଦାନ

# ତାତିରେ ସିଝୁଛି ସାରା ଓଡ଼ିଶା

## ଭୁବନେଶ୍ୱରରେ ସର୍ବାଧିକ ତାପମାତ୍ରା ୪୧.୭ ଡିଗ୍ରୀ

**ଭୁବନେଶ୍ୱର,(ବ୍ୟୁରୋ)/ଧାମନଗର,୧୭।୪(ଡି.ଏନ୍.ଏ.)**

ଡହଡହ ଖରାରେ ସିଝୁଛି ସାରା ଓଡ଼ିଶା। ସକାଳ ୮ଟା ବେଳୁ ଖରାର ପ୍ରଭାବ ଦେଖିବାକୁ ମିଳୁଛି। ଲୋକେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ଯାଏ ତାତିରେ ଛଟପଟ ହେଉଛନ୍ତି। ଅଧା ଓଡ଼ିଶାର ସ୍ଥିତି ଅଳ୍ପ ବହୁତେ ଏହିଭଳି ରହୁଛି। ଗତ କିଛିଦିନ ହେବ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ଭଳି ବୁଧବାର ମଧ୍ୟ ରାଜଧାନୀ ଭୁବନେଶ୍ୱର ସବୁଠାରୁ ଉତ୍ତପ୍ତ ସହର ରହିଥିଲା। ଗତ ୭ ଦିନ ମଧ୍ୟରେ ତାପମାତ୍ରା ଯେଉଁଭଳି ଭାବେ ବୃଦ୍ଧି ପାଇଛି, ଆଗରୁ କେବେ ଏଭଳି ହୋଇ ନ ଥିଲା। ଗତ ୧୦ ତାରିଖରେ ଭୁବନେଶ୍ୱରର ସର୍ବୋଚ୍ଚ ତାପମାତ୍ରା ୩୬.୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ବୁଧବାର ସର୍ବାଧିକ ତାପମାତ୍ରା ୪୧.୭ ଡିଗ୍ରୀ ରହିଥିଲା। ☞ପୃଷ୍ଠା–୨

**ଭଦ୍ରକରେ ଅଂଶୁଘାତରେ ଜଣଙ୍କର ମୃତ୍ୟୁ ଅଭିଯୋଗ**




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ପ୍ରିତିପଦ୍ମା
ପରିବାରବର୍ଗ


ରୁନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ବର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପୁଣି ଏଭରେଷ୍ଟ ଅଭିଯାନରେ କଳ୍ପନା ଦାଶ



**ଢେଙ୍କାନାଳ ଅଫିସ, ୧୭।୪**–ପୃଥିବୀର ସର୍ବୋଚ୍ଚ ଗିରିଶୃଙ୍ଗରୁ ଗୁଞ୍ଜରିତ ହେବ ବିଶ୍ୱଶାନ୍ତି, ନାରୀ ସଶକ୍ତୀକରଣ ବାର୍ତ୍ତା। ମାଉଣ୍ଟ ଏଭରେଷ୍ଟରେ ପାଦ ରଖି ପୁଣିଥରେ ଇତିହାସ ରଚିବେ ଢେଙ୍କାନାଳର କଳ୍ପନା ଦାଶ। ଏଥିପାଇଁ ସେ ବୁଧବାର ପହଞ୍ଚିଛନ୍ତି ନେପାଳର ଲୁକଲାରେ। ଏହି ଅଭିଯାନରେ ସାମିଲ ହୋଇଛନ୍ତି ନେପାଳର କାଞ୍ଚିମାୟା ତମାଙ୍ଗ ଏବଂ ଚାଇନାର ଲିଆମୁ ମା। ୧୮ଥର ଏଭରେଷ୍ଟ ଆରୋହଣ କରିଥିବା ମାଉଣ୍ଟେନର ପେମ୍ବା ଧୀରଜେ ସେରପାଙ୍କ ନେତୃତ୍ୱରେ ଏହି ଅଭିଯାନ ଆରମ୍ଭ ହେବ। ଏ ନେଇ ହ୍ୱାଟସ ଆପ୍‌ରେ ସୂଚନା ଦେଇଛନ୍ତି କଳ୍ପନା। ସାରା ବିଶ୍ୱବାସୀଙ୍କ ନିକଟରେ ବିଶ୍ୱଶାନ୍ତି, ବିଶ୍ୱ ଭ୍ରାତୃତ୍ୱ, ନାରୀ ସଶକ୍ତୀକରଣ ବାର୍ତ୍ତା ପହଞ୍ଚାଇବା ସର୍ବୋପରି ମହିଳାଙ୍କୁ ଦୁଃସାହସିକ କ୍ରୀଡ଼ା ପ୍ରତି ଆକୃଷ୍ଟ କରାଇବା ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ ବୋଲି କଳ୍ପନା ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ୪୦% ବୁଥ୍ ...

ମାଓବାଦୀପ୍ରବଣ ଜିଲା ଏବଂ ସମ୍ବେଦନଶୀଳ ବୁଥ୍‌ଗୁଡିକରେ ଅଧିକ ସତର୍କତା ଅବଲମ୍ବନ କରାଯାଇଛି। ସେହିସବୁ ବୁଥ୍‌ଗୁଡିକରେ ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି। ୭୪୮ଟି ବୁଥ୍‌ରେ ସିଆରପିଏଫ୍ ଯବାନଙ୍କୁ ମୁତୟନ କରାଯାଇଥିବାବେଳେ ୮୮୩ ବୁଥ୍‌ରେ ୱେବ କାଷ୍ଟିଂ, ୩୩୧ ବୁଥରେ ଭିଡିଓଗ୍ରାଫି, ୨୫ଟି ବୁଥ୍‌ରେ ଷ୍ଟିଲ ଫଟୋଗ୍ରାଫି, ୬୨୩ ବୁଥ୍‌ରେ ସିସିଟିଭି ଏବଂ ୮୯୨ ବୁଥ୍‌ରେ ମାଇକ୍ରୋ ଅବଜରଭରଙ୍କୁ ନିୟୋଜିତ କରାଯାଇଛି। ଭୋଟ ସାମଗ୍ରୀ ନେବା ପାଇଁ ୮୬୩୭ ଯାନବାହନ ନିୟୋଜିତ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଏହି ପର୍ଯ୍ୟାୟରେ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ କେତେଜଣ ମନ୍ତ୍ରୀ, ଏମ୍‌ପି, ବିଧାୟକ ଏବଂ ପୂର୍ବତନ ମନ୍ତ୍ରୀଙ୍କର ଭାଗ୍ୟ ପରୀକ୍ଷା ହେବ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଇଟି ଆସନ ହିଞ୍ଜିଳି ଓ ବିଜେପୁରରେ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି। ବଲାଙ୍ଗୀର ଲୋକ ସଭା ଆସନରୁ ବିଜେଡି ପ୍ରାର୍ଥୀ ତଥା ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଦ୍ୱିତୀୟ ଥର ନିଜର ଭାଗ୍ୟ ପରୀକ୍ଷା କରୁଥିବା ବେଳେ ଭାଜପାରୁ ସଙ୍ଗୀତା ସିଂଦେଓ, କନ୍ଧମାଳ ଆସନରୁ ବିଜେଡି ପ୍ରାର୍ଥୀ ଅଚ୍ୟୁତ ସାମନ୍ତ, ଭାଜପା ପ୍ରାର୍ଥୀ ଐର ଖାରବେଳ ସ୍ୱାଇଁ, ଆସିକାରୁ ସିପିଆଇ ପ୍ରାର୍ଥୀ ରାମକୃଷ୍ଣ ପଣ୍ଡା, ବରଗଡରୁ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ଭାଜପା ପ୍ରାର୍ଥୀ ସୁରେଶ ପୂଜାରୀ, ସୁନ୍ଦରଗଡ ଆସନରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏବଂ କଂଗ୍ରେସ ପ୍ରାର୍ଥୀ ଜର୍ଜ ତିର୍କୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ମତଦାତା। ସେହିପରି ସୋନପୁର ବିଧାନସଭା ଆସନରୁ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବୌଦ୍ଧରୁ ବାଚସ୍ପତି ପ୍ରଦୀପ ଅମାତ୍, ବଲାଙ୍ଗୀରରୁ ବିରୋଧୀ ଦଳ ନେତା ନରସିଂହ ମିଶ୍ର, ଅତାବିରାରୁ ମନ୍ତ୍ରୀ ସ୍ନେହାଙ୍ଗିନି ଛୁରିଆ, ଭଟଲିରୁ ସୁଶାନ୍ତ ସିଂହ, ବୀରମହାରାଜପୁରରୁ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ବ୍ରଜରାଜନଗରରୁ ପୂର୍ବତନ ବାଚସ୍ପତି କିଶୋର ମହାନ୍ତି, ରାଉରକେଲାରୁ ଶାରଦା ପ୍ରସାଦ ନାୟକ, ରଘୁନାଥପାଲିରୁ ସୁବ୍ରତ ତରାଇ, ପାଟଣାଗଡରୁ କନକ ବର୍ଦ୍ଧନ ସିଂଦେଓ, ଟିଟିଲାଗଡରୁ ବିଜେଡି ବିଧାୟିକା ଟୁକୁନି ସାହୁ, ପୂର୍ବତନ ବିଧାୟକ ତଥା କଂଗ୍ରେସ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ, କଣ୍ଟାବାଞ୍ଜିରୁ କଂଗ୍ରେସ ପ୍ରାର୍ଥୀ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ବାଲିଗୁଡାରୁ ଭାଜପା ପ୍ରାର୍ଥୀ କରେନ୍ଦ୍ର ମାଝି, କଣ୍ଟାମାଳରୁ ବିଧାୟକ ତଥା ବିଜେଡି ପ୍ରାର୍ଥୀ ମହିଧର ରଣାଙ୍କ ରାଜନୈତିକ ଭାଗ୍ୟ ଇଭିଏମ୍‌ରେ ସିଲ୍ ହେବ। ଏହାଛଡା ଅନ୍ୟ କେତଜଣ ହେଭିୱେଟ ଓ ନବାଗତ ନେତାମାନେ ଏହି ନିର୍ବାଚନରେ ନିଜର ଭାଗ୍ୟ ପରୀକ୍ଷା କରିବେ।

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୩୫ ବିଧାନସଭା ଆସନ ପାଇଁ ୨୪୪ ଏବଂ ୫ଟି ଲୋକ ସଭା ଆସନ ପାଇଁ ୩୫ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଲୋକ ସଭା ଆସନରେ ୩୦ ଜଣ ପୁରୁଷ ଓ ୫ ଜଣ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ବିଧାନସଭା ଆସନରେ ୨୧୯ ପୁରୁଷ ଓ ୨୫ ଜଣ ମହିଳା ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି।

ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ମତଦାନର ଦେଢ ଘଣ୍ଟା ପୂର୍ବରୁ ମକ୍‌ପୋଲ (ଛାୟା ମତଦାନ) ଅନୁଷ୍ଠିତ ହେବ। ଅର୍ଥାତ ସକାଳ ୫ଟା ୩୦ ମିନିଟରୁ ବୁଥ୍‌ଗୁଡିକରେ ମକ୍‌ପୋଲ ହେବ। ଏଥିପ୍ରତି ଧ୍ୟାନଦେବାକୁ ସମସ୍ତ ନିର୍ବାଚନ ଅଧିକାରୀଙ୍କୁ ବୁଧବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର ନିର୍ଦ୍ଦେଶ ଦେଇଛନ୍ତି।

ଚଳିତ ନିର୍ବାଚନରେ ୭୬ ଲକ୍ଷ ୯୩ ହଜାର ୧୨୩ ଭୋଟର ନିଜର ମତଦାନ ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୩୯ ଲକ୍ଷ ୪୫ ହଜାର ୦୨୫ ଜଣ ପୁରୁଷ ମତଦାତା ରହିଥିବା ବେଳେ ୩୭ ଲକ୍ଷ ୪୭ ହଜାର ୪୯୩ ମହିଳା ଏବଂ ୬୦୫ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ଚଳିତ ନିର୍ବାଚନରେ ୧୮–୧୯ ବର୍ଷର ୧,୭୭,୨୫୫ ଜଣ ଭୋଟର ପ୍ରଥମ ଥର ଲାଗି ମତଦାନ କରିବେ। ଏହି ପର୍ଯ୍ୟାୟ ମତଦାନ ପରିଚାଳନା ପାଇଁ ୬୦ ହଜାର ୩୯୩ ପୋଲିଂ କର୍ମଚାରୀ (୫୭,୫୬୮ ପୁରୁଷ ଏବଂ ୨୮୨୫ ମହିଳା)ଙ୍କୁ ନିୟୋଜିତ କରାଯାଇଛି। ଦିବ୍ୟାଙ୍ଗ ମତଦାତାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ସୁରେନ୍ଦ୍ର କୁମାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଦ୍ୱିତୀୟ ପର୍ଯ୍ୟାୟରେ ୧,୦୮,୪୫୮ ଜଣ ଦିବ୍ୟାଙ୍ଗଙ୍କ ନାମ ଭୋଟର ତାଲିକାରେ ପଞ୍ଜୀକରଣ କରାଯାଇଛି। ସେମାନେ କିଭଳି ସୁରୁଖୁରୁରେ ମତଦାନ କରିପାରିବେ ସେ ନେଇ ୯୨୦୭ ବୁଥ୍‌ରେ ହୁଇଲ ଚେୟାର ବ୍ୟବସ୍ଥା କରାଯାଇଛି। ଦିବ୍ୟାଙ୍ଗ ମତଦାତାଙ୍କ ପାଇଁ ୯୧୧୭ଟି ର୍‌ୟାମ୍ପ କରାଯାଇଥିବା ବେଳେ ୯୧୧୭ ବୁଥ୍‌ରେ ପିଇବା ପାଣିର ବ୍ୟବସ୍ଥା ହୋଇଛି। ଦିବ୍ୟାଙ୍ଗ ଭୋଟରଙ୍କୁ ସହାୟତା କରିବା ସକାଶେ ୧୭୮୮୨ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଛନ୍ତି। ସମସ୍ତ ବୁଥ୍‌ରେ ପିଇବା ପାଣିର ବ୍ୟବସ୍ଥା କରାଯାଇଛି। ପ୍ରଥମ ଥର ପାଇଁ ବୁଥ୍ ନିକଟରେ ପଲିଥିନ ଶେଡ କରାଯିବା ସହ ଦିବ୍ୟାଙ୍ଗ, ବୃଦ୍ଧାବୃଦ୍ଧ ଏବଂ ଗର୍ଭବତୀ ମହିଳାଙ୍କ ବସିବା ସକାଶେ ଚେୟାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

ତେବେ ପ୍ରଥମ ପର୍ଯ୍ୟାୟରେ ବାତିଲ କରାଯାଇଥିବା ଦୁଇଟି ବୁଥ୍‌ରେ ମଧ୍ୟ ଗୁରୁବାର ମତଦାନ ହେବ। ସେଗୁଡ଼ିକ ହେଲା ମାଲକାନଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏମ୍‌ପିଭି–୬୫ ଏବଂ ବ୍ରହ୍ମପୁର ସିଟି ହାଇସ୍କୁଲ–୨।

## ତାତିରେ ସିଝୁଛି ...

ଏଥିସହିତ ୭ ସହରର ତାପମାତ୍ରା ମଧ୍ୟ ୪୦ ଡିଗ୍ରୀ ଟପିଥିଲା। ଅନୁଗୋଳ ୪୧.୧, ଟିଟିଲାଗଡ଼ ୪୧, ମାଲକାନଗିରି ୪୦.୫, ସୁନ୍ଦରଗଡ଼, ଭବାନୀପାଟଣା ଓ ସୋନପୁରରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି କଟକରେ ୩୯.୪, ସମ୍ବଲପୁର ୩୯.୨, ବଲାଙ୍ଗୀର ୩୯, ଝାରସୁଗୁଡ଼ା ୩୮.୬, ହୀରାକୁଦ ୩୮.୨, କେନ୍ଦୁଝର ୩୮.୧ ଓ ଚାନ୍ଦବାଲି ୩୭.୨ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ସୁନ୍ଦରଗଡ଼ ଓ ମାଲକାନଗିରିରେ ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀ ରହିଥିଲା।

ସେପଟେ ଅଧିକ ତାପମାତ୍ରା ଯୋଗୁ ଯେତିକି ଭୟ ରହୁଛି, କାଳବୈଶାଖୀ ପାଇଁ ମଧ୍ୟ ସେତିକି ଡର ରହୁଛି। ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରିଛି। ବୁଧବାର ଉତ୍ତର ଓଡ଼ିଶା ଓ ଦକ୍ଷିଣ ଉପକୂଳ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହୋଇଥିବା ଜଣାପଡ଼ିଛି। ଗଞ୍ଜାମ, କପ୍ତିପଦା ଓ ଉଦଳାଠାରେ ଅଧିକ ବର୍ଷା ରେକର୍ଡ କରାଯାଇଛି। ତେବେ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ପାଗ ଶୁଖିଲା ରହିଥିଲା। ଗୁରୁବାର ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ସୁବର୍ଣ୍ଣପୁର, ବଲାଙ୍ଗୀର, ନୂଆପଡ଼ା, ବରଗଡ଼, ନୟାଗଡ଼, ଖୋର୍ଦ୍ଧା, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଆଦି ଅଞ୍ଚଳରେ ବର୍ଷା ସହ କାଳବୈଶାଖୀ ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଶୁକ୍ରବାର ଗଜପତି, ଗଞ୍ଜାମ, କନ୍ଧମାଳ, କଟକ, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ମୟୂରଭଞ୍ଜ, ବାଲେଶ୍ୱର, କଳାହାଣ୍ଡି, କେନ୍ଦୁଝର, ବୌଦ୍ଧ, କୋରାପୁଟ ଏବଂ ଶନିବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ମୟୂରଭଞ୍ଜ ଓ ବାଲେଶ୍ୱରରେ ବର୍ଷା ସହ ଘଡ଼ଘଡ଼ି ହେବା ସମ୍ଭାବନା ରହିଛି।

ଅନ୍ୟପଟେ ଭଦ୍ରକ ଜିଲାରେ ଅଂଶୁଘାତରେ ଜଣଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଧାମନଗର ବ୍ଲକ ଅର୍ଜୁନପୁର ଗ୍ରାମର ପ୍ରହଲ୍ଲାଦ ରାଉତଙ୍କ ପୁଅ ଇନ୍ଦ୍ରଜିତ୍(୩୩)ଙ୍କର ବୁଧବାର ସକାଳେ ମୃତ୍ୟୁ ଘଟିଛି। ଇନ୍ଦ୍ରଜିତ୍ ଏଟିଏମ୍ ଟଙ୍କା ଭଡ଼ା ଗାଡ଼ିରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ପରିବାର ଲୋକଙ୍କ କହିବାନୁଯାୟୀ, ସକାଳ ପ୍ରାୟ ୮ଟାରେ ଇନ୍ଦ୍ରଜିତ୍ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ସ୍ପଷ୍ଟ ହେବ ବୋଲି ଡାକ୍ତରଖାନା ସୂତ୍ରରୁ ପ୍ରକାଶ।

## ଭୋଟ ପୂର୍ବରୁ ମାଓବାଦୀଙ୍କ...

ପରେ ତାଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ସଞ୍ଜୁକ୍ତାଙ୍କ ପରିବାର ଲୋକ ପହଞ୍ଚିଥିଲେ। ସଞ୍ଜୁକ୍ତାଙ୍କ ଭାଇ ମୁଖ୍ୟ ଚିକିତ୍ସାଳୟରେ 'ମୋ ଭଉଣୀର ଦୋଷ କଣ' ଥିଲା ବୋଲି କହି ଧୈର୍ଯ୍ୟହରା ହୋଇ ତଳେ ପଡିଯାଇଥିବା ଦେଖିବାକୁ ମିଳିଥିଲା। ସଞ୍ଜୁକ୍ତାଙ୍କ ସ୍ୱାମୀ ମଧ୍ୟ କାନ୍ଦି କାନ୍ଦି ଏସବୁ ଘଟଣା ପରେ ଏସ୍‌ପି, କଲେକ୍ଟର କ'ଣ କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏ ନେଇ ଏଏସ୍‌ଓ ପ୍ରକାଶ କୁହନ୍ତି, ଆମେ ପୋଲିଂ ପାର୍ଟି ଚେକିଂ କରିବାକୁ ଯାଉଥିଲୁ। ବାରାହାଲାଠାରେ ଆମ ଗାଡ଼ି ପାଖରୁ ୫ ଫୁଟ ଆଗରେ ଏକ ଲ୍ୟାଣ୍ଡମାଇନ ବିସ୍ଫୋରଣ ହେଲା। ଧୂଳି ଧୂଆଁରେ ଆମେ ପ୍ରଥମେ କିଛି ଦେଖି ପାରିଲୁ ନାହିଁ। ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଗାଡି ବୁଲାଇ ଆସିବାବେଳେ ମାଓବାଦୀଙ୍କ ଗୁଳି ଆସି ସଞ୍ଜୁକ୍ତାଙ୍କ ମୁଣ୍ଡରେ ବାଜିଥିଲା। ସେହିପରି ମିଙ୍ଗୁନୁପଦର ଯାଉଥିବା ପ୍ରିଜାଇଡିଂ ଅଫିସର ଦେବେନ୍ଦ୍ର କୁମାର ଗୌଡ କୁହନ୍ତି, ଆମେ କାଲିଠାରୁ ଆସିବାର ଥିଲା, ଆମକୁ ଅଟକା ଯାଇଥିଲା। ବୁଧବାର ସକାଳେ ଏସ୍‌ପି ଆସି କହିଲେ, ସବୁ ଠିକ୍ ଅଛି ତୁମେମାନେ ଯାଅ। ଆମେ ସାଡିଙ୍ଗିଆ ପଞ୍ଚାୟତ ଅତିକ୍ରମ କରି ୨ କି.ମି. ଯିବା ପରେ ହଠାତ୍ ଏକ ଶବ୍ଦ ହେଲା। ଆମେ ଅଟକି ଯିବାରୁ ତେଲୁଗୁ ଓ ଓଡ଼ିଆରେ କଥା ହେଉଥିବା କେତେଜଣ ମାଓବାଦୀ ଆସି ଆମକୁ ହାତ ଉପରକୁ ଉଠାଇ ଗାଡିରୁ ଓହ୍ଲାଇବାକୁ କହିଥିଲେ। ପରେ ସେଠାରୁ ୧୦୦ ମିଟର ଉପର ପାହାଡକୁ ନେଇ ପଚରାଉଚରା କଲେ। କହିଲେ, ଆମେ ଏଠାରେ ଭୋଟ ଚାହୁଁନୁ। ତୁମେମାନେ ଫେରିଯାଅ। ସେଠାରୁ କିଛି ବାଟ ଆସିବା ପରେ ବାଟରୁ ଏକ ଅଟୋ ଯୋଗେ ସାଡିଙ୍ଗିଆ ପଞ୍ଚାୟତରେ ପହଞ୍ଚିଥିଲୁ। ବିଡିଓ ପ୍ରବୀଣ କୁମାର ବାଣୁଆ ଗାଡି ଆଣି ଆମକୁ ନେଇଥିଲେ ବୋଲି ପ୍ରିଜାଇଡିଂ ଅଫିସର ଗୌଡ଼ ପ୍ରକାଶ କରିଛନ୍ତି। ଏହି ଘଟଣାକୁ ନେଇ ଡିଜିପି ବିକେ ଶର୍ମା କହିଛନ୍ତି ଯେ, ଦିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମାଓବାଦୀ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯାଇଛି। ଆମେ ଏହି ଘଟଣା ଉପରେ ନଜର ରଖିଛୁ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଆରପି କୋଚେ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରୁଛନ୍ତି। ଆଉ ଯେପରି କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ନ ହୁଏ ସେନେଇ ଅଧିକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

### ମେଷ

ଆଜିର ଚନ୍ଦ୍ର ହସ୍ତା ନକ୍ଷତ୍ରରେ ଅବସ୍ଥାନ କରି ତିନୋଟିଗ୍ରହଙ୍କ ଦୃଷ୍ଟିରେ ରହିଥିବାରୁ ଯାତ୍ରା ସୁଗମ, ବନ୍ଧୁପ୍ରୀତି, ଭ୍ରାତୃସ୍ନେହ ଲାଭ କରି ଖୁସୀ ରହିବେ। ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇ ଚେଷ୍ଟା କରୁଥିବା କାମ ହାସଲ କରିବେ। ଆଶା କରୁଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ନିଜ ଲୋକମାନଙ୍କ ପ୍ରତିରୋଧ ବ୍ୟବସାୟକୁ ବିଶୃଙ୍ଖଳିତ କରିପାରେ।

### ବୃଷ

ମଙ୍ଗଳ ଗ୍ରହ ରାଶିରେ ରୋହିଣୀ ନକ୍ଷତ୍ରରେ ଥିବାରୁ କୌଣସି ସମ୍ପର୍କୀୟ ଜଣେ ମହିଳା ଆପଣଙ୍କୁ ଅର୍ଥସାହାଯ୍ୟ କରିବେ। ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇପାରେ। ବନ୍ଧୁଙ୍କ ପ୍ରତ୍ୟେକ କଥାକୁ ସରଳ ଭାବରେ ଗ୍ରହଣ କରି ଜଟିଳତା ଭିତରକୁ ଟଣା ହୋଇପାରନ୍ତି। କୃଷି, ବ୍ୟବସାୟ, ଶିଳ୍ପ ଓ କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର କ୍ଷେତ୍ରରେ ସୁଫଳ ପାଇବେ।

### ମିଥୁନ

ରାଶିରେ ରାହୁ ପୁନର୍ବସୁ ନକ୍ଷତ୍ରରେ ଥିବାରୁ ଆପଣଙ୍କ ଉଦ୍ୟମକୁ ଭଣ୍ଡୁର କରିଦେଇପାରନ୍ତି। ଅବଶ୍ୟ ବୃହସ୍ପତିଙ୍କ ସୁପ୍ରଭାବରୁ ସେହି ସ୍ଥିତି ବେଶୀ ସମୟ ସ୍ଥାୟୀ ହେବ ନାହିଁ। ପ୍ରଶାସନ, ସଙ୍ଗଠନ, ବନ୍ଧୁ ସହଯୋଗ ପ୍ରଭୃତି ସଙ୍ଗକୁ ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯାଇପାରନ୍ତି। ପାରିବାରିକ ସ୍ଥିତି ମଧ୍ୟ ଆଜି ବିଶେଷ ଭଲ ରହି ନ ପାରେ।

### କର୍କଟ

ତୃତୀୟସ୍ଥ ଚନ୍ଦ୍ର ସହକର୍ମୀମାନଙ୍କ ସହାୟତାରେ କର୍ମପ୍ରବାହକୁ ଆଗକୁ ନେଇ ପାରନ୍ତି। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରା ସନ୍ତୋଷଜନକ ରହିବା ଆତ୍ମୀୟ ସ୍ୱଜନଙ୍କ ସହାୟତାରେ ହାତକୁ ନେଇଥିବା କାର୍ଯ୍ୟ ସମ୍ପନ୍ନ ହେବାର ଆଶା ରଖିପାରନ୍ତି। କେତେକ କ୍ଷେତ୍ରରେ ଭାବପ୍ରବଣ ହୋଇ କଣନା କ'ଣ କହିବସିବେ, ଯାହାକି ଅନର୍ଥର କାରଣ ପାଲଟିଯାଇପାରେ।

### ସିଂହ

ଚନ୍ଦ୍ରଙ୍କ କେନ୍ଦ୍ରସ୍ଥଳରେ ଶନି ଓ ବୃହସ୍ପତି ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ସୃଷ୍ଟି କରିବେ। କାମଗୁଡିକୁ ଶୀଘ୍ର ଶେଷ କରିବା କାରଣକୁ ନେଇ ସନ୍ଦେହ ଘେରରେ ପଡ଼ିପାରନ୍ତି। ଆର୍ଥିକ ଅନଟନ ଓ ପାରିବାରିକ କ୍ଷେତ୍ରରେ ରହିଥିବା ବ୍ୟତିକ୍ରମରୁ ମାନସିକ ଶାନ୍ତି ବ୍ୟାହତ ହେବ। ସରକାରୀ ସ୍ତରରେ ରହିଥିବା ସମସ୍ୟାର ସମାଧାନ କରିବା ଦିଗରେ ସଫଳତା ହାସଲ କରିବେ।

### କନ୍ୟା

ସପ୍ତମ କେନ୍ଦ୍ରରେ ବୁଧ ଓ ଶୁକ୍ର ଆପଣଙ୍କ ସ୍ୱାସ୍ଥ୍ୟକୁ ନିରାମୟ ରଖିବା ସଙ୍ଗକୁ ଅର୍ଥ ସମ୍ପଦ, ବିଳାସ, ସାମଗ୍ରୀ ଓ ମନୋରଞ୍ଜନର ଖୁରାକି ଯୋଗାଇ ଦେଇପାରନ୍ତି। ଗ୍ରହ ପ୍ରଭାବରୁ ନିଜ ସପକ୍ଷରେ ଲଢିବା ସକାଶେ ଆତ୍ମୀୟସ୍ୱଜନଙ୍କୁ ମନାଇବା ପାଇଁ ବିଭିନ୍ନ ପ୍ରକାରର ଚେଷ୍ଟା କରିପାରନ୍ତି। ଅବଶ୍ୟ ଆଇନ ଓ ଅଦାଲତରୁ ସୁଫଳ ପାଇବାରେ ଅସୁବିଧା ହେବନାହିଁ।

### ତୁଳା

ଉଚ୍ଚସ୍ଥ ରବି ପ୍ରଭାବରେ ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡିପାରେ। ଭାରାକ୍ରାନ୍ତ ମନ ନେଇ କାମ କରିବେ କିନ୍ତୁ ବିଫଳତା ବଦଳରେ ସଫଳତାରୁ ବିସ୍ମୟାନ୍ୱିତ ହେବେ। ଅଧିକାଂଶ ସମୟ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିପାରେ। ଅଷ୍ଟମସ୍ଥ ମଙ୍ଗଳ ହେତୁ ସମସ୍ୟା ସାଙ୍ଗକୁ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ।

### ବିଛା

ରାଶ୍ୟାଧିପ ମଙ୍ଗଳ ରାଶିକୁ ପୂର୍ଣ୍ଣରୂପରେ ଦେଖୁଥିବାରୁ ଆପଣଙ୍କ ଇଚ୍ଛା ଓ ଅଭିଳାଷ ପୂରଣ ହେବାରେ ବେଶୀ ବିଳମ୍ବ ହେବନାହିଁ। ଆକସ୍ମିକ ଭାବେ କୌଣସି ବିବାଦୀୟ ପରିସ୍ଥିତିରୁ ସହସା ମୁକ୍ତି ମିଳିଯାଇପାରେ। ଅଭାବକୁ ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବା ପାଇଁ ଆଲୋଚନା ଜାରୀ ରଖିବା ଠିକ୍ ହେବ।

### ଧନୁ

ରାଶିରେ ତିନୋଟି ଗ୍ରହ ଓ ସପ୍ତମସ୍ଥ ବଳବାନ୍ ରାହୁ ଯୋଗୁ ଆପଣ ବିବାଦୀୟ ପରିସ୍ଥିତିରେ ବିଜୟୀ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ରୋଗଯନ୍ତ୍ରଣାରେ କଷ୍ଟ ପାଇବେ। ଦୂରଯାତ୍ରା ସଫଳ ହେବ ଓ ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ହେବ ନାହିଁ। ପ୍ଲାଣ୍ଟିଙ୍ଗ କାରବାର, ଆଲୋଚନା, ପ୍ରେସ୍ ଓ ପବ୍ଲିକେଶନରେ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ।

### ମକର

ରାଶିପ୍ରତି କୌଣସି ଗ୍ରହର ଦୃଷ୍ଟି ନ ଥିବା ହେତୁ ଆପଣଙ୍କ କାର୍ଯ୍ୟ ବିଶୃଙ୍ଖଳିତ ରହିବ। ବାରମ୍ବାର ଚେଷ୍ଟା କରି ମଧ୍ୟ ଆଶା ପୂରଣ ହେବା କଷ୍ଟକର ହୋଇପାରେ। ସାମୟିକ ଶାରିରୀକ ଅସୁସ୍ଥତା ହେତୁ ପ୍ରତ୍ୟେକ କାମରେ ପଛୁଆ ରହିବେ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରା କରିବା ସକାଶେ ମନ ବଳାଇପାରନ୍ତି।

### କୁମ୍ଭ

ବୃହସ୍ପତି ଯୁକ୍ତ ଶନି ରାଶିକୁ ଅବଲୋକନ କରୁଥିବାରୁ ଆଜି ଆପଣ ଯାହା କଲେ ମଧ୍ୟ ବହୁତ ଶ୍ରମ ଓ ଖର୍ଚ୍ଚ ହେବାକୁ ପଡିପାରେ। ବନ୍ଧୁ ଓ ପରିଜନଙ୍କ ସହ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଆତ୍ମୀୟମାନଙ୍କ ସାହାଯ୍ୟରେ କିଛିଟା ସମସ୍ୟାର ପରିବର୍ତ୍ତନ ଘଟିବ। ବ୍ୟବସାୟ, ପରିବହନ, କଳା, ସାହିତ୍ୟ, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

### ମୀନ

ରାଶିରେ କେନ୍ଦ୍ରାଧିପ ବୁଧଙ୍କ ସ୍ଥିତି ଭଲ ହେଲେ ମଧ୍ୟ ତୃତୀୟ ଅଷ୍ଟମାଧିପ ଶୁକ୍ର ଯୁକ୍ତ ହୋଇ କାମକୁ ଭଣ୍ଡୁର କରିଦେଇପାରନ୍ତି। ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଦିନଟିରେ ବିଶେଷ ବ୍ୟତିବ୍ୟସ୍ତ ହେବାକୁ ପଡ଼ିପାରେ। ବନ୍ଧୁଙ୍କ ସହ ଭାବ ବିନିମୟ କରିବାକୁ ମନସ୍ଥ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ କେତେକ ଆକସ୍ମିକ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

ଆଜି ଚୈତ୍ର ଶୁକ୍ଳପକ୍ଷର ବିଷ୍ଣୁ ଓ ଶିବଙ୍କ ଦମନକ ଚତୁର୍ଦ୍ଦଶୀ ଗୁରୁବାର, ଶ୍ରୀମନ୍ଦିରରେ ଦମନକ ଲାଗି, ଏପ୍ରିଲ ୧୮ ତାରିଖ, ବିଶ୍ୱ ଐତିହ୍ୟ ଦିବସ, ରାଶି ନକ୍ଷତ୍ରହସ୍ତା/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦।୦୫ମି. ଗତେ ଘ୧୧।୪୦ମି. ମଧ୍ୟେ, ଘ୧।୧୪ମି. ଗତେ ଘ୨।୪୧ମି. ମଧ୍ୟେ ଅମୃତ ବେଳା। ସକାଳ ଘ୭।୦୦ମି. ମଧ୍ୟେ ଘ୧୧।୪୧ମି. ଗତେ, ଘ୧।୩୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୨୦ମି. ଘ୨।୫୪ମି. ମଧ୍ୟେ ରାହୁକାଳ।


# classifieds




**SALE**

ଭୁବନେଶ୍ବର କଣ୍ଟାବାଡ଼/ଅନ୍ଧାରୁଆରେ (ପିତାପଲ୍ଲୀ କଟକ) NH bypass road sideରେ ଘରବାରି ପଟ୍ଟା plot- 9437971401 D-66126

ଭୁବନେଶ୍ବର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

30 ଫୁଟ ରାସ୍ତା ଥାଇ ଭୁବନେଶ୍ବର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

1600 sqft. Gharabari plot with Boundary 30'road Electricity- 11,52,000/- near infovalley Batabhuasuni Temple. 9438400633. D-66338

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66345

Bhubaneswar ପାତ୍ରପଡ଼ା ମାର୍କେଟ HDFC Bank ରୁ 500 mtr. କଲୋନୀ ଭିତରେ BDA Yellowzone ସ୍ଥିତିବାନ plot କିଣି ତୁରନ୍ତ ଘର କରନ୍ତୁ। 6370292040. D- 66348

Bhubaneswar Patia KIIT, Tamando, Argul ରେ ଘର ଓ business ଉପଯୋଗୀ କମ ଦାମରେ land. 7991006699. D-65883

**LEASE**

Land requires on basis of outright, sharing, marketing. 9583295832, 9437261587. D-12164

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65388




4000 sqft. godown for rent at BJB Nagar, Kalpana, Bhubaneswar. 9040071079 D-65882




Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Ayurvedic full body massage ladies/ gents smart experts therapist. 9114697517. D-65876

Summer special mesmerizing offer expert therapist refreshing massage appointment. 9668374480. D-66080

Herbal full body massage with refreshment by well trained therapist. 7381239385, 0674-2540855. D-66076

Experience full body massage with us by experts. Enquiry- 0674-2597822, 7377048581. D-66077

Herbal full body massage by smart/expert therapist. Contact: 8338067247. D-66078

Ayurvedic full body massage ladies/ gents experts therapist. 8338097451. D-65877

Newly opening ayurvedic body massage smart therapist Shree herbal. 7750020754. D-66079




+2/ XI/ XII: CHSE/ CBSE/ ISC online live classes conducted for Maths and Physics. Ph: 7008017442. D-12189

Now Matrimonial ads. only on Wednesday & Sunday
Book 1 Get 1 FREE

**LOST**

୨୦୧୫ ମସିହା ବିଜୁ ପଟ୍ଟନାୟକ ୟୁନିଭରସିଟି ଅଫ ଟେକନୋଲୋଜି ତରଫରୁ ଆଦର୍ଶ କଲେଜ ଅଫ ଇଂଜିନିୟରିଙ୍ଗରେ ଉତ୍ତୀର୍ଣ୍ଣ ହୋଇଥିବା କିଶୋର ପଟ୍ଟନାୟକଙ୍କର ପ୍ରମାଣପତ୍ରଟି (ବିଟେକ ସାର୍ଟିଫିକେଟ) ବାଟରେ ଯିବାବେଳେ ହଜିଯାଇଛି। ଏହି ଛାତ୍ରଙ୍କର ପଞ୍ଜିକରଣ ନମ୍ବର ୧୧୦୧୩୪୬୦୮୪ ଅଟେ। ଯଦି କେହି ସହୃଦୟବ୍ୟକ୍ତି ପାଆନ୍ତି ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। କିଶୋର ପଟ୍ଟନାୟକ, ଶ୍ରୀ ବିହାର, ପୋ- ହାଟତୋଟା ଥାନା ତାଳଚେର, ଜିଲ୍ଲା- ଅନୁଗୋଳ, ୭୫୯୧୦୦ ଧ-୧୨୧୮୭

**AFFIDAVIT**

By virtue of an affidavit before Executive Magistrate, BBSR, I have changed my surname from Mishra to Ratha. Henceforth I shall be known as Jyotsnarani Ratha for all purposes. D-12188

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ରବୀନ୍ଦ୍ର କୁମାର ମହାପାତ୍ର
ପୁରୁଣା ଭୁବନେଶ୍ବର
ଆବିର୍ଭାବ: ୦୯।୦୧।୧୯୬୩
ତିରୋଧାନ: ୧୦।୦୪।୨୦୧୯
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:
ପୁତ୍ର-ଆଦିତ୍ୟ, ଅରବିନ୍ଦ, ଜ୍ୱାଇଁ-ଦିପ୍ତାଂଶୁ କିରଣ କର, ଝିଅ-ଅରୁନ୍ଧତି, ବନ୍ଧୁ ଓ ବୈଦ୍ୟ ପରିବାରବର୍ଗ। ଧ-୧୨୧୮୦

Your Classified Advertisement published in Dharitri will be listed free in Dharitri Online Edition: www. dharitri.com

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ବିବାହ ଶୁଭେଚ୍ଛା ଟ୩୧୫/– (ଫଟୋ ସହ) ଏବଂ ଟ୨୧୦/– (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।




# କଟକରେ ୪୬ ଏକର ସରକାରୀ ଜମି ଜାଲିଆତି

**କଟକ ଅଫିସ୍,୧୭।୪**

କଟକ ସହରରେ ପୁଣି ଧରାପଡ଼ିଛି ବଡ଼ଧରଣର ଜମି ଜାଲିଆତି। କଟକ ସଦର ତହସିଲ ଅଧୀନ ରାଜେନ୍ଦ୍ରନଗର ଓ ଗତିରାଉତପାଟଣା ରାଜସ୍ୱ ମଣ୍ଡଳରେ ହୋଇଛି ଏହି ଜମି ଦୁର୍ନୀତି। ରାଜେନ୍ଦ୍ରନଗର ରାଜସ୍ୱ ମଣ୍ଡଳରେ ୧୦ ଏକର ଓ ଗତିରାଉତପାଟଣା ରାଜସ୍ୱ ମଣ୍ଡଳ ଅଧୀନରେ ୪୬ ଏକର ସରକାରୀ ଜମିକୁ ଭିନ୍ନ ଭିନ୍ନ ଲୋକଙ୍କ ନାମରେ ରେକର୍ଡ କରାଯାଇଛି। ୪ବର୍ଷ ତଳୁ ହୋଇଥିବା ଏହି ଜମି ଦୁର୍ନୀତିକୁ ବର୍ତ୍ତମାନର ତହସିଲଦାର ଧରିବା ପରେ ଏହାକୁ ନେଇ ହଟଚମଟ ସୃଷ୍ଟି ହୋଇଛି। ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ସଦର ତହସିଲଦାର ସଞ୍ଜୟ ପ୍ରତିହାରୀ ପ୍ରଥମେ ୧୦ ଏକର ଜମି ଉପରେ ରାଜସ୍ୱ ପର୍ଷଦ ସଦସ୍ୟଙ୍କ କୋର୍ଟରେ ଏକ ରିଭିଜନ ପଟିଶନ ମାମଲା(ଆରପି କେସ୍) ରୁଜୁ କରିଛନ୍ତି। ଅନ୍ୟ ୪୬ ଏକର ଜମି ଜାଲିଆତି ସଂକ୍ରାନ୍ତ ସବିଶେଷ ତଥ୍ୟପ୍ରମାଣ ସଂଗ୍ରହ କରାଯାଉଥିବା ତହସିଲଦାର ପ୍ରତିହାରୀ କହିଛନ୍ତି।

କଟକ ସହରରେ ସରକାରୀ ଜମି ଦୁର୍ନୀତି ନୂଆ କଥା ନୁହେଁ। ପୂର୍ବରୁ ବିଡାନାସୀ ଅଞ୍ଚଳରେ ୫୦୦ଏକର ଜମିକୁ ନେଇ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟଙ୍କ ଆଦେଶକ୍ରମେ ଏହି ଦୁର୍ନୀତିର ସିବିଆଇ ତଦନ୍ତ କରାଯାଇଥିଲା। ସିବିଆଇ ତଦନ୍ତରୁ ମଧ୍ୟ ବହୁ ପରିମାଣର ସରକାରୀ ଜମି କେତେଜଣ ଲୋକଙ୍କ କବଜାରେ ରହିଥିବା ଜଣାପଡିଥିଲା। ଅଦ୍ୟାବଧି ଉକ୍ତ ଜମି ଜବରଦଖଲକାରୀଙ୍କ ଠାରୁ ମୁକ୍ତ କରାଯାଇ ନାହିଁ।

କେବଳ ଏତିକି ନୁହେଁ, ତହସିଲଦାର ମାନଙ୍କ ଅବହେଳା ଯୋଗୁ କଟକ ସହର ମଧ୍ୟରେ ବହୁ ପରିମାଣର ସରକାରୀ ଜମି ଜବରଦଖଲକୁ ନେଇ କୋର୍ଟରେ ମାମଲା ଚାଲିଛି। ଉଦାହରଣ ଭାବେ ରାଜାବଗିଚା ମୌଜା(ବାଦାମବାଡି) ସନ୍ନିକଟ ଅଞ୍ଚଳରୁ ୬ଗୁଣ୍ଠ ସରକାରୀ ଜମି ବ୍ୟକ୍ତିଗତ ଦଖଲରେ ରହିବା ଘଟଣାକୁ ନିଆଯାଇପାରେ। ତହସିଲଦାରମାନଙ୍କ ଅବହେଳା ପାଇଁ ଉକ୍ତ ୬ଗୁଣ୍ଠ ଜମିର ରେକର୍ଡ ସଂଶୋଧନ ନ ହେବା ସହିତ ସରକାରଙ୍କ ଖାତାକୁ ଫେରିପାରି ନ ଥିଲା। କଟକ ପୌରପରିଷଦ (ବର୍ତ୍ତମାନ କଟକ ମହାନଗର ନିଗମ-ସିଏମ୍‌ସି)ର ଏହି ବହୁମୂଲ୍ୟ ୬ଗୁଣ୍ଠ ଜମିକୁ ୧୯୯୬ ମେ ୩୦ରେ ସଦର ତହସିଲଦାର କେତେଜଣ ବ୍ୟକ୍ତିଙ୍କ ନାମରେ ମ୍ୟୁଟେଶନ କରିଥିଲେ। ଉକ୍ତ ମ୍ୟୁଟେଶନକୁ ଚ୍ୟାଲେଞ୍ଜ କରି ତତ୍କାଳୀନ କଟକ ପୌରପରିଷଦ ନିର୍ବାହୀ ଅଧିକାରୀ କଟକ ଉପଜିଲାପାଳଙ୍କ ନିକଟରେ ଅପିଲ୍ କରିଥିଲେ। ମାତ୍ର ଉପଜିଲାପାଳ ମଧ୍ୟ ତହସିଲଦାରଙ୍କ ମ୍ୟୁଟେଶନ ଅର୍ଡରକୁ କାଏମ ରଖିଥିଲେ। ଫଳରେ ପୌରପରିଷଦ ପକ୍ଷରୁ ରାଜସ୍ୱ ପର୍ଷଦଙ୍କ ନିକଟରେ ଓଡ଼ିଶା ସର୍ଭେ ଓ ସେଟଲ୍‌ମେଣ୍ଟ (ଓଏସ୍‌ଏସ୍) ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ୨୦୦୯ ଅଗଷ୍ଟ ୨୨ରେ ରାଜସ୍ୱ ପର୍ଷଦ ସଭ୍ୟ ସନ୍ତୋଷ କୁମାର ମାମଲାର ଶୁଣାଣି କରି ତହସିଲଦାର କରିଥିବା ମ୍ୟୁଟେଶନ ଅର୍ଡରକୁ ବେଆଇନ ଘୋଷଣା କରିଦେଇଥିଲେ। ତୁରନ୍ତ ଜମିର ରେକର୍ଡ ସଂଶୋଧନ କରି ଜମିକୁ ସିଏମ୍‌ସି ଖାତାକୁ ନେବା ନିମନ୍ତେ ତତ୍କାଳୀନ ରାଜସ୍ୱ ପର୍ଷଦ ସଦସ୍ୟ ଆଦେଶରେ ସ୍ପଷ୍ଟ କରିଥିଲେ। ମାତ୍ର ତାହା କାର୍ଯ୍ୟକାରୀ ହୋଇ ନ ଥିଲା। ୨୦୧୫ରେ ଏହି ଖବର ପ୍ରଶାସନ ନଜରକୁ ଆସିବା ପରେ ସେ ସମୟର ରାଜସ୍ୱ ପର୍ଷଦ ସଦସ୍ୟ ଅଶୋକ କୁମାର ତ୍ରିପାଠୀ ଘଟଣା ବାବଦରେ ଖୋଳତାଡ଼ କରିଥିଲେ। ଏହାପରେ ଉକ୍ତ ପ୍ଲଟର ରେକର୍ଡ ଅଫ୍ ରାଇଟ୍ସ ସଂଶୋଧନ କରି ସରକାରୀ ରେକର୍ଡଭୁକ୍ତ କରିବାକୁ ସିଏମ୍‌ସି ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ରେକର୍ଡ ସଂଶୋଧନ ହେବାରେ ବିଳମ୍ବ ହେବାରୁ ଦଖଲକାରୀ ହାଇକୋର୍ଟଙ୍କ ନିକଟରୁ ରହିତାଦେଶ ଆଣିବାରେ ସକ୍ଷମ ହୋଇଥିଲେ। ତହସିଲଦାର ଓ ରାଜସ୍ୱ ବିଭାଗର ଅଧିକାରୀମାନଙ୍କ ସହିତ ଜମି ମାଫିଆଙ୍କ ମଧୁର ସମ୍ପର୍କ ଏଭଳି ଦୁର୍ନୀତିର ମୂଳ କାରଣ ହୋଇଥିବା କୁହାଯାଉଛି।

# ଆଜିଠାରୁ ୯ ଦିନିଆ ହିଙ୍ଗୁଳା ଯାତ୍ରା

**ତାଳଚେର,୧୭।୪(ନି.ପ୍ର.)**

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ୯ ଦିନିଆ ଯାତ୍ରା ଉତ୍ସବ ଗୁରୁବାରଠାରୁ ଆରମ୍ଭ ହେବ। ଏଥିପାଇଁ ତାଳଚେର ସହ କଳମଛୁଇଁ, ସୋଲଡ଼ା, ଗୋପାଳପ୍ରସାଦ, ଡଆଁରା ଆଦି ଗ୍ରାମ ଚଳଚଞ୍ଚଳ ହୋଇପଡ଼ିଛି। ଚଳିତବର୍ଷ ମା'ଙ୍କ ଏହି ଉତ୍ସବରେ ପ୍ରାୟ ୬ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ ପ୍ରଶାସନ ଓ ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟବୋର୍ଡ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମନ୍ଦିର ପୂର୍ବଦିଗର ୩ଶହ ମିଟର ଦୂରରେ ଏଥର ମା'ଙ୍କ ଉଭାସ୍ଥଳୀ ଚିହ୍ନଟ ହୋଇଥିବାରୁ ସେଠାରେ ପୂଜାର୍ଚ୍ଚନା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ବିଶେଷକରି ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍ ନିର୍ମାଣ ସହ ଖରାରୁ ରକ୍ଷା ପାଇଁ ସିଲିଂ କରାଯାଇଛି। ପୂଜାସ୍ଥଳରେ ପଲିଥିନ ନିଷେଧ କରାଯାଇଛି। ମା' କରଡେଇ ମନ୍ଦିର ନିକଟସ୍ଥ ପଡ଼ିଆରେ ପାର୍କିଂ ବ୍ୟବସ୍ଥା ହୋଇଛି। ବିଭିନ୍ନ ଛକରେ ୱାନ୍‌ୱେ ଟ୍ରାଫିକ କରାଯାଇଛି। ଭିଡ଼ ତଥା ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ସହ ଆବଶ୍ୟକସ୍ଥଳେ ଏମ୍‌ସିଏଲ୍ ସୁରକ୍ଷାକର୍ମୀମାନଙ୍କୁ ପ୍ରସ୍ତୁତ ରଖାଯାଇଛି।

# କଂଗ୍ରେସ ରାଲିରେ ଯୋଗ ଦେଇଥିବା ଯୁବକଙ୍କୁ ହତ୍ୟା

**ଝରିଗାଁ,୧୭।୪(ସ୍ୱ.ପ୍ର.)**


ଅଭିଜିତ ମଣ୍ଡଳ

- ୮ ଦିନ ତଳେ ନିଖୋଜ ହୋଇଥିଲେ
- କୁସୁମପାଣି ଜଙ୍ଗଲରୁ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

କଂଗ୍ରେସ ରାଲିରେ ଯୋଗ ଦେବାକୁ ଆସିଥିବା ଜଣେ ଯୁବକ ନିଖୋଜ ହେବାର ୮ ଦିନ ପରେ ବୁଧବାର ତାଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କୁ ହତ୍ୟା କରାଯାଇଥିବା ଯୁବକଙ୍କ ବାପା ଝରିଗାଁ ଥାନାରେ ଅଭିଯୋଗ କରିଛନ୍ତି। ମୃତ ଯୁବକ ଜଣକ ହେଉଛନ୍ତି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କୁଟ୍ରିଛାପର ପଞ୍ଚାୟତ ଚିକିଲି ଗୌଡ଼ଗୁଡ଼ା ଗ୍ରାମର ଅଭିଜିତ ମଣ୍ଡଳ(୨୦)।

ଗତ ୯ ତାରିଖରେ କଂଗ୍ରେସ ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝିଙ୍କ ବାଇକ ରାଲିରେ ଅଭିଜିତ ଯୋଗଦେବାକୁ ଆସିଥିଲେ। ଏହା ପରେ ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ଅଭିଜିତଙ୍କ ପତ୍ତା ମିଳି ନ ଥିଲା। ପରେ ଅଭିଜିତଙ୍କ ବାପା ଅତୁଲ ମଣ୍ଡଳ ଝରିଗାଁ ଥାନାରେ ପୁଅ ନିଖୋଜ ହେବା ସମ୍ପର୍କରେ ଅଭିଯୋଗ କରିଥିଲେ। ମଙ୍ଗଳବାର ଧଙ୍ଗଡ଼ାମାଲ ଗ୍ରାମର ଜଣେ ଲୋକ ନିକଟସ୍ଥ କୁସୁମପାଣି ଜଙ୍ଗଲକୁ କାଇ ସଂଗ୍ରହ ପାଇଁ ଯାଇଥିଲେ। ସେଠାରେ ପାଦ ଚଲା ରାସ୍ତାର ବାମ ପାର୍ଶ୍ୱରେ ଥିବା ଏକ ଖାଲରେ ମୋଟର ସାଇକେଲ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଅତୁଲ ଏବଂ ଗ୍ରାମବାସୀ ମଙ୍ଗଳବାର ରାତିରେ ଖବର ପାଇଥିଲେ। ରାତି ହୋଇଥିବା ଯୋଗୁ ଜଙ୍ଗଲରେ ଖୋଜିବା କଷ୍ଟକର ହୋଇଥିଲା। ବୁଧବାର ସକାଳୁ ଅତୁଲଙ୍କ ସହ ଗ୍ରାମବାସୀ ଏବଂ ପୋଲିସ କୁସୁମପାଣି ଜଙ୍ଗଲକୁ ଯାଇ ଖୋଜାଖୋଜି କରିଥିଲେ। ରାସ୍ତାର ବାମ ପାର୍ଶ୍ୱରେ ମୋଟର ସାଇକେଲ ପଡ଼ିଥିବା ବେଳେ ଡାହାଣ ପାର୍ଶ୍ୱର ଗୋଟିଏ ନାଳରେ ଅଭିଜିତଙ୍କ ଗଳିତ ମୃତଦେହକୁ ପତ୍ରରେ ଘୋଡ଼ାଇ ରଖାଯାଇଥିବା ଦେଖିବାକୁ ମିଳିଥିଲା। ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ, ଏସଆଇ ରାମ ଚନ୍ଦ୍ର ଅଗସ୍ତି, ଏଏସ୍‌ଆଇ ଶଙ୍କର୍ଷଣ ସ୍ୱାଇଁ ପ୍ରମୁଖ ମୃତଦେହକୁ ଉଦ୍ଧାର କରିଥିଲେ। ପରେ କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ଘଟଣାସ୍ଥଳରେ ଡାକ୍ତରଙ୍କ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଜିତଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଥାନା ଅଧିକାରୀ କହିଛନ୍ତି। ଏ ସମ୍ପର୍କରେ ପ୍ରଦୀପ ମାଝିଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଏହା ଏକ ଦୁଃଖଦ ଘଟଣା। ପୋଲିସ ଘଟଣାର ତଦନ୍ତ କରି ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରୁ ବୋଲି କହିଥିଲେ।

# ଅଚ୍ୟୁତଙ୍କ ପାଇଁ ଟୁଇଟ୍ କରି ଅଡୁଆରେ ଦୂତୀ

**ଭୁବନେଶ୍ୱର,୧୭।୪(ବ୍ୟୁରୋ)**

ନିର୍ବାଚନ କମିଶନଙ୍କ ଆମ୍ବାସାଡର ତଥା ଆଥଲେଟ ଦୂତୀ ଚାନ୍ଦ କନ୍ଧମାଳ ଲୋକ ସଭାର ବିଜେଡି ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କ ପାଇଁ ନିର୍ବାଚନ ପ୍ରଚାର କରି ଅଡୁଆରେ ପଡିଛନ୍ତି। ସେ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରି ଅଚ୍ୟୁତଙ୍କ ପାଇଁ ପ୍ରଚାର କରୁଥିବା ଅଭିଯୋଗ ହୋଇଛି। ସୋସିଆଲ ମିଡିଆରେ ଦୂତୀ ଟୁଇଟ କରି ଅଚ୍ୟୁତଙ୍କୁ ନିର୍ବାଚନରେ ବିଜୟୀ ହେବାକୁ ବ୍ୟକ୍ତିଗତ ଭାବେ ଅଭିନନ୍ଦନ ଜଣାଇବା ସହ ଦ୍ୱିତୀୟ ପର୍ଯ୍ୟାୟ ଭୋଟରେ ବିଜୟୀ ହେବାକୁ କାମନା କରିଛନ୍ତି। କନ୍ଧମାଳବାସୀ ଜିଲାର ଉନ୍ନତି ପାଇଁ ବହୁ ମାତ୍ରାରେ ଭୋଟ ଦେଇ ତାଙ୍କୁ ଜିତାଇବାକୁ ସେ ଉଲ୍ଲେଖ କରିଛନ୍ତି। ଏ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ସେ କହିଛନ୍ତି ଯେ ସୋସିଆଲ ମିଡିଆରେ ଆସିଥିବା ଅଭିଯୋଗର ଯାଞ୍ଚ କରାଯିବ। ସେ ନିଜେ ଟୁଇଟ କରିଛନ୍ତି କି ତାଙ୍କ ନାମରେ ଆଉ କିଏ ଟୁଇଟ କରିଛନ୍ତି ତାହା ଯାଞ୍ଚ ନ କରିବା ଯାଏ କହି ହେବ ନାହିଁ। ଆମ୍ବାସାଡର କିମ୍ବା ସରକାରୀ ଚାକିରି କରିଥିବା ବ୍ୟକ୍ତିମାନେ ରାଜନୈତିକ ଦଳଠାରୁ ଦୂରରେ ରହିବା କଥା। ସେମାନେ କୌଣସି ରାଜନୈତିକ ଦଳକୁ ସମର୍ଥନ କରି ପାରିବେ ନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଦୂତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ସେ କାହା ପାଇଁ ନିର୍ବାଚନ ପ୍ରଚାର କରି ନାହାନ୍ତି। ସେ କେବଳ ନିର୍ବାଚନରେ ବିଜୟୀ ହେବାକୁ ପ୍ରାର୍ଥନା କରିଛନ୍ତି। କୌଣସି ବ୍ୟକ୍ତି ପାଇଁ ନିର୍ବାଚନ ବିଜୟ ପାଇଁ ପ୍ରାର୍ଥନା କରିବାକୁ ନିର୍ବାଚନ ପ୍ରଚାର କୁହାଯାଇ ପାରିବ ନାହିଁ ବୋଲି ସେ କହିଛନ୍ତି।










“ ଶିଖର ଚିରଦିନ ଆକର୍ଷଣ କରୁଥାଏ ନିମ୍ନଭୂମିକୁ। କାରଣ ସେ ଚାହେଁ–ନିମ୍ନ ଭାଗ ଉଠିଆସୁ ତା'ଉଚ୍ଚତାକୁ। ବିପୁଳ ମଧ୍ୟ କ୍ଷୁଦ୍ରକୁ ତା'ର ବୃହତ୍ତର ଅଭିଯାନରେ ଚାଲିବା ଲାଗି ଚିରଦିନ ଆକର୍ଷଣ କରୁଥାଏ।
–ଶ୍ରୀଅରବିନ୍ଦ





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# କୀଟପତଙ୍ଗରୁ ଔଷଧ

ପ୍ରକୃତିରେ କୌଣସି କ୍ଷତିକାରକ କୀଟପତଙ୍ଗ (ପେଷ୍ଟ) ବା ଅବାଞ୍ଛିତ ଘାସ (ୱିଡ୍) ନାହିଁ। କିନ୍ତୁ ମଣିଷ ନିଜ ପାଇଁ ଖାଦ୍ୟ ଉତ୍ପାଦନ କଲାବେଳେ କିମ୍ବା ପ୍ରାଣୀଙ୍କ ନିବାସସ୍ଥାନ ଧ୍ୱଂସ କରି ଗୃହନିର୍ମାଣ କଲାବେଳେ କିଛି ପ୍ରାଣୀ ସେମାନଙ୍କ ବାଟରେ ଆସିଯାନ୍ତି। ତେଣୁ ସେମାନଙ୍କୁ ମାରିବା ପାଇଁ ମଣିଷ ତିଆରି କରିଥିବା କୀଟନାଶକ ଦ୍ୱାରା ଶହ ଶହ କୋଟି କୀଟପତଙ୍ଗ ମରୁଛନ୍ତି। ବିଶ୍ୱର ବିଭିନ୍ନ ସଂସ୍କୃତି ଓ ସଭ୍ୟତାରେ କୀଟପତଙ୍ଗଙ୍କୁ ଔଷଧ ରୂପେ ବ୍ୟବହାର କରାଯାଉଛି। କିନ୍ତୁ ଏସବୁକୁ ସ୍ଥାନୀୟ ଔଷଧ ରୂପେ ବ୍ୟବହାର କରିବା ବଦଳରେ ଏହାକୁ ପ୍ରମାଣିତ ଓ ମାନକୀକୃତ ଔଷଧରେ ପରିଣତ କରିବା ପାଇଁ ଆଜିଯାଏ ପ୍ରାୟ କିଛି ଗବେଷଣା କରାଯାଇ ନାହିଁ। ଏଣ୍ଟୋମୋଥେରାପି ହେଉଛି ବିଜ୍ଞାନର ଏକ ଶାଖା, ଯାହା କୀଟପତଙ୍ଗଙ୍କୁ ଔଷଧରେ ବ୍ୟବହାର କରେ। ଦିନକୁ ଦିନ ଆଣ୍ଟିବାୟୋଟିକ୍-ପ୍ରତିରୋଧୀ ସଂକ୍ରମଣ ବୃଦ୍ଧି ପାଉଥିବାରୁ ବୈଜ୍ଞାନିକମାନେ ନୂଆ ଉତ୍ସର ସନ୍ଧାନରେ ଅଛନ୍ତି। ବିକଳ୍ପ ଔଷଧରେ ବ୍ୟବହାର କରାଯାଉଥିବା ଅନେକ କୀଟପତଙ୍ଗଙ୍କୁ ଔଷଧର ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିବ କି ନାହିଁ ସେ ସମ୍ପର୍କରେ ଏବେ ପରୀକ୍ଷାନିରୀକ୍ଷା କରାଯାଉଛି। ଉଦାହରଣସ୍ୱରୂପ, ଏଫ୍‌ଡିଏ ନିକଟରେ ସର୍ଦ୍ଦି (ଫ୍ଲୁ) ରୋଗର ପ୍ରତିଷେଧକ ଟିକା 'ଫ୍ଲୁବ୍ଲକ୍'କୁ ଅନୁମୋଦନ ଦେଇଛି ଏବଂ ଏହି ଟିକା ଫଲ୍ ଆର୍ମିଓର୍ମ ନାମକ ପତଙ୍ଗର ଡିମ୍ବାଶୟର କୋଷରୁ ତିଆରି ହୋଇଛି।

ମହୁମାଛି ହେଉଛି ଗୋଟିଏମାତ୍ର ପତଙ୍ଗ, ଯିଏ ଆମକୁ ଏକାଧାରରେ ମହୁ, ରେଣୁ, ରୟାଲ ଜେଲି, ପ୍ରୋପୋଲି ଓ ପ୍ରଦାହନାଶକ ପେପ୍ଟାଇଡ୍ ମେଲିଟିନ୍ ଦେଉଛି। ଚର୍ମର ପୋଡ଼ା ବା ଅନ୍ୟ ଦାଗ ଭଲ କରିବା ପାଇଁ ମହୁକୁ ବ୍ୟବହାର କରାଯାଏ। ଏହାକୁ ଆଖିରେ ମଧ୍ୟ ଆଇ ପୋଲ୍ଟିସ ଭାବରେ ଲଗାଯାଏ ଏବଂ ହଜମଜନିତ ସମସ୍ୟା ଓ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟାରେ ଏହାକୁ ବ୍ୟବହାର କରାଯାଏ। ଥଣ୍ଡା, କାଶ, କଣ୍ଠନାଳୀ ପ୍ରଦାହ, ଯକ୍ଷ୍ମା, ଗଳା ସଂକ୍ରମଣ ଓ ଫୁସ୍‌ଫୁସ୍ ରୋଗରେ ମହୁକୁ ବ୍ୟବହାର କରାଯାଏ। ଆଣ୍ଠୁଗଣ୍ଠି ବାତ, ପଲିନ୍ୟୁଟ୍ରାଇଟିସ୍ (ସ୍ନାୟୁ ପ୍ରଦାହ) ଓ ଶ୍ୱାସରୋଗରୁ ଆରାମ ପାଇବା ପାଇଁ ମଧ୍ୟ ଏହାକୁ ବ୍ୟବହାର କରାଯାଏ। ମହୁମାଛି ତା'ର ଫେଣା ତିଆରିରେ ବ୍ୟବହାର କରୁଥିବା ପ୍ରେପୋଲିସ୍‌ର ଆଣ୍ଟିବାୟୋଟିକ୍ (ଜୀବାଣୁନାଶକ), ବେଦନାନାଶକ ଓ ପ୍ରଦାହନାଶକ ଗୁଣ ରହିଛି ବୋଲି ବିଶ୍ୱାସ କରାଯାଏ। ରୟାଲ ଜେଲିକୁ ରକ୍ତହୀନତା, ଘାଆ, ଧମନୀ ପ୍ରଭୃତିର କାଠିନ୍ୟ ଓ ଉଚ୍ଚ ରକ୍ତଚାପ ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଏ। ମହୁମାଛିର ରେଣୁ ବା ପରାଗକୁ ସ୍ୱାସ୍ଥ୍ୟବର୍ଦ୍ଧକ ଭାବେ ଖିଆଯାଏ।

ରକ୍ତଶୋଷୀ କୀଟପତଙ୍ଗଙ୍କ ଲାଳରେ ପ୍ରାୟ ଏକହଜାରରୁ ଅଧିକ ପ୍ରକାର ପ୍ରୋଟିନ୍ ରହିଥିବା ଜଣାପଡ଼ିଛି। ଏଥିରୁ ରକ୍ତ ଜମାଟ ବାନ୍ଧିବା, ରକ୍ତବାହିକା ପ୍ରସାରଣ କାରକ (ଭାସୋଡାଇଲେଟର), ଆଲର୍ଜି ନିବାରଣ ଓ ବଧିରାକାରକ ଔଷଧ ତିଆରି କରାଯାଇପାରିବ। ଔଷଧରେ ବ୍ୟବହାର କରାଯାଉଥିବା ଆଉ କିଛି କମ୍ ଜଣାଶୁଣା କୀଟପତଙ୍ଗ ବିଷୟରେ ତଳେ ଉଲ୍ଲେଖ କରାଗଲା–

୧) ଦକ୍ଷିଣ ଆମେରିକୀୟ ଡେଭିଲ ଟ୍ରି ଆଣ୍ଟ (ପିମ୍ପୁଡ଼ି ବିଶେଷ)ର ବିଷରୁ ଆଣ୍ଠୁଗଣ୍ଠି ବାତ ରୋଗର ଔଷଧ ତିଆରି କରିବା ପାଇଁ ମାୟାମି ବିଶ୍ୱବିଦ୍ୟାଳୟ ଗବେଷଣା କରୁଛି। ରେଡ୍ ହାର୍ଭେଷ୍ଟର ଆଣ୍ଟ (ପିମ୍ପୁଡ଼ି ବିଶେଷ)ର ବିଷକୁ ଆଣ୍ଠୁଗଣ୍ଠି ବାତ ଓ ପୋଲିଓମାଇଏଲାଇଟିସ୍ (ସ୍ନାୟୁରୋଗ ବିଶେଷ) ଭଲ କରିବା ପାଇଁ ବ୍ୟବହାର କରାଯାଉଛି। ସାମ୍‌ସମ୍ ପିମ୍ପୁଡ଼ିର ବିଷ ପ୍ରଦାହ, ଟ୍ୟୁମର ବୃଦ୍ଧି ଓ ଯକୃତ ସମସ୍ୟା ଦୂର କରିପାରେ। ଏପରି କି ୩୦୦୦ ବର୍ଷ ପୂର୍ବେ ସୋଲ୍‌ଜର ଆଣ୍ଟଙ୍କ ମାଡ଼ିକୁ ଷ୍ଟିଚ୍ ପାଇଁ ବ୍ୟବହାର କରାଯାଉଥିଲା। ଏହି ପିମ୍ପୁଡ଼ିଙ୍କୁ ପ୍ରଥମେ ଉତ୍ତେଜିତ କରାଯାଉଥିଲା। ସେମାନେ ଯେତେବେଳେ କାମୁଡ଼ିବାକୁ ପାଟି ମେଲା କରୁଥିଲେ, ଯେଉଁଠି ଷ୍ଟିଚ୍ ପଡ଼ିବା କଥା ସେଇଠି ତାଙ୍କ ଖୋଲା ପାଟିକୁ ମାଡ଼ି ଦିଆଯାଉଥିଲା। ତା'ପରେ ସେମାନେ ପାଟି ବନ୍ଦ କରିଦେଲେ ଖଣ୍ଡିଆ ଜାଗାରେ ସିଲେଇ ପଡ଼ିବା ପରି ହୋଇଯାଉଥିଲା। ତା'ପରେ ପିମ୍ପୁଡ଼ିର ଗଣ୍ଡିକୁ ଛିଣ୍ଡେଇ ଫୋପାଡ଼ି ଦିଆଯାଉଥିଲା।

୨) ଅନେକ ଆଫ୍ରିକୀୟ ସଂସ୍କୃତିରେ ମାଇଗ୍ରେନ୍ ବା ମୁଣ୍ଡବିନ୍ଧା ଭଲ କରିବା ପାଇଁ ଝିଣ୍ଟିକା ଦେହରୁ ପ୍ରସ୍ତୁତ ପୋଲ୍‌ଟିସ ବା ପ୍ରଲେପ ବ୍ୟବହାର କରାଯାଏ। ସ୍ନାୟୁରୋଗ ବିଶାରଦମାନେ ମନେକରନ୍ତି ଯେ, ଏହି ଝିଣ୍ଟିକାଙ୍କ ଦେହରେ ଥିବା ବିଷ ମଣିଷର କେନ୍ଦ୍ରୀୟ ସ୍ନାୟୁ ବ୍ୟବସ୍ଥାକୁ ଉତ୍ତେଜିତ କରିବା ସହ ରକ୍ତ ସଂଚାଳନ ସ୍ୱାଭାବିକ କରିବାରୁ ମୁଣ୍ଡବିନ୍ଧା ଭଲ ହୋଇଯାଏ। ଝିଣ୍ଟିକାଙ୍କୁ ମାରି, ଶୁଖେଇ ଓ ଗୁଣ୍ଡ କରି ତାକୁ ଚା ରୂପେ ବ୍ୟବହାର କରାଯାଏ, ଯାହାକୁ ଶ୍ୱାସ ଓ ଯକୃତ ରୋଗ ଭଲ କରିବା ପାଇଁ ବ୍ୟବହାର କରାଯାଏ।

୩) କେଉଁ ପ୍ରଚୀନ କାଳରୁ ଦକ୍ଷିଣ ଏସିଆରେ ବ୍ଲିଷ୍ଟର ବିଟିଲ (ଭ୍ରମରଜାତୀୟ ପୋକ ବିଶେଷ)ର ଆରୋଗ୍ୟକାରୀ ଶକ୍ତିକୁ ବ୍ୟବହାର କରାଯାଇଆସୁଛି। ସ୍ପାନିଶ୍ ଫ୍ଲାଇ ନାମରେ ଜଣାଶୁଣା ଏହି ପୋକ ମଣିଷର ଯୌନକ୍ଷମତା ବୃଦ୍ଧିରେ ସହାୟକ ବୋଲି ବିଶ୍ୱାସ କରାଯାଏ। ଏହି ପୋକ ଦେହରୁ ଝରୁଥିବା ଏକ ପ୍ରକାର ରସ ପରିସ୍ରା ପୋଡ଼ା, କୀଟ ଦଂଶନଜନିତ ଯନ୍ତ୍ରଣା ଓ ବୃକ୍କ ସମସ୍ୟା ଭଲ କରେ ବୋଲି କୁହାଯାଏ। ଏହି ପୋକ ଦେହରୁ କ୍ୟାନ୍ଥାରିଡିନ୍ ନାମକ ରାସାୟନିକ ଝରେ, ଯାହା ମାରାତ୍ମକ ଭୂତାଣୁ ସଂକ୍ରମଣ ଭଲ କରିବାରେ ସାହାଯ୍ୟ କରେ, କାରଣ ଏହା ଭୂତାଣୁମାନଙ୍କୁ ବଂଶବୃଦ୍ଧିକୁ ରୋକିଥାଏ। କ୍ୟାନ୍‌ସର ଚିକିତ୍ସାରେ ମଧ୍ୟ ଏହା ଉପଯୋଗୀ ହୋଇପାରେ। ଅନେକ ଗବେଷଣାରୁ ଏହାର ପ୍ରମାଣ ମିଳିଛି।

୪) ହୃଦ୍‌ରୋଗ ଓ ରକ୍ତନାଳୀ ରୋଗ ଭଲ କରିବାରେ ରେଶମକୀଟର ନିର୍ଯାସ ସାହାଯ୍ୟ କରିପାରେ ବୋଲି ବିଭିନ୍ନ ଗବେଷଣାରୁ ଜଣାପଡ଼ିଛି। ଚାଇନିଜ୍ ଔଷଧରେ ରେଶମକୀଟର ପ୍ୟୁପାକୁ ସିଝାଇ ମୂର୍ଚ୍ଛାରୋଗ, ବ୍ରୋଙ୍କାଇଟିସ୍ ଓ ବହୁମୂତ୍ର ରୋଗରେ ବ୍ୟବହାର କରାଯାଏ।

୫) ଏସିଆରେ ଶତପଦୀ (ସନ୍ଧିପଦ କୀଟ ବିଶେଷ)ମାନଙ୍କୁ ଟିଟାନସ୍, ହୃଦ୍‌ଯନ୍ତ୍ର ଅଚଳ ହେବା, ମୂର୍ଚ୍ଛା ପ୍ରଭୃତି ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଏ। ଏହି ପୋକକୁ ଶୁଖେଇ ଗୁଣ୍ଡ କରି ପେଷ୍ଟ ତିଆରି କରି ବିସ୍ଫୋଟକ ପ୍ରଭୃତିରେ ଲେପ ଦିଆଯାଏ।

୬) ଘାଆ, ଆଣ୍ଠୁଗଣ୍ଠି ବାତ, ରକ୍ତହୀନତା ଓ ଯନ୍ତ୍ରଣାରୁ ଆରୋଗ୍ୟ ପାଇଁ ଉଇ ଓ ଉଇହୁଙ୍କାର ମାଟିକୁ ବ୍ୟବହାର କରାଯାଏ। ଆଫ୍ରିକାରେ ଉଇମାନଙ୍କୁ ଶ୍ୱାସ, ବ୍ରୋଙ୍କାଇଟିସ୍, ଶର୍ଦ୍ଦି, ଲହରାକାଶ ପ୍ରଭୃତିରେ ବ୍ୟବହାର କରାଯାଏ।

୭) ପିଲା ଜନ୍ମ ହେବା ପରେ ରକ୍ତହୀନତା ଦେଖାଦେଲେ ପଙ୍ଗପାଳ (ଝିଣ୍ଟିକା ବିଶେଷ)ଙ୍କୁ ଭାଜି ଖିଆଯାଏ। ଶ୍ୱାସ, କାଶ ପ୍ରଭୃତିରେ ମଧ୍ୟ ଏହାର ବ୍ୟବହାର ରହିଛି।

୮) ଅସରପା ମୁଣ୍ଡରେ ଥିବା ରାସାୟନିକ ଇ.କୋଲି ଓ ଏମ୍‌ଆର୍‌ଏସ୍‌ଏ ପରି ମାରାତ୍ମକ ବୀଜାଣୁଙ୍କୁ ମାରି ଦେଇପାରେ। ଏହି ଦୁଇ ବୀଜାଣୁ ଅଧିକାଂଶ ଔଷଧର ପ୍ରତିରୋଧୀ ଅଟନ୍ତି।

ଏହିସବୁ କୀଟପତଙ୍ଗଙ୍କୁ ଲକ୍ଷ ଲକ୍ଷ ସଂଖ୍ୟାରେ କୀଟନାଶକ ପ୍ରୟୋଗ ଦ୍ୱାରା ହତ୍ୟା କରାଯାଉଛି। ଆମେ ଯଦି ଆମ ପରିବେଶର ସୁରକ୍ଷା ନ କରିବା ଏବଂ କୀଟନାଶକ ଓ ତୃଣକମାରୀ ପ୍ରଭୃତି ଦ୍ୱାରା ଉପକାରୀ କୀଟପତଙ୍ଗ ଓ ଉଦ୍ଭିଦଙ୍କୁ ମାରିଚାଲିବା ତେବେ ସେମାନଙ୍କ ଦ୍ୱାରା ଯେଉଁସବୁ ଔଷଧ ତିଆରି କରାଯାଉଛି, ତାହା ସବୁଦିନ ପାଇଁ ବନ୍ଦ ହୋଇଯାଇପାରେ। ଆମେ ଦିନେ ବୁଝିବା ଯେ, ଏହି କୀଟପତଙ୍ଗ ଥିଲେ ତାଙ୍କଠାରୁ ପ୍ରସ୍ତୁତ ଔଷଧରେ ଅନେକଙ୍କ ଜୀବନ ରକ୍ଷା ପାଇଯାଇ ପାରିଥାନ୍ତା।

Email: gandhim@nic.in

# ପାପପୁଣ୍ୟର ଦ୍ୱନ୍ଦ୍ୱ

ରମେଶ ଚନ୍ଦ୍ର ସାମଲ

କଥାରେ ଅଛି–ଲାଉ ଲଗେଇଲେ ଚଣା ଫଳେନା କିମ୍ବା ଚଣା ଲଗେଇଲେ ଲାଉ ଫଳେନା। କର୍ମ ନେଇ ଫଳ। ଆଜି କରିଥିବା କର୍ମର ଫଳ ଆଜି, କାଲି, ଏହି ଜନ୍ମରେ କିମ୍ବା ପରଜନ୍ମରେ, ନ ହେଲେ କେତେ ଜନ୍ମ ପରେ ଭୋଗ କରିବାକୁ ପଡ଼ିଥାଏ। ଶତପୁତ୍ରର ଜନନୀ ଗାନ୍ଧାରୀଙ୍କୁ ତାଙ୍କର ପୂର୍ବ ଅଷ୍ଟମ ଜନ୍ମରେ ପିଲାଦିନେ କରିଥିବା ପାପର ଫଳ ଭୋଗିବାକୁ ପଡ଼ିଥିଲା। ଶୋକରେ ଅଧୀରା ଗାନ୍ଧାରୀଙ୍କୁ ଭଗବାନ ଶ୍ରୀକୃଷ୍ଣ ସାନ୍ତ୍ୱନା ଦେବାବେଳେ କହିଥିଲେ, ମାତଃ! ତୁମେ ଏକ ଜନ୍ମରେ କୌତୂହଳବଶତଃ ଦିନେ ସମୁଦ୍ରକୂଳରେ ବୁଲୁ ବୁଲୁ କଇଁଛ ଅଣ୍ଡାଗୁଡ଼ିକ ଗୋଡ଼ରେ ଚକଟି ନଷ୍ଟ କରିଦେଇଥିଲ। ଏହି ପାପର ଫଳ ତୁମକୁ ଏ ଜନ୍ମରେ ମିଳିଲା। ତୁମେ ମଧ୍ୟ ତୁମ ପୁଅକୁ ଯୁଦ୍ଧକୁ ଗଲାବେଳେ ଆଶିଷ ଦେଇଥିଲ– ''ଯାଅ ବୀର ରଣେ ଧରଣୀବକ୍ଷୁଁ ପାପରାଶି ହେଉ କ୍ଷୟ। ଅକ୍ଷୟ ହେଉ ପୁଣ୍ୟ ଜଗତେ, ଧର୍ମର ହେଉ ଜୟ।'' ତୁମର ପୁତ୍ରମାନେ ଅଧର୍ମରେ ରହି ଯୁଦ୍ଧ କରୁଥିବାରୁ ନାଶ ଗଲେ।

ମନରେ ପ୍ରଶ୍ନ ଉଠେ– ଭଲମନ୍ଦ ପାପପୁଣ୍ୟ କ'ଣ? ଯେଉଁ କାମ କଲେ ନିଜର ମଙ୍ଗଳ ହେବା ସହିତ ଜନସମାଜର ମଙ୍ଗଳ ହୁଏ ତାହା ମହତ୍ ଓ ପୁଣ୍ୟ କାର୍ଯ୍ୟ। ଅପରପକ୍ଷରେ ଯେଉଁ କାମ ଦ୍ୱାରା ଅନ୍ୟର କ୍ଷତି ଓ ଅମଙ୍ଗଳ ହୁଏ ତାହା ଖରାପ ଓ ପାପ କାମ। ଆଧ୍ୟାତ୍ମିକ ଦୃଷ୍ଟିରୁ ପାପ ନ କରି କାହା ପ୍ରତି ପାପ ମନୋଭାବ ରଖିବା ମଧ୍ୟ ପାପ। ପାପପୁଣ୍ୟର ସଂଜ୍ଞା ସବୁ ଦେଶରେ ଊଣାଅଧିକେ ସମାନ। ସବୁ ଧର୍ମରେ ହିଂସା ନ କରିବାକୁ ଉପଦେଶ ଦିଆଯାଇଥାଏ। କିନ୍ତୁ କେତେକ ଧର୍ମରେ ନିଜର ଧର୍ମ ରକ୍ଷା କରିବାକୁ ବା ବୃହତ୍ତର ସମାଜକଲ୍ୟାଣ ପାଇଁ ଆବଶ୍ୟକ ହେଲେ ଯୁଦ୍ଧ କରିବାକୁ ମଧ୍ୟ ଉପଦେଶ ଦିଆଯାଏ। ଏହାକୁ ଧର୍ମଯୁଦ୍ଧ କୁହାଯାଏ। ସବୁ ଦେଶରେ ଯେ କେହି ଅପରାଧ କଲେ ଏହା ବିଚାର କରାଯାଇ ଦେଶର ନିୟମ ଅନୁଯାୟୀ ଦଣ୍ଡ ଦିଆଯାଏ। ନିଜେ ଅପରାଧ ନ କରି ଏଥିପାଇଁ କାହାକୁ ପ୍ରବର୍ତ୍ତାଇଲେ କିମ୍ବା ଦୋଷୀକୁ ତା'ର ଅପରାଧ କାମରେ ପ୍ରତ୍ୟକ୍ଷ ବା ପରୋକ୍ଷ ସାହାଯ୍ୟ କଲେ ତାହାକୁ ମଧ୍ୟ ଅପରାଧ ବୋଲି ବିବେଚନା କରାଯାଏ। ସତ୍ୟ, ଧର୍ମ, ନ୍ୟାୟ ଓ ସମାଜର ସମୂହ ମଙ୍ଗଳ ପାଇଁ ବେଳେ ବେଳେ କଣ୍ଟକେନୈବ କଣ୍ଟକମ୍ ନୀତିରେ କିଛି ଅନୀତି ଆଚରଣ କରିବାକୁ ପଡିଲେ ଏହାକୁ ଅଧର୍ମ ବା ଅନ୍ୟାୟ କୁହାଯାଏନି।

ଦେଶରେ ଆତଙ୍କ ଖେଳାଉଥିବା ଅପରାଧୀମାନଙ୍କୁ ଅକ୍ତିଆର କରିବାକୁ ଯାଇ ଗୁଳିଗୋଳା ବିନିମୟରେ ଯଦି କୌଣସି ଆତଙ୍କବାଦୀର ମୃତ୍ୟୁ ହୋଇଯାଏ ଏହାକୁ ଅପରାଧ ଭାବେ ଗଣାଯାଏନି। ଅପରାଧ କରୁଥିବା ଲୋକଙ୍କୁ ବୁଝାଶୁଝା କରି ଯଦି ସତ୍‌ମାର୍ଗରେ ପରିଚାଳିତ କରାଯିବା ସମ୍ଭବ ନ ହୁଏ, ତେବେ ତାଙ୍କୁ କାରାଦଣ୍ଡ ବା ମୃତ୍ୟୁଦଣ୍ଡ ଦେବା ଛଡା ଅନ୍ୟ ବିକଳ୍ପ ନ ଥାଏ। ହିନ୍ଦୁମାନଙ୍କର ପବିତ୍ର ଧର୍ମଗ୍ରନ୍ଥ ଗୀତା ଯାହାକୁ ଭଗବାନଙ୍କର ମୁଖନିଃସୃତ ମନେକରାଯାଏ ସେଥିରେ ଦୁଇପକ୍ଷ କୁରୁପାଣ୍ଡବଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧକୁ ଧର୍ମଯୁଦ୍ଧ ଓ ଯୁଦ୍ଧ ହୋଇଥିବା ସ୍ଥାନକୁ ଧର୍ମକ୍ଷେତ୍ର କୁହାଯାଏ। କାରଣ କୌରବମାନଙ୍କର ଅନ୍ୟାୟ, ଅନୀତି ଓ ଅଧର୍ମ ବିରୋଧରେ ଧର୍ମପଥରେ ପରିଚାଳିତ ହେଉଥିବା ପାଣ୍ଡବମାନଙ୍କର ସତ୍ୟ, ଧର୍ମ ଓ ଜନସମୂହର ମଙ୍ଗଳ ପାଇଁ ଏହି ଯୁଦ୍ଧ ହୋଇଥିଲା। ଭଗବାନ ଶ୍ରୀକୃଷ୍ଣ ଏଥିରେ ସାଧୁ ମହତ୍ ଲୋକଙ୍କର ରକ୍ଷା ଓ ଦୁଷ୍ଟ ଲୋକଙ୍କର ବିନାଶ ପାଇଁ ପାଣ୍ଡବମାନଙ୍କ ପକ୍ଷରେ ନିଜକୁ ସାମିଲ କରିଥିଲେ। ଭଗବାନ୍ ନିଜେ ସ୍ୱୟଂ ଧର୍ମ। ଏଣୁ ସେ ଧର୍ମପକ୍ଷ ସମର୍ଥନ କରିଥିଲେ। ଏହି ଯୁଦ୍ଧରେ ଦୁଷ୍ଟ କୌରବମାନଙ୍କର ସମୂହ ବିନାଶ ଓ ପୁଣ୍ୟବାନ ପାଣ୍ଡବମାନଙ୍କର ଜୟ ହୋଇଥିଲା। ଧର୍ମ ସବୁବେଳେ ଜିତେ। ମେଘ ଆଢୁଆଳରେ ସୂର୍ଯ୍ୟ କିଛି ସମୟ ପାଇଁ ଲୁଚି ଯାଇପାରନ୍ତି କିନ୍ତୁ ମେଘ ସୂର୍ଯ୍ୟଙ୍କୁ ସବୁଦିନ ପାଇଁ ଢାଙ୍କିପାରେନା। ସେହିଭଳି ପାପ, ଅଧର୍ମରେ କବଳିତ ପୁଣ୍ୟ ସାମୟିକ ନିଷ୍ପ୍ରଭ ହୋଇଯାଇପାରେ କିନ୍ତୁ ପରିଶେଷରେ ସତ୍ୟ, ଧର୍ମ, ପୁଣ୍ୟର ସୂର୍ଯ୍ୟ ଉଦୟ ହୁଅନ୍ତି। ଅଧର୍ମରତ ପାପୀମାନେ ସମାଜ ଦେହରେ କର୍କଟ ରୋଗଗ୍ରସ୍ତ ଅଙ୍ଗ ଭଳି। ଦେହକୁ ରକ୍ଷା କରିବାକୁ ରୋଗଗ୍ରସ୍ତ ଅଙ୍ଗକୁ ଯେଉଁଭଳି ଶଲ୍ୟ ଚିକିତ୍ସା ଦ୍ୱାରା ବାହାର କରିବା ଆବଶ୍ୟକ ପଡେ ସେହିଭଳି ସାରା ସମାଜକୁ ରକ୍ଷା କରିବାକୁ ଏମାନଙ୍କୁ ନିପାତ କରିବା ଅନିବାର୍ଯ୍ୟ ହୋଇପଡେ। ସମାଜର ମଙ୍ଗଳ ପାଇଁ ଏହା କରିବା କିଛି ଅପରାଧ ନୁହେଁ।

ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ର ତ୍ରେତୟାଯୁଗରେ ବାନର ରାଜା ବାଳିର ଅନ୍ୟାୟ ଅପରାଧର ବିଲୋପ ପାଇଁ ତାକୁ ଗଛ ଆଢୁଆଳରେ ଲୁଚିରହି ଅତର୍କିତ ଭାବେ ଶରାଘାତ କରି ମାରିଥିଲେ। ତା'ର ଅପରାଧ ଥିଲା ସେ ନିଜ ସାନଭାଇର ସ୍ତ୍ରୀକୁ ହରଣ କରିଥିଲା। ଲୁଚିଛପି କାହାକୁ ମାରିବା ବୀରୋଚିତ କାମ ନୁହେଁ। ଏହା ଜାଣି ମଧ୍ୟ ସେ ବାଧ୍ୟ ହୋଇ ଏହା କରିଥିଲେ। ଏଥିପାଇଁ ନିଜକୁ ସେ ମଧ୍ୟ ଅନୁରୂପ ଭାବେ ଦଣ୍ଡିତ କରିଥିଲେ। ଦ୍ୱାପର ଯୁଗରେ କୃଷ୍ଣ ଅବତାରରେ ବାଳିର ପୁତ୍ର ଅଙ୍ଗଦ ଯିଏକି ସେ ସମୟରେ ଜାରାଶବର ହୋଇ ଜନ୍ମ ହୋଇଥିଲା, ତାହା ଦ୍ୱାରା ନିଜକୁ ଗଛ ଆଢୁଆଳରେ ଲୁଚାଇ ରଖି ଶରାଘାତ କରାଇ ଇହଲୀଳା ସମ୍ବରଣ କରିଥିଲେ। ଏହାଦ୍ୱାରା ନିଜକୁ ଅପରାଧ ପାଇଁ ଦଣ୍ଡିତ କରିବା ସଙ୍ଗେ ସଙ୍ଗେ ଅଙ୍ଗଦକୁ ପିତୃହନ୍ତାର ପ୍ରତିଶୋଧ ନେବାରେ ସାହାଯ୍ୟ କରିଥିଲେ।

ପାପପୁଣ୍ୟର ସଂଜ୍ଞା ବ୍ୟାପକ। ଜୀବହତ୍ୟା ପାପ। କୀଟରୁ ବ୍ରହ୍ମ ପର୍ଯ୍ୟନ୍ତ ସମସ୍ତଙ୍କର ଜୀବନ ଅଛି। ଶାରୀରିକ ଗଠନ ଦୃଷ୍ଟିରୁ ମଣିଷ ଗୋଟିଏ ନିରାମିଷାଶୀ ପ୍ରାଣୀ। ଏଣୁ ତା'ର ଉଦ୍ଭିଦଜାତ ଯେ କୌଣସି ଦ୍ରବ୍ୟର ବ୍ୟବହାର ତା'ପାଇଁ ପାପ ନୁହେଁ। କିନ୍ତୁ ଜୀବହତ୍ୟା କରି ତାକୁ ଖାଦ୍ୟ ଭାବେ ଗ୍ରହଣ କରିବା ମଣିଷ ପାଇଁ ନିଶ୍ଚିତ ଭାବେ ପାପ। ମାଂସାଶୀ ପ୍ରାଣୀମାନଙ୍କ ପାଇଁ ଏହା ପାପ ନୁହେଁ। କାରଣ ଏହା ସେମାନଙ୍କ ଖାଦ୍ୟ।

ମୋଟ ଉପରେ କହିବାକୁ ଗଲେ ନୀତି ଦୃଷ୍ଟିରୁ ଯାହା ସାଧାରଣ ଭାବରେ ଗ୍ରହଣୀୟ ନୁହେଁ, ତାହା ମଧ୍ୟ କରଣୀୟ ନୁହେଁ। ପୁଣ୍ୟ କାର୍ଯ୍ୟ ମଙ୍ଗଳକର ନିଜ ପାଇଁ ଓ ଜଗତ ପାଇଁ। ଏଣୁ ସର୍ବ ପାପ ବର୍ଜନ କରି ଧର୍ମ ପୁଣ୍ୟ ପଥରେ ନିଜକୁ ପରିଚାଳିତ କରିପାରିଲେ ଜୀବନ ମଙ୍ଗଳମୟ ଓ ଶୁଭଙ୍କର ହେବା ସହିତ ଦୁନିଆରେ ସୁଖ ଶାନ୍ତି ଐଶ୍ବର୍ଯ୍ୟର ସୂର୍ଯ୍ୟୋଦୟ ହେବ। ସ୍ୱର୍ଗର ସୁଖ ଶାନ୍ତି ଧରାଧାମକୁ ଓହ୍ଲେଇ ଆସିବ।

ମାର୍ଶାଘାଇ, କେନ୍ଦ୍ରାପଡ଼ା, ମୋ–୯୪୩୯୮୭୯୦୨୨

## ଏଇ ଭାରତରେ

କେତେକ ବ୍ୟକ୍ତି ବିଶ୍ୱର କଲ୍ୟାଣସାଧନ ଲାଗି ଅକ୍ଳାନ୍ତ ପରିଶ୍ରମ ଓ ଅନେକ କଷ୍ଟ ସ୍ୱୀକାର କରନ୍ତି। ଏପରି ଜଣେ ବିରଳ ବ୍ୟକ୍ତିତ୍ୱ ହେଉଛନ୍ତି ପ୍ୟାରେଲାଲ୍। ସେ ବିଶ୍ୱକଲ୍ୟାଣ ପାଇଁ ବଦ୍ରିନାଥ ପର୍ଯ୍ୟନ୍ତ ଦଣ୍ଡବତ ଯାତ୍ରା କରୁଛନ୍ତି। ମଧ୍ୟପ୍ରଦେଶର ରାଜଧାନୀ ଭୋପାଳର ବାସିନ୍ଦା ପ୍ୟାରେଲାଲ୍ ପ୍ରଜାପତି ବଦ୍ରିନାଥ ଯାତ୍ରା କରି ସେଠାରେ ବିଶ୍ୱକଲ୍ୟାଣ ପାଇଁ କାମନା କରିବେ। ସେ ଦୀର୍ଘପଥ ଯାତ୍ରାକରି ଇତିମଧ୍ୟରେ ଉତ୍ତରାଖଣ୍ଡର ଚାମୋଲିରେ ପହଞ୍ଚିଛନ୍ତି। ପ୍ୟାରେଲାଲ୍ ତାଙ୍କ ସ୍ତ୍ରୀ ଓ ଅନ୍ୟ ୩ ସାଥୀଙ୍କ ସହିତ ଇନ୍ଦ୍ରପ୍ରୟାଗରେ ପହଞ୍ଚି ଅଳକାନନ୍ଦା ନଦୀରେ ସ୍ନାନକରି ପୁଣି ଯାତ୍ରା ଆରମ୍ଭ କରିଛନ୍ତି। ୨୦୧୮ ସେପ୍ଟେମ୍ବର ୨୧ରୁ ସେ ଭୋପାଳରୁ ଦଣ୍ଡବତ ଯାତ୍ରା ଆରମ୍ଭ କରିଥିଲେ। ବର୍ତ୍ତମାନ ସୁଦ୍ଧା ସେ ୧୬୦୦ କିଲୋମିଟର ଦଣ୍ଡବତ ଯାତ୍ରା କରି ୫ଶହରୁ ଅଧିକ ତୀର୍ଥସ୍ଥାନ ଭ୍ରମଣ କରିସାରିଲେଣି। ମେ ୧୦ରେ ସେ ବଦ୍ରିନାଥରେ ପହଞ୍ଚି ପ୍ରଭୁଙ୍କ ଦର୍ଶନ କରିବା ସହିତ ବିଶ୍ୱକଲ୍ୟାଣ ପାଇଁ ପ୍ରାର୍ଥନା କରିବେ। ବାସ୍ତବରେ ପ୍ୟାରେଲାଲ୍‌ଙ୍କ ଭଳି ବିଶ୍ୱ କଲ୍ୟାଣକାମୀ ବ୍ୟକ୍ତିତ୍ୱ ଅନ୍ୟମାନଙ୍କ ପାଇଁ ଆଦର୍ଶ ନିଶ୍ଚୟ।

## ଚିରନ୍ତନୀ

''ବିଶ୍ୱ ପାରାବାର ତଳେ
ଲୁଚିଅଛି ଅସଂଖ୍ୟ ରତନ
''ଉଦ୍ଧାରି ଆଣିବା ଆଶେ
ବେଳ ଥାଉଁ ହୁଅ ନିମଗନ।
''ଜାଗ ଜାଗ ଜୀବନର
ସହଜ ସରଳ ପଥ ଲୋଡ଼ି
''ଜଟିଳ ଦୁଶ୍ଚିନ୍ତା ରାଜି ରହୁ ତବ
ପଛେ ଆଜି ପଡି।

(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | D | 2 | | 4 | | | C | | 5 | | 7 | | | |
| E | | | | 7 | 1 | 4 | | | | | | | 5 | |
| | | C | A | | 3 | | | | | | 8 | | | E |
| | 8 | 0 | | | | | | 5 | | 4 | 3 | | 9 | |
| | 4 | | 0 | | | D | | 8 | 6 | | 1 | | | 2 |
| | | | | | | 3 | 0 | | 2 | 1 | 9 | | 6 | A |
| | | | | | D | | 8 | | 3 | | | 2 | | |
| | | | | 6 | | | | | | C | 5 | | | |
| | | | | | 4 | 7 | | | | 6 | 0 | | C | |
| | | | 1 | 0 | 9 | | A | 6 | 7 | | B | | 8 | D |
| | | | | | 6 | C | | 7 | | | | 8 | | 9 |
| | B | | | | | | 2 | | | | 6 | E | | |
| | | A | | | 2 | 0 | | | C | 5 | | 3 | | 1 |
| | | | E | | | | 6 | | 4 | | | A | 7 | C |
| | 3 | | 4 | 8 | A | 1 | 5 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 2 | D | 7 | 4 | B | E | 3 | 6 | C | 5 | 8 | A | 0 | 9 |
| 9 | 5 | 6 | 3 | A | 1 | D | 0 | 8 | B | E | 2 | 7 | C | 4 |
| 3 | B | 8 | E | 0 | 6 | 4 | C | 7 | 1 | 9 | A | 2 | D | 5 |
| A | 4 | E | C | 8 | 2 | 5 | 9 | B | 7 | 0 | D | 1 | 6 | 3 |
| C | 0 | 7 | D | 9 | 5 | 2 | 1 | A | 4 | 3 | 6 | E | B | 8 |
| 6 | 8 | 9 | 1 | 2 | 4 | C | D | E | A | B | 5 | 0 | 3 | 7 |
| 5 | C | 1 | B | D | A | 9 | 7 | 2 | 0 | 8 | 3 | 4 | E | 6 |
| E | A | 4 | 0 | C | 9 | 3 | 8 | 1 | 6 | D | 7 | 5 | 2 | B |
| 2 | D | 0 | 6 | 3 | 7 | B | 4 | 5 | 9 | 1 | E | 8 | A | C |
| B | 7 | 3 | 5 | E | 8 | A | 6 | 0 | 2 | C | 4 | 9 | 1 | D |
| 8 | 9 | C | A | 7 | 0 | 6 | B | D | E | 4 | 1 | 3 | 5 | 2 |
| 4 | 6 | 5 | 8 | 1 | E | 0 | 2 | C | 3 | 7 | B | D | 9 | A |
| D | 1 | A | 2 | B | 3 | 7 | E | 4 | 5 | 6 | 9 | C | 8 | 0 |
| 0 | 3 | 2 | 4 | 6 | D | 1 | 5 | 9 | 8 | A | C | B | 7 | E |
| 7 | E | B | 9 | 5 | C | 8 | A | 3 | D | 2 | 0 | 6 | 4 | 1 |

ଗତକାଲିର ଉତ୍ତର

# ନିର୍ବାଚନର ଦୁଃଖ



ଡ. ସୁବାସ ଚନ୍ଦ୍ର ପାତ୍ର

କେଉଁ ଦେଶ ପାଇଁ ନଦୀ, ପାହାଡ଼, ପର୍ବତ, ମରୁଭୂମି ହୁଏ ତ ଦୁଃଖ ହୋଇପାରେ କିନ୍ତୁ ଭାରତ ଭଳି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ଏକ ଦୁଃଖ, ଏକ ଲାଞ୍ଛନା। ସବୁଠୁ ବେଶୀ ଦୁଃଖ ଭୋଗନ୍ତି ନିର୍ବାଚନ ସହ ଜଡ଼ିତ କର୍ମଚାରୀମାନେ। ଯାବତୀୟ ସାଧୁତା, ନିଷ୍ଠା, ନିଷ୍କପଟତା ସତ୍ତ୍ୱେ ଉପରିସ୍ଥ ହାକିମମାନଙ୍କ କଥାକଥାକେ ନିଲମ୍ବନର ନାଲିଆଖି ଯନ୍ତ୍ରଣାକୁ ଆହୁରି ଦ୍ୱିଗୁଣିତ କରେ।

ପ୍ରଖ୍ୟାତ ଅର୍ଥନୀତିଜ୍ଞ ପି. ସାଇନାଥ ପରିହାସରେ 'ସମସ୍ତେ ଭଲ ମରୁଡ଼ିକୁ ଭଲ ପାଆନ୍ତି' କହିଲା ଭଳି ଅନେକେ ନିର୍ବାଚନକୁ ଏକ ଭଲ ମରୁଡ଼ି ଭଳି ବିଚାର କରନ୍ତି, ଯେଉଁଠି ହାତ ଚିକ୍କଣ କରିବାର, ଗୋଟିଏ ମଉକାରେ ରାଜନୈତିକ, ଅର୍ଥନୈତିକ, ସାମାଜିକ ଭାଗ୍ୟ ପରିବର୍ତ୍ତନର ମଧ୍ୟ ସମ୍ଭାବନା ଥାଏ। ଅଥଚ ଗରିବ, ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ମଣିଷ, ଯେଉଁମାନେ ଖୁବ୍ କମ୍ ଅର୍ଥରେ ଦୈନିକ ଗୁଜୁରାଣ ମେଣ୍ଟାନ୍ତି, ସେମାନଙ୍କ ପାଇଁ ନିର୍ବାଚନ ଏକ ଉପହାସ ଭଳି ଲାଗେ, ଯେତେବେଳେ ଗଣମାଧ୍ୟମରୁ ବା ୟା, ତା' ତୁଣ୍ଡରେ ସେମାନେ ଶୁଣନ୍ତି, କିପରି କିଛିଲୋକ ପୋଲିସ୍ ହାତରେ ଧରାପଡ଼ିବା ଭୟରେ ୨୭ଲକ୍ଷ ଟଙ୍କା ରାସ୍ତା କଡ଼ରେ ଫିଙ୍ଗିଦେଇ ପଳାଇଲେ।

ବିମୁଦ୍ରୀକରଣ, ଜିଏସ୍‌ଟି ଲାଗୁ, ଯାବତୀୟ ଦୁର୍ନୀତି ନିବାରଣ ନିୟମର କଡ଼ା ଉପଯୋଗର ଡିଣ୍ଡିମ ପିଟା ଯାଉଥିବା ବେଳେ ନିର୍ବାଚନ ସରକାରଙ୍କ ନିୟମକାନୁନକୁ ଅପ୍ରାସଙ୍ଗିକ କରି ନିୟମ ମାନୁଥିବା ନାଗରିକଙ୍କୁ ଛଟପଟ କରେ। ସରକାରଙ୍କ ବ୍ୟବସ୍ଥା ସହ ତାଳଦେଇ ଏକ ସମାନ୍ତରାଳ ବ୍ୟବସ୍ଥା ଯେ ଚାଲୁରହିଛି, ତାହା ଜଣାପଡ଼େ ନିର୍ବାଚନରୁ। ଏପ୍ରିଲ ୧୧ରେ ସମାପ୍ତ ପ୍ରଥମ ପର୍ଯ୍ୟାୟର ନିର୍ବାଚନ ସୁଦ୍ଧା ନଗଦ ଅର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ମିଶି ପାଖାପାଖି ୨୪୦୦କୋଟି ଟଙ୍କା ଜବତ ହୋଇଛି, ଯେଉଁଥିରୁ ନଗଦ ଅର୍ଥରାଶି ୬୦୦ କୋଟି ଟଙ୍କା। କୌତୁକର କଥା ୨୦୧୪ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ ସୁଦ୍ଧା ଜବତ ରାଶିର ସାମଗ୍ରିକ ମୂଲ୍ୟ ଥିଲା ୩୦୦ କୋଟି ଟଙ୍କା। ଅର୍ଥାତ୍ ପାଞ୍ଚ ବର୍ଷ ଭିତରେ ଆମେ କେତେ ସଚ୍ଚୋଟ ହୋଇଛୁ, ନିର୍ବାଚନକୁ କେତେ କଳାଟଙ୍କାମୁକ୍ତ କରିଛୁ ଏହା ହିଁ ତାହାର ପ୍ରମାଣ।

ନିର୍ବାଚନ ସମ୍ବେଦନଶୀଳ ମଣିଷ ଉପରେ ଏକ ଅତ୍ୟାଚାର ଏବଂ ନିଜର ବିଶ୍ୱାସ ଓ ନୈତିକତାର ସମୀକ୍ଷା ପାଇଁ ଏକ ବାଧ୍ୟବାଧକତା। ଖାଲି ସେତିକି ନୁହେଁ, ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ଗମ୍ଭୀରତାର ସହିତ ନେଉଥିବା ନାଗରିକଙ୍କ ପାଇଁ ନୀରବ ଅଶ୍ରୁପାତର ଏହା ଏକ ଆନୁଷ୍ଠାନିକ ବ୍ୟବସ୍ଥା। ବର୍ଷ ବର୍ଷ ରାଜନୀତି ବିଜ୍ଞାନର ପାଠ ପଢ଼େଇ, ଗଣତନ୍ତ୍ରର ଜୟଗାନ କରି, ୧୯୭୭ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି, ପରାଜୟ ଲଭି ଡ. ଶ୍ରୀରାମ ଚନ୍ଦ୍ର ଦାଶ ଯେଉଁ ଅନୁଶୋଚନାରେ ଜର୍ଜରିତ ହୋଇଥିଲେ ତାହା ହିଁ ନିର୍ବାଚନର ସବୁଠୁ ବଡ଼ ଦୁଃଖଦ ପାର୍ଶ୍ୱପ୍ରଭାବ।

ନିର୍ବାଚନ ଛଳନାର ଏକ କର୍ମଶାଳା ଏବଂ ଦୁର୍ନୀତିର ଏକ ପାଠଶାଳା। ମିଛ, ଛଳନା, ଭଣ୍ଡାମି, ଚତୁରତା, ଧୂର୍ତ୍ତତା ପ୍ରଦର୍ଶନ ତଥା ଜନତାଙ୍କୁ ବୋକା ବନେଇବାର ଏକ କ୍ଷେତ୍ର ହେଉଛି ନିର୍ବାଚନ। ଗୋଟିଏ ଦଳର ଟିକେଟ୍ ପାଇ ଅନ୍ୟ ଦଳରେ ଯୋଗଦେବା, ଗୋଟିଏ ଦଳର ମୁଖପାତ୍ର ହୋଇ ଗଲାରାତିରେ ଟିଭି ପରଦାରେ ଗାଳିଦେଇଥିବା ଦଳକୁ ସକାଳକୁ ଆଲିଙ୍ଗନ କରିବା, ବର୍ଷ ବର୍ଷ ଗୋଟିଏ ଦଳରେ ରହି, ବିଧାୟକ, ଏମ୍‌ପି ବା ମନ୍ତ୍ରୀ ଭାବେ ଫୁଲି ଫଳି ପାନରୁ ଚୂନ ଖସିଗଲା ମାତ୍ରେ ବା ପୁଅକୁ ଟିକେଟ ମିଳିଲାନି ବୋଲି ଦୀର୍ଘ ବର୍ଷ ଧରି ବିରୋଧ କରୁଥିବା ଦଳରେ ଯୋଗଦେବା ଏବଂ ଏସବୁ କାର୍ଯ୍ୟର ନୈତିକ ଯଥାର୍ଥତା ପ୍ରଦାନ କରିବା ନିର୍ବାଚନ ବେଳେ ହିଁ ଦେଖାଯାଏ। କିନ୍ତୁ ଏହି ନେତାମାନେ କେବେ ଅନୁଭବ କରନ୍ତି ନାହିଁ ବର୍ଷ ବର୍ଷ ଧରି ଅଯାଚିତ ସମର୍ଥନ ଯୋଗାଇ ଆସିଥିବା ସେମାନଙ୍କ ରାଜନୈତିକ ସମର୍ଥକମାନଙ୍କ ମନ ଉପରେ ଏହାର କି ପ୍ରଭାବ ପଡ଼େ, ମାନସିକ ଭାବରେ କେଡ଼େ ଧ୍ୱସ୍ତବିଧ୍ୱସ୍ତ ଅନୁଭବ କରନ୍ତି ଏମାନେ। ପ୍ରକାରାନ୍ତରେ କହିଲେ ନିର୍ବାଚନ ହିଁ ନେତାମାନଙ୍କୁ ସେମାନଙ୍କର ପୁରାତନ ସମର୍ଥକମାନଙ୍କୁ ପାଦରେ ଦଳିଦେଇ ନୂତନ ସମର୍ଥକ ସାଉଁଟିବାରେ ସାହାଯ୍ୟ କରେ। ସେହିପରି ଅନୈତିକ ଅର୍ଥ ସଂଗ୍ରହର ବୀଜବପନ ହୁଏ ନିର୍ବାଚନରୁ, ଯାହା ପରବର୍ତ୍ତୀ ସମୟରେ ବେଶ୍ ବିକଶିତ ହୁଏ। କାଁ ଭାଁ ସ୍ୱାଧୀନ ପ୍ରାର୍ଥୀଙ୍କୁ ଛାଡ଼ିଦେଲେ କୌଣସି ଦଳୀୟ ପ୍ରାର୍ଥୀ ଛାତିରେ ହାତ ରଖି କହିପାରିବେ ନାହିଁ ସେମାନେ ନିର୍ଦ୍ଧାରିତ ଖର୍ଚ୍ଚ ସୀମା ମଧ୍ୟରେ ନିର୍ବାଚନ ଲଢ଼ିଛନ୍ତି। ତେଣୁ ନିର୍ବାଚନୀୟ ଦୁର୍ନୀତି ହିଁ ପରବର୍ତ୍ତୀ ସମୟର ଯାବତୀୟ ଦୁର୍ନୀତିର ଜନନୀ, ନୈତିକ ସ୍ୱଚ୍ଛତା, ଆଦର୍ଶ ବୃନ୍ତମାରର ପ୍ରଥମ ପାହାଚ।

ନିର୍ବାଚନ ହିଁ ନିର୍ବାଚନର ଆଚାର ସଂହିତା ଭଙ୍ଗ କରେ। ବିଭିନ୍ନ ପର୍ଯ୍ୟାୟରେ ନିର୍ବାଚନ ହେଉଥିବାରୁ ନିର୍ବାଚନ ଦିନ ପାର୍ଶ୍ୱବର୍ତ୍ତୀ ନିର୍ବାଚନମଣ୍ଡଳୀରେ ଜୋରସୋର ପ୍ରଚାର ଚାଲେ, ଗାଳି, ଅପବାଦର ପ୍ରତିଯୋଗିତା ବି ଚାଲେ, ଯାହା ସିଧାସଳଖ ପ୍ରସାରିତ ହୁଏ ବୈଦ୍ୟୁତିକ ଗଣମାଧ୍ୟମରେ। ତେଣୁ ଲୋକେ '୪୮ ଘଣ୍ଟାର ଶାନ୍ତି', ଉପଯୁକ୍ତ ପ୍ରାର୍ଥୀ ନିର୍ବାଚନ କରିବାର 'ମାନସିକ ସ୍ଥିରତା' ପାଇଲେ କେଉଁଠୁ? ଭୋଟ ଦେବାକୁ ଗଲାବେଳେ ବି ସେମାନେ ବିଭ୍ରାନ୍ତକାରୀ, ମନକୁ ଅସ୍ଥିର କଲାଭଳି ପ୍ରସାରିତ ଖବର ଦେଖି ଦେଖି ବୁଥ୍‌କୁ ଯାଆନ୍ତି। ଏ କି ପ୍ରକାର ବ୍ୟବସ୍ଥା? ବିଭିନ୍ନ ପର୍ଯ୍ୟାୟରେ ନିର୍ବାଚନ ହେଉଥିବାରୁ ୪୮ଘଣ୍ଟାର ନାମକୁ ମାତ୍ର ନୀରବତାକୁ ସରକାରୀ ଭାବରେ ହଟାଇ ଦିଆଯାଉ ବା ଅନ୍ୟ ବ୍ୟବସ୍ଥା କରାଯାଉ।

ନିର୍ବାଚନ ଭୋଟଦାତାମାନଙ୍କ ପାଇଁ ଏକ ପ୍ରତାରଣା–ପରୀକ୍ଷା। ପ୍ରତିଶ୍ରୁତିର ପ୍ରାବଲ୍ୟ, ମିଥ୍ୟା ଆଶ୍ୱାସନାର ବନ୍ୟାରେ ଜନତାଙ୍କୁ ଭସାଇ ନିର୍ବାଚନରେ ବିଜୟ ଲାଭ କରି ନେତାଏ ହୁଏ ତ ଉଲ୍ଲସିତ ହୋଇପାରନ୍ତି କିନ୍ତୁ ସେମାନେ ବୁଝନ୍ତିନି ନିରୀହ ନାଗରିକଙ୍କର ପ୍ରତାରିତ ହେବାର ଦୁଃଖ। ଏହି ଦୁଃଖ ଉଦାସୀନତାରେ ପରିଣତ ହୁଏ ଏବଂ ସାଧାରଣ ମଣିଷ ଭାବନ୍ତି ଏହା ହିଁ ବୋଧହୁଏ ରାଜନୀତି। 'ସତ ହେଉ ଅବା ମିଛ, ଯିଏ ପ୍ରତିଶ୍ରୁତି ଦେଇଛି ସେ ବୁଝିବ। ଆମର କିଛି ଦାୟିତ୍ୱ ନାହିଁ। ସମାଜ ତାଙ୍କର, ରାଷ୍ଟ୍ର ତାଙ୍କର।' ଏହି ପ୍ରକାର ନାଗରିକୀୟ ଉଦାସୀନତା ଗଣତନ୍ତ୍ର ପାଇଁ ଯେ କେଡ଼େ ବିପଦପୂର୍ଣ୍ଣ, ବିଶେଷତଃ ସଂକଟ ସମୟରେ, ରାଷ୍ଟ୍ରନୀତିଜ୍ଞମାନେ ଠିକ୍ ଜାଣନ୍ତି।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ନିର୍ବାଚନ ଏକ ସୁଯୋଗ। ଶାସନ ପରିବର୍ତ୍ତନ ହେଉ ଅବା ବ୍ୟବସ୍ଥା ପରିବର୍ତ୍ତନ ଅବା ରାଷ୍ଟ୍ରର ମୌଳିକ ଢାଞ୍ଚାର ପରିବର୍ତ୍ତନ ହେଉ, ନିର୍ବାଚନ ହିଁ ଏ ପ୍ରକାର ସମ୍ଭାବନା ରଖେ। ଦୁଃଖର କଥା ଭାରତବର୍ଷ ଭଳି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା ଖାଲି ହଟଚମଟ ସୃଷ୍ଟିକରେ। ପ୍ରତିଶ୍ରୁତିର କାଳବୈଶାଖୀ ପରେ ଲୋକେ ଯେ ଯାହାର ଭଙ୍ଗାଘରକୁ ହିଁ ଆଦରି ବଞ୍ଚନ୍ତି।

ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ଼, ବାଲେଶ୍ୱର,
ମୋ– ୯୪୩୭୩୭୬୨୧୯

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନୀତିରେ କେହି ଅପରାଜେୟ ନୁହନ୍ତି

ମହାଶୟ,

ରାଜନୀତିରେ ଜୟ ପରାଜୟ ଏକ ସାଧାରଣ କଥା। ରାଜନୀତିରେ ଜିରୋ ହିରୋ ହୋଇପାରେ ଓ ହିରୋ ମଧ୍ୟ ଜିରୋ ହୋଇପାରେ। ସୁତରାଂ ରାଜନୀତିରେ କେହି ଅପରାଜେୟ ନୁହନ୍ତି। ସମ୍ବିଧାନପ୍ରଣେତା ଡ. ଭୀମରାଓ ଆମ୍ବେଦକରଙ୍କ ପରି ଭାରତମାତାର ବରପୁତ୍ର ଦୁଇ ଦୁଇଥର ନିର୍ବାଚନରେ ପରାସ୍ତ ହୋଇଥିଲେ। ଇନ୍ଦିରା ଗାନ୍ଧୀ ଓ ଅଟଳ ବିହାରୀ ବାଜପାୟୀଙ୍କ ପରି ଲୋକପ୍ରିୟ ଓ ପ୍ରଭାବଶାଳୀ ପ୍ରଧାନମନ୍ତ୍ରୀ ମଧ୍ୟ ଜୀବନରେ ପରାଜୟର ସ୍ୱାଦ ଚାଖିଥିଲେ। ପଶ୍ଚିମବଙ୍ଗ, ତ୍ରିପୁରା ଓ ଦିଲ୍ଲୀ ପରି କେତେକ ରାଜ୍ୟରେ ୧୫ରୁ ୨୫ ବର୍ଷ ଧରି କ୍ଷମତାରେ ଥିବା ସରକାରଙ୍କର ମଧ୍ୟ ପତନ ହୋଇଥିଲା। ଏଣୁ ରାଜନୀତିରେ କେହି ଯଦି ଅତ୍ୟଧିକ ଆତ୍ମବିଶ୍ୱାସ ଓ ଅହଙ୍କାରରେ ନିଜକୁ ଅପରାଜେୟ ବୋଲି ଭାବୁଥାଏ ତାହା ସମ୍ପୂର୍ଣ୍ଣ ଭୁଲ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତସିଂହପୁର

### ଓଡ଼ିଆ ଢଗଢମାଳି

ଧରିତ୍ରୀ ଓଡିଆ ଢଗଢମାଳୀ ଧାରାବାହିକ ଭାବେ ପ୍ରକାଶ କରିଚାଲିଛି। ଅନ୍ୟ କୌଣସି ଖବରକାଗଜ ଉଦ୍ୟମ କରୁନାହାନ୍ତି। ଓଡିଆ ଢଗଢମାଳୀରେ ବହୁ ବ୍ୟଙ୍ଗାତ୍ମକ ଭାବନା ରହିଛି, ସମାଲୋଚନା ଓ ଶିକ୍ଷା ମଧ୍ୟ ରହିଛି। ଯେମିତି– ''ଅଖାଇ କରିଛି ଓଷା, ଡୋଲିକ ଚାଉଳ ଓଳିକେ ସାରିଛି, ପେଟ ଅଛି ଦରପୋଷା।'' ''ତୁଚ୍ଛାକୁ ଏତେ, ମୁଦି ନାହିଁ ଗୋଡ କଚାଡୁ କେତେ?'' ଗାଁମାନଙ୍କରେ ବହୁ ବ୍ୟଙ୍ଗାତ୍ମକ ଢଗ ଶୁଣିବାକୁ ମିଳେ, ଯାହା ଶୁଣିବାକୁ ଭାରି ଭଲ ଲାଗେ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଏପ୍ରିଲ ୧୯୯୪

- ଜିଲାପାଳମାନଙ୍କୁ ଜିଲାର ଅଖଣ୍ଡ କ୍ଷମତା ଦିଆଯିବା ସହ ସେମାନଙ୍କୁ ଜିଲାର ପ୍ରତ୍ୟେକଟି ଘଟଣା ଓ ସମସ୍ୟା ପାଇଁ ଦାୟୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଘୋଷଣା।
- ମୁଖ୍ୟ ନିର୍ବାଚନ କମିଶନର ଟି.ଏନ. ଶେଷାନ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି।

# ଟଙ୍କା ବଣ୍ଟାକୁ ନେଇ ଦେଓଗାଁରେ ନିର୍ବାଚନୀ ହିଂସା

**ଦେଓଗାଁ,୧୭।୪(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ନିର୍ବାଚନ ଦିନକ ପୂର୍ବରୁ ଟଙ୍କା ବଣ୍ଟାକୁ କେନ୍ଦ୍ରକରି କଂଗ୍ରେସର ଜଣେ ସମର୍ଥକଙ୍କୁ ସାରସମାଲ ଗାଁରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଅପର ପକ୍ଷରୁ ମଧ୍ୟ ପାଲଟା ଅଭିଯୋଗ ହୋଇଛି। ବନ୍ଧପଡ଼ା ଫାଣ୍ଡିରେ ପୃଥକ ଦୁଇଟି ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। କଂଗ୍ରେସ ସମର୍ଥକ ସାରସମାଲ ଗାଁର କାହ୍ନୁଚରଣ ରଣାଙ୍କ ଅଭିଯୋଗକୁ ଭିତ୍ତିକରି ମାମଲା (ନଂ. ୭୨/୨୦୧୯) ଓ ଭୂମିସୂତା ସାହୁଙ୍କ ଅଭିଯୋଗ ଆଧାରରେ ମାମଲା (ନଂ. ୭୩୨୦୧୯) ରୁଜୁ କରାଯାଇଥିବା ତୁଷୁରା ଥାନାଧିକାରୀ ଯଶୋବନ୍ତ ପ୍ରଧାନୀ ସୂଚନା ଦେଇଛନ୍ତି। କାହ୍ନୁଚରଣଙ୍କ ଅଭିଯୋଗ ଅନୁସାରେ କେତେଜଣ ବିଜେଡି ସମର୍ଥକ ଗାଁରେ ଟଙ୍କା ବାଣ୍ଟୁଥିବା ଦେଖି ସେ ଏହାର ପ୍ରତିବାଦ କରିଥିଲେ। ଫଳରେ ବିଜେଡି ସମର୍ଥକମାନ ତାଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ଗାଁର କେତେଜଣ ବ୍ୟକ୍ତି ସେଠାରେ ପହଞ୍ଚି କାହ୍ନୁଚରଣଙ୍କୁ ଉଦ୍ଧାର କରିଥିଲେ।

**ଉଭୟ ପକ୍ଷରୁ ଏତଲା, ଥମିନି ଉତ୍ତେଜନା**

ଅନ୍ୟପଟେ ସେହି ଗ୍ରାମର ମହେନ୍ଦ୍ର ସାହୁଙ୍କ ସ୍ତ୍ରୀ ଭୂମିସୂତା ସାହୁ ଅଭିଯୋଗ କରିଛନ୍ତି ଯେ ସ୍ୱାମୀଙ୍କ ଅନୁପସ୍ଥିତିରେ କାହ୍ନୁଚରଣ ତାଙ୍କ ଘରକୁ ଆସି କଂଗ୍ରେସ ସପକ୍ଷରେ ଭୋଟ ଦେବାକୁ କହିଥିଲେ। ଭୂମିସୂତା ମନା କରିବାରୁ ତାଙ୍କୁ ଗାଳିଗୁଲଜ କରିଥିଲେ। ଏହି ସମୟରେ ଭୂମିସୂତାଙ୍କ ବଡ଼ପୁଅ ତପନ ସାହୁ ପହଞ୍ଚି ପ୍ରତିବାଦ କରିବାରୁ କାହ୍ନୁଚରଣ ତାଙ୍କୁ ମାଡ଼ ମାରିଥିବା ଭୂମିସୂତା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ନେଇ ବର୍ତ୍ତମାନ ରାଜନୀତି ସରଗରମ ହୋଇଛି। ଉଭୟ ଦଳ ପକ୍ଷରୁ ଘଟଣାକୁ ତୀବ୍ର ନିନ୍ଦା କରାଯାଇଛି। ଏବେ ଦେଓଗାଁ ଅଞ୍ଚଳରେ କଂଗ୍ରେସ ସମର୍ଥିତ ବ୍ୟକ୍ତିଙ୍କ ଅଭିଯୋଗ ସମ୍ପର୍କିତ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ରାତି ପାହିଲେ ଭୋଟ ଗ୍ରହଣ ହେବାକୁ ଯାଉଥିବାବେଳେ ଏହି ଘଟଣା କେଉଁ ଦଳକୁ ପ୍ରଭାବିତ କରିବ ଓ କାହାକୁ ଫାଇଦା ଦେବ ସେ ଉପରେ ସମସ୍ତଙ୍କ ନଜର ରହିଛି।

**ଗେଲ୍ ଗ୍ୟାସ୍ ଲିମିଟେଡ୍**
(ଗେଲ୍ (ଇଣ୍ଡିଆ) ଲିମିଟେଡ୍‌ର ସମ୍ପୂର୍ଣ୍ଣ ମାଲିକାନାଧୀନ ଏକ ସହାୟକ କମ୍ପାନୀ)

**ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**
**ଭଡ଼ା ସୂତ୍ରରେ ବ୍ୟବସାୟିକ କାର୍ଯ୍ୟାଳୟ ଜାଗା ପାଇଁ**

**(ଟେଣ୍ଡର ନଂ. ଗେଲ୍ ଗ୍ୟାସ୍/ନୋଏଡା/ଅଫିସ୍ ପ୍ରେମିସେସ୍/୨୦୧୮-୧୯)**

ଗେଲ୍ ଗ୍ୟାସ୍ ଲିମିଟେଡ୍ ପୁରୀ, ଓଡ଼ିଶାଠାରେ ପ୍ରାରମ୍ଭିକ ଭାବେ ୦୩ ବର୍ଷ ଅବଧି ପାଇଁ ଭଡ଼ାସୂତ୍ରରେ ୨୦୦୦ (+/- ୧୦%) ବର୍ଗଫୁଟ ବିଶିଷ୍ଟ ସୁସଜ୍ଜିତ ବ୍ୟବସାୟିକ କାର୍ଯ୍ୟାଳୟ ଜାଗା ନିମନ୍ତେ ଜଉମୁଦଦିଆ ଟେଣ୍ଡର ଆହ୍ୱାନ କରୁଛି, ଅବଧିକୁ ପାରସ୍ପରିକ ବୁଝାମଣାରେ ବୃଦ୍ଧି କରାଯାଇପାରିବ। ସବିସ୍ତୃତ ବିଜ୍ଞାପନ ପାଇଁ www.gailgas.com / www.gailgastenders.in ପରିଦର୍ଶନ କରନ୍ତୁ। ପରବର୍ତ୍ତୀ ସମସ୍ତ ଶୁଦ୍ଧିପତ୍ର/ଯୋଗପତ୍ର କେବଳ ୱେବ୍‌ସାଇଟ୍‌ରେ ଅପ୍‌ଡେଟ୍ କରାଯିବ। ପ୍ରାକ୍-ବିଡ୍ ବୈଠକ: ତା୨୨।୦୪।୨୦୧୯ରିଖ ପୂର୍ବାହ୍ନ ୧୦.୦୦ ଘଟିକାରେ ହୋଟେଲ ଚାଣକ୍ୟ ବିଏନ୍‌ଆର୍, ପୁରୀ। ଯୋଗାଯୋଗ- ଡା.ସଞ୍ଜୟ ସାହୁ, ସିନିୟର ମ୍ୟାନେଜର (ଏଚ୍‌ଆର୍), ମୋ.: ୯୭୧୭୮୭୭୨୪୪, ଇମେଲ୍: sanjaysahoo@gail.co.in

କର୍ପୋରେଟ୍ ପରିଚୟ ସଂଖ୍ୟା: U40200DL2008GOI178614

■ ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟର ଯାଞ୍ଚ ଘଟଣା

# ପର୍ଯ୍ୟବେକ୍ଷକ ଆଇଏଏସ୍ ଅଫିସର ନିଲମ୍ବିତ

**ସମ୍ବଲପୁର,୧୭।୪ (ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଙ୍ଗଳବାର ସମ୍ବଲପୁର ଗସ୍ତବେଳେ ତାଙ୍କ ହେଲିକପ୍ଟର ଯାଞ୍ଚ କରିବା ପର୍ଯ୍ୟବେକ୍ଷକ ତଥା କର୍ଣ୍ଣାଟକ କ୍ୟାଡରର ଆଇଏଏସ୍ ଅଫିସର ମହମ୍ମଦ ମହସିନଙ୍କ ପାଇଁ ମହଙ୍ଗା ପଡିଛି। ତାଙ୍କୁ ଭାରତର ନିର୍ବାଚନ କମିଶନ (ଇସିଆଇ) କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ତାଙ୍କ ସହ ଯାଞ୍ଚ ପ୍ରକ୍ରିୟାରେ ସାମିଲ ହୋଇଥିବା ଅନ୍ୟ କର୍ମଚାରୀଙ୍କୁ ମଧ୍ୟ କାର୍ଯ୍ୟରୁ ନିଲମ୍ବନ କରାଯାଇଛି ।

ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ପ୍ରଧାନମନ୍ତ୍ରୀ ମୋଦି ଝାରସୁଗୁଡ଼ା ଏୟାପୋର୍ଟରୁ ବାହାରି ହେଲିକପ୍ଟର ଯୋଗେ ସମ୍ବଲପୁର ରେମେଡସ୍ଥିତ ସଭାସ୍ଥଳକୁ ଆସିଥିଲେ। ଏଥିପାଇଁ ସଭାସ୍ଥଳଠାରୁ ୫ଶହ ମିଟର ଦୂରରେ ଅସ୍ଥାୟୀ ହେଲିପ୍ୟାଡ ନିର୍ମାଣ କରାଯାଇଥିଲା। ସେଠାରେ ଏସ୍‌ପିଜି ଓ ଓଡ଼ିଶା ପୋଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଓହ୍ଲାଇବା ସମୟରେ ସମ୍ବଲପୁର ଜେନେରାଲ ଅବଜରଭର ଦାୟିତ୍ୱରେ ଥିବା ଆଇଏଏସ୍ ଅଫିସର ମହମ୍ମଦ ମହସିନ୍ ଓ ତାଙ୍କ ସହ ଥିବା ଅନ୍ୟ କର୍ମଚାରୀମାନେ ହେଲିକପ୍ଟର ନିକଟକୁ ଯାଞ୍ଚ କରିବାକୁ ଯାଇଥିଲେ। ଏସ୍‌ପିଜି ସୁରକ୍ଷା ବଳୟ ଥାଇ ମଧ୍ୟ ସମ୍ପୃକ୍ତ ଆଇଏଏସ୍ ଅଫିସର ଜଣକ ହେଲିକପ୍ଟର ଯାଞ୍ଚ କରିବାକୁ ଜିଦ୍ କରିଥିଲେ। ଯାଞ୍ଚ ଯୋଗୁ ମୋଦି ସଭାସ୍ଥଳକୁ ଆସିବାରେ ପ୍ରାୟ ୧୦ ମିନିଟ ବିଳମ୍ବ ହୋଇଥିଲା। ପର୍ଯ୍ୟବେକ୍ଷକଙ୍କ କାର୍ଯ୍ୟ ନିୟମ ବିରୋଧ ଥିବା ତଦନ୍ତରୁ ଜଣାପଡ଼ିଛି। ଏନେଇ ସମ୍ବଲପୁର ଜିଲା ନିର୍ବାଚନ ଅଧିକାରୀ, ଡିଆଇଜିଙ୍କ ରିପୋର୍ଟକୁ ରାଜ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସୁରେନ୍ଦ୍ର କୁମାର ଇସିଆଇଙ୍କୁ ପଠାଇଥିଲେ। ତଦନୁଯାୟୀ ଇସିଆଇ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।







## ସଂକ୍ଷେପରେ

### କୁରୁଣ୍ଟିର ୫୦ ବିଜେଡି ପରିବାର କଂଗ୍ରେସରେ ସାମିଲ



**ରାଜନଗର,୧୭।୪ (ଡିଏନଏ):** ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତର ୫୦ ବିଜେଡି ପରିବାର ବୁଧବାର କଂଗ୍ରେସରେ ସାମିଲ ହୋଇଛନ୍ତି। ରାଜନଗର ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଧାୟକ ଅଂଶୁମାନ ମହାନ୍ତି ଯୋଗଦେଇ ନୂତନ ସଦସ୍ୟମାନଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଏମାନଙ୍କ ମିଶ୍ରଣ ଦଳକୁ ମଜଭୁତ କରିବ ବୋଲି ସେ କହିଥିଲେ। ନାଥପୁର ଗାଁର ଚିତ୍ତରଞ୍ଜନ ଜେନା, ହେମନ୍ତ କୁମାର ଦାସ, ଗନ୍ଧର୍ବ ଦାସ, ନିଧିରାମ ଦାସ, ନୋଧାବସନ୍ତର ସୁକାନ୍ତ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ଜେନା, ଉପେନ୍ଦ୍ର ଦାସ, ବିଚିତ୍ର ଦାସ, ଭାଗ୍ୟଧର ସାମଲ, ନାଥୁରାମ ପ୍ରଧାନ, କୁରୁଣ୍ଟି ଗାଁର ଅମର କୁମାର ସ୍ୱାଇଁ, ସୁକଦେବ ସେଠୀ, ସୁକାନ୍ତ କୁମାର ସେଠୀ, ଦେବବ୍ରତ ମହାରଥା, ବ୍ରଜ କିଶୋର ପରିଡା, ଗୋପବନ୍ଧୁ ପରିଡାଙ୍କ ସମେତ ୫୦ ପରିବାର କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବ କୁରଣ୍ଟି ପଞ୍ଚାୟତ ସଭାପତି ରତ୍ନାକର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ କମିଟି ସଭାପତି ଚୌଧୁରୀ ରବିନ୍ଦ୍ର କୁମାର ରାଉତରାୟ, ୩୧ ନଂ ଜୋନ ସଭାପତି ଦେବେନ୍ଦ୍ର କୁମାର ଜେନା, ୩୦ ନଂ ଜୋନ ସଭାପତି ଅଶୋକ କୁମାର ବଳ, କୁରୁଣ୍ଟି ପଞ୍ଚାୟତର ସମିତିସଭ୍ୟ ସନ୍ତୋଷ କୁମାର ମହାନ୍ତି, ରଞ୍ଜନ କୁମାର ମହାନ୍ତି, ପବିତ୍ର କୁମାର ନାୟକ, କଂଗ୍ରେସନେତା ଦୁଃଶାସନ ନାୟକ, ବନମାଳୀ ସ୍ୱାଇଁ, ବିଚିତ୍ର ବିଶ୍ୱାଳ, ବୀରକିଶୋର ଚରାଇ ପ୍ରମୁଖ ଯୋଗ ଦେଇଥିଲେ।

### ଜୋନସ୍ତରୀୟ ଭାଜପାର ମିଶ୍ରଣ ପର୍ବ

**କେନ୍ଦ୍ରାପଡା ଅଫିସ, ୧୭।୪:** କେନ୍ଦ୍ରାପଡା ଭାଜପା ବିଧାୟକ ପ୍ରାର୍ଥୀ ସୁନାକର ବେହେରାଙ୍କ ରୋଡ ଶୋ’ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜୋନ ଅଧୀନ ୮ଟି ପଞ୍ଚାୟତରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ବାଇକ ସାମିଲ ହୋଇଥିଲା। ଏହି ଅବସରରେ ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଦଳର କର୍ମକର୍ତ୍ତା ଓ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ଦୁର୍ଗାପ୍ରସାଦ ଘୋଷାଲ, କାନବାଳା ଦାସ, ରେସମା ଚକ୍ରବର୍ତ୍ତୀ, ପବିତ୍ର ବଳ, ଐଶ୍ୱର୍ଯ୍ୟା ବିଶ୍ୱାଳ, ସୁଧୀର ପରିଡା ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଭାଜପାର ବିଜୟ ସଂକଳ୍ପ ସମାବେଶ

# କ୍ଷମତାକୁ ଆସିଲେ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ

**ପାଟକୁରା/ମାର୍ଶାଘାଇ,୧୭।୪(ଡିଏନଏ)**

ବିଜୁବାବୁଙ୍କ ମାଟି କୁହାଯାଉଥିବା କେନ୍ଦ୍ରାପଡ଼ା ଜିଲା ବହୁ ପଛରେ ରହିଛି। ଏଠାରେ ଯୁବକମାନଙ୍କ ରୋଜଗାର ପାଇଁ ଛୁଞ୍ଚି ତିଆରି କାରଖାନାଟିଏ ମଧ୍ୟ ନିର୍ମାଣ ହେଲା ନାହିଁ। ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ଏହି ଜିଲାରୁ ହୋଇଥିଲେ ହେଁ ମେଡିକାଲ କଲେଜ ହୋଇ ପାରିଲା ନାହିଁ। ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ । ଏଥିସହ ଗୋଟିଏ ଅଟୋ ମୋବାଇଲ ପ୍ରକଳ୍ପ ନିର୍ମାଣ ହେବ ବୋଲି କେନ୍ଦ୍ରାପଡା ଜିଲା ପାଟକୁରା ନିର୍ବାଚନମଣ୍ଡଳୀରେ ବୁଧବାର ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମାର୍ଶାଘାଇ ବ୍ଲକର କରିଲୋପାଟଣା ହାଟ ପଡିଆଠାରେ ପୂର୍ବାହ୍ନରେ ଅନୁଷ୍ଠିତ ଏହି ସମାବେଶ ରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ସହ ଭାଜପାର କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା , ବରିଷ୍ଠ ନେତା ତଥା ପାଟକୁରା ବିଧାନସଭା ପ୍ରାର୍ଥୀ ବିଜୟ ମହାପାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । ଧର୍ମେନ୍ଦ୍ର ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି କହିଲେ ଯେ, ବିଜେଡିର ୧୯ ବର୍ଷ ଶାସନରେ ଏହି ଜିଲାର ବିକାଶ ହୋଇ ନ ଥିବା ବେଳେ ପୁଣି ସମୟ ମାଗୁଛନ୍ତି । ଆଗାମୀ ନିର୍ବାଚନରେ ସ୍ୱାଭିମାନୀ କେନ୍ଦ୍ରାପଡାବାସୀ ଏହାର ଉଚିତ ଜବାବ ଦେବେ ବୋଲି ସେ ଚେତାଇ ଦେଇଥିଲେ । ସେହିପରି କେନ୍ଦ୍ରାପଡାରେ ମେଡିକାଲ କଲେଜ ହେବା ବିଜୁବାବୁଙ୍କ ସ୍ୱପ୍ନ ଥିବା ବେଳେ ତାହାକୁ ମୁଖ୍ୟମନ୍ତ୍ରୀ ଏଯାଏଁ ପୂରଣ କରି ପାରିଲେ ନାହିଁ । ଉପକୂଳ ଜାତୀୟ ରାଜପଥ ନିର୍ମାଣରେ ରାଜ୍ୟ ସରକାର ବାଧକ ସାଜିଥିବା ବେଳେ ହରିଦାସପୁର –ପାରାଦୀପ ରେଳ ଲାଇନ କାମରେ ଅନ୍ତରାୟ ସାଜିଛନ୍ତି । ଭାଜପା କ୍ଷମତାକୁ ଆସିଲେ ଏଠିକାର ଯୁବକ ଆଉ ଦାଦନ ଖଟିବାକୁ ନ ଯାଇ ନିଜ ଅଞ୍ଚଳରେ ରୋଜଗାରକ୍ଷମ ହୋଇପାରିବେ । ରାଜ୍ୟରେ ନାବାଳିକା, ମହିଳାମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏଣୁ ଏଥର ନିର୍ବାଚନରେ ପାଟକୁରା ଆସନରେ ବିଜୟ ଓ କେନ୍ଦ୍ରାପଡା ଲୋକସଭା ଆସନରେ ବୈଜୟନ୍ତଙ୍କୁ ଜିତାଇବା ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ ।



ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ତଥା ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ କହିଥିଲେ ରାଜ୍ୟରେ ପିସି ସରକାର ଚାଲିଛି । ଏମ୍‌ପି ଫଣ୍ଡରେ ଲୋକଙ୍କ ପାଇଁ ପାଣିଟାଙ୍କି,ମିନି ଷ୍ଟାଡିୟମ କରାଗଲା । ସେହି କାମରେ ପିସି ନ ଦେବାରୁ ଢେଲା ପଥର ,ଅଣ୍ଡା ମାଡ ହେଲା । ରାଜ୍ୟରେ ଗୁଣ୍ଡାରାଜ,ଦୁର୍ନୀତି ବଢି ଚାଲିଥିବା ସେ ଅଭିଯୋଗ କରିଥିଲେ। ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର ପାଟକୁରା ନିର୍ବାଚନମଣ୍ଡଳୀ ରାସ୍ତା, ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପଛରେ ପଡି ରହିଥିବା କହି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ । ଜନ୍ମମାଟିରୁ ଏହା ମୋର ଶେଷ ନିର୍ବାଚନ ବୋଲି ସେ ଘୋଷଣା କରିବା ସହିତ ଲୋକଙ୍କୁ ଭୋଟ ଭିକ୍ଷା କରିଥିଲେ। ଏହି ସମାବେଶରେ ଗରଦପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ନାରାୟଣ ପ୍ରସାଦ ସ୍ୱାଇଁ ନିଜର ଶତାଧିକ ସମର୍ଥକମାନଙ୍କ ସହିତ ଭାଜପାରେ ଯୋଗ ଦେବା ସହିତ ପାଟକୁରା ମାଟିର ପୁଅକୁ ଜିତାଇବା ପାଇଁ ଆହ୍ୱାନ ଦେଇଥିଲେ । ଗରଦପୁରର ପୂର୍ବତନ ଅଧ୍ୟକ୍ଷ ଲିଲିପ୍ରଭା ସ୍ୱାଇଁ,ମାର୍ଶାଘାଇ ବ୍ଲକ ଜଳପୋକ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୟ ପଟ୍ଟନାୟକ,ପୂର୍ବତନ ସମିତି ସଭ୍ୟ ବ୍ରଜ ସାହୁ, ପୂର୍ବତନ ସରପଞ୍ଚ ବିଜୟ ବାରିକ,ରେଣୁବାଳା ବେହେରା,ପ୍ରଭାତ ଖୁଣ୍ଟିଆ,ହୃଦୟ ସୂତାର,ଗିରଦ୍ଧନ ସାହୁ,ଅଶୋକ ବେହେରା,ବାଇନ ନାୟକ,ସୁଶୀଲ ପରିଡ଼ା, ଗିରିଜା ପରିଡ଼ା, ମେହେନ୍ଦିନଗରର ଯୁବନେତା ରଶ୍ମିରଞ୍ଜନ ପରିଡା,ଛୋଟି ପଞ୍ଚାୟତର ସମିତି ସଭ୍ୟ ନଳିନୀକାନ୍ତ ସ୍ୱାଇଁ ୫୦୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ସହିତ ଭାଜପାରେ ମିଶିଥିଲେ। ଏହି ସମାବେଶରେ ରାଜ୍ୟ ଭାଜପା ଉପସଭାପତି ଭୂବନ ମୋହନ ଜେନା, ଡେରାବିଶ ବ୍ଲକ ଅଧ୍ୟକ୍ଷ ସରୋଜ ସାହୁ, ସୁକାନ୍ତ ଦ୍ୱିବେଦୀ, ଉମାକାନ୍ତ ପଟ୍ଟନାୟକ, ଉମାକାନ୍ତ ନାୟକ.ଅହଲ୍ୟା ଲେଙ୍କା ପ୍ରମୁଖ ଯୋଗଦେଇଥିଲେ । ଏଥିରେ ଜିଲା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁ ସଭାପତିତ୍ୱ କରିଥିଲା ବେଳେ ଗଣେଶ ଚନ୍ଦ୍ର ସାମଲ ମଞ୍ଚ ପରିଚାଳନା କରିଥିଲେ। ମାନସ ମହାନ୍ତି ଧନ୍ୟବାଦ ଦେଇଥିଲେ। ସମାବେଶରେ ପ୍ରାୟ ୮ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ , ନେତା ଓ କର୍ମୀ ଉପସ୍ଥିତ ଥିଲେ ।

# ଅନୁଭବ, ଧ୍ରୁବଙ୍କ ରୋଡଶୋ’

**ରାଜନଗର, ୧୭।୪(ଡିଏନଏ)**

ରାଜନଗର ନିର୍ବାଚନମଣ୍ଡଳୀର ୩୨ନଂ ଜୋନରେ ବିଜୁ ଜନତା ଦଳ ପକ୍ଷରୁ ବୁଧବାର ରୋଡଶୋ କରାଯାଇଛି। ବିଧାନସଭା ପ୍ରାର୍ଥୀ ଧ୍ରୁବ ଚରଣ ସାହୁ ଓ କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ତଥା ଅଭିନେତା ଅନୁଭବ ମହାନ୍ତି ମିଳିତ ଭାବେ ରୋଡଶୋ କରି ନିର୍ବାଚନ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ରୋଡଶୋ ବେଳେ ବିଭିନ୍ନ ଛକ ଓ ପଞ୍ଚାୟତଗୁଡିକରେ ଲୋକେ ଉଭୟଙ୍କୁ ସ୍ୱାଗତ କରିବା ସହିତ ବିପୁଳ ଜନସମର୍ଥନ ମିଳିବାର ଦେଖିବାକୁ ମିଳିଥିଲା । ବିଭିନ୍ନ ସ୍ଥାନରେ କଂଗ୍ରେସ ଓ ଭାଜପା କର୍ମୀମାନେ ଦଳ ଛାଡି ବିଜେଡିରେ ମିଶିବା ସହ ରୋଡଶୋରେ ସାମିଲ ହୋଇଥିଲେ। ଘଡିଆମାଳ ପଞ୍ଚାୟତର ହଂସିଣା ସେତୁ ଠାରେ ଦଳୀୟ କର୍ମୀମାନେ ମୋଟର ସାଇକେଲ ଶୋଭାଯାତ୍ରାରେ ଆସି ଦୁଇନେତାଙ୍କୁ ପାଛୋଟି ନେଇଥିଲେ। ଘଡିଆମାଳ,ଇଶ୍ୱରପୁର, ଖମାରସାହି, ଡାଙ୍ଗମାଳ, କୃଷ୍ଣନଗର, ତାଳଚୁଆ,ବାଘମାରି, ରଙ୍ଗଣୀ, କେରୁଆଁପାଳ ପ୍ରଭୃତି ପଞ୍ଚାୟତ ପରିକ୍ରମା କରି ଦଳ ପାଇଁ ଭୋଟଭିକ୍ଷା କରିଥିଲେ । ଇଶ୍ୱରପୁର ପଞ୍ଚାୟତର ଜୁନୁସନଗର, ତାଳଚୁଆ ପଞ୍ଚାୟତର ଡାଲଖାଇ, ବାଘମାରି ପଞ୍ଚାୟତର ରାଧାମାଳୀପୁର, କେରୁଆଁପାଳ ପଞ୍ଚାୟତର ଦେଉଳସାହି ଓ ରଙ୍ଗଣୀ ବଜାରରେ ପଥପ୍ରାନ୍ତ ସଭା କରି ଦୁଇ ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରାରେ ସାମିଲ ହେବା ପାଇଁ ନିବେଦନ କରିଥିଲେ। ଲୋକସଭା ପ୍ରାର୍ଥୀ ଅନୁଭବ ପଥପ୍ରାନ୍ତ ସଭାରେ ଯୋଗଦେଇ କହିଲେ ଯେ, ଏ ଅଞ୍ଚଳରେ ଯାହା ବିକାଶ ହୋଇଛି, ବିଜେଡି ସରକାର ସମୟରେ ହୋଇଛି। ଆଉ ଯାହା ବାକି ଅଛି ତାକୁ ପୂରଣ କରିବାକୁ ଉଦ୍ୟମ ଜାରି ରଖିବୁ ବୋଲି କହିଥିଲେ। ଏହି ଅବସରରେ ବିଧାୟକ ପ୍ରାର୍ଥୀ ସାହୁ କହିଲେ ଯେ, ରାଜନଗରକୁ ଗୋଟିଏ ପରିବାର ଦୀର୍ଘ ବର୍ଷ ଧରି ଶାସନ କରିଛି। ଶାସନ ସମୟରେ ଅଞ୍ଚଳର ସେଭଳି ବିକାଶ ହୋଇନାହିଁ ବୋଲି କହି କଂଗ୍ରେସକୁ ସମାଲୋଚନା କରିଥିଲେ। ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମତି ଅଧ୍ୟକ୍ଷ ଜୟୀରାମ ସେଠୀ, ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀଧର ଲେଙ୍କା, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ଲତିକା ସାହୁ, ସୁଦର୍ଶନ ଦାସ, ରବିନ୍ଦ୍ର ନାଥ ସେଠୀ, କୁମାରୀ ସବିତା ସେଠୀ, ରବିନ୍ଦ୍ର କୁମାର ସେଠୀ, ବ୍ଲକ ବିଜେଡି ଉପସଭାପତି ଅରୁଣ କୁମାର ସାହୁ, ଗଣେଶ ଚନ୍ଦ୍ର ଗୁଡିଆ, ନିରଞ୍ଜନ ରାଉତ, ରତିକାନ୍ତ ସେଠୀ, ପର୍ଶୁରାମ ବାରିକ, ସୁକଦେବ ପ୍ରଧାନ, ବଳରାମ ମଣ୍ଡଳ, ସପନ କୁମାର ମାଇତିଙ୍କ ସମେତ ଶତାଧିକ କର୍ମୀ ଏହି ରୋଡଶୋରେ ସାମିଲ ହୋଇଥିଲେ।



ସମର୍ଥକଙ୍କ ଗହଣରେ ଅନୁଭବ ଓ ଧ୍ରୁବ ରୋଡଶୋ’ରେ ଯାଉଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପର ନୋ ପର**
**ବାହାରିଯାଏ ଦିନ ଦି’ପହର ।**

ପର ସବୁବେଳେ ପର। ଯେତେ ସ୍ନେହ ଦେଖାଇଲେ ମଧ୍ୟ ଏହାର ପ୍ରଭାବ ତାଙ୍କ ଉପରେ ପଡ଼ି ନ ଥାଏ। ସେମାନେ କେବେ ନିଜ ରକ୍ତ ପରି ଆପଣାର ହୋଇ ପାରି ନ ଥାନ୍ତି। ଟିକିଏ ଟିକିଏ କଥାରେ ରାଗ ରୁଷା କରି ଘରଛାଡ଼ି ପଳାଇ ଯାଇଥାନ୍ତି। ପରୋକ୍ଷରେ ପୋଷ୍ୟପୁତ୍ରର ଆନୁଗତ୍ୟ ପ୍ରତି ସନ୍ଦେହ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପ୍ରାଣେ ରଖି ଶତ୍ରୁକୁ ସାଧିବ,**
**ଭୂଇଁ କି ସାଧିବ ଚାଷେ ।**

ଶତ୍ରୁକୁ ପ୍ରାଣ ବା ଜୀବନରେ ନ ମାରି ତା’ ଉପରେ ପ୍ରତିଶୋଧ ନେବା ହିଁ ଅସଲ ବିଜୟ ହୋଇଥାଏ। ସେହିପରି ଜମିକୁ ହଳ ଲଙ୍ଗଳରେ ଚାଷ କଲେ ଜମି ଉର୍ବର ହୋଇଥାଏ ଓ ସେଥିରୁ ଭଲ ଫସଲ ମିଳିବାର ସମ୍ଭାବନା ରହିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଈଶ୍ୱରପୁର ପଞ୍ଚାୟତର ୨୫୦ କଂଗ୍ରେସ ପରିବାର ବିଜେଡିରେ ସାମିଲ

**ରାଜନଗର,୧୭।୪(ଡିଏନଏ)**

ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାଜନଗର ବ୍ଲକ ଇଶ୍ୱରପୁର ପଞ୍ଚାୟତର ୨୫୦ କଂଗ୍ରେସ ପରିବାର କଂଗ୍ରେସ ଦଳ ଛାଡି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଏହି ଅଞ୍ଚଳରେ ନିର୍ବାଚନ ଆସନ୍ତା ୨୯ ତାରିଖରେ ହେବାକୁ ଥିବା ବେଳେ ଗୋଟିଏ ପଞ୍ଚାୟତର ୨୫୦ କଂଗ୍ରେସ ପରିବାର ଶଙ୍ଖ ଧରିବା ଯୋଗୁ କଂଗ୍ରେସ ସମର୍ଥକଙ୍କୁ ଶକ୍ତ ଧକ୍କା ଲାଗିଛି। କଂଗ୍ରେସ ପରିବାର ଏକ ସମୟରେ ବିଜେଡିରେ ସାମିଲ ହେବା ପରେ ବିଜେଡି ଶିବିରରେ ଉତ୍ସାହ ଦେଖାଦେଇଛି। ଏହି ଉପଲକ୍ଷେ ଇଶ୍ୱରପୁର ପଞ୍ଚାୟତର ଜୁନୁସନଗର ଠାରେ ବୁଧବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ଅନୁଭବ ମହାନ୍ତି ଓ ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ଚରଣ ସାହୁଙ୍କ ଉପସ୍ଥିତିରେ ସମସ୍ତ କଂଗ୍ରେସ ପରିବାର ବିଜେଡିରେ ସାମିଲ ହୋଇଥିଲେ। ଯୁବନେତା ମୋହନ ଚନ୍ଦ୍ର ବିଶ୍ୱାଳ, ଧିରେନ୍ଦ୍ର ନାଥ ମହାକୁଡ, ରାଜୀବ ଲୋଚନ ପାଲ, ଶ୍ରୀକୃଷ୍ଣ ସେଠୀ, ଭାନୁ ଚନ୍ଦ୍ର ଜାନା, ମଧୁସୂଦନ ଜେନାଙ୍କ ନେତୃତ୍ୱରେ ଗୋବିନ୍ଦ ଜାନା, ଗୌରାଙ୍ଗ ଜାନା, ଭରତ ଜାନା, ଘନଶ୍ୟାମ ଜାନା, ଖୋକନ ଜାନା, ପ୍ରଭାସ ମଣ୍ଡଳ, କାଳୀପଦ ବର, ପୁଲିନ ମଣ୍ଡଳ, ନିରଞ୍ଜନ ମଣ୍ଡଳ, ଶ୍ରୀମନ୍ତ ସେଠୀ, ସୁକୁମାର ମାଇତି, ଜୟଦେବ ପାଲ, ପଶୁପତି ଧାଉଡିଆ, ରବିନ୍ଦ୍ର ଧାଉଡିଆ, ସୁବିମଳ ଧାଉଡିଆ, ଲାଲମୋହନ ପ୍ରଧାନ, ଗଣେଶ ପ୍ରଧାନ, ବଙ୍କିମ ଜାନା, ସଞ୍ଜୟ ପରିଡା, ଅରବିନ୍ଦ ଦାସ, ଗଣେଶ ଜାନାଙ୍କ ସମେତ ଅନ୍ୟ ପରିବାର ଶଙ୍ଖ ଧରିଛନ୍ତି। ନବୀନ ପଟ୍ଟନାୟକଙ୍କ ବିକାଶ ଧାରା ଓ ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ବିଜେଡିରେ ସାମିଲ ହୋଇଥିବା ଏହି ପରିବାରଗୁଡିକ କହିଛନ୍ତି । ବିଧାୟକ ଓ ଲୋକସଭା ପ୍ରାର୍ଥୀ ଦଳର ନୂତନ ସଦସ୍ୟଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀଧର ଲେଙ୍କା, ପଞ୍ଚାୟତ ସଭାପତି ଶୁଭ୍ରକାନ୍ତ ଭ୍ରମରରାୟ, ଯୁବନେତା ଜିତେନ୍ଦ୍ର ବିଶ୍ୱାଳ, ଚିତ୍ତ ରଞ୍ଜନ ମାଇତି, ରାଜୀବ ଲୋଚନ ଭକ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ମାର୍ଶାଘାଇରେ ବିଶ୍ୱଶାନ୍ତି ଯଜ୍ଞ

**ମାର୍ଶାଘାଇ, ୧୭।୪ (ଡିଏନଏ)**

ମାର୍ଶାଘାଇ ଗାଁ ହନୁମାନ ମନ୍ଦିର ପରିସରରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଲୁଣା ନଦୀରୁ ଜଳ ଅଣାଯାଇ ଯଜ୍ଞସ୍ଥଳରେ ସ୍ଥାପନ କରାଯାଇଥିଲା। ଶୁକ୍ରବାର ଯଜ୍ଞ ମଣ୍ଡପ ନିକଟ ବନ୍ଧରେ ବୃକ୍ଷରୋପଣ କରାଯାଇଥିଲା। ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ସମୁହ ଦୀପଦାନ କରାଯାଇଥିଲା । ଶନିବାର ସନ୍ଧ୍ୟାରେ ୧୦୮ ହନୁମାନ ଚାଳିଶା ପଠନ ପରେ ପୂର୍ଣ୍ଣାହୁତି ଦିଆଯାଇ ଯଜ୍ଞ ଉଦ୍‌ଯାପିତ ହୋଇଥିଲା। ଏହି ଧାର୍ମିକ କାର୍ଯ୍ୟରେ ପୂଜା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


# CLASSIFIED DISPLAY

## MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165




ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ , ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
7310644620
7310644390
PETUMALI, JHARMUNDA, PETUPALI, BARGARH, ODISHA- 768034

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 40,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Cannaught Place, Delhi.

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

FINANCE
ACB ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
9058692160
7467886694

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟୀକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address:
Narsingpur, Bhogarai, Balasore
Mob: 8860754194, 7835948917




SMS JOB
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ
୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା
Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639




GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ଭାରତର ନଂ.୧
INDUS NETWORK COMPANY
(Govt. Regd.) ଦ୍ୱାରା ନିଜର ଖାଲି ପଡ଼ିଥିବା ଜମିରେ ଡିଜିଟାଲ୍ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ୭୦ ଲକ୍ଷ ଆଡ୍‌ଭାନ୍ସ + ୭୦,୦୦୦ ଭଡ଼ା + ଏଗ୍ରିମେଣ୍ଟ + ୧ ବାଇକ୍ ।
Helpline Numbers
9430834074
8709556494
House No.267, Friends Colony, New Delhi-6


ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ସୁନନ୍ଦାଙ୍କ ଜୋରଦାର ପ୍ରଚାର

ରତ୍ନଗିରି,୧୭।୪(ଡିଏନଏ)- ବରୀ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥିନୀ ବୁଧବାର ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଯାଜପୁର ବ୍ଲକର ସାନ ସୁଆର, ବଡ ସୁଆରଠାରେ ପହଞ୍ଚି ନିଜର ପ୍ରଚାର କାର୍ଯ୍ୟ କରିଥିଲେ। ଯାଜପୁର ବ୍ଲକର ସାନସୁଆର, ବଡସୁଆର ପଞ୍ଚାୟତରେ ପୂର୍ବତନ ଶକ୍ତିମନ୍ତ୍ରୀ ପ୍ରଣବ ପ୍ରକାଶ ଦାସଙ୍କ ଦବଦବା ଥିବାରୁ ସେଠାରେ ସୁନନ୍ଦାଙ୍କୁ ପ୍ରଚାର କ୍ଷେତ୍ରରେ ବହୁ ଦଳୀୟ କର୍ମୀ ସହଯୋଗ କରିଥିବା ଦେଖିବାକୁ ମିଳିଥିଲା। ନିର୍ବାଚନ ପାଖେଇ ଆସୁଥିବା ବେଳେ ଶାସକ ଦଳ ବରୀ ନିର୍ବାଚନମଣ୍ଡଳୀର ପ୍ରାର୍ଥିନୀଙ୍କୁ ବିଜୟ ଲାଭ କରିବା କ୍ଷେତ୍ରରେ ଅଣ୍ଟା ଭିଡୁଥିବା ବେଳେ ଆଗାମୀ ଦିନରେ ଏଠାରେ ତ୍ରିମୁଖୀ ଲଢେଇ ହେବାର ସ୍ପଷ୍ଟ ସୂଚନା ମିଳିଛି।

### କଂଗ୍ରେସର ମିଶ୍ରଣ ପର୍ବ

ଯାଜପୁରରୋଡ଼,୧୭।୪(ନି.ପ୍ର)– କୋରେଇ ବ୍ଲକର ନିର୍ବାଚନମଣ୍ଡଳୀର ପଛିକୋଟ ପଞ୍ଚାୟତରେ ବିଜେଡି ପରିତ୍ୟାଗ କରି ୪୦ରୁ ଅଧିକ ବରିଷ୍ଠ କର୍ମୀ କଂଗ୍ରେସ ପ୍ରାର୍ଥୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱକୁ ସମର୍ଥନ ଜଣାଇ କଂଗ୍ରେସରେ ସାମିଲ ହୋଇଛନ୍ତି। ଏ ସମ୍ପର୍କରେ ଏକ ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ପ୍ରାର୍ଥିନୀ ବନ୍ଦିତା ପରିଡ଼ା କହିଥିଲେ ଯେ, କୋରେଇରେ କଂଗ୍ରେସ ଆସିଲେ ଦୁର୍ନୀତି, ଭ୍ରଷ୍ଟାଚାର, ହଟିବା ସହିତ କଂଗ୍ରେସର ଇସ୍ତାହାରକୁ କାର୍ଯ୍ୟକାରୀ କରାଯିବ। ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆଉ ଲାଞ୍ଚ ଦେବାକୁ ପଡ଼ିବ ନାହିଁ ବୋଲି ସେ କହିଥିଲେ। କୋରେଇରେ କଂଗ୍ରେସକୁ ଜିତାଇବା ପାଇଁ ପ୍ରତ୍ୟେକ କର୍ମୀମାନେ ଭୋଟରଙ୍କ ପାଖକୁ ଯାଇ କଂଗ୍ରେସର ଇସ୍ତାହାର ସମ୍ପର୍କରେ ପ୍ରଚାର କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କୋରେଇ ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ ପ୍ରମୁଖ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

### ମହାବୀର ଜୈନଙ୍କ ବାର୍ଷିକ ଜୟନ୍ତୀ

ଯାଜପୁରରୋଡ଼,୧୭।୪(ନି.ପ୍ର)- ମାରୱାଡି ସମାଜ ତରଫରୁ ଶ୍ରୀମହାବୀର ଜୈନ ଜୟନ୍ତୀ ଉତ୍ସବ ମଙ୍ଗଳବାର ମହାସମାରୋହରେ ପାଳିତ ହୋଇଥିଲା। ମହାବୀର ଭଗବାନଙ୍କୁ ଜୈନ ସମ୍ପ୍ରଦାୟର ମାରୱାଡ଼ିମାନେ ଏକ ରଥରେ ବସାଇ ସହର ପରିକ୍ରମା କରିଥିଲେ। ଏହାପରେ ସ୍ଥାନୀୟ ନନ୍ଦରାମ ବାଟିକାଠାରେ ଏକ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମହାବୀର ଜୈନଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ମୃତି ଜୈନ, ରବୀନ୍ଦ୍ର ଜୈନ, ପଦ୍ମ ଚରଣ ସେଠ୍ ପ୍ରମୁଖ ମହାବୀର ଜୈନଙ୍କ ଧର୍ମରେ ଅନୁପ୍ରାଣିତ ହୋଇ ତାଙ୍କର ବାଣୀକୁ ପାଳନ କରିବା ପାଇଁ ଆହ୍ୱାନ ଦେଇଥିଲେ।

# ମଇଦାନରେ ଜୋର ଧରିଲାଣି ତ୍ରିମୁଖୀ ଲଢ଼େଇ

**ବିଞ୍ଝାରପୁର ନିର୍ବାଚନମଣ୍ଡଳୀ**

- ପ୍ରମିଳାଙ୍କୁ କାଳିଆ ଯୋଜନା ହୋଇପାରେ ସହାୟକ
- ମୋଦିଙ୍କ କ୍ରେଜ୍ ସାହାରାରେ ବିଜୟୀ ଆଶାରେ ବବିତା
- ସଂଗଠନ ସଜାଡୁଛନ୍ତି ମନୋରଞ୍ଜନ

ଦଶରଥପୁର,୧୭।୪(ଡିଏନ୍ଏ) ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି କର୍ମୀ ଓ ଭୋଟରଙ୍କ ମଧ୍ୟରେ ସେତେ ଉତ୍ସାହ ଉଦ୍ଦୀପନା ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ପ୍ରାର୍ଥୀମାନେ ନିର୍ବାଚନମଣ୍ଡଳୀରେ ଘର ଘର ବୁଲି ଭୋଟରଙ୍କୁ ନିଜ ଆଡକୁ ପ୍ରଭାବିତ କରିବାରେ ଲାଗି ପଡିଛନ୍ତି। ସଂରକ୍ଷିତ ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ଏଥର ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ରାଜନୈତିକ ସମୀକ୍ଷକମାନେ ପୂର୍ବାନୁମାନ କରିଛନ୍ତି। ଏହି ଆସନରେ ପ୍ରମିଳା ମଲ୍ଲିକ ସପ୍ତମଥର ପାଇଁ ବିଧାନସଭା ପ୍ରାର୍ଥୀ ହୋଇଛନ୍ତି। ପ୍ରମିଳାଙ୍କୁ ୨୦୦୯ ଏବଂ ୨୦୧୪ ନିର୍ବାଚନରେ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବବିତା ମଲ୍ଲିକ ଏବେ ଭାଜପାରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ଭୋଟହାରରେ ଗତ ୪ଟି ସାଧାରଣ ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ରହିଆସୁଥିବା କଂଗ୍ରେସ ଏଥର ନୂଆ ମୁହଁ ମନୋରଞ୍ଜନ ଦାସଙ୍କ ଉପରେ ଭରସା କରିଛି। ଏହି ନିର୍ବାଚନମଣ୍ଡଳୀର ପୂର୍ବ ସାଧାରଣ ନିର୍ବାଚନଗୁଡିକୁ ଅନୁଧ୍ୟାନ କଲେ ଭାଜପା କେବେ ବି ଏଠାରେ ଖାତା ଖୋଲିପାରି ନ ଥିବାବେଳେ ଭୋଟହାରରେ ମଧ୍ୟ ପଛୁଆ ରହିଆସିଛି। ୧୯୯୫ ସାଧାରଣ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରୁ ଜନତା ଦଳରୁ ପ୍ରାର୍ଥୀ ହୋଇଥିବା ପ୍ରମିଳାଙ୍କୁ ହରାଇ କଂଗ୍ରେସର ଅର୍ଜୁନ ଦାସ ବିଜୟୀ ହୋଇଥିଲେ। ୨୦୦୦ ପରଠାରୁ ଏଠାରେ କଂଗ୍ରେସ କେବଳ ୨ୟ ସ୍ଥାନରେ ରହିଆସୁଛି। ବିଞ୍ଝାରପୁର ବ୍ଲକର ୨୯ ଏବଂ ଦଶରଥପୁରର ୧୫ ପଞ୍ଚାୟତକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ପୂର୍ବ ସାଧାରଣ ନିର୍ବାଚନ ଭୋଟହାରକୁ ତୁଳନା କଲେ ପ୍ରାର୍ଥୀଙ୍କ ବିଜୟ କ୍ଷେତ୍ରରେ ଦଶରଥପୁର ବ୍ଲକର ୧୫ପଞ୍ଚାୟତ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଆସୁଛି। ୩ ଦଳର ପ୍ରାର୍ଥୀ ବିଭିନ୍ନ ପ୍ରସଙ୍ଗକୁ ନେଇ ଏଥର ନିର୍ବାଚନ ବୈତରଣୀ ପାର ହେବାକୁ ରଣ କୌଶଳ ଆରମ୍ଭ କରିଦେଇଛନ୍ତି। ସମସ୍ତ ପ୍ରାର୍ଥୀ ନିଜ ସପକ୍ଷରେ ଡୋର କ୍ୟାମ୍ପେନ୍ ଆରମ୍ଭ କରିଥିବାବେଳେ କେତେକ ସ୍ଥାନରେ ଭୋଟରମାନେ ମଧ୍ୟ ପ୍ରାର୍ଥୀଙ୍କୁ ପ୍ରଶ୍ନବାଣରେ ଘାଇଲା କରୁଥିବା ଦେଖାଯାଇଛି। ୨ମାସ ତଳୁ ଚାଷୀଙ୍କୁ ସହାୟତା ଯୋଗାଇ ଦେବା ନାମରେ ରାଜ୍ୟ ସରକାର ଆରମ୍ଭ କରିଥିବା କାଳିଆ ଯୋଜନା ଯୋଗୁ ବିଜେଡିକୁ ବହୁମୂଲ୍ୟ ଦେବାକୁ ପଡିବ ବୋଲି ଚର୍ଚ୍ଚା ହେଉଥିଲା। ମାତ୍ର ରାଜ୍ୟ ସରକାର କାଳିଆ ଯୋଜନାରୁ ବଞ୍ଚିତ ଚାଷୀଙ୍କୁ ସରକାର ଗଠନର ପ୍ରଥମ ଦିନରେ ଏକ ସଙ୍ଗେ ୨ଟି କିସ୍ତିର ୧୦ହଜାର ଟଙ୍କା ଆକାଉଣ୍ଟକୁ ଯୋଗାଇ ଦିଆଯିବ ବୋଲି ନିର୍ବାଚନୀ ଇସ୍ତାହାର ପତ୍ରରେ ଘୋଷଣା କରିଛନ୍ତି। ତେବେ ଏହି ପ୍ରତିଶ୍ରୁତି ତାଙ୍କୁ କେତେଦୂର ସହାୟକ ହେଉଛି ତାହା ସମୟ କହିବ। ଅପରପକ୍ଷରେ କାଳିଆ ପାଇଁ ଅଡୁଆରେ ଥିବା ପ୍ରମିଳାଙ୍କ ଲାଗି ଏହା ସହାୟକ ହୋଇପାରେ ବୋଲି ଦଳୀୟ କର୍ମୀମାନେ ଆଶା ବାନ୍ଧିଛନ୍ତି। ସେହିପରି ବବିତା ଏଥର ମୋଦିଙ୍କ କ୍ରେଜ୍‌ରେ ନିର୍ବାଚନ ବୈତରଣୀ ପାର ହେବାକୁ ଆଶା ବାନ୍ଧିଛନ୍ତି। ଏହି ନିର୍ବାଚନମଣ୍ଡଳୀର ଭୋଟହାରରେ ଦ୍ୱିତୀୟ ସ୍ଥାନରେ ରହିଆସୁଥିବା କଂଗ୍ରେସ ଏଥର ଜଣେ ପୂର୍ବତନ ଛାତ୍ରନେତାଙ୍କୁ ଟିକେଟ୍ ଦେଇ ସଂଗଠନକୁ ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ କରି ବିଜୟବାନା ଉଡାଇବାରେ ଲାଗି ପଡ଼ିଥିବା ଦେଖିବାକୁ ମିଳିଛି। ସବୁ ଦଳର ପ୍ରାର୍ଥୀ ନିଜର ବିଜୟ ପାଇଁ ପ୍ରାଣପଣେ ଉଦ୍ୟମ ଚଳାଇଥିବା ବେଳେ ଭୋଟର କାହା ମୁଣ୍ଡରେ ସୁନା କଳସ ଢାଳୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ମୈଥାନ ଇସ୍ପାତ କାରଖାନାରେ ଶ୍ରମିକ ଅଶାନ୍ତି
# ବାଣିଜ୍ୟ ନିର୍ଦ୍ଦେଶିକାଙ୍କୁ ଘେରିଲେ କର୍ମଚାରୀ

କଳିଙ୍ଗନଗର,୧୭।୪(ଡି.ଏନ୍.ଏ.)

କଳିଙ୍ଗନଗର ମୈଥାନ ଇସ୍ପାତ କାରଖାନାରେ ମଙ୍ଗଳବାର ଶ୍ରମିକ ଆଶାନ୍ତି ଦେଖାଦେଇଛି। ୪ ମାସର ବକେୟା ଦରମା ପ୍ରଦାନ ଦାବିରେ ଶ୍ରମିକମାନେ କାରଖାନା ବାଣିଜ୍ୟ ବିଭାଗ ନିର୍ଦ୍ଦେଶିକା ସିପ୍ରା ସିଂଙ୍କୁ ଘେରାଉ କରିଥିଲେ। ଖବର ପାଇ କାରଖାନା କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି କଳିଙ୍ଗନଗର ମଜଦୁର ୟୁନିୟନ ସହ ଆଲୋଚନା କରିଥିଲେ। ଆସନ୍ତା ୨୨ ତାରିଖରେ କର୍ମଚାରୀଙ୍କ ୧ ମାସର ଦରମା ପ୍ରଦାନ ପାଇଁ କାରଖାନା ମାନବସମ୍ବଳ ବିଭାଗ ମହାପ୍ରବନ୍ଧକ ଅକ୍ଷୟ କୁମାର ପଟ୍ଟନାୟକ ଶ୍ରମିକଙ୍କୁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କାରଖାନାରେ କାର୍ଯ୍ୟରତ କର୍ମଚାରୀ ଜାନୁୟାରୀରୁ ସେମାନଙ୍କ ବକେୟା ଦରମା ପାଇ ନାହାନ୍ତି। ଏ ନେଇ ବହୁବାର ଦାବି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରି ନ ଥିଲା। ମଙ୍ଗଳବାର ନିର୍ଦ୍ଦେଶିକା ସିପ୍ରା ସିଂ କାରଖାନା ଭ୍ରମଣରେ ଆସିଥିବା ଖବର ପାଇ ୪ ଶହରୁ ଉର୍ଦ୍ଧ୍ୱ କର୍ମଚାରୀ ତାଙ୍କୁ ଦୀର୍ଘ ସମୟଧରି ଘେରାଉ କରିଥିଲେ। ପ୍ରକାଶ ଯେ, କାରଖାନାର ରୋଲିଂ ମିଲ୍, ପାୱାର ପ୍ଲାଣ୍ଟ ଏବଂ ଏସ୍ଏମ୍ଏସ୍ ସାଇଟ୍‌ରେ କଞ୍ଚାମାଲ ଅଭାବରୁ କାରଖାନା କର୍ତ୍ତୃପକ୍ଷ କର୍ମଚାରୀଙ୍କୁ ଦରମା ଦେବାରେ ବିଳମ୍ବ ହୋଇଥିବା ଜଣାପଡିଛି।


**ଜନ୍ମଦିନ ଶୁଭେଚ୍ଛା**



**ସସ୍ମିତା ତ୍ରିପାଠୀ (ରୁନୁ)**
ପ୍ଲଟ ନଂ–୨୪, ଭୀମପୁର, ଏୟାରପୋର୍ଟ ଏରିୟା, ଭୁବନେଶ୍ୱର
ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଅଛୁ କି ତୁମକୁ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ: ଗୁଗି, ମିମି, ମାମା, ଚାନ୍ଦିନୀ, ଲିଜା, ଲିପୁ, ଜ୍ଞାନ ଓ ପରିବାରବର୍ଗ।
ଧ–୬୬୦୮୯


## ଲୋକ ସଭା ଭାଜପା ପ୍ରାର୍ଥୀ ଅମୀୟଙ୍କ ନିର୍ବାଚନ ଇସ୍ତାହାର
# ସ୍ଥାନୀୟ ନିଯୁକ୍ତି ଉପରେ ଗୁରୁତ୍ୱ




ଖବରଦାତା ସମ୍ମିଳନୀରେ ଇସ୍ତାହାର ପ୍ରକାଶ କରୁଛନ୍ତି ଭାଜପା ଏମ୍‌ପି ପ୍ରାର୍ଥୀ ଅମିୟ ମଲ୍ଲିକ ।

ଯାଜପୁର ଟାଉନ,୧୭।୪(ଡି.ଏନ୍.ଏ)

ଯାଜପୁର ଲୋକସଭା ଭାଜପା ପ୍ରାର୍ଥୀ ଅମୀୟ ମଲ୍ଲିକ ବୁଧବାର ଏକ ଖବରଦାତା ସମ୍ମିଳନୀ କରି ତାଙ୍କ ନିର୍ବାଚନ ଇସ୍ତାହାର ପ୍ରକାଶ କରିଛନ୍ତି। ଯାଜପୁର ଜିଲାରେ ଥିବା ବିଭିନ୍ନ ମୌଳିକ ସମସ୍ୟା ଉପରେ ଗୁରୁତ୍ୱାରୋପ କରି ଜିଲା ପ୍ରଚୁର ଖଣିଜ, ଜଙ୍ଗଲ ଓ ପ୍ରାକୃତିକ ସମ୍ପଦରେ ଭରପୁର ରହିଛି। ମାତ୍ର ଏଠାରେ ସ୍ଥାନୀୟ ଯୁବକଙ୍କୁ ଅଣଦେଖା କରାଯାଇ ଅଣଓଡିଆଙ୍କୁ ଶିଳ୍ପାୟନରେ ନିଯୁକ୍ତି ପ୍ରଦାନ କରାଯାଉଛି। ସ୍ଥାନୀୟ ଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ସୁଯୋଗ ପ୍ରଦାନ କରାଯିବା ସହ ଗମନା ଗମନ, ଶିକ୍ଷା, କୃଷି, ଜଳସେଚନ, ସ୍ୱାସ୍ଥ୍ୟ, ଯୋଗାଣ ଆଦି ଦେଖାଦେଇଥିବା ସମସ୍ୟାକୁ ଦୂରୀକରଣ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ମଲ୍ଲିକ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ। ଯାଜପୁରବାସୀଙ୍କ ପାଇଁ ରେଳ ଲାଇନ ସର୍ଭେ କାର୍ଯ୍ୟ ଚାଲିଥିବା ବେଳେ ତାହା ତ୍ୱରାନ୍ୱିତ କରାଯାଇ ଭଦ୍ରକ ଧାମରା ଦେଇ ଏହି ଯୋଜନାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଆଯିବା ସହ ଜାତୀୟ ରାଜପଥ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ। ଯାଜପୁର ଲୋକସଭା ନିର୍ବାଚନ ମଣ୍ଡଳୀରୁ ପାର୍ଲାମେଣ୍ଟରେ ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତିମାନେ ଜିଲା ପାଇଁ କୌଣସି ଦାବି ଉପସ୍ଥାପନ କରୁ ନ ଥିବା ଯୋଗୁ ଜିଲା ସବୁକ୍ଷେତ୍ରରେ ଅବହେଳିତ ବୋଲି କହିଥିଲେ। ଯାଜପୁରବାସୀଙ୍କ ଉନ୍ନତି ପାଇଁ ଲଢେଇ ଜାରି ରଖିବେ ବୋଲି ତାଙ୍କ ଇସ୍ତାହାରରେ ପ୍ରକାଶ କରିଛନ୍ତି।

# ବିଶ୍ୱଙ୍କ ପାଇଁ ପ୍ରଚାରକୁ ଓହ୍ଲାଇଲା ବିଶ୍ୱସେନା

ରତ୍ନଗିରି,୧୭।୪(ଡିଏନଏ)

ବରୀ ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକଙ୍କ ସପକ୍ଷରେ ଏହି ନିର୍ବାଚନମଣ୍ଡଳୀର ବିଶ୍ୱସେନା ବୁଧବାର ପ୍ରଚାର କାର୍ଯ୍ୟ ଜୋରଦାର କରିଥିବା ଦେଖିବାକୁ ମିଳିଛି। ପ୍ରାର୍ଥୀଙ୍କ ଅନୁପସ୍ଥିତିରେ ଏହି ସେନାର କର୍ମୀମାନେ ଘରଘର ବୁଲି କେନ୍ଦ୍ର ସରକାରଙ୍କ କାର୍ଯ୍ୟକ୍ରମର ସଫଳତା ଓ ବିଶ୍ୱ ମଲ୍ଲିକଙ୍କ ବରୀର ବିକାଶ କ୍ଷେତ୍ରରେ ଏକମାତ୍ର ବିକଳ୍ପ ବୋଲି ଜନସାଧାରଣଙ୍କୁ ଅବଗତ କରୁଥିବା ଦେଖିବାକୁ ମିଳିଥିଲା। ବୋଦୁଅ ପଞ୍ଚାୟତର ପାଳସାହି, ପୋଡ଼ପଡା, ପଣ୍ଡାସାହି, ରତ୍ନଗିରି ପଞ୍ଚାୟତର ପଟଣା, ରାଉତ ସାହି, ଅଲିଆବାଦ ପ୍ରଭୃତି ଗ୍ରାମରେ ପ୍ରବଳ ଗରମ ସତ୍ତ୍ୱେ ଏହି କର୍ମୀମାନେ ଉତ୍ସାହିତ ହୋଇ କାର୍ଯ୍ୟକ୍ରମ ଜାରି ରଖିଥିବା ଦେଖିବାକୁ ମିଳିଥିଲା।

# ଜରୀରେ ବିଜେଡିର ପଦଯାତ୍ରା

ସିଂହପୁର,୧୭।୪(ଡିଏନଏ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରୀ ପଞ୍ଚାୟତର ଠାକୁରାଣୀ ଓ ନେମରା ଜଗନ୍ନାଥ ମନ୍ଦିରରୁ ବୁଧବାର ବିଜେଡି ପକ୍ଷରୁ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜରୀ ପଞ୍ଚାୟତର ବିଜେଡି ସଭାପତି ଉମାକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ୩ଶହ ବିଜେଡି କର୍ମୀ ଓ ମହିଳା ଘର ଘର ବୁଲି ବିଜୁ ଜନତା ଦଳର ଜନହିତ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ନନ୍ଦକିଶୋର ମଲିକ, କ୍ଷେତ୍ରବାସୀ ଜେନା, ପ୍ରମୋଦ ସାମଲ, ଭମର ବର ମଲିକ, ରଥସାମଲ, କଲ୍ୟାଣ ଦାସ, ମାୟାଧର ଦାସ, ବିନୋଦ ଦାସ, ଅନାମ ସାମଲ, ସୁରେଶ ସାମଲ, ବୈକୁଣ୍ଠ ମଲିକ, ବାଙ୍କବିହାରୀ ମଲିକ, ରୁଦ୍ର ଦାସ, ଅଭୟ ଧଳ, ସୁଶାନ୍ତ ଧଳ, ନାରୀ ନେତ୍ରୀ ନିର୍ମଳା ଦାସ, ସୁମିତ୍ରା ଦାସ ପ୍ରମୁଖଙ୍କ ସମେତ ବିଜୁ ଯୁବ ବାହିନୀର ସଦସ୍ୟମାନେ ପ୍ରଚାର କାର୍ଯ୍ୟରେ ସହଯୋଗ କରିଥିଲେ।


**UTKAL UNIVERSITY**
CENTRE FOR IT EDUCATION
P.G. DEPARTMENT OF STATISTICS
VANI VIHAR, BHUBANESWAR-751004, ODISHA, INDIA
: 0674 - 2567711 / 2567275 / 9438014469. Website : www.citeutkal.com
e-mail : admission@citeutkal.com, centreforiteducation@gmail.com
UTKAL UNIVERSITY
NAAC-A+ Accreditation

**ADMISSION NOTICE 2019-20 FOR M. TECH. (IT)**

Applications are invited for admission for the 2 Year Full time Program on M. Tech in Information Technology in the department for the academic session 2019-20 under PPP mode.

**SELECTION PROCEDURE**

Selection of candidates for admission shall be made on the basis of Entrance Test to be conducted by the **Centre for IT Education, P.G. Department of Statistics, Utkal University on 20.07.2019 at 01:00 P.M-02:30 P.M.**

**ELIGIBILITY FOR ADMISSION**

(i) Master's degree in Computer Science/Information Technology/Computer Applications/Statistics/Mathematics/Physics/Electronic Sciences or any other qualification considered equivalent.
(ii) Bachelor's degree in Engineering/Technology or any other qualification considered equivalent (such as AMIEE or DOEACC 'B' Level).

Candidates waiting for final result may provisionally be admitted into M. Tech. (IT) course, provided that such candidates shall submit their pass result/CLC before filling up forms for the 1st semester examination.

**HOW TO APPLY**

Eligible candidates are required to apply to the Course Head/Director, Centre for IT Education, P.G. Department of Statistics, Utkal University in the prescribed application form downloadable from the **Website-http://www.utkaluniversity.ac.in, http://www.citeutkal.com** from 15.04.2019 along with Two Bank Drafts i.e., (i) **Rs. 150/-** in favour of **"Comptroller of Finance, Utkal University"** towards Application Form fees, and (ii) **Rs. 350/-** in favour of **"Centre for IT Education, Utkal University"** towards the Entrance Test fees drawn on any nationalized bank payable at Bhubaneswar, at the time of submission of the application form. **The downloaded application forms are also available in the department.**

**For details about Course Fee & Structure, visit the website-www.citeutkal.com**

**Last date of issue and submission of the application form is 16.07.2019 (5:00 P.M)**

Course Director, M. Tech.(IT)










■ କେନ୍ଦୁଝର ଜିଲାରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ ନିର୍ବାଚନ ପ୍ରଚାର

# କେନ୍ଦ୍ର ଅଧିକ ରାଜସ୍ୱ ନେଇ ଓଡ଼ିଶାକୁ ଠକିଛି

କେନ୍ଦୁଝର/ପାଟଣା/ତେଲକୋଇ/ଆନନ୍ଦପୁର/ହାଟଡିହୀ/ରାଇସୁଆଁ/ଢେଙ୍କିକୋଟ, ୧୭।୪(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଲୋକ ସଭା ଆସନ ଏହା ଅଧୀନ ୭ ବିଧାନସଭା କ୍ଷେତ୍ର ପାଇଁ ଆସନ୍ତା ୨୩ ତାରିଖରେ ଭୋଟ ଗ୍ରହଣ ହେବ। ଏହିସବୁ ଆସନର ବିଜେଡି ପ୍ରାର୍ଥୀଙ୍କ ପାଇଁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କେନ୍ଦୁଝର ଜିଲାରେ ମାରାଥନ ପ୍ରଚାର କରିଛନ୍ତି। କେନ୍ଦୁଝର ସଦର ସମେତ ତେଲକୋଇ, ପାଟଣା, ଘସିପୁରା, ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ଆୟୋଜିତ ବିଭିନ୍ନ ସଭାରେ ସେ ଯୋଗଦେଇ ଓଡ଼ିଶା ପ୍ରତି କେନ୍ଦ୍ରର କ୍ରମାଗତ ଅବହେଳା ବିରୋଧରେ ବର୍ଷିଛନ୍ତି। ଖଣିଖାଦାନ ଭରା କେନ୍ଦୁଝର ଜିଲାରୁ କେନ୍ଦ୍ର ଅଧିକ ରାଜସ୍ୱ ପାଉଥିବା ବେଳେ ସେହି ତୁଳନାରେ ବିକାଶମୂଳକ କାର୍ଯ୍ୟ କରିନାହିଁ। ପାଣିକୋଇଲି-ରାଜାମୁଣ୍ଡା ଜାତୀୟ ରାଜପଥ ଓ ରେଳପଥ ବିକାଶ ପ୍ରତି କେନ୍ଦ୍ରୀୟ ଅବହେଳା ଏହାର ନମୁନା। ନିର୍ବାଚନ ସମୟ ଆସିଲେ କେନ୍ଦ୍ରରୁ ନେତାମାନେ ଭୋଟ ମାଗିବାକୁ ଆସି ଅନେକ ବଡ଼ବଡ଼ କଥା କହୁଛନ୍ତି। ବିଗତ ୫ ବର୍ଷ ମଧ୍ୟରେ କେନ୍ଦ୍ର ସରକାର କେନ୍ଦୁଝରର ବିକାଶ ପାଇଁ କ'ଣ କରିଛନ୍ତି, ଆପଣମାନେ ତାଙ୍କୁ ପଚାରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟର ୨ ଜଣ ନେତା କେନ୍ଦ୍ରରେ ମନ୍ତ୍ରୀ ଥିଲେ ବି ଓଡ଼ିଶାର ସ୍ୱାର୍ଥ ନେଇ ହାଇକମାଣ୍ଡଙ୍କ ଆଗରେ ମୁହଁ ଖୋଲୁ ନାହାନ୍ତି। ଦେଶରେ ଦରଦାମ୍ ବଢ଼ିବା ସହ ତେଲ, ଗ୍ୟାସ ଆଦି ଦର ବଢ଼ିବା ଏବଂ ବିମୁଦ୍ରୀକରଣ ସମସ୍ୟା ଯୋଗୁ ଲୋକେ ଅନେକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହୋଇଥିବା ସେ କହିଥିଲେ। ବିଜେଡି ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରି ରାଜ୍ୟରେ ବିକାଶଧାରା ଜାରି ରଖିଛି। ପୁନର୍ବାର ଦଳ କ୍ଷମତାକୁ ଆସିଲେ ବର୍ଷକ ମଧ୍ୟରେ କେନ୍ଦୁଝରରେ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବ ବୋଲି ସେ କହିଥିଲେ।



ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ବିଧାନସଭା ଓ ଲୋକ ସଭା ପ୍ରାର୍ଥୀ।

ମୁଖ୍ୟମନ୍ତ୍ରୀ ପ୍ରଥମେ ପାଟଣା ନିର୍ବାଚନମଣ୍ଡଳୀର ସାହାରପଡ଼ା ହାଇସ୍କୁଲ ପଡ଼ିଆରେ ପହଞ୍ଚି ସେଠାରେ ଆୟୋଜିତ ସମାବେଶକୁ ଉଦ୍‌ବୋଧନ ଦେଇଥିଲେ। ବୁଧବାର ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହେଉଥିବାରୁ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ମୁଖ୍ୟମନ୍ତ୍ରୀ ସଭାରେ ବକ୍ତବ୍ୟ ରଖିଥିଲେ। ବକ୍ତବ୍ୟ ଆରମ୍ଭରେ 'ଆପଣମାନେ ଖୁସି ତ' ବୋଲି ପଚାରି ସେ କେନ୍ଦୁଝର ଗସ୍ତରେ ଆସିଥିବାରୁ ଖୁସି ଥିବା କହିଥିଲେ। ମୁଖ୍ୟମନ୍ତ୍ରୀ କାଳିଆ ଯୋଜନାକୁ ଏକ ମଡେଲ ଯୋଜନା ବୋଲି ବର୍ଣ୍ଣନା କରି ଏହାକୁ ବନ୍ଦ କରିବାକୁ କେନ୍ଦ୍ର ଚକ୍ରାନ୍ତ କରୁଥିବା ଉଲ୍ଲେଖ କରିଥିଲେ। ସେ କହିଥିଲେ, କାଳିଆ ଯୋଜନାରେ ୪୦ ଲକ୍ଷ ଚାଷୀ ଉପକୃତ ହୋଇଛନ୍ତି। ସେ କ୍ଷମତାକୁ ଆସିବାର ପ୍ରଥମ ଦିନ କାଳିଆ ଯୋଜନାରେ ଅର୍ଥ ପ୍ରଦାନ କରାଯିବ। ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ଲେଖାଏ ଦିଆଯିବ। ସମଗ୍ର ଓଡ଼ିଶାବାସୀଙ୍କୁ ତାଙ୍କ ପରିବାର ବୋଲି ବର୍ଣ୍ଣନା କରି ଶେଷ ନିଃଶ୍ୱାସ ଥିବା ଯାଏ ସେ ରାଜ୍ୟବାସୀଙ୍କ ସେବା କରିବେ ଓ କାଳିଆ ଯୋଜନାକୁ କେହି ବନ୍ଦ କରି ପାରିବେ ନାହିଁ ବୋଲି କହିଥିଲେ। ପାଟଣା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ ଓ କେନ୍ଦୁଝର ଏମପି ପ୍ରାର୍ଥୀ ଚନ୍ଦ୍ରାଣୀ ମୁର୍ମୁଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ।

ପାଟଣା ପରେ ସଦର ନିର୍ବାଚନମଣ୍ଡଳୀର ପଦ୍ମପୁରଠାରେ ଆୟୋଜିତ ସଭାରେ ଯୋଗଦେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ବିଜେଡି ବିଧାୟକ ପ୍ରାର୍ଥୀ ମାଧବ ସର୍ଦ୍ଦାର ଓ ଏମ୍‌ପି ପ୍ରାର୍ଥୀ ଚନ୍ଦ୍ରାଣୀଙ୍କୁ ଭୋଟଦେଇ ଜିତାଇବାକୁ ନିବେଦନ କରିଥିଲେ। ଏହି ସଭାକୁ ବିଜେଡି ଯୁବ ସଭାପତି ସୌମ୍ୟଶଙ୍କର ଚକ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଜେଡିର ବହୁ ନେତା କର୍ମୀ ତଥା ବିଜୁ ଯୁବ ବାହିନୀର ସଦସ୍ୟ ଉପସ୍ଥିତ ଥିଲେ। କେନ୍ଦୁଝର ସଦର ପରେ ମୁଖ୍ୟମନ୍ତ୍ରୀ ତେଲକୋଇ ନିର୍ବାଚନମଣ୍ଡଳୀର ଚାରିଗଡ ମହାବିଦ୍ୟାଳୟ ଖେଳ ପଡ଼ିଆଠାରେ ଏକ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। ସେଠାରେ ମଧ୍ୟ ଅନୁରୂପ ଭାବେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷି ଥିଲେ। ଉକ୍ତ ସଭାରେ ବିଧାୟକ ପ୍ରାର୍ଥୀ ପ୍ରେମାନନ୍ଦ ନାୟକ, ବିଜେଡି ନେତା ଭରତଚନ୍ଦ୍ର ପାତ୍ର, ସନ୍ତୋଷ ବିଶ୍ୱାଳ, ବହୁ ଛାମୁଆ ନେତା ଉପସ୍ଥିତ ଥିଲେ। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ଅପରାହ୍ନରେ ଘସିପୁରା ନିର୍ବାଚନମଣ୍ଡଳୀର ଘଟଗାଁ ମଶାଣିବିଲା ଏବଂ ଆନନ୍ଦପୁର ନିର୍ବାଚନମଣ୍ଡଳୀର ଛେନାପଦୀ ଛକଠାରେ ବିଜେଡି ପାଇଁ ପ୍ରଚାର କରିଥିଲେ। ଘସିପୁରା ନିର୍ବାଚନମଣ୍ଡଳୀ ନିର୍ବାଚନୀ ସଭାରେ ଏମ୍‌ପି ପ୍ରାର୍ଥୀ ଚନ୍ଦ୍ରାଣୀ ଏବଂ ବିଧାୟକ ଭାବେ ବଦ୍ରି ନାରାୟଣ ପାତ୍ରଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ସେହିପରି ଛେନାପଦୀ ଛକଠାରେ ଆନନ୍ଦପୁର ବିଜେଡି ବିଧାୟକ ପ୍ରାର୍ଥୀ ଭାଗୀରଥି ସେଠୀଙ୍କୁ ବିଜୟୀ କରିବା ପାଇଁ ସେ ନିବେଦନ କରିଥିଲେ। ଏହି ଅବସରରେ ଛେନାପଦୀ ଛକ ସଭାରେ ଘସିପୁରା ବିଜେଡି ପର୍ଯ୍ୟବେକ୍ଷକ ସୂର୍ଯ୍ୟ ନାରାୟଣ ପାତ୍ର, ଜିଲା ବିଜେଡି ସଭାପତି ବିମ୍ବାଧର ବିଶ୍ୱାଳ, ପୂର୍ବତନ ବିଧାୟକ ମାୟାଧର ଜେନା ପ୍ରମୁଖ ଉପସ୍ଥିତ ରହି ବିଜେଡି ପ୍ରାର୍ଥୀମାନଙ୍କୁ ଦୁଇ ଥର ଭୋଟ ଦେଇ ବିଜୟୀ କରିବା ପାଇଁ ନିବେଦନ କରିଥିଲେ। ଏ ନେଇ ଜିଲାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

ଭାଜପା ବିଜୟ୍ ସଂକଳ୍ପ ସମାବେଶରେ ବର୍ଷିଲେ ଅମିତ ଶାହ

## 'ହିଂସାର ଜବାବ ଭୋଟରେ ଦିଆଯିବ'


ଭାଜପାର ବିଜୟ ସଂକଳ୍ପ ସଭାରେ ରାଷ୍ଟ୍ରୀୟ ସଭାପତି ଅମିତ ଶାହ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଢେଙ୍କାନାଳ ଅଫିସ୍, ୧୭।୪

ଭାଜପା ହିଂସାର ସାହାରା ନିଏ ନାହିଁ। ଆମେ ଗଣତନ୍ତ୍ରରେ ବିଶ୍ୱାସ କରୁ। ଜଟଣୀରେ ମଙ୍ଗୁଳି ଜେନାଙ୍କୁ ହତ୍ୟା କରାଗଲା। ଅଧିକାଂଶ ସ୍ଥାନରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଉପରେ ଆକ୍ରମଣ ହେଉଛି। ବିଜେଡି ସଭାପତି ଏଭଳି ଭୟ ଦେଖାଇ ଡରାଇଦେବେ ବୋଲି ଭାବୁଛନ୍ତି। ଏପରି ହିଂସା ଏବଂ ଆକ୍ରମଣର ଜବାବ ଭୋଟରେ ଦିଆଯିବ ବୋଲି କହିଛନ୍ତି ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ। ଢେଙ୍କାନାଳ ମହିଷାପାଟ ପଲ୍ଲିଶ୍ରୀ ମେଳା ପଡ଼ିଆଠାରେ ବୁଧବାର ଅପରାହ୍ନ ସାଢ଼େ ୪ଟାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ସେ ଉଭୟ ବିଜେଡି ଏବଂ କଂଗ୍ରେସ ଉପରେ ପ୍ରବଳ ବର୍ଷିଥିଲେ।

ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ଅମିତ ଶାହ କହିଲେ, ଓଡ଼ିଶାରେ ବିଜେଡି ସରକାର ପତନ ସମୟ ଆସିଲାଣି। ୨୦ବର୍ଷ ହେଲା ନବୀନ ପଟ୍ଟନାୟକ ସରକାର ଚଳାଇଛନ୍ତି। କିନ୍ତୁ ଆଜି ବି ଓଡ଼ିଶାରେ ୩୩% ଘରେ ପିଇବାକୁ ପାଣିନାହିଁ। ଖଣି ଖାଦାନରେ ସମୃଦ୍ଧ ଥିବା ସତ୍ତ୍ୱେ ଏଠାକାର ଲୋକେ ଗରିବ। ଦୁର୍ନୀତି ରାଜ୍ୟ ବିକାଶରେ ପ୍ରତିବନ୍ଧକ ସାଜିଛି। ବିଜେଡି ନେତା, ସରକାରୀ ବାବୁ ମିଶି ୧୦୦୦ କୋଟି ଟଙ୍କାର ଚିଟ୍‌ଫଣ୍ଡ ଘୋଟାଲା କରିଛନ୍ତି। ନବୀନ ସରକାରରେ ପ୍ରଶାସକଙ୍କୁ ଜନପ୍ରତିନିଧିମାନେ ହାତଯୋଡ଼ି ନମସ୍କାର କରୁଛନ୍ତି। ଏଠାରେ ଲୋକତନ୍ତ୍ର ସମାପ୍ତ ହୋଇଯାଇଛି। ଭାଜପା ସରକାର ଆସିଲେ ୯୦ଦିନ ମଧ୍ୟରେ ଚିଟ୍‌ଫଣ୍ଡରେ ସମ୍ପୃକ୍ତଙ୍କୁ ଜେଲ ପଠାଯିବ। ୫୦କୋଟି ଲୋକଙ୍କ ପାଇଁ ଆୟୁଷ୍ମାନ ଯୋଜନା ଲାଗୁ ହୋଇଛି। କିନ୍ତୁ ନବୀନ ପଟ୍ଟନାୟକ ଏପରି ଲାଭକାରୀ ଯୋଜନାରୁ ଓଡ଼ିଶାବାସୀଙ୍କୁ କାହିଁକି ଦୂରେଇ ରଖୁଛନ୍ତି ବୋଲି ଶାହ ପ୍ରଶ୍ନ କରିଛନ୍ତି। ପୂରା ଦେଶ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆଗକୁ ବଢ଼ୁଛି। ଭାଜପା ଶାସନ କାଳରେ ଭ୍ରଷ୍ଟାଚାର ସମାପ୍ତ ହେବା ସହିତ ଦେଶର ସମ୍ମାନ ବଢ଼ିଛି। ମୋଦି ପୁଣିଥରେ ପ୍ରଧାନମନ୍ତ୍ରୀ ହେବେ। ଆମକୁ ୫ବର୍ଷ ପାଇଁ ସୁଯୋଗ ଦେଲେ ଓଡ଼ିଶା ସମଗ୍ର ଦେଶରେ ୧ନଂ. ରାଜ୍ୟ ହେବ ବୋଲି ଶାହ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସଭା ମଞ୍ଚରୁ ଅମିତ ଶାହ ରାହୁଲ ଗାନ୍ଧୀଙ୍କୁ ମଧ ପ୍ରଚଣ୍ଡ ଆକ୍ରମଣ କରିଥିଲେ। କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ୫ ପିଢ଼ି ସରକାରରେ ଥିଲେ। ୫୫ ବର୍ଷ ଧରି ଶାସନ କ୍ଷମତାରେ ରହିବା ସତ୍ତ୍ୱେ କଂଗ୍ରେସ ଗରିବଙ୍କ ପାଇଁ କିଛି କରିନାହିଁ। ପୁଲୱାମା ଆକ୍ରମଣରେ ୪୦ରୁ ଊର୍ଦ୍ଧ୍ୱ ଯବାନ ଶହୀଦ ହେବାର ୧୩ ଦିନ ମଧ୍ୟରେ ଏୟାରଷ୍ଟ୍ରାଇକ୍ କରି ଆମେ ପ୍ରତିଶୋଧ ନେଇଛୁ। ହେଲେ ଯେଉଁମାନେ ଏପରି ବର୍ବରକାଣ୍ଡ ଘଟାଇଲେ ସେମାନଙ୍କ ସହ ଆଲୋଚନା କରିବାକୁ ରାହୁଲ ଗାନ୍ଧୀଙ୍କ ମିତ୍ର ସାମ୍ ପିଟ୍ରୋଡା ପ୍ରସ୍ତାବ ଦେଉଛନ୍ତି। ରାହୁଲ ଗାନ୍ଧୀଙ୍କ ଇଲୁ ଇଲୁ ନୀତି ପଦାରେ ପଡ଼ିଯାଇଛି। ଆମେ ଇଟାର ଜବାବ ପଥରରେ ଦେବୁ ବୋଲି ସେ କହିଥିଲେ। ସେ ଆହୁରି ମଧ କହିଲେ, ଓଡ଼ିଶାର ପାଇକ ବିଦ୍ରୋହ ପାଇଁ କଂଗ୍ରେସ କିଛି କରିପାରିଲା ନାହିଁ। କିନ୍ତୁ ଭାଜପା ସରକାର ଡାକ ଟିକଟ୍ ପ୍ରଚଳନ କରି ସାରା ବିଶ୍ୱକୁ ପାଇକଙ୍କ ଯଶକୀର୍ତ୍ତି ଜଣାଇଛି। ଭାଜପା ସରକାରର ସଫଳତା ବଖାଣିବାକୁ ଯାଇ ସେ କହିଲେ, ୫ବର୍ଷରେ ମୋଦି ସରକାର ୫୦ କୋଟି ଲୋକଙ୍କ ପାଇଁ ବହୁ ଜନହିତକାରୀ ଯୋଜନା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୮କୋଟି ଗରିବ ମହିଳାଙ୍କୁ ଉଜ୍ଜ୍ୱଳା ଯୋଜନାରେ ସାମିଲ କରିଛନ୍ତି। ଭାଜପା ସରକାର ୨କୋଟି ୩୫ଲକ୍ଷ ପରିବାରକୁ ବିଜୁଳି ପହଞ୍ଚାଇଛି। ସମ୍ବଲପୁର ଆଇଆଇଏମ୍, ଭୁବନେଶ୍ୱର ଆଇଆଇଟି, ଇଏସ୍‌ଆଇ ନୂତନ ଚିକିତ୍ସାଳୟ, ଝାରସୁଗୁଡ଼ା ବିମାନବନ୍ଦର ସମେତ ବିଭିନ୍ନ ରାଜପଥର ଉନ୍ନତୀକରଣ ଭାଜପା ଶାସନ ସମୟର ଗୋଟିଏ ଗୋଟିଏ ମାଇଲ ଖୁଣ୍ଟ। ମୋଦି ସରକାରରେ ଦେଶ ସୁରକ୍ଷିତ ହୋଇଛି। ଶାସନକୁ ଆସିଲେ ସରକାର ୬ମାସ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀର ଋଣ ଛାଡ଼ କରିବ। କୃଷକଙ୍କୁ ବିନା ସୁଧରେ ଋଣ ପ୍ରଦାନ କରାଯିବ। ୬୦ବର୍ଷର କୃଷକ ଓ କ୍ଷେତ ମଜଦୁରଙ୍କୁ ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରାଯିବ ବୋଲି ଅମିତ ଭୋଟରଙ୍କୁ ଲୋଭନୀୟ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରାରମ୍ଭରେ ଅମିତ ଶାହ କପିଳାସ କ୍ଷେତ୍ରାଧିପତି ଶ୍ରୀଚନ୍ଦ୍ରଶେଖରଜୀଉ, ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଶହୀଦ ବାଜି ରାଉତ, ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧର ଦାସ, କବି ବ୍ରଜନାଥ ବଡ଼ଜେନାଙ୍କୁ ଜନ୍ମ ଦେଇଥିବା ପବିତ୍ର ମାଟିକୁ ପ୍ରଣାମ ଜଣାଇଥିଲେ। ସଭାରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ଲୋକ ସଭା ପ୍ରାର୍ଥୀ ରୁଦ୍ରନାରାୟଣ ପାଣିଙ୍କ ସମତେ ବିଧାନସଭା ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେଉପସ୍ଥିତଥିଲେ।

## ପଦବୀ ବିଜେଡିର ପ୍ରଚାର ଭାଜପାର

ଯାଜପୁର ଟାଉନ,୧୭।୪(ଡିଏନ୍‌ଏ)

ଯାଜପୁର ନିର୍ବାଚନମଣ୍ଡଳୀରେ ବିଜେଡିର ହେଭିୱେଟ୍ ନେତା ପ୍ରଣବ ପ୍ରକାଶ ଦାସ ନିର୍ବାଚନ ଲଢୁଥିବାବେଳେ ଏଠାରେ ବହୁ ବିଜେଡି ନେତା ଭାଜପା ସପକ୍ଷରେ ପ୍ରଚାର କରୁଛନ୍ତି। ବିଜେଡି ଦଳିତ ସେଲ୍‌ର ରାଜ୍ୟ ସମ୍ପାଦକ ପରେଶ କୁମାର ମଲ୍ଲିକ ଏବେ ଭାଜପା ସମର୍ଥନରେ ପ୍ରଚାର ଚଳାଇଥିବା ଦେଖିବାକୁ ମିଳୁଛି। ଖାଲି ପରେଶ ନୁହଁନ୍ତି ତାଙ୍କର ଅନେକ ସମର୍ଥକ ମଧ ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି। ପରେଶଙ୍କ ଭାଇ ଅମିୟକାନ୍ତ ମଲ୍ଲିକ ଭାଜପାର ଲୋକ ସଭା ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ତେଣୁ ସେ ଦଳକୁ ଭୁଲି ଭାଇଙ୍କ ପାଇଁ ପ୍ରଚାରରେ ଲାଗି ପଡ଼ିଛନ୍ତି। ଏପରି କି ନାମାଙ୍କନପତ୍ର ଦାଖଲ ସମୟରେ ପରେଶ ଭାଜପା ପତାକା, ଟୋପି ପିନ୍ଧି ଅମିୟଙ୍କ ରାଲିରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଦେଖିବାକୁ ମିଳିଥିଲା। ଦଶରଥପୁର, ବିଞ୍ଝାରପୁର ଓ ଯାଜପୁର ପୌରାଞ୍ଚଳରେ ପରେଶଙ୍କ ନିଜସ୍ୱ ସଂଗଠନ ରହିଥିବାବେଳେ ଗତ ୨ବର୍ଷ ତଳେ ବିଜେଡିରେ ଯୋଗଦେଇ ସେ ବିଭିନ୍ନ ପଦପଦବୀ ହାସଲ କରିଥିଲେ। ଦଶରଥପୁର ବ୍ଲକ ମଲ୍ଲିକାପୁର ପଞ୍ଚାୟତରେ ତାଙ୍କ ଭାଇ ବୋହୂ ମଧୁସ୍ମିତା ମଲ୍ଲିକଙ୍କୁ ବିଜେଡି ସମର୍ଥିତ ପ୍ରାର୍ଥୀ କରାଇ ବିଜୟ କରାଇଥିଲେ। ବିଜେଡି ଗୋଟିଏ ଶୃଙ୍ଖଳିତ ଦଳ ବୋଲି ନେତାମାନେ ବାରମ୍ବାର କହୁଥିବାବେଳେ ରାଜ୍ୟ ଦଳିତ ସେଲ୍‌ର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଉଥିବା ପରେଶଙ୍କ ଏଭଳି ଦଳ ବିରୋଧୀ କାର୍ଯ୍ୟ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପରେଶଙ୍କୁ ନିଲମ୍ବନ କଲେ ତାଙ୍କ ସମର୍ଥକମାନେ ସିଧାସଳଖ ଭାଜପାରେ ମିଶି ଭାଜପା ସଂଗଠନକୁ ସୁଦୃଢ଼ କରିବାରେ ସମ୍ଭାବନା ଥିବାରୁ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ବୋଲି ମଧ ଆଲୋଚନା ହେଉଛି। ଏ ସମ୍ପର୍କରେ ବିଜୁ ଦଳିତ ସେଲ ରାଜ୍ୟ ସମ୍ପାଦକ ପରେଶଙ୍କୁ ପଚାରିବାରେ, ସେ ବିଜେଡିରେ ଅଛନ୍ତି, ହେଲେ ଭାଇଙ୍କ ପାଇଁ କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି।


ପରେଶ କୁମାର ମଲ୍ଲିକ

## ବିଜେଡି କର୍ମୀଙ୍କ ଆକ୍ରମଣରେ ୩ ଭାଜପା କର୍ମୀ ଗୁରୁତର

ଭଟଲି,୧୭।୪(ଡି.ଏନ୍.ଏ.)

ବରଗଡ ଜିଲା ଭଟଲି ଥାନା ଅନ୍ତର୍ଗତ ତରାକନା ଗ୍ରାମରେ ବୁଧବାର ନିର୍ବାଚନୀ ହିଂସା ଘଟିଛି। ବିଜେଡି ସମର୍ଥକଙ୍କ ଆକ୍ରମଣରେ ତିନି ଜଣ ଭାଜପା କର୍ମୀ ଗୁରୁତର ଆହତ ହୋଇଥିବା ଅଭିଯୋଗ ହୋଇଛି। ଆହତମାନେ ହେଲେ ପ୍ରହଲ୍ଲାଦ ପଧାନ, ଭାଗିରଥି ପଧାନ ଏବଂ ରାଜେନ୍ଦ୍ର ସନ୍ୟାସୀ। ଅଭିଯୋଗ ଅନୁଯାୟୀ, ଅପରାହ୍ନ ଦେଢଟା ବେଳେ ପ୍ରହଲ୍ଲାଦ, ଭାଗିରଥି ଏବଂ ରାଜେନ୍ଦ୍ର ତରାକନା ଗାଁ ମୁଣ୍ଡରେ ବସିଥିବା ବେଳେ ବିଜେଡି ପ୍ରାର୍ଥୀଙ୍କ ସମର୍ଥକ ସେଠାକୁ ପହଞ୍ଚି ଘେରି ଯାଇଥିଲେ ଏବଂ ପିସ୍ତଲ ଦେଖାଇ ଭୟଭୀତ କରିବା ସହ ମାରପିଟ କରିଥିଲେ। ଏଥିରେ ପ୍ରହଲ୍ଲାଦଙ୍କ ଗୋଡ ଭାଙ୍ଗି ଯାଇଥିବା ବେଳେ ରାଜୁ ଏବଂ ଭାଗିରଥିଙ୍କ ମୁଣ୍ଡରେ ଆଘାତ ହୋଇଛି। ପରେ ଗ୍ରାମବାସୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ଭଟଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ନେଇ ଭଟଲି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୭୬/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷେ ଏହି ଘଟଣାରେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂଙ୍କ ଭାଇ ସୁବ୍ରତ ସିଂଙ୍କ ହାତ ଥିବା ଅଭିଯୋଗ କରି ଶତାଧିକ ଭାଜପା କର୍ମୀ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବରଗଡ ଭଟଲି ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଏ ସମ୍ପର୍କରେ ବିଜେଡି ପ୍ରାର୍ଥୀ ସୁଶାନ୍ତ ସିଂଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଲେ, ଏହା ସମ୍ପୂର୍ଣ୍ଣ ଭାବେ କପୋଳ କଳ୍ପିତ ଅଟେ। ଯଦି ସେମାନେ ସୁବ୍ରତ ସିଂ ନାମରେ ଅଭିଯୋଗ କରୁଛନ୍ତି ତାର ପ୍ରମାଣ ଦେଖାନ୍ତୁ। ହାରିଯିବା ଭୟରେ ଭାଜପା ସମର୍ଥକମାନେ ଏଭଳି ଅଭିଯୋଗ କରୁଛନ୍ତି ବୋଲି ସେ କହିଥିଲେ। ଏନେଇ ଭାଜପା ପକ୍ଷରୁ ଡିଜିପିଙ୍କୁ କ୍ୟାମ୍ପ ଅଫିସ୍‌ରେ ଭେଟି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

## ବ୍ରହ୍ମପୁରର ୬୩ ନଂ. ବୁଥ୍‌ରେ ହୋଇଥିଲା ଅଧିକ ପୋଲିଂ

ଛତ୍ରପୁର(ଡି.ଏନ୍.ଏ.)/ବ୍ରହ୍ମପୁର ଅଫିସ୍, ୧୭।୪

**ସାନି ମତଦାନ ଆଜି**

୧୩୩ ନଂ. ବ୍ରହ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀ ସିଟି ହାଇସ୍କୁଲର ବୁଥ୍ ନଂ ୬୩ରେ ଗୁରୁବାର ସାନି ମତଦାନ ହେବ। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ କରାଯିବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ସୂଚନା ଦେଇଛନ୍ତି। ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଏହା ହେବାକୁ ଯାଉଛି। ଏ ସମ୍ପର୍କରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ବ୍ରହ୍ମପୁର ବିଧାନସଭା ରିଟର୍ନିଂ ଅଫିସର ଦିଗନ୍ତ ରାଉତରାୟ ନୋଟିସ୍ ଜାରି କରିଥିବା ସୂଚନା ମିଳିଛି। ଜିଲାପାଳଙ୍କ କହିବାନୁସାରେ, ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ସିଟି ହାଇସ୍କୁଲ ପରିସରରେ ଥିବା ୩ ବୁଥ୍‌ରେ ୧୧ ତାରିଖରେ ଭୋଟ ଗ୍ରହଣ ହୋଇଥିଲା। ସେଥିରୁ ୬୩ ନଂ. ବୁଥ୍ ମଧ୍ୟରେ କିଛି ସମୟ ପାଇଁ ଗହଳି ହୋଇଯାଇଥିଲା। ଏହାର ସୁଯୋଗ ନେଇ କେହି ୨୧ଟି ଅଧିକ ଭୋଟ ଦେଇଥିଲେ। ଭୋଟରମାନଙ୍କ ପାଇଁ ଉଦ୍ଦିଷ୍ଟ ରେଜିଷ୍ଟରରେ ୬୧୧ ଜଣଙ୍କର ଦସ୍ତଖତ ଥିବା ନିର୍ବାଚନ ସରିବା ପରେ ଜଣାପଡିଥିଲା। ଅପରପକ୍ଷରେ ୬୩୨ ଭୋଟ ପଡିଥିବା ଇଭିଏମ୍‌ରୁ ଜଣାପଡିବା ପରେ ଏଠାରେ ସାନି ମତଦାନ ପାଇଁ ଆବଶ୍ୟକତା ପଡିଛି। ଏହା କେବଳ ବ୍ରହ୍ମପୁର ବିଧାନସଭା ଆସନ ପାଇଁ ଥିବା ଇଭିଏମ୍‌ରେ ୨୧ ଭୋଟ ଅଧିକ ପଡିଥିଲା ବୋଲି ଜିଲପାଳ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଏହାକୁ ବୁଥ୍ ଦଖଲ କିମ୍ବା ରିଗିଂ କୁହାଯିବନି ବୋଲି ଜିଲାପାଳ ସ୍ପଷ୍ଟ କରିଛନ୍ତି। ଏହି ଘଟଣାକୁ ନେଇ କେହି ଅଭିଯୋଗ କରି ନ ଥିଲେ ମଧ ପ୍ରଶାସନ ତରଫରୁ ସିଇଓଙ୍କୁ ଅବଗତ କରାଯାଇଥିଲା। ପର୍ଯ୍ୟବେକ୍ଷକଙ୍କ ପକ୍ଷରୁ ଉକ୍ତ ବୁଥ୍‌ର ପ୍ରିଜାଇଡିଂ ଅଫିସରଙ୍କର ଏନେଇ ମତାମତ ରେକର୍ଡ କରାଯାଇଥିଲା ବୋଲି ଜିଲାପାଳ କହିଛନ୍ତି। ଅପରପକ୍ଷରେ ଏହା ମଡେଲ୍ ବୁଥ୍ ଥିବାରୁ ଭିଡିଓ ରେକର୍ଡିଂ କିମ୍ବା ସିସି କ୍ୟାମେରାର ବ୍ୟବସ୍ଥା ନ ଥିଲା। ଏଣୁ ଏହା କିଭଳି ହେଲା ଏବଂ କିଏ କଲା ତାହା ଜଣାପଡିବା କଷ୍ଟକର ହୋଇଛି।

# ନୂଆ-ପୁରୁଣାଙ୍କ ମଧ୍ୟରେ ଲଢ଼େଇ

**ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ**

ଶଶାଙ୍କ ଶେଖର ଝାଙ୍କର
ଦେବଗଡ଼,୧୭।୪

ଦେବଗଡ଼ ବିଧାନସଭା ଆସନ ପାଇଁ ଏପ୍ରିଲ ୨୩ରେ ଭୋଟଗ୍ରହଣ ହେବ। ଏଥିପାଇଁ ଆଉ ମାତ୍ର ଅଳ୍ପଦିନ ବାକି ଥିବା ବେଳେ ନିର୍ବାଚନ ପ୍ରଚାର ଜୋରଦାର ହୋଇଛି। ଏଠାରେ ମୁଖ୍ୟତଃ ତ୍ରିମୁଖୀ ଲଢ଼େଇ ହେବ ବୋଲି ସ୍ପଷ୍ଟ ହୋଇଛି। ଏଥର ନିର୍ବାଚନ ମଇଦାନରେ ସମୁଦାୟ ୧୩ଜଣ ପ୍ରାର୍ଥୀ ଅଛନ୍ତି। ହେଲେ ଭାଜପାର ସୁବାସ ଚନ୍ଦ୍ର ପାଣିଗ୍ରାହୀ, କଂଗ୍ରେସର ଉମାଶଙ୍କର ସାହୁ,ବିଜେଡିର ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ମଧ୍ୟରେ ଲଢ଼େଇ ହେବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ଉମାଶଙ୍କର ଓ ରୋମାଞ୍ଚ ରଞ୍ଜନ ଭୋଟରମାନଙ୍କ ପାଇଁ ନୂଆ ଥିବା ବେଳେ ସୁବାସ ପୁରୁଣା। ଏପରି ସ୍ଥିତିରେ ଦଳୀୟ ରଣନୀତି ପ୍ରାର୍ଥୀମାନଙ୍କୁ ସହାୟକ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

୨୦୧୪ ନିର୍ବାଚନରେ ଏହି ଆସନରୁ ଭାଜପା ଟିକେଟ୍‌ରେ ରାଜା ନିତେଶ ଗଙ୍ଗଦେବ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଅନୀତା ପ୍ରଧାନଙ୍କୁ ପରାସ୍ତ କରି ବିଜୟୀ ହୋଇଥିଲେ। ଏଥର ଗଙ୍ଗଦେବଙ୍କୁ ଦଳ ଦେବଗଡ଼ ବିଧାନସଭା ଆସନ ବଦଳରେ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଭାବେ ଠିଆ କରିଛି। ତାଙ୍କ ବଦଳରେ ଭାଜପାର ପୂର୍ବତନ ବିଧାୟକ ସୁବାସ ପାଣିଗ୍ରାହୀଙ୍କୁ ଟିକେଟ ମିଳିଛି। ସେହିପରି ବିଜେଡି ଯୁବ ନେତା ରୋମାଞ୍ଚ ରଞ୍ଜନଙ୍କୁ ଦଳ ପ୍ରାର୍ଥୀ କରିଥିବାବେଳେ କଂଗ୍ରେସ ଜିଲା ସଭାପତି ଉମାଶଙ୍କରଙ୍କ ଉପରେ ଭରସା କରିଛି। ସୂଚନାଯୋଗ୍ୟ, ୨୦୧୭ରେ ନିତେଶଙ୍କ ନେତୃତ୍ୱରେ ୭ ଜିଲାପରିଷଦ ଆସନ ମଧ୍ୟରୁ ୬ଟିକୁ ଭାଜପା ଅକ୍ତିଆର କରିଥିଲା। ମାତ୍ର ଗୋଟିଏ ଆସନ ବିଜେଡି ଖାତାକୁ ଯାଇଥିଲା। କଂଗ୍ରେସ କୌଣସି ଗୋଟିଏ ଆସନ ପାଇ ନ ଥିଲା।

ଚଳିତ ନିର୍ବାଚନରେ ଏହି ଆସନରୁ ୫ଜଣ ଦଳୀୟ ପ୍ରାର୍ଥୀ ଓ ୮ଜଣ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ସେମାନେ ହେଲେ ଭାଜପାର ସୁବାସ ଚନ୍ଦ୍ର ପାଣିଗ୍ରାହୀ, କଂଗ୍ରେସର ଉମା ଶଙ୍କର ସାହୁ, ବିଜେଡିର ରୋମାଞ୍ଚ ରଞ୍ଜନ ବିଶ୍ୱାଳ, କେଜେଡିରୁ ଅଳକା ପ୍ରଧାନ, ବିଏସ୍‌ପିରୁ କନ୍ଦର୍ପ ପାତ୍ର। ସତ୍ୟବ୍ରତ ପାଣିଗ୍ରାହୀ, ମନୋରଞ୍ଜନ ମିଶ୍ର, ଡୋଲାକର ଭୋଇ, ଦୋଳ ଗୋବିନ୍ଦ ନାଏକ, ପ୍ରହ୍ଲାଦ ଚରଣ ଗଡ଼ନାୟକ, ମୁକେଶ ମହାନାୟକ, ରୋମାଞ୍ଚିଳ ଖଡିରତ୍ନ, ନଗେନ୍ଦ୍ର ପ୍ରଧାନ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ଭାଜପାର ସୁବାସ ପାଣିଗ୍ରାହୀ ୨ ଥର ନିର୍ବାଚନ ଜିତିଥିବାରୁ ସେ ଜଣେ ଅଭିଜ୍ଞ ପ୍ରାର୍ଥୀ ଭାବେ ମାନ୍ୟତା ପାଇଛନ୍ତି। ଏହି ପରିପ୍ରେକ୍ଷୀରେ ସୁବାସଙ୍କ କାର୍ଯ୍ୟ ଦକ୍ଷତାକୁ ଦେବଗଡ଼ବାସୀ ଆଗରୁ ପରଖି ସାରିଛନ୍ତି। ଏଥର ମୁଖ୍ୟତଃ ନୂଆ ଓ ପୁରୁଣାଙ୍କ ମଧ୍ୟରେ ଲଢ଼େଇ ହେବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ବିଶେଷ କରି ନୂଆ ପ୍ରାର୍ଥୀମାନଙ୍କ କାର୍ଯ୍ୟଦକ୍ଷତା ପରଖିବା ପାଇଁ ବେଳ ଆସିଛି ବୋଲି ଏଠାରେ ଆଲୋଚନା ଜୋର ଧରିଛି। ଅନ୍ୟପକ୍ଷେ ପ୍ରାର୍ଥୀମାନେ ନିଜ ନିଜ ଦଳର ସର୍ବୋଚ୍ଚ ନେତାଙ୍କ ଭାବମୂର୍ତ୍ତି,ନିର୍ବାଚନୀ ଇସ୍ତାହାର,ପୂର୍ବ ନିର୍ବାଚନର ପ୍ରତିଶ୍ରୁତି, ଆଞ୍ଚଳିକ ବିକାଶ ଓ ନିଜ ସାଙ୍ଗଠନିକ ସ୍ଥିତି ଉପରେ ଗୁରୁତ୍ୱାରୋପ କରୁଛନ୍ତି। କାରଣ ଏଥର ଭୋଟରମାନେ ପ୍ରାର୍ଥୀଙ୍କ ଯୋଗ୍ୟତା ଓ ଦକ୍ଷତା ପରଖି ଭୋଟ ଦେବେ ବୋଲି ଏଠାରେ ଚର୍ଚ୍ଚା ଜୋର ଧରିଛି।

ଏ ନେଇ ଭାଜପା ପ୍ରାର୍ଥୀ ସୁବାସ କୁହନ୍ତି, ସେ ନିର୍ବାଚିତ ହେଲେ ରେଙ୍ଗାଳୀ ବାସଚ୍ୟୁତଙ୍କୁ ଥଇଥାନ ଓ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ,କୃଷିଭିତ୍ତିକ ଶିଳ୍ପ ସହିତ ଶୀତଳଭଣ୍ଡାର ନିର୍ମାଣ ଉପରେ ଗୁରୁତ୍ୱ ଦେବେ। କଂଗ୍ରେସ ପ୍ରାର୍ଥୀ ଉମାଶଙ୍କର କୁହନ୍ତି, ମୋତେ ଦେବଗଡ ଜିଲାବାସୀ ବିଧାୟକ ଭାବେ ଜିତାଇଲେ ଅସଜଡା ହୋଇପଡିଥିବା ଜିଲାର ଶିକ୍ଷା, ଗମନାଗମନ, ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଉପରେ ପ୍ରାଥମିକତା ଦେବା ସହ କୃଷକମାନଙ୍କ ହକ୍ ପାଇଁ ଲଢେଇ କରିବି। ବିଜେଡି ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ମତରେ ମୁଁ ବିଜୟୀ ହେଲେ ସମସ୍ତଙ୍କ ସୁଖଦୁଃଖରେ ସାମିଲ ହେବି। ସ୍ଥାନୀୟ ଅଞ୍ଚଳର ସମସ୍ୟାର ସମାଧାନ ପାଇଁ ପ୍ରୟାସ କରିବି। କୋଶଳ ଜନତା ଦଳ ପ୍ରାର୍ଥିନୀ ଅଳକା ପ୍ରଧାନ କୁହନ୍ତି, ମୁଁ ବିଜୟୀ ହେଲେ ଜିଲାରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଉପରେ କାମ କରିବି। ଜିଲାରେ ଶୀତଳଭଣ୍ଡାର ନିର୍ମାଣ କରିବା ଉପରେ ଗୁରୁତ୍ୱ ଦେବି।

ଚଳିତ ନିର୍ବାଚନରେ ପ୍ରଥମ ଥର ପାଇଁ ଭୋଟଦେବାକୁ ଯାଉଥିବା କଲେଜ ଛାତ୍ର ଅରବିନ୍ଦ ପ୍ରଧାନ କୁହନ୍ତି, ମୁଁ ନିଷ୍ପତ୍ତି ନେଇଛି କୌଣସି ଦଳ ନୁହେଁ,ବରଂ ଜଣେ ଭଲ ପ୍ରାର୍ଥୀ, ଟାଣୁଆ ନେତାଙ୍କୁ ଭୋଟ ଦେବି। ଆଜିକାଲି ନେତାମାନେ ନିଜ ସ୍ୱାର୍ଥ ପାଇଁ ଦଳ ବଦଳ କରୁଛନ୍ତି। ମୁଁ ମୋର ଭୋଟ ଏମିତି ନେତାଙ୍କୁ ଦେବି ଯାହାଦ୍ୱାରା ଜିଲାର ଉନ୍ନତି ହେବ। ସାମାଜିକ କର୍ମୀ ଶାଶ୍ୱତୀ ନନ୍ଦ କୁହନ୍ତି, ମୁଁ ଭୋଟ ସପକ୍ଷରେ ନାହିଁ ,କାରଣ ସ୍ୱତନ୍ତ୍ର ଜିଲା ଗଠନ ହେବାର ୨୫ ବର୍ଷ ବିତିଯାଇଥିଲେ ସୁଦ୍ଧା କୌଣସି ଆଖିଦୃଶିଆ ବିକାଶ ହୋଇପାରିନାହିଁ। ଆଜି ବି ଉଚ୍ଚ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡିଛି। ସ୍ୱାସ୍ଥ୍ୟସେବା, ଜୀବନ ଜୀବିକା ପାଇଁ ଅନ୍ୟ ଜିଲା ତଥା ରାଜ୍ୟ ଉପରେ ଆମକୁ ନିର୍ଭର କରିବାକୁ ପଡୁଛି। ପ୍ରକୃତିର ଅନନ୍ୟ ଉପହାର ପ୍ରଧାନପାଟର ରକ୍ଷଣାବେକ୍ଷଣ ଅଭାବ ରହିଛି। ଆଜି ପର୍ଯ୍ୟନ୍ତ କୌଣସି ନେତା ମନ୍ତ୍ରୀ ଏହାର ଉନ୍ନତି କରି ନାହାନ୍ତି। ଦେବଗଡ଼ର ବିକାଶ ଆମ ସମସ୍ତଙ୍କ ଦାୟିତ୍ୱ। ଉପଯୁକ୍ତ ନେତାଙ୍କୁ ବାଛିବା ଯିଏ ଆମ ଜିଲାର ବିକାଶ ପାଇଁ କାମ କରିବ।


ରୋମାଞ୍ଚ ରଞ୍ଜନ ବିଶ୍ୱାଳ


ସୁବାସ ଚନ୍ଦ୍ର ପାଣିଗ୍ରାହୀ


ଉମା ଶଙ୍କର ସାହୁ


ଅଳକା ପ୍ରଧାନ

## ସଂକ୍ଷେପରେ

### ଟ୍ରକ୍-ଆମ୍ବୁଲାନ୍ସ ଧକ୍କା: ଜଣେ ମୃତ, ୩ଗୁରୁତର



ଦେବଗଡ଼,୧୭।୪(ସ୍ୱ.ପ୍ର.):ଦେବଗଡ ଜିଲା ତିଲେଇବଣି ବ୍ଲକ ପ୍ରଭାଶୁଣି ଗ୍ରାମ ନିକଟରେ ବୁଧବାର ଭୋର ସମୟରେ ଟ୍ରକ୍ ଓ ୧୦୮ ଆମ୍ବୁଲାନ୍ସ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଆମ୍ବୁଲାନ୍ସ ଡ୍ରାଇଭର ରଞ୍ଜିତ ପ୍ରଧାନ (୩୬)। ତାଙ୍କ ଘର ରେଢ଼ାଖୋଲରେ। ସେ ତିଲେଇବଣିରେ ଭଡ଼ାରେ ରହୁଥିଲେ। ଗୁରୁତରମାନେ ହେଲେ ଟାଇଁସର ଗ୍ରାମର ଟେକ୍ନିସିଆନ୍ ଟିକନ ଗଡନାୟକ(୨୫) ଓ ହେଲପର୍ ରିପନ ପ୍ରଧାନ(୨୨)। ଆଉ ଜଣେ ଆହତଙ୍କର ପରିଚୟ ମିଳିପାରିନାହିଁ। ଆମ୍ବୁଲାନ୍ସ କର୍ମଚାରୀମାନେ ଜଣେ ରୋଗୀଙ୍କୁ ବୁର୍ଲା ବଡ ଡାକ୍ତରଖାନାରେ ଛାଡି ଦେବଗଡ଼ ଅଭିମୁଖେ ଆସୁଥିଲେ। ତିଲେଇବଣି-କୁଚିଣ୍ଡା ଜାତୀୟ ରାଜପଥର ପ୍ରଭାଶୁଣି ଗ୍ରାମ କରଡାପାଳଠାରେ ଏକ ମାଲବାହୀ ଟ୍ରକ୍ ଆମ୍ବୁଲାନ୍ସକୁ ସମ୍ମୁଖରୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସମସ୍ତେ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାକୁ ନେଇଥିଲେ। ତେବେ ଡ୍ରାଇଭରଙ୍କ ବାଟରେ ମୃତ୍ୟୁ ଘଟିଥିଲା। କୁଚିଣ୍ଡାରେ ଜଣେ ଚିକିତ୍ସିତ ହୋଇଥିବା ବେଳେ ଟେକ୍ନିସିଆନ୍ ଓ ହେଲପରଙ୍କୁ ବୁର୍ଲା ପଠାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଗମ୍ଭୀର ଥିବାରୁ ସେମାନଙ୍କୁ ପରେ କଟକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଫେରାର୍ ହୋଇ ଯାଇଛନ୍ତି। ସ୍ଥାନୀୟ ପୋଲିସ ଘଟଣାର ଅଧିକ ତଦନ୍ତ କରୁଛି।

# ସିଇଓଙ୍କ ଆଗରେ ଫେରାଦ ହେଲା ଭାଜପା

## ■ ନିର୍ବାଚନ ହାରିବା ଭୟରେ ବିଜେଡି ହିଂସାକାଣ୍ଡ ଘଟାଇ ଭୋଟରଙ୍କୁ ଭୟଭୀତ କରୁଛି

ଭୁବନେଶ୍ୱର,୧୭।୪(ବ୍ୟୁରୋ)

ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡିଛି । ଭାଜପା କର୍ମୀମାନଙ୍କ ଉପରେ ଆକ୍ରମଣ କରାଯିବା ସହ ହତ୍ୟା କରାଯାଉଛି । ଶାସକ ବିଜେଡିର ଗୁଣ୍ଡାମାନେ ଅମାନୁଷିକକାଣ୍ଡ ଘଟାଇ ବିରୋଧୀ ଏବଂ ସାଧାରଣ ଭୋଟରମାନଙ୍କୁ ପ୍ରଭାବିତ କରୁଛନ୍ତି। ନିର୍ବାଚନ ହାରିବା ଭୟରେ ବିଜେଡି ରକ୍ତମୁଖା ହୋଇଛି । ସାଧାରଣ ନିର୍ବାଚନ ତାରିଖ ଘୋଷଣା ହେବା ପର ଠାରୁ ବିଜେଡିର ଗୁଣ୍ଡାମାନେ ହିଂସ୍ର ହୋଇପଡିଛନ୍ତି । ରାଜ୍ୟରେ ବଳାତ୍କାର, ହତ୍ୟା ଆଦି ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି । ବିଜେଡି ନେତାଙ୍କ ଛତ୍ରଛାୟା ତଳେ ରହି ଅପରାଧୀମାନେ ଖୋଲାଖୋଲି ଅପରାଧ ଘଟାଇ ଚାଲିଛନ୍ତି । ତୁରନ୍ତ ଏମାନଙ୍କର ଗୁଣ୍ଡାରାଜକୁ ଦମନ ଏବଂ ରାଜ୍ୟରେ ଶାନ୍ତିର ବାତାବରଣ ସୃଷ୍ଟି କରିବା ସହ ମୁକ୍ତ, ଅବାଧ ଓ ଭୟମୁକ୍ତ ନିର୍ବାଚନ କରିବା ଦାବିରେ ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅପରାଧ ଘଟାଉଥିବା ଦୋଷୀଙ୍କୁ ତୁରନ୍ତ ଗିରଫ କରାଯିବା ପାଇଁ ଦାବି କରିଛି।




ଭାଜପା ପ୍ରତିନିଧି ଦଳ ସିଇଓଙ୍କୁ ଭେଟି ଫେରୁଛନ୍ତି।

ଗତ କିଛିଦିନ ତଳେ କେନ୍ଦୁଝର ଜିଲା ଘଷିପୁରା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ବେହେରାଙ୍କୁ ଶାସକ ବିଜେଡି ଦଳର ଗୁଣ୍ଡାମାନେ ହତ୍ୟା କରିଛନ୍ତି । ଏହି ହତ୍ୟାକାଣ୍ଡରେ ମନ୍ତ୍ରୀ ବଦ୍ରି ପାତ୍ର ଏବଂ ତାଙ୍କ ପୁଅଙ୍କ ସମ୍ପୃକ୍ତି ଥିବାର ପ୍ରମାଣ ରହିଛି । ଏପ୍ରିଲ ୧୪ ତାରିଖରେ ଖୋର୍ଦ୍ଧା ଜିଲା ଭାଜପା ମଣ୍ଡଳ ସଭାପତି ମଙ୍ଗୁଲି ଜେନାଙ୍କୁ ଗୁଳି କରି ହତ୍ୟା କରାଯାଇଛି । ଏପରିକି ଖୋର୍ଦ୍ଧା ଭାଜପା ବିଧାୟକ ପ୍ରାର୍ଥୀ କାଲୁ ଖଣ୍ଡାୟତରାୟଙ୍କ ଉପରକୁ ମଧ୍ୟ ଗୁଳି କରାଯାଇଥିଲା, ତେବେ ସେ ସୌଭାଗ୍ୟବଶତଃ ବର୍ତ୍ତିଯାଇଥିଲେ। ଏହି ଘଟଣାକୁ ୩ ଦିନ ବିତିଥିଲେ ବି ଏ ପର୍ଯ୍ୟନ୍ତ ଜଣକୁ ମଧ୍ୟ ପୋଲିସ ଗିରଫ କରିପାରି ନାହିଁ । ସେହିପରି ୨ ଜଣ ନାବାଳିକାଙ୍କୁ ବଳାତ୍କାର ସହ ହତ୍ୟା କରାଯାଇଛି । ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ବିଜେଡି କର୍ମୀମାନେ ଅନେକ ସ୍ଥାନରେ ବୁଥ୍ କ୍ୟାପଚରିଂ, ରିଗିଂ ଏବଂ ଭୋଟରଙ୍କୁ ଲାଞ୍ଚ ସହ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଧମକ ଦେଇଥିଲେ । ବିଜେଡି କର୍ମୀମାନେ ଭାଜପା ପୋଷ୍ଟର ଚିରିବା ସହ ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ମତଦାତାଙ୍କୁ ଟଙ୍କା ବାଣ୍ଟିବା ସହ ଧମକ ମଧ୍ୟ ଦେଉଛନ୍ତି ।

ଏହା ବିରୋଧରେ ବିଭିନ୍ନ ଥାନାରେ ଏତଲା ପରେ ବି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ପ୍ରତିନିଧି ଦଳ ଦାବିପତ୍ରରେ ଜଣାଇଛନ୍ତି । ଏହି ପ୍ରତିନିଧି ଦଳରେ ରାଜ୍ୟ ଉପସଭାପତି ରମାରଞ୍ଜନ ବଳିଆରସିଂ, ରାଜ୍ୟ ସଂପାଦିକା ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ନିର୍ବାଚନ ପ୍ରକୋଷ୍ଠ ମୁଖ୍ୟ ସଂଯୋଜକ ରବିଶଙ୍କର ପଟ୍ଟନାୟକ, ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ସରକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର

## ସିଇଓଙ୍କ ନିକଟରେ ଅଭିଯୋଗ କଲା ବିଜେଡି

ଭୁବନେଶ୍ୱର,୧୭।୪(ବ୍ୟୁରୋ)

ନିର୍ବାଚନ କମିଶନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟରତ ସରକାରୀ ଅଧିକାରୀମାନଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁର୍ବ୍ୟବହାର କରିବା ସହ ସେମାନଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ବୁଧବାର ବିଜେଡି ପକ୍ଷରୁ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ଏହା ଜଣାଇବା ସହ ଧର୍ମେନ୍ଦ୍ରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛି।

ବିଜେଡି ଅଭିଯୋଗ କରିଛି ଯେ ଧର୍ମେନ୍ଦ୍ରଙ୍କ ହେଲିକପ୍ଟର ଚେକିଂ କରିବାକୁ ଯାଇଥିବା ନିର୍ବାଚନ କମିଶନଙ୍କ ଫ୍ଲାଇଂ ସ୍କ୍ୱାଡ୍ ଅଧିକାରୀମାନଙ୍କୁ ସେ ଦୁର୍ବ୍ୟବହାର କରିବା ସହ ନାଲିଆଖି ଦେଖାଇ ଧମକାଇ ଥିଲେ। ମଙ୍ଗଳବାର ଅଧିକାଂଶ ଟେଲିଭିଜନ୍ ଚ୍ୟାନେଲରେ ଏହି ଦୃଶ୍ୟ ପ୍ରସାରିତ ହୋଇଛି। ନିର୍ବାଚନ ଡ୍ୟୁଟିରେ ଥିବା ଯାଞ୍ଚ ଅଧିକାରୀମାନଙ୍କୁ ଜଣେ ରାଜନୈତିକ ନେତା ଏଭଳି ନିମ୍ନସ୍ତରର ଆଚରଣ ଦେଖାଇବା ଦୁଃଖଦାୟକ। ନିର୍ବାଚନ କମିଶନ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିନିଧି ଦଳ ଦାବି କରିଛି। ସେହିଭଳି ଧର୍ମେନ୍ଦ୍ର ହେଲିକପ୍ଟରରେ ସାଙ୍ଗରେ ନେଇ ଯାଇଥିବା ବନ୍ଦ ସୁଟକେଶ୍ ଟି କ'ଣ ତାହାର ଖୁଲାସା ହେବା ଦରକାର। ତାଙ୍କ ପାଖରେ ଥିବା ଏହି ବନ୍ଦ ସୁଟକେଶ୍‌କୁ ସମସ୍ତେ ଦେଖିଛନ୍ତି ଏବଂ ସେଥିରେ ଟଙ୍କା ଯାଇଥିବା ଅନେକଙ୍କର ସନ୍ଦେହ ହେଉଛି। ତେଣୁ ପ୍ରକୃତରେ ସେଥିରେ କ'ଣ ଥିଲା ତାହା ସମସ୍ତେ ଜାଣିବା ଦରକାର ବୋଲି ବିଜେଡି ପ୍ରତିନିଧିମାନେ ସିଇଓଙ୍କୁ ଜଣାଇଛନ୍ତି।

# ଆଜିଠୁ ସ୍କୁଲ ବନ୍ଦ

**ଖୋଲା ରହିବ କାର୍ଯ୍ୟାଳୟ, ଉପସ୍ଥିତ ରହିବେ ଶିକ୍ଷକ**

ଭୁବନେଶ୍ୱର,୧୭।୪(ବ୍ୟୁରୋ): ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାର ଗୁରୁବାରଠାରୁ ରାଜ୍ୟର ସମସ୍ତ ସରକାରୀ ଏବଂ ବେସରକାରୀ ସ୍କୁଲ ବନ୍ଦ କରିଛନ୍ତି। ଏପ୍ରିଲ ୧୮ରୁ ମେ ୪ ପର୍ଯ୍ୟନ୍ତ ସ୍କୁଲ ଛୁଟି କରିଦିଆଯାଇଛି। ଏହି ସମୟରେ କେବଳ କ୍ଲାସ୍ ବନ୍ଦ ରହିବ। କିନ୍ତୁ ସ୍କୁଲ କାର୍ଯ୍ୟାଳୟ ଖୋଲା ରହିବା ସହ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ରହିବେ। ପିଲାଙ୍କ ନାମଲେଖା, ଟେକ୍ସଟ ବୁକ୍ ରସିଦ୍, ବହି ବଣ୍ଟନ, ସାର୍ଟିଫିକେଟ୍ ପ୍ରଦାନ ଭଳି ବିଭିନ୍ନ ଅଫିସିଆଲ କାର୍ଯ୍ୟ ଜାରି ରହିବ। ଛୁଟି ସମୟରେ ଏହି ସବୁ କ୍ଷେତ୍ରରେ ଯେଭଳି ସମସ୍ୟା ଦେଖା ନ ଯିବ, ସେଥିପ୍ରତି ଗୁରୁତ୍ୱ ଦେବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ବିଭିନ୍ନ ଶିକ୍ଷୟିତ୍ରୀ, ଶିକ୍ଷକ ଇଲେକ୍ସନ ଡ୍ୟୁଟିରେ ଥିବାବେଳେ ସମସ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ ଉପଯୁକ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ରହିବା ବ୍ୟବସ୍ଥା କରିବାକୁ କୁହାଯାଇଛି। ଏ ନେଇ ବିଭାଗ ପକ୍ଷରୁ ବୁଧବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଥାଉ କି, ପୂର୍ବରୁ ମେ ୬ରୁ ଗ୍ରୀଷ୍ମକାଳୀନ ଛୁଟି ଘୋଷଣା କରାଯାଇଥିଲା। କିନ୍ତୁ ଏବେ ରାଜ୍ୟର ଅନେକ ଜିଲାର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାରୁ ମଙ୍ଗଳବାର ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ବିଷ୍ଣୁପଦ ସେଠୀ ୧୮ତାରିଖରୁ ସ୍କୁଲ ଛୁଟି ରଖିବାକୁ ଘୋଷଣା କରିଥିଲେ। ଏ ନେଇ ମଙ୍ଗଳବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କୁ ଏକ ଚିଠି ଦିଆଯାଇଥିଲା।

# ଭାଜପା ପ୍ରାର୍ଥୀଙ୍କ କାର୍‌କୁ ପଥର ମାଡ଼, ଅଭିଯୁକ୍ତ ଗିରଫ

ବରଗଡ଼ ଅଫିସ/ ବିଜେପୁର,୧୭।୪(ଡି.ଏନ.ଏ)

ସାଧାରଣ ନିର୍ବାଚନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଗୁରୁବାର ହେବ। ତେବେ ମତଦାନ ପ୍ରକ୍ରିୟାର ଅବ୍ୟବହିତ ପୂର୍ବରୁ ବୁଧବାର ଅପରାହ୍ନ ପ୍ରାୟ ଦେଢ଼ଟାରେ ବରଗଡ଼ ଜିଲା ବିଜେପୁର ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ସନତ କୁମାର ଗଡ଼ତିୟାଙ୍କ କାର୍ (ନଂ.ଓଡ଼ି୧୭ଇ/୨୩୩୮)କୁ କନ୍ଧରା ଗ୍ରାମରେ ପଥର ମାଡ଼ ହୋଇଛି। ଫଳରେ କାର୍‌ର ସମ୍ମୁଖ ଭାଗ କାଚ ଭାଙ୍ଗିଯାଇ ଥିବାବେଳେ ଗଡ଼ତିୟା ସେଥିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଏହି ଘଟଣାରେ ବିଜେପୁର ଥାନା ପୋଲିସ ଅଭିଯୁକ୍ତ ସୁଧୀର ବରିହା(୨୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।



ପଥର ମାଡ଼ କରାଯାଇଥିବା ସନତ କୁମାର ଗଡ଼ତିୟାଙ୍କ କାର୍।

ଗଡ଼ତିୟା କାର୍ ଯୋଗେ କନ୍ଧରା ଗ୍ରାମକୁ ଯାଇଥିଲେ। ସେ କାର୍‌କୁ ରାସ୍ତାକଡ଼ରେ ରଖି କିଛି ଲୋକଙ୍କୁ ଭେଟିବା ପରେ ପୁଣି କାର୍‌ରେ ବସିବାକୁ ଯାଉଥିଲେ । ଏହି ସମୟରେ ଅଭିଯୁକ୍ତ ଜଣକ ତାଙ୍କୁ ଲକ୍ଷ୍ୟ କରି ପଥର ମାରିଥିଲେ । ମାତ୍ର ତାହା ଗଡ଼ତିୟାଙ୍କ ଦେହରେ ନ ବାଜି ତାଙ୍କ କାର୍ ସମ୍ମୁଖ କାଚରେ ବାଜିଥିଲା । ଘଟଣାକୁ ନେଇ ଗ୍ରାମରେ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା । ପୋଲିସ ସେଠାକୁ ପହଞ୍ଚି ପରିସ୍ଥିତି ଶାନ୍ତ କରିଥିଲେ ମଧ୍ୟ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି । ସେହିପରି ମଙ୍ଗଳବାର ସନ୍ଧ୍ୟାରୁ ପ୍ରାର୍ଥୀଙ୍କ ପ୍ରଚାର ଅବଧି ସରିଯାଇଥିବା ବେଳେ ବୁଧବାର ଗଡ଼ତିୟା ସେହି ଗ୍ରାମକୁ କେଉଁ କାମରେ ଯାଇଥିଲେ, ତାକୁ ନେଇ ମଧ୍ୟ ନାନା ଆଲୋଚନା ଆରମ୍ଭ ହୋଇଛି ।

# ଐତିହ୍ୟର ସଂରକ୍ଷଣ ସୃଷ୍ଟିକରିଛି ଚ୍ୟାଲେଞ୍ଜ

ଭୁବନେଶ୍ୱର,୧୭।୪(ବ୍ୟୁରୋ)

ଐତିହ୍ୟର ଗନ୍ତାଘର ଓଡ଼ିଶା। କୋଣାର୍କର ସୂର୍ଯ୍ୟମନ୍ଦିର ହେଉ କି ରାଜ୍ୟରେ ରହିଥିବା ବହୁ ପୁରାତନ ରାଜପ୍ରାସାଦ, ସବୁଠି ଦେଖିବାକୁ ମିଳିଥାଏ ଉତ୍କଳୀୟ ଐତିହ୍ୟ ଓ ନିର୍ମାଣଶୈଳୀର ପ୍ରତିଛବି। ଐତିହ୍ୟ ଓ ସଂସ୍କୃତି ପାଇଁ ଓଡ଼ିଶା ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବାବେଳେ ପୁରାତନ କୀର୍ତ୍ତିରାଜି, ପ୍ରାଚୀନ ଗୁମ୍ଫା ଓ ଐତିହାସିକ ମନ୍ଦିରକୁ ନେଇ ମନ୍ଦିରମାଳିନୀ ସହରର ପରିଚୟ ପାଇଛି ଭୁବନେଶ୍ୱର। ଶିଶୁପାଳଗଡ଼ ସହ ଯୋଡି ହୋଇରହିଛି ବର୍ଷ ବର୍ଷ ତଳର ସଭ୍ୟତା। ମାତ୍ର କାଳକ୍ରମେ ଏଗୁଡିକ ନଷ୍ଟ ହେବାକୁ ଲାଗିଛି। କେଉଁଠି ମନ୍ଦିରରୁ ମୂର୍ତ୍ତି ଚୋରି ହୋଇଯାଉଛି ତ ଆଉ କେଉଁଠି ପଥର ଖସୁଛି। ଖଣ୍ଡଗିରି, ଉଦୟଗିରିରୁ ଶିଳାଲିପି ଲିଭିଯାଉଥିବାବେଳେ କୋଣାର୍କ ଏବେ ବି ଲୌହଭାର ମଧ୍ୟରେ ନିଜର ସ୍ଥିତି ଖୋଜୁଛି। ସୁରକ୍ଷା ଓ ସଂରକ୍ଷଣ ଅଭାବରୁ ଏକାମ୍ର କ୍ଷେତ୍ର ଏବଂ ଜାତୀୟ ଉଦ୍ୟାନ ଭିତରକନିକା ୟୁନେସ୍କୋର ବିଶ୍ୱ ଐତିହ୍ୟ ମାନ୍ୟତା ପାଇବାକୁ ବଞ୍ଚିତ ହୋଇଛି।

ଫ୍ରାନ୍ସର ୮୫୦ବର୍ଷ ତଳର ଐତିହାସିକ ନୋଟ୍ରେ ଡେମ୍ ଚର୍ଚ୍ଚରେ ଅଗ୍ନିକାଣ୍ଡ ଘଟିବାର ମାତ୍ର କିଛି ସମୟ ପରେ ସେଠାକାର ସରକାର ୫ବର୍ଷ ମଧ୍ୟରେ ଏହାର ପୁନଃ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ଅସୁରକ୍ଷିତ ଅବସ୍ଥାରେ ଥିବା କୋଣାର୍କ ମନ୍ଦିରର ମରାମତି ସରୁନି କି ବର୍ଷ ବର୍ଷ ଧରି ଲାଗି ରହିଥିବା ଲୌହ ଭାରା ହଟାଯାଉନି। ପ୍ରତିବର୍ଷ ବର୍ଷା ଋତୁରେ ଏହା ପରିସରରେ ପାଣି ଜମି କୋଣାର୍କ ମନ୍ଦିର ଓ କାରୁକାର୍ଯ୍ୟ ପ୍ରତି ବିପଦ ସୃଷ୍ଟି କରୁଥିଲେ ମଧ୍ୟ ଏହି ସମସ୍ୟା ବି ଦୂର ହୋଇପାରୁନି। ଏପରି କି ଚାରିପାର୍ଶ୍ୱରେ ହେଉଥିବା ଜବରଦଖଲ ପାଇଁ ଏହାର ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରତି ଆଶଙ୍କା ସୃଷ୍ଟି ହୋଇଛି। ଫଳରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଅଧୀନରେ ଥିବା ଏହି ବିଶ୍ୱ ଐତିହ୍ୟ ଧୀରେ ଧୀରେ ନିଜର କାରୁକାର୍ଯ୍ୟ ହରାଉଛି। କୋଣାର୍କ ମନ୍ଦିର ଭଳି ରାଜ୍ୟର ସବୁ ଐତିହ୍ୟ ଏଭଳି ଅବହେଳିତ ସ୍ଥିତିରେ ପହଞ୍ଚିଛି।



**ଆଜି ବିଶ୍ୱ ଐତିହ୍ୟ ଦିବସ**

- ■ ଲୌହଭାରରୁ ମୁକୁଳିପାରୁନି କୋଣାର୍କ
- ■ ୫ ହଜାରରୁ ତିଷ୍ଠିରହିଛି ୨ ହଜାର କୀର୍ତ୍ତିରାଜି
- ■ ଜବରଦଖଲ ଯୋଗୁ ସ୍ଥିତି ହରାଉଛି ପୁରାତନ ମନ୍ଦିର, ପୁଷ୍କରିଣୀ

ମିଳିଥିବା ତଥ୍ୟ ଅନୁସାରେ, ରାଜ୍ୟରେ ୫ ହଜାରରୁ ଅଧିକ କୀର୍ତ୍ତିରାଜି ରହିଥିଲା। ତାହା ଆଜି ଖସିଆସି ୨୨୦୦ରେ ପହଞ୍ଚିଛି। ଐତିହ୍ୟର ରକ୍ଷଣାବେକ୍ଷଣ ଲାଗି ପ୍ରତିବର୍ଷ ରାଜ୍ୟ ଓ କେନ୍ଦ୍ର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ସ୍ୱତନ୍ତ୍ର ବଜେଟ କରାଯାଉଥିଲେ ମଧ୍ୟ ତାହା ସମୁଦ୍ରକୁ ଶଙ୍ଖେ ହେଉଛି। ତେଣୁ ଅର୍ଥାଭାବ ସହ ଅଣଦେଖା ଐତିହ୍ୟ ସଂରକ୍ଷଣରେ ବାଧକ ସାଜିଛି। ରାଜ୍ୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା ଅଧୀନରେ ୨୧୮ଟି ଐତିହ୍ୟ ଓ କୀର୍ତ୍ତିରାଜି ରହିଥିବାବେଳେ ସ୍ୱଳ୍ପ ବଜେଟରେ ଏତେସଂଖ୍ୟକ ଐତିହ୍ୟସ୍ଥଳୀର ସଂରକ୍ଷଣ କରାଯିବା ଅସମ୍ଭବ ହୋଇପଡିଛି। ସେହିଭଳି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଅଧୀନରେ ରାଜ୍ୟର ୭୮ଟି କୀର୍ତ୍ତିରାଜି ରହିଥିବାବେଳେ କେବଳ ପୁରୀ, କୋଣାର୍କ ଏବଂ ଭୁବନେଶ୍ୱରର ହାତଗଣତି କୀର୍ତ୍ତିରାଜିକୁ ଛାଡିଦେଲେ ଏଏସ୍‌ଆଇ ଅନ୍ୟ କୀର୍ତ୍ତିରାଜିର ସଂରକ୍ଷଣ କଥା ଏକପ୍ରକାର ଭୁଲାଯାଇଛି। ଏକାମ୍ର କ୍ଷେତ୍ରରେ ଥିବା ୨୦ରୁ ଅଧିକ ଐତିହ୍ୟ ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଭୁବନେଶ୍ୱର ଏଏସ୍‌ଆଇ କାର୍ଯ୍ୟାଳୟର ୫ରୁ ୮ କି.ମି. ପରିଧି ମଧ୍ୟରେ ରହିଥିବା ଐତିହ୍ୟ ଓ କୀର୍ତ୍ତିରାଜିର ଏପରି ଅବସ୍ଥା ଦେଖିବାକୁ ମିଳୁଥିବାବେଳେ ରାଜ୍ୟର ଅନ୍ୟ ଅଞ୍ଚଳରେ ଥିବା ଐତିହ୍ୟ କେଉଁ ପରିସ୍ଥିତିରେ ଥିବ ତାହା ସହଜରେ ବାରି ହୋଇପଡୁଛି। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଭୁବନେଶ୍ୱର ସର୍କଲକୁ ବାର୍ଷିକ ଯେତିକି ଅର୍ଥ ମିଳୁଛି ସେଥିରେ ସମସ୍ତ ଐତିହ୍ୟର ସଂରକ୍ଷଣ ଓ ବିକାଶ କାର୍ଯ୍ୟ ସମ୍ଭବ ନୁହେଁ ବୋଲି ଏଏସ୍‌ଆଇ ପକ୍ଷରୁ କୁହାଯାଉଛି। ଏ ପରିସ୍ଥିତିରେ ଶ୍ରୀମନ୍ଦିରର ସଂରକ୍ଷଣ ଏବେ ଏଏସ୍‌ଆଇ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ଅନ୍ୟପକ୍ଷରେ ପୀଢ, ରେଖ ଓ ଖାକରା ଶୈଳୀରେ ନିର୍ମିତ ଏକାମ୍ର କ୍ଷେତ୍ରର ୨୦୦ରୁ ଅଧିକ ବିରଳ ମନ୍ଦିର ଏବେ ନଷ୍ଟ ହେବାରେ ଲାଗିଛି। ସରକାରୀ ତଥ୍ୟ ଅନୁଯାୟୀ, ଖ୍ରୀଷ୍ଟାବ୍ଦ ୫୦୦ ଶତାବ୍ଦୀରେ ଭୁବନେଶ୍ୱରରେ ୭୦୦ ମନ୍ଦିର ରହିଥିଲା। ସେଥିରୁ ଏବେ ପ୍ରାୟ ୫୦୦ ଛୋଟବଡ଼ ମନ୍ଦିର ମାଟିରେ ମିଶିଗଲାଣି। ଯେତିକି ବି ରହିଛି ସେଥିମଧ୍ୟରୁ ୪୦ ପ୍ରତିଶତର ଅବସ୍ଥା ଶୋଚନୀୟ। ଐତିହ୍ୟ ସମ୍ପନ୍ନ ପୁଷ୍କରିଣୀ ଅବସ୍ଥା ବି ଦୟନୀୟ। ଏନେଇ ରାଜ୍ୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥାର ଅଧିକାରୀ ସଂଘମିତ୍ରା ଶତପଥୀଙ୍କ କହିବାନୁଯାୟୀ, କେବଳ ସୁନ୍ଦରଗଡ଼ର ଏକ ଏତିହ୍ୟସ୍ଥଳୀକୁ ଛାଡି ଆମେ ସମସ୍ତ ଐତିହ୍ୟର ମରାମତି କାର୍ଯ୍ୟ କରିଛୁ। ଐତିହାସିକ ପୁଷ୍କରିଣୀର ପୁନରୁଦ୍ଧାର କରିବା ଦାୟିତ୍ୱ ପର୍ଯ୍ୟଟନ ବିଭାଗର ହୋଇଥିବାରୁ ଆମର ସେଥିରେ କିଛି କାମନାହିଁ।

# ଦୟଣା ଚୋରି କଲେ ମହାପ୍ରଭୁ

**ଶ୍ରୀମନ୍ଦିରରେ ଦୟଣାଲାଗି ନୀତି ଆଜି**

ପୁରୀ ଅଫିସ,୧୭।୪

ଶ୍ରୀମନ୍ଦିରରେ ଚାଲିଛି ରାମଲୀଳା। ବୁଧବାର ଚୈତ୍ରଶୁକ୍ଳ ତ୍ରୟୋଦଶୀରେ ଦମନକ ଚୋରି ତଥା ଦୟଣା ଚୋରି ନୀତି ଯୋଗୁ ରାମଲୀଳା ବନ୍ଦ ରହିଥିଲା। ମଧ୍ୟାହ୍ନ ଧୂପ ଏବଂ ଦକ୍ଷିଣୀ ଘର ଭୋଗ ସରିବା ପରେ ରାମ ଓ କୃଷ୍ଣ ରତ୍ନସିଂହାସନକୁ ବିଜେ କରିଥିଲେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ଦୁଇ ଠାକୁରଙ୍କୁ ପ୍ରଦାନ କରିଥିଲେ। ଅଧିବାସ କନ୍ଦର୍ପ ପଟି ବଟମୂଳେ ରହିଥିବା ପାଲିଙ୍କି ନିକଟକୁ ମହାଜନ ସେବକ ବିଜେ କରାଇଥିଲେ। ଏହାପରେ ରାମ ଓ କୃଷ୍ଣ ପାଲିଙ୍କିକୁ ବିଜେ ହୋଇଥିଲେ। କନ୍ଦର୍ପ ପଟି ଧରି ମହାଜନ ସେବକ ଆଗେ ଆଗେ ଚାଲିଥିଲେ। ବିମାନବଡୁମାନେ ଘଣ୍ଟ, ଛତା, କାହାଳୀ ସହ ଠାକୁରଙ୍କୁ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରାଇଥିଲେ। ଜଗନ୍ନାଥ ବଲ୍ଲଭ ଝୁଲଣ ଘର ଶେଯଖଟ ଉପରେ ରାମକୃଷ୍ଣ ବିଜେ କରିବା ପରେ କନ୍ଦର୍ପ ପଟି ବିଜେ କରାଯାଇଥିଲା। ସଂକଳ୍ପ ହୋମ ହୋଇ ଭୋଗ ବଢିଥିଲା। ମହାଜନ ସେବକ ରାମକୃଷ୍ଣଙ୍କୁ ହାତରେ ଧରି ମଠର ସୁଗ୍ରୀବ ମହାରାଜଙ୍କ ସମ୍ମୁଖ ପ୍ରମୋଦ ଉଦ୍ୟାନକୁ ବିଜେ କରାଇଥିଲେ। ସେଠାରେ ଏକ ଆସ୍ଥାନରେ ୬ଟି ଦୟଣା ବୃକ୍ଷ ରୋପଣ କରାଯାଇଥିଲା। ଭିତରଛୁ ୨ଟି ବୃକ୍ଷ ଆଣି ରାମକୃଷ୍ଣଙ୍କ ଶ୍ରୀହସ୍ତରେ ଲାଗି କରାଇଥିଲେ। ଅବଶିଷ୍ଟ ୪ଟି ବୃକ୍ଷକୁ ଏକ ତାଡ଼ରେ ଶ୍ରୀମନ୍ଦିରକୁ ଅଣାଯାଇଥିଲା। ଏହାପରେ ରାମ ଓ କୃଷ୍ଣ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ଠାକୁର ବାହୁଡା ବିଜେ ପରେ ଭୋଗମଣ୍ଡପ ଘର ଧୋପଖାଳ ହୋଇ ଚାନ୍ଦୁଆ ଟଣା ହୋଇଥିଲା। ଚାନ୍ଦୁଆ ତଳେ ବାଲିବନ୍ଧ ଉପରେ ଦୟଣା, ମରୁଆ ସୁବାସ ଗଛମାନ ରୋପଣ କରାଯାଇଥିଲା। ପାଲିଙ୍କିରୁ ମହାଜନ ଦୁଇ ଠାକୁରଙ୍କୁ ଗରୁଡ ଦ୍ୱାରକୁ ଆଣିଥିଲେ। ସେଠାରେ ମଇଲମ ହୋଇଥିଲା। ବଡସିଂହାର ଭୋଗ ଶେଷ ହେବା ପରେ ମଦନ ମୋହନ ରତ୍ନସିଂହାସନକୁ ବିଜେ କରିଥିଲେ। ମହାଜନ ସେବକ ମଦନମୋହନ, ଶ୍ରୀଦେବୀ ଏବଂ ଭୂଦେବୀଙ୍କୁ ଶ୍ରୀଜଗନ୍ନାଥବଲ୍ଲଭରୁ ଆସିଥିବା ୩ଟି ଗଛ ଦୟଣା ଲାଗି କରାଇଥିଲେ। ଏହାପରେ ଠାକୁରଙ୍କ ଆଗରେ ୩ଟି ଚାଙ୍ଗୁଡିରେ ତିନି ଗୋଟା ଗଛ ରଖାଯାଇଥିଲା। ପୂଜାପଣ୍ଡା ମଣ୍ଡଳ ଉପରେ ତିନୋଟି ଚାଙ୍ଗୁଡିକୁ ରଖିଥିଲେ। ଶୀତଳଭୋଗ ମଣୋହି ହେବା ପରେ ଭୋଗମଣ୍ଡପ ଘର ଦ୍ୱାର ବନ୍ଦ କରି ଜଉମୁଦ ଦିଆଯାଇଥିଲା। ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢି ପହୁଡ ହୋଇଥିଲା। ଗୁରୁବାର ଶ୍ରୀମନ୍ଦିରରେ ଦୟଣାଲାଗି ନୀତି ଅନୁଷ୍ଠିତ ହେବ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 01-KUR-TRD-OT-2019-20, ତା: 12.04.2019

**କାର୍ଯ୍ୟର ନାମ :** ଦୁଇ ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ପନ୍ଦର (15) ସଂଖ୍ୟକ ଟ୍ରାକ୍ସନ ସବ୍-ଷ୍ଟେସନ ଗୁଡ଼ିକ ନିମନ୍ତେ ବହିଃସ୍ରୋତ ମାଧ୍ୟମରେ ଟ୍ରାକ୍ସନ ସବ୍-ଷ୍ଟେସନ ଅପରେଟର ମାନଙ୍କର ବ୍ୟବସ୍ଥା।

**ଅନୁମାନିକ ମୂଲ୍ୟ (ଟଙ୍କାରେ) :** ₹2,38,56,223.19, EMD (ଟଙ୍କାରେ) : ₹ 2,69,300.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ): ₹ 11,800.00 ।

**ଟେଣ୍ଡର କାଗଜପତ୍ର ଖୋଲାଯିବାର ତାରିଖ ଓ ସମୟ :** ତା 03.05.2019 ର 1530 ଘ.ରେ

ଏହି ଟେଣ୍ଡର ନିମନ୍ତେ ମାନୁଆଲ୍ ଅଫର୍ ଗୁଡ଼ିକ ପାଇଁ ଅନୁମତି ନାହିଁ ଏବଂ ଗ୍ରହଣ କରାଯାଇଥିବା ଏହିଭଳି ମାନୁଆଲ୍ ଅଫର ଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ। ବିଡ୍‌ର୍ ମାନେ ସେମାନଙ୍କର ମୂଳ / ପରିବର୍ତ୍ତିତ ବିଡ୍ ଗୁଡ଼ିକୁ କେବଳ ବନ୍ଦ ହେବା ତାରିଖ ଓ ସମୟ ତା 03.05.2019ରିଖ 1330 ଘଟିକା ପର୍ଯ୍ୟନ୍ତ ଦାଖଲ କରିପାରିବେ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ, (TRD)/ ଖୋର୍ଦ୍ଧା ରୋଡ୍

PR-32/K/19-20



**NOTICE**

**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014.**
**O.A. No. 385/2018**

**Syndicate Bank, Paradeep Port Branch,**
Paradeep, Dist.: Jagatsinghpur ...Applicant
-Versus-
Amitabh Samantray and others ...Defendant

To,
1. **Amitabh Samantray,** aged about 41 years, S/o- Madhusudan Samantray, At: Plot No.: 288, P.O.: Mangarajpur, P.S.: Kujanga, Dist.: Jagatsinghpur, PIN-754141

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted a suit in **O.A. No. 385/2018** in the Court of Debts Recovery Tribunal at Cuttack for a recovery of **Rs.49,47,615.55** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **28th May, 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **6th day of April, 2019.**

**Sd/- Registrar (I/C)**
**Debts Recovery Tribunal**



**NOTICE**

**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014.**
**O.A. No. 387/2018**

**Syndicate Bank, Paradeep Port Branch,**
Paradeep, Dist.: Jagatsinghpur ...Applicant
AND
**Mr. Amitabh Samantaray and others** ...Defendants

To
1. **Mr. Amitabh Samantaray,** aged about 41 years, S/o- Madhusudan Samantaray, At: Santara, P.O.: Mangarajpur, P.S.: Kujanga, Dist.: Jagatsinghpur-754141.
2. **Mr. Rajkishore Mohanty,** aged about 41 years, S/o- Late Bairagi Charan Mohanty, At: Balarampur, P.S.: Kujanga, Dist.: Jagatsinghpur-754141.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted a suit in **O.A. No. 387/2018** in the Court of Debts Recovery Tribunal at Cuttack for a recovery of **Rs.14,96,558.66** only together with current and future interest, costs and other relief's. The above mentioned defendants are therefore directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **28th day of May, 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **9th day of April, 2019.**

**Sd/- Registrar**
**Debts Recovery Tribunal**



**NOTICE**

**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014.**
**O.A. No. 384/2018**

**Syndicate Bank, Paradeep Port Branch,**
Paradeep, Dist.: Jagatsinghpur ...Applicant
AND
**Harekrushna Nayak and others** ...Defendants

To
1. **Mr. Harekrushna Nayak,** aged about 60 years, S/o- Late Dama Nayak, At: Nimidhi, P.O.: Paradeepgarh, P.S.: Paradeep Lock, Dist.: Jagatsinghpur-754141.
2. **Mr. Benudhar Samal,** aged about 45 years, S/o- Balaram Samal, At/P.O.: Mangarajpur, P.S.: Kujanga, Dist.: Jagatsinghpur-754141.
3. **Mr. Kapilendra Nayak,** aged about 35 years, S/o- Harekrushna Nayak, At: Nimidhi, P.O.: Paradeepgarh, P.S.: Paradeep Lock, Dist.: Jagatsinghpur-754141.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted a suit in **O.A. No. 384/2018** in the Court of Debts Recovery Tribunal at Cuttack for a recovery of **Rs.42,29,281.90** only together with current and future interest, costs and other relief's. The above mentioned defendants are therefore directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **28th day of May, 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **9th day of APR, 2019.**

**Sd/- Registrar**
**Debts Recovery Tribunal**



**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ଷ୍ଟ୍ରେସଡ୍ ଆସେଟ୍‌ସ୍ ମ୍ୟାନେଜମେଣ୍ଟ ଶାଖା (SAMB), ଏ/୩୪, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, (ଓସ୍ୱାର୍ଡ଼ ବ୍ୟାଙ୍କ ବିଲ୍ଡିଂ,୪ର୍ଥ ମହଲା), ଭୁବନେଶ୍ୱର-୭୫୧୦୦୧, ଜିଲ୍ଲା : ଖୋର୍ଦ୍ଧା, ଓଡିଶା

**ଦଖଲ ନୋଟିସ୍**
[ରୁଲ୍ ୮(୧)]
**ସ୍ଥାବର ସମ୍ପତ୍ତି ନିମନ୍ତେ**

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨)ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି ।

ତେଣୁ ବିଶେଷତଃ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

**ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।**

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ବନ୍ଧକଦାତାଙ୍କ ନାମ ଓ ଠିକଣା | ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତାମାନେ:୧)ଶ୍ରୀ ଉଦାୟ ନାଥ ସାହୁ, ୨) ଶ୍ରୀମତୀ ମୌସୁମୀ ସାହୁ ଉଭୟଙ୍କ ଠିକଣା ପ୍ଲଟ ନଂ.-ଏସ୍-୩/୭୫୮, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ପିନ୍-୭୫୧୦୧୬ | ବନ୍ଧକଦାତା: ଶ୍ରୀ ଉଦୟନାଥ ସାହୁ, ବାସସ୍ଥାନ ପ୍ଲଟ ନଂ.-ଏସ୍-୩/୭୫୮, ନିଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ପିନ୍-୭୫୧୦୧୬ | ଶ୍ରୀ ଉଦୟନାଥ ସାହୁଙ୍କ ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ନିଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଉପ ରେଜିଷ୍ଟ୍ରେସନ୍ ଜିଲ୍ଲା ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.୬୧୯/୧୯୮୯, ପ୍ଲଟ୍ ନଂ. ୩୦୯/୪୬୨୪, କ୍ଷେତ୍ର ଏକର ୦.୦୬୩ ଡିସିମିଲ୍, ପ୍ରସାରିତ ପ୍ଲଟ ଯୋଜନାରେ ପରବର୍ତ୍ତୀ ସମୟରେ | ୨୯.୦୮.୨୦୧୮ | ୧୬.୦୪.୨୦୧୯ | ୨୯.୦୮.୨୦୧୮ ସୁଦ୍ଧା ଟ.୩୨,୨୫,୮୧୩.୫୧ ଏବଂ୩୦.୦୮.୨୦୧୮ ଠାରୁ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ ଇତ୍ୟାଦି |

ଚିହ୍ନିତ ପ୍ଲଟ ନଂ. ଏସ୍-୩/୭୫୮ (ଏମ୍. ଆଇ. ଜି), ଫେଜ୍-II, ଶ୍ରୀ ଉଦୟନାଥ ସାହୁପୁନର୍ବାର ଉପର ଦର୍ଶିତ ସମ୍ପତ୍ତିକୁ ମେସର୍ସ ରକ୍ମଣୀ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ପ୍ରା.ଲି. ନେଇଥିବା ଋଣ ନିମିତ ବନ୍ଧକ ସମ୍ପତ୍ତିକୁ ସମ୍ପ୍ରସାରିତ କରିଛନ୍ତି । ଯାହର ଚୌହଦି- ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ ନଂ. ଏସ୍-୩/୭୫୬, ପଶ୍ଚିମ: ପ୍ଲଟ ନଂ ଏସ୍- ୩/୭୬୦ ।

ତାରିଖ : ୧୬.୦୪.୨୦୧୯
ସ୍ଥାନ : ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୮ ଏପ୍ରିଲ, ୨୦୧୯



“ନିର୍ବୋଧମାନଙ୍କର ଯୁକ୍ତି ହେଉଛି ପକ୍ଷପାତିତା।
- ଭଲ୍‌ଟାୟାର



## ସଂକ୍ଷେପରେ

### ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ଅଢେଇ ଲକ୍ଷ ଟଙ୍କା ଜବତ

**ଚଣ୍ଡିଖୋଲ୧୭।୪(ଡି.ଏନ୍.ଏ.):** ଚଣ୍ଡିଖୋଲ ପାରାଦୀପ ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଓଲାଶୁଣୀ ଛକ ନିକଟରେ ବୁଧବାର ସନ୍ଧ୍ୟାରେ ନିର୍ବାଚନୀ ଫ୍ଲାଇଂ ସ୍କ୍ୱାଡ୍ ଗାଡି ତନଖି ସମୟରେ ଏକ କାର୍‌ରୁ ଅଢେଇ ଲକ୍ଷ ଟଙ୍କା ଜବତ କରିଛି। ଗାଡିଟି କେନ୍ଦ୍ରାପଡା ଜିଲା ଓଲଡି ଛକ ଅଞ୍ଚଳର ରୋହିତ ଜେଏସ୍‌ୱାଲ ନାମକ ଜଣେ ବ୍ୟକ୍ତିଙ୍କ ହୋଇଥିବାବେଳେ ସେ ନିଜକୁ ଜଣେ ବ୍ୟବସାୟୀ ବୋଲି ପରିଚୟ ଦେଇଥିବା ସ୍କ୍ୱାର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ବଡ଼ଚଣା ସବ୍ ରେଜିଷ୍ଟ୍ରାର ରବୀନ୍ଦ୍ର ପ୍ରଧାନ ଓ ବାଲିଚନ୍ଦ୍ରପୁର ଥାନା ଏସ୍‌ଆଇ ମନୋଜ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ତନଖିରେ ସାମିଲ ହୋଇଥିଲେ।

### ମଦ ଜବତ, ଜଣେ ଗିରଫ

**ସୁକିନ୍ଦା,୧୭।୪(ଡି.ଏନ୍.ଏ.):** ସୁକିନ୍ଦା ଥାନା ଅନ୍ତର୍ଗତ ସାନ୍ତରାପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ଚଢଉକରି ବେଆଇନ ମଦ କାରବାର ଅଭିଯୋଗରେ ଜଣଙ୍କୁ ଗିରଫ କରିବା ସହ ୨୭ ଲିଟରରୁ ଉର୍ଦ୍ଧ୍ୱ ମଦ ଜବତ କରିଥିଲା। ଗିରଫ ଅଭିଯୁକ୍ତ ଜଣଙ୍କ ଧନେଶ୍ୱର ମହାନ୍ତ। ଏହିପରି କଇଲୋ ଗ୍ରାମର ପୂର୍ଣ୍ଣିମା ମହାନ୍ତଙ୍କ ଘରେ ଚଢାଉ କରି ୨୭ ଲିଟରରୁ ଉର୍ଦ୍ଧ୍ୱ ଚୋରାମଦ ଜବତ କରିଥିଲେ। କିନ୍ତୁ ପୂର୍ଣ୍ଣିମା ଚଢାଉର ଖବର ପାଇ ଫେରାର ହୋଇଯାଇଥିଲେ। ଏ ନେଇ ପୋଲିସ ୨ଟି ପୃଥକ୍ ମାମଲା ( ନଂ ୧୦୬ ,୧୦୭ ) ରୁଜୁ କରିଛି। ବୁଧବାର ଧନେଶ୍ୱରଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଫେରାର ଥିବା ପୂର୍ଣ୍ଣିମାଙ୍କୁ ଗିରଫ ପାଇଁ ପ୍ରୟାସ ଜାରି ରହିଥିବା ପୋଲିସ ସୂଚନା ଦେଇଛି। ଆଇଆଇସି ବିଚିତ୍ରାନନ୍ଦ ସେଠୀଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା।

### ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଯାପିତ

**କାଳିଆପାଣି,୧୭।୪(ଡି.ଏନ୍.ଏ.):** ଟାଟା ଷ୍ଟିଲ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକଙ୍କୁ ନେଇ ଅନୁଷ୍ଠିତ ଦକ୍ଷତା ବିକାଶ କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସୁକିନ୍ଦା ଖଣି ଜିଏମ୍ ଆର.ଆର. ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପିତାମାତାଙ୍କ ବ୍ୟବହାର ଓ ଉତ୍ତମ ପରାମର୍ଶ ଶିଶୁଙ୍କ ଭବିଷ୍ୟତ ଗଠନରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅଭିଭାବକ, ମହିଳା କର୍ମଚାରୀ, ଗୃହିଣୀ ଓ ନିରାପତ୍ତା କର୍ମଚାରୀଙ୍କୁ ନେଇ କର୍ମକ୍ଷେତ୍ରରେ ଲିଙ୍ଗଗତ ସମାନତା, ଶିଶୁଙ୍କ ଯତ୍ନ, ମାତାପିତାଙ୍କ ବ୍ୟବହାର ଦ୍ୱାରା ଶିଶୁ ଉପରେ ପଡୁଥିବା ପ୍ରଭାବକୁ ନେଇ ବିଭିନ୍ନ ଉପଦେଶ ଓ ପରାମର୍ଶ ଦିଆଯାଇଥିଲା। ମଙ୍ଗଳବାର କଲୋନି ପରିସରରେ ଥିବା କାଟେପୂର୍ଣ୍ଣା ଅଡିଟୋରିୟମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଟାଟାଷ୍ଟିଲ ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସ୍ଥାନୀୟ ଷ୍ଟିୱାର୍ଟ ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର, ଶ୍ରମଶକ୍ତି ହାଇସ୍କୁଲ ସହ ସ୍ଥାନୀୟ ଅଞ୍ଚଳର ୪ଟି ସ୍କୁଲର ୧୭୦ ଜଣ ଛାତ୍ରୀଛାତ୍ର ଓ ୩୫ ଜଣ ଶିକ୍ଷକ ଦକ୍ଷତା ବିକାଶ କର୍ମଶାଳା ଭାଗ ନେଇଥିଲେ। କଲିକତାସ୍ଥିତ ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ଶୋଲାନି ପ୍ରିୟା ପରାମର୍ଶଦାତା ଭାବେ ଯୋଗଦେଇ ଦେଇଥିଲେ । ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମ ପ୍ରଶାସନିକ ସହ ମୁଖ୍ୟ ଜଣପ୍ରୀତି ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବାବେଳେ ଟିଏସ୍‌ଆରଡ଼ିଏସ୍ କର୍ମଚାରୀ ସହଯୋଗ କରିଥିଲେ ।

### ଘର ଘର ବୁଲିଲେ ବିଏସ୍‌ପି ବିଧାୟକ ପ୍ରାର୍ଥୀ



**ଧର୍ମଶାଳା,୧୭।୪(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମହିଶରା, ସମ୍ପାରୁ, ଆରୁହା, ଅଞ୍ଜିରା ଗ୍ରାମ ପଞ୍ଚାୟତରେ ବୁଧବାର ବିଏସ୍‌ପିର ଯୁବ ବିଧାୟକ ପ୍ରାର୍ଥୀ ଦେବବ୍ରତ ରାଉତ ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ‘ଭୋଟ ଆମର ନେତା ଆମର’ ଏକ ସ୍ୱତନ୍ତ୍ର ସ୍ଲୋଗାନ ଦେଇ ଘରଘର ବୁଲି ସେ ଜନମତ ସାଉଁଟିବାକୁ ପ୍ରୟାସ କରୁଛନ୍ତି। ମଙ୍ଗଳବାର ଅପରାହ୍ନରେ ଜେନାପୁର ଅଞ୍ଚଳରେ ଗୋପବନ୍ଧୁ ପ୍ରଜା ଆନ୍ଦୋଳନ ପୀଠ ଓ ବୃନ୍ଦାଦେଇପୁରସ୍ଥିତ ଶହୀଦ ବାଜି ରାଉତ ସ୍ମାରକୀ ପୀଠଠାରେ ପଥପ୍ରାନ୍ତ ସଭା କରିଥିଲେ। ବାବା ସାହେବ ଆମ୍ବେଡକରଙ୍କ ବିଚାରଧାରାକୁ ପାଥେୟ କରି ଦଳିତ, ଆଦିବାସୀ ଓ ପଛୁଆବର୍ଗଙ୍କ ଉନ୍ନତି ଓ ବିକାଶ ପାଇଁ ଏକଜୁଟ ହେବା ପାଇଁ ଆହ୍ୱାନ ଦେଇଥିଲେ। ସଭାରେ ସାମାଜିକ ନ୍ୟାୟ ଅଭିଯାନର ଧର୍ମେନ୍ଦ୍ର ମଲ୍ଲ ଓ ରମେଶ ମଲିକଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ଚର୍ଚ୍ଚାରେ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା, ଅପରାଧ ରେକର୍ଡ

- ଅମର ଶତପଥୀ, ସ୍ମୃତିରେଖା, ଗୌତମ ଓ ଅମର ନାୟକ ସ୍ନାତକୋତ୍ତର
- ବବି ଯୁକ୍ତ ଦୁଇ ବିଜ୍ଞାନ ପାସ
- ବିଶ୍ୱରଞ୍ଜନ, ପ୍ରୀତିରଞ୍ଜନ ମେକାନିକାଲ ଇଞ୍ଜିନିୟର
- ୯ ଜଣ ପ୍ରାର୍ଥୀଙ୍କ ନାମରେ ୧୫ ମାମଲା

**ଯାଜପୁର ଅଫିସ,୧୭।୪**

ଗଣତନ୍ତ୍ରରେ ଅପରାଧ ଏକ ଉଦ୍‌ବେଗର ବିଷୟ। ତଥାପି ଚଳିତ ସାଧାରଣ ନିର୍ବାଚନରେ ଯାଜପୁର ଜିଲାର ୭ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ବିଜେଡି, ଭାଜପା ଓ କଂଗ୍ରେସ ଦଳରେ ୨୧ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୯ଜଣ ପ୍ରାର୍ଥୀଙ୍କ ନାମରେ ୧୫ମାମଲା ରହିଛି । ପ୍ରାୟ ସମସ୍ତ ପ୍ରାର୍ଥୀ ଶିକ୍ଷିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୪ଜଣ ସ୍ନାତକୋତ୍ତର ଡିଗ୍ରୀଧାରୀ ରହିଥିବାବେଳେ ୭ଜଣ ଆଇନ ଛାତ୍ର ହୋଇଥିବାବେଳେ ୨ଜଣ ମେକାନିକାଲ ଇଞ୍ଜିନିୟରିଂ ଡିଗ୍ରୀଧାରୀ ଅଛନ୍ତି। ପ୍ରାର୍ଥୀମାନେ ଦାଖଲ କରିଥିବା ସତ୍ୟପାଠରୁ ମିଳିଥିବା ତଥ୍ୟ ଅନୁଯାୟୀ, କଂଗ୍ରେସର ମନୋରଞ୍ଜନ ଦାସ, ଉମେଶ ଜେନା, ସ୍ମୃତିରେଖା ପହି ଓ ବନ୍ଦିତା ପରିଡା, ବିଜେଡିର ଅଶୋକ କୁମାର ବଳ, ପ୍ରମିଳା ମଲିକ, ସୁନନ୍ଦା ଦାସ, ଅମରପ୍ରସାଦ ଶତପଥି, ପ୍ରଣବ ବଳବନ୍ତରାୟ ଓ ପ୍ରଣବପ୍ରକାଶ ଦାସ(ବବି), ଭାଜପାର ରମେଶଚନ୍ଦ୍ର ପରିଡା ଓ ଗୌତମ ରାୟଙ୍କ ନାମରେ କୌଣସି ଅପରାଧିକ ମାମଲା ନାହିଁ। ବିଜେଡିର ଅମରପ୍ରସାଦ ଶତପଥୀ, କଂଗ୍ରେସର ସ୍ମୃତିରେଖା ପହି ଓ ଭାଜପାର ଗୌତମ ରାୟ ଓ ଅମର ନାୟକ ସ୍ନାତକୋତ୍ତର (ଏମ୍‌ଏ) ଡିଗ୍ରୀଧାରୀ । କଂଗ୍ରେସର ମନୋରଞ୍ଜନ, ଭାଜପାର ବବିତା ମଲିକ, ବିଜେଡିର ଅମର, ଭାଜପାର ଗୌତମ, କଂଗ୍ରେସର ସନ୍ତୋଷ ନନ୍ଦ, ବିଜେଡିର ଅଶୋକ କୁମାର ବଳ ଓ କଂଗ୍ରେସର ଶରତ ରାଉତ ଆଇନ ପାଠ(ଏଲ୍‌ଏଲ୍‌ବି) ପଢିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ପ୍ରମିଳା ସ୍ନାତକ, ଭାଜପାର ବିଶ୍ୱରଞ୍ଜନ ମଲ୍ଲିକ ମେକାନିକାଲ ଇଞ୍ଜିନିୟରିଂ, କଂଗ୍ରେସର ଉମେଶ ଜେନା ସ୍ନାତକ, ବିଜେଡିର ସୁନନ୍ଦା ଦାସ ମାଟ୍ରିକ, କଂଗ୍ରେସର ଅଜୟ କୁମାର ସାମଲ ମାଟ୍ରିକ, ବିଜେଡିର ପ୍ରଣବ ବଳବନ୍ତରାୟ ବାଣିଜ୍ୟରେ ସ୍ନାତକ, ଭାଜପାର ରମେଶ ଚନ୍ଦ୍ର ପରିଡା ବିଜ୍ଞାନରେ ସ୍ନାତକ, ବିଜେଡିର ପ୍ରଣବପ୍ରକାଶ ଦାସ ଯୁକ୍ତଦୁଇ ବିଜ୍ଞାନ, ଭାଜପାର ବିଶ୍ୱଜିତ ନାୟକ ବିଜ୍ଞାନରେ ସ୍ନାତକ ଓ ଏମ୍‌ଏସ୍‌ଡବ୍ଲ୍ୟୁ, କଂଗ୍ରେସର ବନ୍ଦିତା ପରିଡା ସ୍ନାତକ, ଭାଜପାର ପ୍ରଦୀପ ବଳସାମନ୍ତ ମାଟ୍ରିକ ସହ ଡକ୍ଟର ଅଫ୍ ଫିଲୋସଫି ଓ ବିଜେଡିର ପ୍ରୀତିରଞ୍ଜନ ଘଡେଇ ମେକାନିକାଲ ଇଞ୍ଜିନିୟରିଂ(ବିଇ) ଡିଗ୍ରୀଧାରୀ ଅଟନ୍ତି। ତେବେ ରାଜ୍ୟ ରାଜନୀତିରେ ପ୍ରଭାବଶାଳୀ ନେତା ଭାବେ ପରିଚିତ ଯାଜପୁର ବିଧାୟକ ବବି ଯୁକ୍ତଦୁଇ ପାଠ ପଢିଥିବାବେଳେ ନିଜକୁ ରାଜନୀତିରେ ବେଶ୍ ପାରଦର୍ଶିତା ଦେଖାଇ ପାରିଛନ୍ତି। ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ ଯାଜପୁର ବିଧାୟକ ନିର୍ବାଚିତ ହୋଇ ଶକ୍ତିମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସେ ନିର୍ବାହ କରିଛନ୍ତି । ଏହାସହ ଚଳିତ ନିର୍ବାଚନରେ ବିଜେଡି ଟିକେଟ ବଣ୍ଟନକୁ ନେଇ ମଧ୍ୟ ସେ ବହୁ ଚର୍ଚ୍ଚିତ ଚେହେରା ରହିଥିଲେ ବୋଲି ଆଲୋଚନା ହୋଇଛି । ରାଜ୍ୟ ବିଜେଡିରେ ମୁଖ୍ୟମନ୍ତ୍ରୀଙ୍କ ଅତି ନିକଟତର ନେତା ଭାବେ ପରିଚିତ ବବି ଚଳିତ ନିର୍ବାଚନରେ ଭାଜପାର ଗୌତମ ରାୟଙ୍କ ସହିତ କଡା ମୁକାବିଲା ହେଉଥିବା ଚର୍ଚ୍ଚା ହେଉଛି । ସେହିପରି ସତ୍ୟପାଠରେ ପ୍ରାର୍ଥୀମାନେ ଦର୍ଶାଇଥିବା ଅପରାଧିକ ମାମଲାରେ ସୁକିନ୍ଦା ଭାଜପା ପ୍ରାର୍ଥୀ ପ୍ରଦୀପ ବଳସାମନ୍ତଙ୍କ ନାମରେ ୨ଟି ମାମଲା ରହିଛି। ବରୀ ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ଓ ବଡ଼ଚଣା କଂଗ୍ରେସ ପ୍ରାର୍ଥୀ ଅଜୟ କୁମାର ସାମଲଙ୍କ ନାମରେ ୩ଟି ଲେଖାଏ ମାମଲା ରହିଥିବାବେଳେ ପ୍ରୀତିରଞ୍ଜନ ଘଡ଼େଇ, ଶରତ ରାଉତ, ସନ୍ତୋଷ କୁମାର ନନ୍ଦ, ବିଶ୍ୱଜିତ ନାୟକ ଓ ଅମିୟକାନ୍ତ ମଲିକଙ୍କ ନାମରେ ଗୋଟିଏ ଲେଖାଏ ଅପରାଧିକ ମାମଲା ରହିଛି। ବବିତା ମଲ୍ଲିକଙ୍କ ନାମରେ ୨ଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି। ତେବେ ପ୍ରାର୍ଥୀମାନଙ୍କ ଶିକ୍ଷାଗତ ଯୋଗ୍ୟତା ଓ ଅପରାଧିକ ରେକର୍ଡ ଜଣାପଡ଼ିବା ପରେ ଭୋଟରମାନେ ସେମାନଙ୍କୁ କେତେଦୂର ଗ୍ରହଣ କରୁଛନ୍ତି ତାହା ନିର୍ବାଚନ ଫଳାଫଳରେ ହିଁ ସ୍ପଷ୍ଟ କରିବ ବୋଲି କୁହାଯାଉଛି।

### ବିଜେଡି ଛାଡି ପାରନ୍ତି ମୁକ୍ତିକାନ୍ତ

**ବିଞ୍ଝାରପୁର,୧୭।୪(ଡି.ଏନ୍.ଏ.)**

ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ସବୁ ଦଳରେ ମିଶ୍ରଣ ପର୍ବ ଜାରି ରହିଥିବାବେଳେ କଲ୍ୟାଣପୁର ଗ୍ରାମର ପୂର୍ବତନ ସରପଞ୍ଚ ସୁନିତା ନାୟକଙ୍କ ସ୍ୱାମୀ ମୁକ୍ତିକାନ୍ତ ସାମଲ ବିଜେଡି ଛାଡିବା ନେଇ ଚର୍ଚ୍ଚା ଜୋର ଧରିଛି। ଦଳରେ ତାଙ୍କୁ ଅଣଦେଖା କରାଯାଉଥିବାରୁ ସେ ନିଜ ସମର୍ଥକଙ୍କ ସହ ଭାଜପାରେ ଯୋଗଦେବାର ଚର୍ଚ୍ଚା ଧରିଛି। ସାମଲ ଜଣେ ସୁସଙ୍ଗଠକ ହୋଇଥିବାବେଳେ ଫତେପୁର, ରଣପୁର, କଲ୍ୟାଣପୁର, ଟିଣା, ବାଛୋଳ ଆଦି ପଞ୍ଚାୟତରେ ତାଙ୍କର ବେଶ୍ ପ୍ରଭାବ ରହିଛି। ଅପରପକ୍ଷେ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ନେତୃମଣ୍ଡଳୀ ଦଳ ନ ଛାଡିବା ନେଇ ତାଙ୍କୁ ବୁଝାଇବାକୁ ପ୍ରୟାସ କରୁଥିବା ଜଣାପଡିଛି। ଏ ନେଇ ମୁକ୍ତି କାନ୍ତଙ୍କୁ ପଚାରିବାରୁ ବର୍ତ୍ତମାନ ତାଙ୍କ ସମର୍ଥକମାନେ ପରିବର୍ତ୍ତନ ଚାହୁଁଥିବାରୁ ସେ ଦଳ ଛାଡିବେ କି ନାହିଁ ବିଚାର କରୁଛନ୍ତି। ତେବେ ଏ ସମ୍ପର୍କରେ ବୁଧବାର ସନ୍ଧ୍ୟାରେ ନିଜ ସମର୍ଥକଙ୍କ ସହ ଆଲୋଚନା ପରେ ସେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି।

## ଆଦିବାସୀ ପୋଷାକ ପିନ୍ଧି ଭୋଟ ଭିକ୍ଷା କଲେ ପ୍ରୀତିରଞ୍ଜନ



ଆଦିବାସୀ ପୋଷାକରେ ପ୍ରଚାର କରୁଛନ୍ତି ପ୍ରୀତିରଞ୍ଜନ ଘଡ଼େଇ।

**ଡୁବୁରୀ,୧୭।୪(ଡି.ଏନ୍.ଏ.)**

ସୁକିନ୍ଦା ବିଜେଡି ପ୍ରାର୍ଥୀ ତଥା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ ବୁଧବାର ଦାନଗଦୀ ବ୍ଲକ ଅନ୍ତର୍ଗତ ଦେଉଳକର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଘରଘର ବୁଲି ଭୋଟ ଭିକ୍ଷା କରିଛନ୍ତି । ଯୁବ ସମର୍ଥକଙ୍କୁ ସହିତ ପ୍ରୀତିରଞ୍ଜନ ଭୋଟରଙ୍କ ସମସ୍ୟା ପଚାରି ବୁଝିଥିଲେ। ଏହି ସମୟରେ ସେ ଏକ ନିଆରା ଢଙ୍ଗରେ ପ୍ରଚାର କରିଥିଲେ। ଆଦିବାସୀ ଗ୍ରାମଗୁଡିକରେ ପାରମ୍ପରିକ ଆଦିବାସୀ ବେଶ ପୋଷାକ ପିନ୍ଧି ଲୋକଙ୍କ ଅତି ନିକଟତର ହେବାକୁ ସେ ଚେଷ୍ଟା କରିଥିବା ଦେଖିବାକୁ ମିଳିଛି।

## ଯାଜପୁର ଲୋକ ସଭା ଆସନ ପ୍ରଚାର

# ନିର୍ଣ୍ଣାୟକ ଭୂମିକା ନେବ ବରୀ, କୋରେଇର ଫଳାଫଳ

**ଯାଜପୁର ଅଫିସ,୧୭।୪**



ଶର୍ମିଷ୍ଠା ସେଠୀ



ଅମିୟ ମଲ୍ଲିକ



ମାନସ ଜେନା

ଚତୁର୍ଥ ପର୍ଯ୍ୟାୟରେ ଯାଜପୁର ଲୋକ ସଭା ଆସନ ପାଇଁ ଭୋଟ। ଏଥିପାଇଁ ଘମାଘୋଟ ପ୍ରଚାର ଚାଲିଲାଣି। ପ୍ରଚାରରେ ବିଜେଡି ପ୍ରାର୍ଥୀ ଶର୍ମିଷ୍ଠା ସେଠୀ ଓ ଭାଜପାର ଅମିୟ ମଲ୍ଲିକ ଆଗରେ ରହିଥିବାବେଳେ କଂଗ୍ରେସ ପ୍ରାର୍ଥୀ ମାନସ ଜେନା ତାଙ୍କ ଭାଗ୍ୟକୁ ଦଳୀୟ ଭୋଟ ବ୍ୟାଙ୍କ ଭରସାରେ ଛାଡ଼ି ପ୍ରଚାରକୁ ଆରମ୍ଭ କରିଛନ୍ତି। ଏସୟୁସିଆଇ(ସି)ର ସୁବାସ ମଲ୍ଲିକ, ଫ୍ରି ଥଟ ପାର୍ଟିର ଭୀମସେନ ବେହେରା, ବହୁଜନ ମୁକ୍ତିପାର୍ଟିର ରଞ୍ଜିତ ମଲ୍ଲିକ, ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆର ତିଲୋତ୍ତମା ସେଠୀ ଓ ଜୟପ୍ରକାଶ ଜନତା ଦଳରର ସୁନାକର ବେହେରା ମଧ୍ୟ ସେମାନଙ୍କ ପ୍ରଚାରକୁ ଜୋରଦାର କରିପାରି ନାହାନ୍ତି। ୭ଟି ବିଧାନସଭା ନିର୍ବାଚନର ଫଳାଫଳ ଉପରେ ଲୋକ ସଭା ପ୍ରାର୍ଥୀଙ୍କ ବିଜୟ ନିର୍ଭର କରିଥାଏ। କିନ୍ତୁ ଏଠାରେ ଚଳିତଥର ଭୌଗୋଳିକ ସୀମାରେଖା ଓ ରାଜନୈତିକ ସ୍ଥିତିରେ ଭିନ୍ନ ଥିବା କୋରେଇ ଓ ବରୀ ବିଧାନସଭାର ଫଳାଫଳ ଉପରେ ଲୋକ ସଭା ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣାୟକ ହେବ ବୋଲି ଚର୍ଚ୍ଚା ଜୋର ଧରିଛି। ପ୍ରାର୍ଥୀପତ୍ର ଦାଖଲ ପରଠାରୁ ଏ ପର୍ଯ୍ୟନ୍ତ ନିର୍ବାଚନ ମଇଦାନରେ ବିଜେଡି ପ୍ରାର୍ଥୀ ଶର୍ମିଷ୍ଠା ଛାଇ ରହିଛନ୍ତି । ରାଜନୀତିକୁ ଆସିବା ପୂର୍ବରୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ଅର୍ଥ ବିଭାଗ ସହ ବିଭିନ୍ନ ପଦପଦବୀରେ ସେ ଅଧିଷ୍ଠିତ ଥିଲେ। ତେଣୁ ଲୋକଙ୍କ ସହିତ ମିଶିବାରେ ଏହା ତାଙ୍କୁ ବେଶ ସହାୟକ ହୋଇଛି। ଏହାବାଦ ସେ ଜଣେ ଉଚ୍ଚଶିକ୍ଷିତା ଓ ଉତ୍ସାହୀ ମହିଳା ହୋଇଥିବାରୁ ତାଙ୍କ ବ୍ୟକ୍ତିଗତ ବ୍ୟବହାର ଭୋଟରମାନଙ୍କୁ ଆକର୍ଷିତ କରୁଛି। ଏହି ଲୋକ ସଭା ଆସନ ଅନ୍ତର୍ଗତ ୭ଟି ବିଧାନସଭା ଆସନର ବିଜେଡି ବିଧାନସଭା ପ୍ରାର୍ଥୀଙ୍କ ସହଯୋଗ ପାଇ ଶର୍ମିଷ୍ଠା ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ସୁବିଧାଜନକ ସ୍ଥିତିରେ ରହିଛନ୍ତି। ବିଶେଷକରି ଧର୍ମଶାଳା, ବଡ଼ଚଣା, ସୁକିନ୍ଦା, ଯାଜପୁର ଓ ବିଞ୍ଝାରପୁର ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀଙ୍କ ଶଙ୍ଖ ଚିହ୍ନକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ସଫଳ ହୋଇଛନ୍ତି। ଅପରପକ୍ଷରେ ଭାଜପା ପ୍ରାର୍ଥୀ ଅମିୟ ମଲ୍ଲିକ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଲୋକହିତକର ଯୋଜନା ଓ ତାଙ୍କ କାର୍ଯ୍ୟଶୈଳିକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ସଫଳ ହୋଇଛନ୍ତି। ଗତ ସାଧାରଣ ନିର୍ବାଚନରେ ଭାଜପାରୁ ପ୍ରାର୍ଥୀ ହୋଇ ସେତେଟା ସଫଳ ହୋଇ ନ ଥିଲେ ହେଁ ଚଳିତ ନିର୍ବାଚନରେ ନିଶ୍ଚିତ ବିଜୟୀ ହେବାର ସେ ଆଶା ରଖି ପ୍ରଚାରକୁ ଜୋରସୋର ଚଳାଇଛନ୍ତି। ଏହାସତ୍ତ୍ୱେ ଦଳୀୟ ଗୋଷ୍ଠୀ କନ୍ଦଳ ଯୋଗୁ କେତୋଟି ବିଧାନସଭା ଆସନର କର୍ମୀଙ୍କ ସହଯୋଗ ନ ମିଳିବା ଅମିୟଙ୍କ ପ୍ରଚାର ଅଭିଯାନକୁ ପ୍ରଭାବିତ କରୁଥିବା ଜଣାପଡ଼ିଛି। ଏହାସତ୍ତ୍ୱେ ଗତ ୨/୩ଦିନ ହେଲା ଭାଜପା ବିଧାୟକଙ୍କ ନେଟୱର୍କକୁ ବ୍ୟବହାର କରି ଅମିୟ ତାଙ୍କ ପ୍ରଚାର ଅଭିଯାନକୁ ତ୍ୱରାନ୍ୱିତ କରିଛନ୍ତି। ଅପରପକ୍ଷେ କଂଗ୍ରେସ ପ୍ରାର୍ଥୀ ମାନସ ଜେନାଙ୍କ ପ୍ରଚାର ନାହିଁ କହିଲେ ଚଳେ। ଭୋଟରମାନେ ତାଙ୍କ ନାମ ସୁଦ୍ଧା ନେଉ ନାହାନ୍ତି। ଧର୍ମଶାଳା, ଯାଜପୁର, ବଡ଼ଚଣା ବିଧାନସଭା ଆସନରେ ଦଳୀୟ ପ୍ରାର୍ଥିତ୍ୱକୁ ନେଇ ବ୍ୟାପକ ଅସନ୍ତୋଷ ତାଙ୍କୁ ଅଡୁଆ ପରିସ୍ଥିତିରେ ପକାଇଛି। ଏପରି କି ଅନ୍ୟ ବିଧାନସଭା ଆସନର ଦଳୀୟ ପ୍ରାର୍ଥୀମାନେ ନିଜ ପ୍ରଚାର ଉପରେ ଗୁରୁତ୍ୱ ଦେଉଥିବାରୁ ମାନସ ନିଜ ଉଦ୍ୟମରେ ଯାହାକିଛି ପ୍ରଚାର ଚଳାଇଛନ୍ତି। ଧର୍ମଶାଳା, ରସୁଲପୁର, କୋରେଇ, ବରୀ ଓ ଯାଜପୁର ବ୍ଲକର ବିଭିନ୍ନ ପଞ୍ଚାୟତକୁ ନେଇ ଧର୍ମଶାଳା, ବରୀ ଓ କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀ ଗଠିତ। ଏହିଦୃଷ୍ଟିରୁ ଚଳିତ ନିର୍ବାଚନରେ କୋରେଇ ଓ ବରୀରେ ବିଜେଡି ନୂଆ ମୁହଁ ଉପରେ ଭରସା ରଖିଛି। ଏହାର ସୁଯୋଗରେ ଭାଜପା କଡ଼ା ଟକ୍କର ଦେଉଛି । ତେଣୁ ଏହି ଆସନ ଉପରେ ଲୋକ ସଭା ପ୍ରାର୍ଥୀଙ୍କ ବିଜୟ ନିର୍ଣ୍ଣାୟକ ହେବ ବୋଲି ଚର୍ଚ୍ଚା ହେଉଛି।

## ବିଜୁ ବାବୁଙ୍କ ୨୨ତମ ଶ୍ରାଦ୍ଧୋତ୍ସବ

**ଧର୍ମଶାଳା,୧୭।୪(ଡି.ଏନ୍.ଏ.)**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୨ତମ ଶ୍ରାଦ୍ଧ ଉତ୍ସବ ବୁଧବାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ନେତୃତ୍ୱରେ ତିଳତର୍ପଣ କାର୍ଯ୍ୟକ୍ରମ ସ୍ଥାନୀୟ ଶ୍ୟାମସୁନ୍ଦର ପୁଷ୍କରିଣୀରେ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ରବି ଲାବଣ୍ୟ ଏବଂ ଉପସ୍ଥିତ ବିଜୁପ୍ରେମୀଙ୍କୁ ପଣ୍ଡିତ ରବୀନ୍ଦ୍ର ଦାଶ ପୁଷ୍ପ, ତିଳ, ଯବ, ଧାନ ଓ ଜଳ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବିଜୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। କବି ଦିନବନ୍ଧୁ ପଣ୍ଡା, ଦିଲ୍ଲୀପ ପରିଡା, ବିଦ୍ୟାଧର ବାରିକ, ବଂଶୀଧର ଜେନା, ଧୀରେନ୍ଦ୍ର ଦାସ, ଗଗନ ବିହାରୀ ରାଉତ, ଅଜିତ କୁମାର ଜେନା, ମହେନ୍ଦ୍ର ଜେନା, ବିନୋଦ ବିହାରୀ ବଳ, ଅରୁଣ କୁମାର ସ୍ୱାଇଁ, ସୁକାନ୍ତ ସାହୁ, ଇନ୍ଦ୍ରମଣି ମଳିକ, ଦେବବ୍ରତ ମଳିକ, ପ୍ରତାପ ମଳିକ, କିଶୋର ମହାନ୍ତି, କେଦାର ମଳିକ, ଅକ୍ଷୟ ମଳିକ, ଆଦର ମଳିକ, ଗିରିଧାରୀ ମଳିକଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସାଧବ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳିଗଲା ୨ ବଖରା, ୫ ଛେଳି ଜୀବନ୍ତ ଦଗ୍ଧ

**ଧର୍ମଶାଳା/ଜେନାପୁର, ୧୭।୪(ଡି.ଏନ୍.ଏ.)**

ଧର୍ମଶାଳା ତହସିଲ ଅନ୍ତର୍ଗତ ଜେନାପୁର ପଞ୍ଚାୟତର ଜେନାପୁର ପଣସପଡ଼ିଆ ଗ୍ରାମ ହରିଜନ ସାହିରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ରମେଶ ମଳିକଙ୍କ ୨ ବଖରା ଘର ସହ ଆସବାବପତ୍ର ପୋଡିଯାଇଛି। ଏଥିସହ ଗୁହାଳରେ ଥିବା ୫ ଛେଳି ଓ କୁକୁଡା ଜୀବନ୍ତ ଦଗ୍ଧ ହୋଇଛନ୍ତି। ସ୍ଥାନୀୟଲୋକେ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ହଗୁରୀ ଜଣେ ଗରିବ ଦଳିତ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କୁ ମୋ କୁଡ଼ିଆ ବା ବିଜୁ ପକ୍କାଘର ଯୋଜନାରେ ଗୃହ ଯୋଗାଇଦେବାକୁ ସ୍ଥାନୀୟ ସରପଞ୍ଚ କୃଷ୍ଣ ଚନ୍ଦ୍ର ପଟ୍ଟନାୟକ ଓ ଉତ୍କଳମଣି ସେବା ସମିତିର ଉପସଭାପତି କ୍ଷେତ୍ରବାସୀ ରାଉତ ଜିଲା ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି। ଶର୍ଟ୍‌ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

### ଅଂଶୁଘାତରେ ବୃଦ୍ଧ ଗୁରୁତର

**ବିଞ୍ଝାରପୁର,୧୭।୪(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରମୁଁ ଗ୍ରାମପଞ୍ଚାୟତ ଅଧୀନ ରାଉତରା ଗ୍ରାମର ପାଗଳ ବେହେରା(୭୫) ବୁଧବାର ଅଂଶୁଘାତରେ ଚେତାଶୂନ୍ୟ ହୋଇପଡିଥିଲେ। ଗୁରୁତର ଅବସ୍ଥାରେ ଲୋକେ ତାଙ୍କୁ ପ୍ରଥମେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରୁ ପାଗଳଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡିଛି। ପାଗଳ ନିଜ ଘରର ଆବଶ୍ୟକୀୟ ସାମଗ୍ରୀ କିଣିବା ପାଇଁ ହାଟକୁ ଆସିଥିବା ବେଳେ ପ୍ରବଳ ଖରା ସହ୍ୟ ନ କରିପାରି ଚେତାଶୂନ୍ୟ ହୋଇପଡିଥିଲେ।

## ପ୍ରଭାବ ପକାଇପାରେ ସରପଞ୍ଚଙ୍କ କାର୍ଯ୍ୟକଳାପ

### ରାଜେନ୍ଦ୍ରପୁର ପଞ୍ଚାୟତ

**ରସୁଲପୁର,୧୭।୪(ଡିଏନଏ)**

ରସୁଲପୁର ବ୍ଲକର ଯେଉଁ ୧୦ଟି ପଞ୍ଚାୟତ ବରୀ ନିର୍ବାଚନମଣ୍ଡଳୀରେ ସାମିଲ ହୋଇଛି ସେଥିରୁ ରାଜେନ୍ଦ୍ରପୁର ଅନ୍ୟତମ। ଭୋଟ ଗ୍ରହଣ ଦିବସ ପାଖେଇ ଆସୁଥିବାବେଳେ ଗାଁଗଣ୍ଡାରେ ରାଜନୈତିକ ଉଷ୍ମତା ବେଶ୍ ବାରି ହୋଇପଡ଼ିଲାଣି। ବିଶେଷକରି ଏହି ପଞ୍ଚାୟତରେ ବିଜେଡି ଓ ଭାଜପାରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଲାଣି। ତେବେ ସ୍ଥାନୀୟ ସରପଞ୍ଚ ଓ ତାଙ୍କର ସମର୍ଥକଙ୍କ କାର୍ଯ୍ୟକଳାପ ଏଠାରେ ବିଜେଡିକୁ ପଛରେ ପକାଇପାରେ ବୋଲି ଆଲୋଚନା ହେଉଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଏହି ପଞ୍ଚାୟତରେ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ବିଜୟୀ ହୋଇଥିଲେ। ଏହି ଆଧାରରେ ପଞ୍ଚାୟତର ବିଜେଡି ସଂଗଠନ ସୁଦୃଢ଼ ରହିଥିଲା। ଅନେକ ଆଶା ଭରସା ରଖି ଦଳୀୟ କର୍ମୀମାନେ ସରପଞ୍ଚ ବେହେରାଙ୍କୁ ଭୋଟ ଦେଇ ବିଜୟୀ କରିଥିଲେ। ତେବେ ନିର୍ବାଚିତ ହେବା ପରଠାରୁ ସରପଞ୍ଚ ଲୋକାଭିମୁଖୀ କାର୍ଯ୍ୟକ୍ରମଠାରୁ ଦୂରେଇ ଯାଇଛନ୍ତି । ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ରହୁଥିବା କାରଣରୁ ପଞ୍ଚାୟତରେ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏପରି କି ଏଭଳି କାର୍ଯ୍ୟ ପାଇଁ ଅନେକ ସମର୍ଥକ ସରପଞ୍ଚଙ୍କ ହାତ ଛାଡ଼ିଥିବା ମଧ୍ୟ ନଜିର ରହିଛି। ଯାହାକୁ ନେଇ ଏବେ ବି ପଞ୍ଚାୟତରେ ଅସନ୍ତୋଷ କୁହୁଳୁଛି। ଜଣେ ଜନପ୍ରତିନିଧି ଭାବେ ସେ ଆଇନକୁ ସମ୍ମାନ ଦେବା ବଦଳରେ ଆଇନକୁ ହାତକୁ ନେବା ଘଟଣାକୁ ବୁଦ୍ଧିଜୀବୀଙ୍କ ମହଲରେ ନାପସନ୍ଦ କରାଯାଉଛି। ଏ ସମ୍ପର୍କରେ ସରପଞ୍ଚ ସୁଶାନ୍ତ ବେହେରାଙ୍କୁ ପଚାରିବାରୁ, ସେ ପୂର୍ବ ଘଟଣାକୁ ଗୁରୁତ୍ୱ ନ ଦେବାକୁ କହିଛନ୍ତି। ଏପରି କି ପୂର୍ବ ଘଟଣା ଲୋକଙ୍କ ମଧ୍ୟରେ କିଛି ଫରକ ପକାଇବ ନାହିଁ ବୋଲି ପ୍ରକାଶ କରିଛନ୍ତି।

# ଚଳିତ ନିର୍ବାଚନରେ ଭୋଟହାର ବୃଦ୍ଧି ଆଶା

**ଯାଜପୁର ଅଫିସ,୧୭।୪**

### ଯାଜପୁର ଜିଲାରେ ମତଦାନ ହାର

| ନିର୍ବାଚନମଣ୍ଡଳୀ | ୨୦୦୯ | ୨୦୧୪ |
|---|---|---|
| ବିଞ୍ଝାରପୁର | ୬୦.୫୦ | ୬୭.୪୧ |
| ବରୀ | ୫୮.୮୭ | ୭୦.୦୪ |
| ବଡ଼ଚଣା | ୬୬.୮୨ | ୭୬.୭୭ |
| ଧର୍ମଶାଳା | ୭୪.୦୯ | ୮୧.୫୭ |
| ଯାଜପୁର | ୬୩.୮୪ | ୭୨.୧୦ |
| କୋରେଇ | ୬୬.୯୬ | ୭୫.୬୭ |
| ସୁକିନ୍ଦା | ୭୬.୪୪ | ୮୩.୯୨ |

ଯାଜପୁର ଜିଲା ନିର୍ବାଚନ

୨୦୦୯ ଓ ୨୦୧୪ ନିର୍ବାଚନ ଅପେକ୍ଷା ଚଳିତ ନିର୍ବାଚନରେ ମତଦାନ ହାର ବୃଦ୍ଧି ହେବାର ଆଶା କରାଯାଉଛି। ଏଥିପାଇଁ ପ୍ରଶାସନ ଅନେକ ପଦକ୍ଷେପ ଗ୍ରହଣ କରିଛି। ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସେମାନଙ୍କ ଅଭିଭାବକଙ୍କୁ ମତଦାନ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସଂକଳ୍ପ ପତ୍ର ପ୍ରେରଣ କରାଯାଇଥିବାବେଳେ କଲେଜର ଛାତ୍ରୀଛାତ୍ରମାନଙ୍କୁ ନେଇ ଇଲେକ୍ଟୋରାଲ ଲିଟେରେସି କ୍ଲବ ଗଠନ କରାଯାଇ ସେମାନଙ୍କୁ ନିଶ୍ଚିତ ମତଦାନ ପାଇଁ ପ୍ରେରଣା ଦିଆଯାଇଛି। ସେହିପରି ବିଏଲ୍‌ଓଙ୍କ ମାଧ୍ୟମରେ ବୁଥଗୁଡ଼ିକରେ ନିର୍ବାଚନ ପାଠଶାଳା କରାଯାଇ ଭୋଟରଙ୍କୁ ସଚେତନ କରାଯାଇଛି । ବିଭିନ୍ନ ଲୋକକଳା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିବିଧ ପ୍ରତିଯୋଗିତା, ଶୋଭାଯାତ୍ରା, ବୁଲେଟନ ଏକ୍ସପ୍ରେସ ଜରିଆରେ ସଚେତନତା ସୃଷ୍ଟି କରାଯାଉଛି। ବିଭିନ୍ନ ଗୋଷ୍ଠୀ ମାଧ୍ୟମରେ ନିଶ୍ଚିତ ମତଦାନ ପାଇଁ ନିବେଦନ, ପ୍ରଚାରପତ୍ର, ହୋର୍ଡିଂ, ଡାକବାଜି ଯନ୍ତ୍ର ମାଧ୍ୟମରେ, ଭିନ୍ନକ୍ଷମ ଭୋଟରମାନଙ୍କ ଦ୍ୱାରା, ବରିଷ୍ଠ ନାଗରିକଙ୍କ ଦ୍ୱାରା ମଧ୍ୟ ମତଦାନ ବୃଦ୍ଧି ପାଇଁ ସଚେତନ ବାର୍ତ୍ତା ଦିଆଯାଇଛି। ତେବେ ୨୦୦୯ ନିର୍ବାଚନରେ ସୁକିନ୍ଦା ବିଧାନସଭା ଆସନରେ ସର୍ବାଧିକ ୭୭.୫୪ ଭାଗ ପୁରୁଷ ଭୋଟ ଦେଇଥିବାବେଳେ ମହିଳା ଭୋଟର ମଧ୍ୟ ସୁକିନ୍ଦାରେ ସର୍ବାଧିକ ୭୫.୧୯ ଭାଗ ରହିଥିଲା । ସେହିପରି ବିଞ୍ଝାରପୁରରେ ସର୍ବନିମ୍ନ ୫୭.୧ ଭାଗ ପୁରୁଷ ମତଦାନ କରିଥିଲାବେଳେ ବରୀରେ ସର୍ବନିମ୍ନ ୬୦.୯୭ ଭାଗ ମହିଳା ଭୋଟର ଭୋଟ ଦେଇଥିଲେ । ୨୦୧୪ ନିର୍ବାଚନରେ ସୁକିନ୍ଦା ନିର୍ବାଚନ ମଣ୍ଡଳିର ସର୍ବାଧିକ ୯୬.୪୭ ପୁରୁଷ ଭୋଟର ଓ ଧର୍ମଶାଳାରେ ସର୍ବାଧିକ ୮୦.୦୭ ଭାଗ ମହିଳା ଭୋଟର ମତଦାନ କରିଥିଲେ । ବିଞ୍ଝାରପୁରରେ ସର୍ବନିମ୍ନ ୬୨.୮୧ ଭାଗ ପୁରୁଷ ଓ କୋରେଇ ବିଧାନସଭା ଆସନରେ ସର୍ବନିମ୍ନ ୬୪.୮୫ ଭାଗ ମହିଳା ଭୋଟର ମତଦାନ କରିଥିଲେ। ଚଳିତ ନିର୍ବାଚନରେ ଅନେକଗୁଡ଼ିକ ସଚେତନତା କାର୍ଯ୍ୟକ୍ରମ ହୋଇଥିବାରୁ ମଦାନ ହାର ବଢ଼ିବ ବୋଲି ଆଶା କରାଯାଉଛି । ସୁଦୃଢ଼ ଗଣତନ୍ତ୍ର ପାଇଁ ସମସ୍ତ ମତଦାତା ନିଶ୍ଚିତ ମତଦାନ କରିବାକୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ଅନୁରୋଧ କରିଛନ୍ତି । ଚଳିତବର୍ଷ ଭିନ୍ନକ୍ଷମ ଭୋଟରଙ୍କ ପାଇଁ ଘରୁ ଭୋଟ କେନ୍ଦ୍ରକୁ ନେବା ଆଣିବା ପାଇଁ ଗାଡି ବ୍ୟବସ୍ଥା, ହୁଇଲ ଚେୟାର ଓ ସହାୟକ ଇତ୍ୟାଦିର ବ୍ୟବସ୍ଥା ହୋଇଥିବାରୁ ସମସ୍ତ ଭିନ୍ନକ୍ଷମ ଭୋଟରମାନେ ନିଶ୍ଚିତ ମତଦାନ ପାଇଁ ଜିଲାପାଳ ଦାସ ଅନୁରୋଧ କରିଛନ୍ତି।



ଜଣେ ବଦନାମ ହୋଇଗଲା ପରେ ଚାରି ଚାରି ମିଶିଲେ ଆଠ ହୁଏ ବୋଲି ସେ କହିଲେ ମଧ ଲୋକ ସହଜରେ ବିଶ୍ୱାସ କରନ୍ତି ନାହିଁ।
- ଟିଲୋଟ୍‌ସନ୍



## ସଂକ୍ଷେପରେ

### ଏରବାଙ୍ଗରେ କଂଗ୍ରେସର ପ୍ରଚାର

**ବରୀ,୧୭।୪(ସ୍ୱ.ପ୍ର):** ବରୀ ନିର୍ବାଚନମଣ୍ଡଳୀ ଅଧୀନ ଏରବାଙ୍ଗ ପଞ୍ଚାୟତରେ କଂଗ୍ରେସ ଦଳ ପ୍ରଚାର ଆରମ୍ଭ କରିଛି। ବୁଧବାର ଦିନତମାମ କଂଗ୍ରେସ ପକ୍ଷରୁ ପଞ୍ଚାୟତ ପରିକ୍ରମା କରାଯାଇ ସାଧାରଣ ଲୋକଙ୍କୁ ଭୋଟ ଭିକ୍ଷା କରାଯାଇଛି। କଂଗ୍ରେସ ପ୍ରାର୍ଥୀ ଉମେଶ ଜେନାଙ୍କ ନେତୃତ୍ୱରେ ଶହଶହ ସଂଖ୍ୟାରେ କର୍ମୀ ଏହି ପ୍ରଚାରରେ ସାମିଲ ହୋଇ କଂଗ୍ରେସର ଇସ୍ତାହାରକୁ ଭୋଟରଙ୍କ ସମ୍ମୁଖକୁ ଆଣିଥିବା ଦେଖିବାକୁ ମିଳିଛି। ଏଥିରେ ଯୁବ, ଛାତ୍ର, ମହିଳା କଂଗ୍ରେସର କର୍ମୀମାନେ ସାମିଲ ହୋଇଥିବା କୁହାଯାଇଛି। ବୁଧବାରଠାରୁ କଂଗ୍ରେସ ପ୍ରଚାରକୁ ଯୋରଦାର କରିଥିବା ଦେଖିବାକୁ ମିଳିଛି। ଇତି ମଧ୍ୟରେ ଅଧିକାଂଶ ପଞ୍ଚାୟତ ପରିକ୍ରମା ସରିଛି ବୋଲି କୁହାଯାଇଛି।

### ସମର୍ଥକଙ୍କ ସହ ଘରଘର ବୁଲିଲେ ଭାଜପା ପାର୍ଥୀ

**ବିଞ୍ଝାରପୁର,୧୭।୪(ଡି.ଏନ୍.ଏ.):** ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ବବିତା ମଲ୍ଲିକ ବୁଧବାର ନିଜ ସମର୍ଥକଙ୍କ ସହିତ ଘରଘର ବୁଲି ପ୍ରଚାର କରିଛନ୍ତି। ଏହି ଅବସରରେ ସେ ଆଉଁରି ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ଭୋଟ ଭିକ୍ଷା କରିଥିଲେ। ଯୁବ ସଙ୍ଗଠକ ସ୍ମୃତିରଞ୍ଜନ ସ୍ୱାଇଁ, ସରପଞ୍ଚ ମାଧବିଲତା ଦାସ, ଜୀବନ ମହାନ୍ତି, ବିଷ୍ଣୁଚରଣ ସାହୁ, ଶିବପ୍ରସାଦ ନାୟକ, ସୁରେଶ ରାଉତ, ଭାସ୍କର ରାଉତଙ୍କ ସମେତ ବହୁ କର୍ମୀ ପ୍ରଚାରରେ ସାମିଲ ହୋଇଥିଲେ। ଏହି ସମୟରେ ଅଳକୁଣ୍ଡ ପଞ୍ଚାୟତ ବାସୁଦେବପୁର ଗ୍ରାମର ଭରତ ମଲ୍ଲିକ, ହରିହର ମଲ୍ଲିକ, ରାରଣ ମଲ୍ଲିକ, ବିକ୍ରମ ମଲ୍ଲିକ, ଉଦୟ ଜେନା, ମଜେନ୍ଦ୍ର ଜେନା, ରାଜେନ୍ଦ୍ର ଜେନା, ବଟକୃଷ୍ଣ ମଲ୍ଲିକ, ନୀଳକଣ୍ଠ ଜେନା ସହ ବହୁ କଂଗ୍ରେସ ଓ ବିଜେଡି କର୍ମୀ ଦଳ ଛାଡି ଭାଜପାରେ ଯୋଗଦାନ କରିଥିଲେ।

### 'ଦଳିତ ଆଦିବାସୀଙ୍କ ପ୍ରତି ନିର୍ଯାତନା ବଢୁଛି'

**ସୁକିନ୍ଦା,୧୭।୪(ଡି.ଏନ୍.ଏ.) :** ସୁକିନ୍ଦା ବ୍ଲକ ଅନ୍ତର୍ଗତ ପୁବୋଳଠାରେ ସମ୍ବିଧାନର ପ୍ରଣେତା ବାବାସାହେବ ଆମ୍ବେଡକରଙ୍କ ଜନ୍ମ ଜୟନ୍ତୀର ମଙ୍ଗଳବାର ଦ୍ୱିତୀୟ ଦିନରେ ଗ୍ରୀନ ନୋବେଲ ତଥା ଏନ୍‌ଏପିଏମ୍‌ର ଆବାହକ ପ୍ରଫୁଲ୍ଲ ସାମନ୍ତରା ଯୋଗଦେଇଥିଲେ। ଦେଶର ଦଳିତ ଆଦିବାସୀଙ୍କ ପ୍ରତି ନିର୍ଯାତନା ଚରମ ସୀମାରେ ପହଞ୍ଚିଛି। ଏହା ବିରୋଧରେ ସମସ୍ତ ଦଳିତ ଆଦିବାସୀ ଏକ ହୋଇ ପ୍ରତିବାଦ କରିବାକୁ ପ୍ରଫୁଲ୍ଲ ଆହ୍ୱାନ ଦେଇଥିଲେ। ଆମ୍ବେଡକର ସେବା ସଂଘ ସୁକିନ୍ଦା ଆନୁକୂଲ୍ୟରେ ଆଇନଜୀବୀ ଅତୁଳ ନାୟକଙ୍କ ସଭାପତିତ୍ୱରେ ସଂଘର ସଭାପତି ଅରୁଣ କୁମାର ନାୟକ, ସମ୍ପାଦକ ଅମରେନ୍ଦ୍ର ନାୟକ, ସାମାଜିକକର୍ମୀ ନରେନ୍ଦ୍ର ସିଂ ସାମନ୍ତ, ମାମିନା ନାୟକ, ଅଭିମନ୍ୟୁ ନାୟକ, ମାଧବାନନ୍ଦ ନାୟକ, ବିଜୟ ନାୟକ, ରତ୍ନାକର ନାୟକ, ବରିଷ୍ଠ ଖବରଦାତା ମାନସ ପଟ୍ଟନାୟକ, ଖବରଦାତା ବିଶ୍ୱନାଥ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏତଥିସହ ପୁବୋଳ, କଞ୍ଚିଚୁଆ, ଦଲକି, ଭାଲକି, ମଙ୍ଗଳପୁର, ମୂଳଖମ୍ଭ, ଦାମୋଦରପୁର, କବାଟ, ପାଟପୁର ସହ କେନ୍ଦୁଝର ଜିଲାର ଆନନ୍ଦପୁର, ରାଇତଳା, ବଉଳାମାଇନ୍ସ, ବେଲବାହାଲି ପ୍ରଭୃତି ଅଞ୍ଚଳର ଶତାଧିକ ଲୋକେ ଆଲୋଚନାଚକ୍ରରେ ଯୋଗଦେଇଥିଲେ।

### ବିଜେଡିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବିଞ୍ଝାରପୁର,୧୭।୪(ଡି.ଏନ୍.ଏ.):** ବିଞ୍ଝାରପୁର ବଜାରରେ ବୁଧବାର ବିଜେଡି ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ପ୍ରମିଳା ମଲ୍ଲିକ ଏହାକୁ ଉଦ୍‌ଘାଟନକ କରିଥିଲେ। ବିଜେଡି ଯୁବ ସମ୍ପାଦକ ସୁଖରଞ୍ଜନ ପରିଡା, ଜିଲା ଉପସଭାପତି ଲାୟକ ଅଲ୍ଲି ଖାନ, ପୂର୍ବତନ ଉପାଧକ୍ଷା ପ୍ରୀୟତମା ବେହୁରିଆ, ସଂଖ୍ୟାଲଘୁ ସଭାପତି ମୋଜାହେଦ ଖାନ୍, ଅଶୋକ ସାହୁ ରବୀନ୍ଦ୍ର ବେହେରା, ଅରୁଣ କୁମାର ସାହୁ, ସୁଶାନ୍ତ ବିନ୍ଧାଣୀ, ଫରିଦ ଖାଁ, ନଜରୁଲ ଇସଲାମ, ସେକ ଇରସାଦ, ହିମାସୁ ବିନ୍ଧାଣୀ, ପ୍ରସାନ୍ତ ପରିଡା, ବାବୁ ସିଂ, ରାମଚନ୍ଦ୍ର ବେହେରା, ଅବୁଲ ବସର ଖାଁ, ଏମ୍‌ଡି ସବ୍ବିର ପ୍ରମୁଖ ଯୋଗ ଦେଇ ଦଳିୟ ପ୍ରାର୍ଥୀଙ୍କୁ ଭୋଟ ଦେବାପାଇଁ ନିବେଦନ କରିଥିଲେ।

# ଖାଦ୍ୟ ସୁରକ୍ଷା ଯୋଜନାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ

**ରସୁଲପୁର,୧୭।୪(ଡିଏନଏ)**

**ରସୁଲପୁର ବ୍ଲକ**
- ■ଖାଦ୍ୟ ସୁରକ୍ଷା ଯୋଜନାରେ ଥିଲାବାଲା ସାମିଲ ଥିବା ଅଭିଯୋଗ
- ■ଚାଉଳ ନେଇ ବାହାରେ ବିକ୍ରି କରୁଛନ୍ତି ଅଧିକାଂଶ ହିତାଧିକାରୀ

କେହି ଭୋକିଲା ରହିବ ନାହିଁ। ଭୋକିଲାଙ୍କୁ ଅନ୍ୟୁନ ଦୁଇ ଓଳି ଦୁଇ ମୁଠା ଖାଇବାକୁ ମିଳିବ। ପେଟ ପାଇଁ ଆଉ କେହି ଭିକ୍ଷାବୃତ୍ତି କରିବେ ନାହିଁ। ସମସ୍ତେ ବଞ୍ଚିବେ, ଆଗକୁ ବଢିବେ ଓ ନୂଆ ଏକ ସମ୍ଭାବନା ସୃଷ୍ଟି କରିବେ। ଏହି ସଙ୍କଳ୍ପ ନେଇ ୨୦୧୩ରେ କେନ୍ଦ୍ର ସରକାର ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ କରିଥିଲେ। ଏହି ଆଇନ ବଳରେ ଓଡ଼ିଶାର ସାଢେ ୪କୋଟି ଜନସଂଖ୍ୟାରୁ ୩.୨୦ କୋଟି ଲୋକ ଉପକୃତ ହେଉଛନ୍ତି। ସେହି ମୁତାବକ ଗ୍ରାମାଞ୍ଚଳରେ ବସବାସ କରୁଥିବା ଶତକଡା ୮୦ଭାଗ ପରିବାରକୁ ରାଶନ କାର୍ଡ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଏହି କାର୍ଡ ଜରିଆରେ ପରିବାରରକୁ ଖାଦ୍ୟ ସମାଗ୍ରୀ ଯୋଗାଇ ଦିଆଯାଉଛି। ଆଇନ ମୁତାବକ ସର୍ଭେରେ ଅଯୋଗ୍ୟ ପରିବାରକୁ ବାଦ ଦିଆଯାଇ ତାଲିକା ପ୍ରସ୍ତୁତ କରାଯାଇଥିଲା। ଫଳରେ ତାଲିକାରୁ ବାଦ ପରିବାର ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଏହି ଜନ ଅସନ୍ତୋଷ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବା ଆଶଙ୍କାରେ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯେଜନା ପ୍ରଣୟନ କରିଥିବା କୁହାଯାଉଛି। ମାତ୍ର ଏହି ଯୋଜନା ମୂଲ୍ୟହୀନ ହୋଇପଡିଛି। ଏହିକ୍ରମରେ ଯାଜପୁର ଜିଲାର ରସୁଲପୁର ବ୍ଲକ ଆଗରେ ରହିଛି। ଏହି ବ୍ଲକର ବହୁ ଅସନ୍ତୁଷ୍ଟ ଦଳୀୟ କର୍ମୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ସନ୍ତୁଷ୍ଟ କରାଯାଇଥିବା ଚର୍ଚ୍ଚା ହେଉଛି।

୨୦୧୧ ସାମାଜିକ ଅର୍ଥନୈତିକ ଗଣନା ଦୃଷ୍ଟିରୁ ବ୍ଲକର ମୋଟ ପରିବାର ସଂଖ୍ୟା ୩୬,୮୯୩ ଥିବା ବେଳେ ଜନସଂଖ୍ୟା ୧.୭୩ ଲକ୍ଷ ରହିଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ବଳରେ ୮୦ ଶତକଡା ହାରରେ ୨୯,୨୫୧ ପରିବାରର ୧.୧୮ ଲକ୍ଷ ଲୋକଙ୍କୁ ପିଏଚଏଚ କାର୍ଡ ମିଳିଛି। ଅନ୍ତ୍ୟୋଦୟ ଯୋଜନା ଜରିଆରେ ୪,୪୨୮ ପରିବାରର ହାରାହାରି ୧୮ହଜାର ଲୋକ, ଅନ୍ନପୂର୍ଣ୍ଣା ଯୋଜନାରେ ମୋଟ ୩୧୦ଟି ପରିବାର ୧୦୦୦ଲୋକଙ୍କୁ ସୁବିଧା ମିଳୁଛି। ଏନେଇ ସର୍ଭେରେ ଆଇନ ଅନୁଯାୟୀ ୨୦ଭାଗ ପରିବାରକୁ ବାଦ ଦିଆଯାଇଥିଲା।

ମାତ୍ର ରାଜ୍ୟ ସରକାର ଆହୁରି ୪୫ଲକ୍ଷ ଲୋକଙ୍କୁ ଏହି ଯୋଜନାରେ ସାମିଲ କରିବାକୁ ଦାବି କରିଆସୁଥିଲେ। ତାହା ପୂରଣ ନ ହେବାରୁ ରାଜ୍ୟ ସରକାର ନିଜସ୍ୱ ଯୋଜନା ଆରମ୍ଭ କଲେ। ଖାଦ୍ୟ ସୁରକ୍ଷା ଯୋଜନା-୨୦୧୮ରେ ଏହି ବ୍ଲକର ୩,୧୦୯ ପରିବାରର ୧୦,୧୨୯ଜଣ ଲୋକଙ୍କୁ ସୁବଧା ମିଳୁଛି। ଏହାଛଡା ଖାଦ୍ୟ ସୁରକ୍ଷା ଯୋଜନାରେ ୧୦୦୦ରୁ ଉର୍ଦ୍ଧ୍ୱ ଓ ଖାଦ୍ୟ ସୁରକ୍ଷା ଆଇନରେ ୫୦୦ରୁ ଉର୍ଦ୍ଧ୍ୱ ପରିବାର ଆବେଦନ କରିଛନ୍ତି। ମାତ୍ର ସେମାନଙ୍କୁ ଏଯାଏ କାର୍ଡ ମିଳିନାହିଁ। ଏ ସବୁ ମିଶାଇ ଦେଲେ ସାମାଜିକ, ଅର୍ଥନୈତିକ, ଜାତିଗତରେ ଉଲ୍ଲେଖ ଥିବା ପରିବାର ସଂଖ୍ୟାଠାରୁ ଖାଦ୍ୟ ସୁରକ୍ଷା ଆଇନ ଓ ଯୋଜନା କାର୍ଡ ସଂଖ୍ୟାକୁ ଟପିଯାଇଛି। ଏହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଖାଦ୍ୟ ସୁରକ୍ଷାକୁ ନେଇ ଆଇନ ପ୍ରଣୟନ ହେବା ସତ୍ତ୍ୱେ ଯୋଜନା ଲାଗୁ କରିବାର ପ୍ରାସଙ୍ଗିକତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏଥିରେ ଅଯୋଗ୍ୟଙ୍କୁ ବାଦ ଦିଆଯାଇ ଯୋଗ୍ୟଙ୍କୁ ତାଲିକାରେ ଯୋଡା ଯିବା ନେଇ ଆଇନରେ ଉଲ୍ଲେଖ ରହିଛି। ତେବେ ଓଡିଶାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଲୋକ ଗରିବ ଥିବା ଦର୍ଶାଯିବା ନେଇ ଆଉ ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ବି ଥାଆନ୍ତି ଆଇନ ବଳରେ ସେସବୁ ପରିବାରକୁ ପର୍ଯ୍ୟାୟ କ୍ରମେ ତାଲିକାଭୁକ୍ତ କରାଯାଇ ପାରିବ। ଯୋଗ ଓ ବିଯୋଗ ପ୍ରକ୍ରିୟା ସମ୍ଭବ ହୋଇପାରିବ। ମାତ୍ର ଏଠାରେ ତାହ ନ ହୋଇ ଆଉ ଏକ ଯୋଜନା କାର୍ଯ୍ୟକାରୀ କରାଗଲା। ଏ ନେଇ ସାଧାରଣ ଲୋକଙ୍କ ମନରୁ ଦ୍ୱନ୍ଦ୍ୱ ହଟି ନ ଥିବା ବେଳେ ଏହି ଯୋଜନା ଜରିଆରେ ଥିଲାବାଲାଙ୍କୁ ଚାଉଳ ଦେବାକୁ ପ୍ରୟାସ କରାଯାଉଛି ବୋଲି ଅଭିଯୋଗ ହେଉଛି। ଏଥିରେ ସାମିଲ ହିତାଧିକାରୀ ରିଟେଲର ନିକଟରୁ ଚାଉଳ ଆଣି ବାହାରେ ବିକ୍ରି କରି ଲାଭବାନ ହେଉଛନ୍ତି। ଆଉ କେତେଜଣ ଥିଲାବାଲା ହିତାଧିକାରୀ ଲୋକଲଜ୍ଜା ଭୟରେ ଡିଲରଙ୍କଠାରୁ ଚାଉଳ ନ ଆଣି ଡିଲରଙ୍କ ସହ ମୂଲଚାଲ କରି କେବଳ ପିଓଏସ୍ ମେଶିନରେ ଟିପଚିହ୍ନ ଦେଇ ଦେଉଥିବା ଜଣାପଡ଼ିଛି। ଏ ବାବଦରେ ସେମାନେ ଡିଲରଠାରୁ ମାସିକିଆ ଅର୍ଥ ହାତେଇ ନେଉଛନ୍ତି। ଚାଉଳ ବଣ୍ଟନ ସରିବା ଓ କ୍ଲୋଜିଂ ବାଲାନ୍ସ ତଥ୍ୟ ପ୍ରଦାନ ପରେ ଯୋଗାଣ ଅଧିକାରୀଙ୍କ ବିଭିନ୍ନ ବଣ୍ଟନ କେନ୍ଦ୍ରରେ ଚଢାଉ ବେଳେ ହିସାବଠାରୁ ଅଧିକ ଚାଉଳ ଗଚ୍ଛିତ ରହିବା ଘଟଣା ଏହାକୁ ପ୍ରମାଣିତ କରୁଛି। ଏହାଛଡା ଆଇନର ପରିସରଭୁକ୍ତ ହିତାଧିକାରୀଙ୍କୁ ଗହମ, ଚାଉଳ, କିରୋସିନ, ଏଲଇଡି ବଲବ୍ ଆଦି ମିଳୁଥିବା ବେଳେ ଯୋଜନାରେ ଅନ୍ତର୍ଭୁକ୍ତ ପରିବାରକୁ କେବଳ ଚାଉଳ ମିଳୁଛି। ତେବେ ଯୋଜନାରେ ସାମିଲ ପରିବାରକୁ ବଲ୍‌ବ ମିଳି ନ ଥିବାରୁ ଲୋକଙ୍କ ମନରେ ଅସନ୍ତୋଷ ରହିଛି। ତାହା ଚଳିତ ନିର୍ବାଚନରେ ପ୍ରତିଫଳିତ ହେବାର ଆଶଙ୍କା ଦେଖାଦେଇଛି ବୋଲି ଚର୍ଚ୍ଚା ହେଉଛି।

## ପ୍ରାର୍ଥୀଙ୍କ ଖର୍ଚ୍ଚର ଅନୁଧ୍ୟାନ ଆରମ୍ଭ

**ଯାଜପୁର ଟାଉନ,୧୭।୪(ଡି.ଏନ୍.ଏ)**

ଚଳିତ ନିର୍ବାଚନରେ ପ୍ରତିନିଧିତ୍ୱ କରୁଥିବା ସମସ୍ତ ପ୍ରାର୍ଥୀଙ୍କ ଖର୍ଚ୍ଚର ତଦାରଖ ନିର୍ବାଚନ ପର୍ଯ୍ୟବେକ୍ଷକମାନେ ମଙ୍ଗଳବାରଠାରୁ ଆରମ୍ଭ କରିଛନ୍ତି। ଯାଜପୁର ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକ ଗୋପୀ ଧୋନତି ରେଡି ଆସନ୍ତା ୨୩ ଓ ୨୮ ତାରିଖ ପୂର୍ବାହ୍ନ ସାଢେ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଖର୍ଚ୍ଚ ତଦାରଖ କରିବେ। ବିଞ୍ଝାରପୁର, ବରୀ, ଯାଜପୁର, କୋରେଇ ନିର୍ବାଚନମଣ୍ଡଳୀ ପାଇଁ ନିଯୁକ୍ତ ଖର୍ଚ୍ଚ ତଦାରଖ ପର୍ଯ୍ୟବେକ୍ଷକ ଆଶିଷ କୁମାର ସିଂ ପ୍ରାର୍ଥୀଙ୍କ ଖର୍ଚ୍ଚ ତଦାରଖ ଓ ଯାଞ୍ଚ କରିବେ। ଖର୍ଚ୍ଚ ସମ୍ପର୍କରେ ପ୍ରାର୍ଥୀ କିମ୍ବା ତାଙ୍କ ସ୍ୱୀକୃତିପ୍ରାପ୍ତ ଏଜେଣ୍ଟ ଯାଞ୍ଚ ସମୟରେ ଉପସ୍ଥିତ ରହି ଖର୍ଚ୍ଚ ବିବରଣୀ ପ୍ରଦାନ କରିବେ ଏବଂ ପର୍ଯ୍ୟବେକ୍ଷକଙ୍କୁ କୌଣସି ସମସ୍ୟା ଓ ସହଯୋଗ ପାଇଁ ସେମାନେ ଯୋଗାଯୋଗ କରିପାରିବେ ବୋଲି ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ ଦାସ ସୂଚନା ଦେଇଛନ୍ତି।

# ମଧୁତୀର୍ଥ ବାହୁଡ଼ିଲେ ନାରାୟଣ ଗୋସାଇଁ

**ରସୁଲପୁର,୧୭।୪(ଡିଏନଏ)**

ରସୁଲପୁର ବ୍ଲକ ଅଞ୍ଚଳର ଐତିହାସିକ ସିଂହପୁର ଯାତ୍ରା ବୁଧବାର ପୂର୍ବାହ୍ନରେ ଶେଷ ହୋଇଛି। ଯାତ୍ରାର ଅନ୍ତିମ ଦିନରେ ପ୍ରଭୁ ରାମ ବଳରାମ, କଲ୍‌କୀ, କାଳୀୟ ଦଳନ, ଓ ସନ୍ୟାସ ବେଶରେ ଦର୍ଶନ ଦେଇଥିଲେ। ବୁଧବାର ପ୍ରତ୍ୟୁଷରେ ଯଜ୍ଞକୁଣ୍ଡରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ପ୍ରଭୁଙ୍କ ବିଦାୟ ଯାତ୍ରା ଅବସରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରଭୁଙ୍କୁ ଭକ୍ତି ଭାବଭରା ଓ ଆବେଗପୂର୍ଣ୍ଣ ପରିବେଶରେ ଶ୍ରଦ୍ଧାଳୁମାନେ ଅଶ୍ରୁଳ ବିଦାୟ ଦେଇଥିଲେ। ନିଆରା ପରମ୍ପରା ସହ ଜଳଶାୟୀ ଠାକୁର ନାରାୟଣ ଗୋସାଇଁଙ୍କ ୩ଦିନିଆ ସ୍ଥଳ ବିଜେ ଯାତ୍ରା ଶେଷ ହୋଇଛି। ଠାକୁରଙ୍କ ପହଣ୍ଡି ବିଜେ କରାଇ ଭକ୍ତମାନେ ପୁଣି ମଧୁତୀର୍ଥ ପୁଷ୍କରଣୀର ଜଳ ମଝିରେ ଥିବା ସିଂହାସନରେ ପ୍ରଭୁଙ୍କୁ ଅବସ୍ଥାନ କରାଇ ଫେରି ଆସିଛନ୍ତି। ବିଦାୟୀ ଯାତ୍ରାରେ ପୂର୍ବ ଯାତ୍ରାର ଝଲକ ଦେଖିବାକୁ ମିଳିଥିଲା। ଏଥି ସକାଶେ ପ୍ରାତଃହରେ ଆଳତୀ, ରୁଦ୍ଧଦ୍ୱାର ପୂଜା ଅନୁଷ୍ଠିତ ହୋଇଥିଲା। ରାଜ ପୁରୋହିତଗଣ ପୂଜାପାଠରୁ ଆରମ୍ଭ କରି ପ୍ରଭୁଙ୍କୁ ସିଂହାସନରୁ ଓହ୍ଲାଇବା କାର୍ଯ୍ୟକୁ ତଦାରଖ କରିଥିଲେ। ପ୍ରଭୁ ବିଦାୟ ନେବା ପୂର୍ବରୁ ସନ୍ୟାସୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ରଜା ପରିବାରର ଉତ୍ତରାଧିକାରୀ ପୂଜା କାର୍ଯ୍ୟରେ ଯୋଗଦେଇଥିଲେ। ରାଜଜେମା ଅପର୍ଣ୍ଣା ଧିର ସିଂ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ପହଣ୍ଡି ବିଜେ କରାଇଥିଲେ। ପୂର୍ବଭଳି ଠାକୁରଙ୍କୁ ଉତ୍ତର ପାବଚ୍ଛରେ ବିଜେ କରାଯାଇଥିଲା। ସେଠାରେ ପରାମ୍ପରିକ ପୂଜାନୀତି ସରିବା ପରେ ଠାକୁରଙ୍କୁ ଜଳକ୍ରୀଡା କରାଯାଇଥିଲା। ପରେ ପ୍ରଭୁ ନାରାୟଣ ଗୋସାଇଁଙ୍କୁ ଭକ୍ତଗଣ ପୂର୍ବ ପାବଚ୍ଛରେ ସ୍ଥାପନ କରିଥିଲେ। ପୁଷ୍କରଣୀର ପୂର୍ବ ପଟ ପାବଚ୍ଛ ନିକଟରେ ଥିବା ମଦନ ମୋହନ ଜୀଉ ପାବଚ୍ଛ ନିକଟରେ ପହଞ୍ଚିବା ପ୍ରଭୁଙ୍କୁ ବିଦାୟ ଦେଇ ମନ୍ଦିରକୁ ଫେରିଯାଇଥିଲେ। ପରେ ଭକ୍ତଗଣ ଠାକୁରଙ୍କୁ ଜଳକ୍ରୀଡା କରିବା ସହ ଜଳଶାୟୀ କରାଇଥିଲେ। ଠାକୁରଙ୍କ ଏହି ଲୀଳାଖେଳା ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥିଲା। ଶଙ୍ଖ, ଘଣ୍ଟ, ହୁଳହୁଳି, ଭଜନ ସଙ୍କୀର୍ତ୍ତନରେ ଯାତ୍ରାସ୍ଥଳ ଫାଟି ପଡୁଥିଲା। ମାନସିକଧାରୀମାନେ ନିଜର ମାନସିକ ପୂରଣ ପୂର୍ବକ ପୋଖରୀକୁ ପତାକା ଅର୍ପଣ କରିଥିଲେ। ଠାକୁରଙ୍କ ଲୀଳାଖେଳାରେ ଭକ୍ତ ବିଭୋର ହୋଇଉଠିଥିଲେ। ସୂଚନାଥାଉ କି, ମଙ୍ଗଳବାର ବିଳମ୍ବିତ ରାତିରେ ସାଇକଲେ ଷ୍ଟାଣ୍ଡରେ ଅର୍ଥ ଆଦାୟକୁ ନେଇ ଗଣ୍ଡଗୋଳ ଉପୁଜିଥିଲା। ପ୍ରଶାସନର ବାରଣ ସତ୍ତ୍ୱେ କମିଟିର ସଦସ୍ୟଗଣ ଅଧିକା ଅର୍ଥ ଆଦାୟ କରିବାକୁ ବିରୋଧ କରାଯିବାରୁ ପାଟିତୁଣ୍ଡ ହୋଇଥିଲା ବୋଲି କୁହାଯାଉଛି। ହେଲେ ଏ ଦିଗରେ ଥାନାରେ ଅଭିଯୋଗ ହୋଇନାହିଁ।



ମାନସିକଧାରୀମାନେ ପୋଖରୀକୁ ପତାକା ଅର୍ପଣ କରୁଛନ୍ତି।

## ଛାତ୍ରୀଙ୍କୁ ମାଡ଼ ମାରି ଅଧ୍ୟାପକ ହଟହଟା

**ଯାଜପୁର ଟାଉନ,୧୭।୪(ଡି.ଏନ୍.ଏ)**

ଯାଜପୁର ଥାନାରେ ଜଣେ କଲେଜ ଛାତ୍ରୀଙ୍କୁ ମାଡ଼ ମାରିବା ଘଟଣାରେ ଅଧ୍ୟାପକଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଏକ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀ ମଙ୍ଗଳବାର ଲାବ୍ରୋଟାରୀ ପ୍ରାକ୍ଟିକାଲ ପରୀକ୍ଷା ଦେଉଥିବା ବେଳେ ଜଣେ ରସାୟନ ବିଭାଗ ଅଧ୍ୟାପକ ତାଙ୍କୁ ରଡ଼ରେ ମାଡ଼ ମାରିଥିଲେ। ଏନେଇ ସେ ଯାଜପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ ୯୮/୧୯) ରୁଜୁ କରିବା ସହିତ ଅଧ୍ୟାପକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ପରେ ଯାଜପୁର ପୋଲିସ ତାଙ୍କୁ ନୋଟିସ ଦେଇ ଛାଡ଼ି ଦେଇଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

## ଆଜି ଆସୁଛନ୍ତି କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ନୀତିନ ଗଡକରୀ

**ଯାଜପୁର ଟାଉନ,୧୭।୪(ଡି.ଏନ୍.ଏ)**

ନିର୍ବାଚନ ପ୍ରଚାର ଜୋରଦାର ଆରମ୍ଭ ହୋଇଛି। ଏଥିପାଇଁ ଭାଜପା ପକ୍ଷରୁ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ନୀତିନ ଗଡକରୀ ଗୁରୁବାର ଯାଜପୁରକୁ ଆସୁଛନ୍ତି। ସେ ରାମବାଗ ରିଜିଓନାଲ କଲେଜ ପଡିଆରେ ୧୮ତାରିଖ ପୂର୍ବାହ୍ନ ସାଢେ ୯ଟାରେ ପହଞ୍ଚି ନିର୍ବାଚନ ପ୍ରଚାର କାର୍ଯ୍ୟରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଭାଜପା ଜିଲା ସଭାପତି ତଥା ଯାଜପୁର ବିଧାନସଭା ଆସନର ପ୍ରାର୍ଥୀ ଗୌତମ ରାୟ ଏଥିରେ ଅଧ୍ୟକ୍ଷତା କରିବା ସହ ଲୋକସଭା ପ୍ରାର୍ଥୀ ଅମୀୟକାନ୍ତ ମଲ୍ଲିକ ଯୋଗଦେବେ। କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ଜିଲା ଭାଜପା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ଜଣାପଡିଛି।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ସମାରୋହ



ବାର୍ଷିକ ସମାରୋହରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

**ଧର୍ମଶାଳା,୧୭।୪(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୩୦ତମ ବାର୍ଷିକ ସମାରୋହ ମଙ୍ଗଳବାର ସନ୍ଧ୍ୟାରେ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ନବଘନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଉଦ୍‌ଘାଟକଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ରମାକାନ୍ତ ଜେନା, ସମ୍ମାନିତ ଅତିଥିଭାବେ ନିଖିଳ ଉତ୍କଳ ଶିଶୁମେଳା ସମିତି ସଭାପତି ଡ. ପ୍ରିୟନାଥ ମହାପାତ୍ର ଓ ମୁଖ୍ୟ ବକ୍ତାଭାବେ ଧର୍ମଶାଳା କଲେଜ ଇଂଲିସ ବିଭାଗ ମୁଖ୍ୟ ମନୋରଞ୍ଜନ ମହାନ୍ତି ଯୋଗଦେଇ ଥିଲେ। ଶିକ୍ଷକ ଅକ୍ଷୟ କୁମାର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ନିର୍ମଳ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଚାଳନା କମିଟି ସଭାପତି କିଶୋର ଚନ୍ଦ୍ର ନାୟକ ଓ ସମ୍ପାଦକ ବୈକୁଣ୍ଠ ନାଥ ସାହୁ, କୋଷାଧକ୍ଷ ଅନିରୁଦ୍ଧ ରାଉତ ସମ୍ମାନିତ ବକ୍ତାଭାବେ ଯୋଗଦେଇ ଥିଲେ। ଏହି ଅବସରରେ ୩୪୦ଜଣ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ କୃତିତ୍ୱ ପାଇଁ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଏହିପରି ଖେଳ, ଶିକ୍ଷା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛତ୍ରଙ୍କୁ ମୁଖ୍ୟ ଅତିଥି ବଳବନ୍ତରାୟ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ତପନ କୁମାର ଭଦ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଶିକ୍ଷୟିତ୍ରୀ ଜୟଶ୍ରୀ ଜେନା, କୁମୁଦିନୀ ବିଶ୍ୱାଳ, ବିଜୟଲକ୍ଷ୍ମୀ ମିଶ୍ର, ଶୁଚିସ୍ମିତା ପଣ୍ଡା, ବିଷ୍ଣୁ ଚରଣ ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା।

## ବିଜେଡିରେ ମିଶିଲେ ଭାଜପା କର୍ମୀ

**ବରୀ,୧୭।୪(ସ୍ୱ.ପ୍ର)**

ବରୀ ନିର୍ବାଚନ ମଣ୍ଡଳୀରେ ଏବେ ମିଶ୍ରଣ ପ୍ରକ୍ରିୟା ଜୋରଦାର ଚାଲିଛି। ଭାଜପା, ବିଜେଡି ଓ କଂଗ୍ରେସ ପକ୍ଷରୁ ଦୈନିକ ମିଶାଣ ଫେଡାଣ ହେଉଛି। ମିଶ୍ରଣ ପ୍ରକ୍ରିୟାକୁ ବିଜେଡି ଜୋରଦାର କରିଥିବା ଦେଖିବାକୁ ମିଳିଛି। ବୁଧବାର ବାଇଶିରିଆ, ଅଟିରା, ମିଳିରିଆପାଳର ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ଦଳ ଛାଡି ବିଜେଡିରେ ଯୋଗଦାନ କରିଛନ୍ତି ବୋଲି ଦଳ ପକ୍ଷରୁ କୁହାଯାଇଛି। ଅଟିରାର ପ୍ରକାଶ ପରିଡା, ଯୁଗଳ ପରିଡାଙ୍କ ସମେତ ଶତାଧିକ କର୍ମୀ ବିଜେଡିରେ ଯୋଗଦାନ କରିଛନ୍ତି। ବିଜେଡିର ଆଦର୍ଶକୁ ପାଥେୟ କରି ସେମାନେ ବିଜେଡିରେ ଯୋଗ ଦେଇଥିବା କହିଛନ୍ତି। ଏହି ମିଶ୍ରଣ ପ୍ରକ୍ରିୟାରେ ବିଜେଡି ନେତା ଦେବେନ୍ଦ୍ର ଦାସ, ବିଭୂତିଭୂଷଣ ସାହୁ, ସୌମ୍ୟ ରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ଡାକଘର ଅଚଳ

**ବରୀ,୧୭।୪(ସ୍ୱ.ପ୍ର)**

ବରୀ ନିର୍ବାଚନମଣ୍ଡଳୀ ଅଧୀନ ରୁଦ୍ରପୁର ଓ କାକୁଡିକୁଦ ପଞ୍ଚାୟତରେ ୨ଟି ଡାକଘର ରହିଛି। ଏହି ଡାକଘର ଦ୍ୱୟରେ ଆଖପାଖ ପଞ୍ଚାୟତର ଲୋକେ ନିର୍ଭର କରୁଥିବାବେଳେ ଏବେ ଡାକଘର ଦ୍ୱୟ ଅଚଳ ହୋଇପଡିଛି। ଏନେଇ ବରିଷ୍ଠ ନାଗରିକଙ୍କ ପକ୍ଷରୁ ବୁଧବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଛି। ପୋଷ୍ଟକାର୍ଡ, ଇନଲ୍ୟାଣ୍ଡ ଲେଟର ମିଳୁ ନ ଥିବାବେଳେ ରେଜେଷ୍ଟ୍ରି ଫର୍ମ ମିଳୁନାହିଁ। ଏଠାକୁ କାର୍ଯ୍ୟରତ କର୍ମଚାରୀ ଠିକ୍ ସମୟରେ ଆସୁନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏପରିକି ଅଧିକାଂଶ ସମୟରେ ଡାକ ଘର ବନ୍ଦ ରହୁଥିବା ଦେଖିବାକୁ ମିଳିଛି। ଏ ନେଇ ସାଧାରଣରେ ଅସନ୍ତୋଷ ବଢିବାରେ ଲାଗିଛି। ଏ ସଂକ୍ରାନ୍ତରେ ରୁଦ୍ରପୁର ପୋଷ୍ଟମାଷ୍ଟର ଚୈତନ୍ୟ ମଲିକଙ୍କୁ ପଚାରିବାରୁ, ନିଜ ଘରେ ଡାକ ଘର ଚାଲିଛି। ସବୁବେଳେ ପୋଷ୍ଟ ଅଫିସ ଖୋଲା ରହୁଛି। କୌଣସି ସମସ୍ୟା ସେଠାରେ ନାହିଁ ବୋଲି ମଲିକ କହିଛନ୍ତି। କାକୁଡିକୁଦ ପୋଷ୍ଟମାଷ୍ଟରଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ଉତ୍ତର ମିଳିବା ସମ୍ଭବ ହୋଇନାହିଁ। ୭ଦିନ ଭିତରେ ସମାଧାନ ନ ହେଲେ ଅଭିଯୋଗକାରୀ ପ୍ରଭାତ କୁମାର ପାଣି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ବିଜେଡିର ବିଜୟ ସଙ୍କଳ୍ପ ଦିବସ



ବିଜୟ ସଙ୍କଳ୍ପ ଦିବସ ପାଳନ ଅବସରରେ ଉପସ୍ଥିତ କର୍ମୀ।

**ବରୀ,୧୭।୪(ସ୍ୱ.ପ୍ର)**

ବରୀ ନିର୍ବାଚନମଣ୍ଡଳୀର ୪୭ ପଞ୍ଚାୟତରେ ନିର୍ବାଚନୀ ପ୍ରଚାର ଜୋର ଧରିଛି। ଭାଜପା, ବିଜେଡି ଓ କଂଗ୍ରେସ ପ୍ରଚାରକୁ ଯୋରଦାର କରିଥିଲାବେଳେ ବିଜେଡି ପାଦେ ଆଗେଇଛି। ବୁଧବାର କିମ୍ବିରିଆପାଳ ପଞ୍ଚାୟତ ଶିବ ମନ୍ଦିର ପ୍ରାଙ୍ଗଣରେ ବରୀ ବିଜେଡି ପକ୍ଷରୁ ବିଜୟ ସଙ୍କଳ୍ପ ଦିବସ ପାଳନ ହୋଇଯାଇଛି। ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ସାହୁଙ୍କ ନେତୃତ୍ୱରେ ଆୟୋଜିତ ସଙ୍କଳ୍ପ ଦିବସରେ ୫ଶହରୁ ଉର୍ଦ୍ଧ୍ୱ ମହିଳା, ଯୁବତୀଯୁବକ, ବୃଦ୍ଧାବୃଦ୍ଧ ଆଦି କର୍ମୀ ଉପସ୍ଥିତ ରହି ବିଜେଡି ପ୍ରାର୍ଥିନୀ ସୁନନ୍ଦା ଦାସଙ୍କୁ ଚଳିତ ନିର୍ବାଚନରେ ବିଜୟ କରାଇବା ପାଇଁ ସଙ୍କଳ୍ପ ନେଇଥିବା ଦେଖିବାକୁ ମିଳିଛି। ଏହି ସଙ୍କଳ୍ପ ଦିବସରେ ବିଜେଡି ନେତା ଦେବେନ୍ଦ୍ର ଦାସ, କେଦାର ସାମଲ, ସୌମ୍ୟରଞ୍ଜନ ସାମଲ, ପ୍ରାର୍ଥିନୀ ସୁନନ୍ଦା ଦାସ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଅମୀୟ ସାହୁ, ନରହରି ସାହୁ, ନରୋତ୍ତମ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ମହଙ୍ଗା ପଡ଼ିପାରେ ପୁରୁଖା କାର୍ଯ୍ୟକର୍ତ୍ତାଙ୍କୁ ଅଣଦେଖା

**ଯାଜପୁର ଅଫିସ,୧୭।୪**

**ଯାଜପୁର ଜିଲା ଭାଜପା ରାଜନୀତି**

୨୦୧୭ ଫେବୃୟାରୀ ମାସରେ ହୋଇଥିବା ପଞ୍ଚାୟତ ନିର୍ବାଚନରେ ଭାଜପାର ଲହର ଚଳିତ ସାଧାରଣ ନିର୍ବାଚନରେ ଦେଖିବାକୁ ମିଳୁନାହିଁ। ପୁରୁଖା କାର୍ଯ୍ୟକର୍ତ୍ତାଙ୍କୁ ଅଣଦେଖା ଓ ନୂତନ ଭାବେ ଯୋଗଦେଉଥିବା କର୍ମୀଙ୍କୁ ଭରସା ଏହାର କାରଣ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ ଯେ, ଯାଜପୁର ବିଧାନସଭା ପ୍ରାର୍ଥୀ ତଥା ଭାଜପା ଜିଲା ସଭାପତି ଗୌତମ ରାୟ ଗତ ପଞ୍ଚାୟତ ନିର୍ବାଚନରେ ନିଜର ସକ୍ରିୟତା ପ୍ରଦର୍ଶନ କରିଥିଲେ। ସେହିପରି ୨୦୦୯ ବିଧାନସଭା ନିର୍ବାଚନ ସମୟରୁ ହିଁ ଧର୍ମଶାଳା ବିଧାନସଭା ପ୍ରାର୍ଥୀ ରମେଶ ପରିଡ଼ା ଭାଜପାରେ ସାମିଲ ହୋଇ ଦଳର ସାଂଗଠନିକ କାର୍ଯ୍ୟ କରୁଛନ୍ତି। ଏହି ଦୁଇ ପୁରୁଖା ନେତା ଚଳିତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବାବେଳେ ବାକି ୫ପ୍ରାର୍ଥୀ ନବାଗତ। ଗତ ଜିଲାପରିଷଦ ନିର୍ବାଚନରେ ଭାଜପା ୬ଟି ଜିଲା ପରିଷଦ ଆସନ ଦଖଲ କରିବା ସହ ୩୯ଟି ଜିଲା ପରିଷଦ ଆସନରୁ ମୋଟ ୩ଲକ୍ଷ ୧୮ହଜାର ଭୋଟ ହାତେଇଥିଲା। ଏହାପରେ ଦଳର ଏକ ସମ୍ଭାବ୍ୟ ସଫଳତାକୁ ନଜରରେ ରଖି କଂଗ୍ରେସ ଓ ବିଜେଡି ଦଳର କେତେକ ନେତାମାନେ ଭାଜପାରେ ଯୋଗ ଦେଇ ଚଳିତ ନିର୍ବାଚନରେ ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପାର ପ୍ରାର୍ଥୀ ହୋଇଛନ୍ତି। କିନ୍ତୁ ଯେଉଁ କାର୍ଯ୍ୟକର୍ତ୍ତାଙ୍କ ଅହରହ ଉଦ୍ୟମ କାରଣରୁ ଗତ ପଞ୍ଚାୟତ ନିର୍ବାଚନରେ ଜିଲାରେ ଭାଜପାକୁ ଏକ ଆଖିଦୃଶିଆ ସ୍ଥିତିରେ ଠିଆ ହୋଇପାରିଥିଲା ସେମାନଙ୍କ ମଧ୍ୟରୁ ଅଧିକାଂଶ କାର୍ଯ୍ୟକର୍ତ୍ତା ଚଳିତ ନିର୍ବାଚନରେ ଅବହେଳାର ଶିକାର ହୋଇଛନ୍ତି। ଏପରିକି ଅଧିକାଂଶ ବିଧାୟକ ପ୍ରାର୍ଥୀ ନିର୍ବାଚନରେ ପୁରୁଣା କାର୍ଯ୍ୟକର୍ତ୍ତାଙ୍କ ସହଯୋଗ ଲୋଡିବାକୁ ବୋଧହୁଏ ଆଗ୍ରହ ପ୍ରକାଶ ନ କରି ବି ବିଜୟୀ ହେବାର ଦମ୍ଭୋକ୍ତି ପ୍ରକାଶ କରୁଛନ୍ତି। ଅନ୍ୟପକ୍ଷରେ ଏଭଳି ସ୍ଥିତିକୁ ନଜରରେ ରଖି ବିଧାନସଭା ପ୍ରାର୍ଥୀଙ୍କ ଦ୍ୱାରା ପୁରୁଣା କାର୍ଯ୍ୟକର୍ତ୍ତାଙ୍କୁ ନିର୍ବାଚନରେ ସକ୍ରିୟ ଭାବେ ନିୟୋଜିତ କରିବାକୁ ଦଳର ରାଜ୍ୟ ପ୍ରଭାରୀ ଅରୁଣ ସିଂହ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ସଂଗଠନ ସାଧାରଣ ସମ୍ପାଦକ ପ୍ରମୁଖ ଲୋକ ସଭା ପ୍ରାର୍ଥୀ ଅମୀୟ ମଲିକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଆଧାରରେ ମଲ୍ଲିକ ମଧ ଜିଲାର ବିଭିନ୍ନ ଅଞ୍ଚଳରୁ ହଜାର ସଂଖ୍ୟାରେ ସେଭଳି କାର୍ଯ୍ୟକର୍ତ୍ତାଙ୍କୁ ନିମନ୍ତ୍ରଣ କରି ନିଜ ପ୍ରାର୍ଥିପତ୍ର ଦାଖଲ ଶୋଭାଯାତ୍ରାରେ ସାମିଲ କରିଥିବା ପରିଲକ୍ଷିତ ହୋଇଥିଲା। ଏହି କଥା ଜାଣିବାପରେ ଜିଲା ବିଧାନସଭା ଆସନର ଦଳୀୟ ପ୍ରାର୍ଥୀମାନେ ପୁରୁଣା ନେତା ଓ କାର୍ଯ୍ୟକର୍ତ୍ତାଙ୍କୁ ନିର୍ବାଚନ କାର୍ଯ୍ୟରେ କୌଣସି ପ୍ରକାର ନିୟୋଜିତ କଲେ ନିର୍ବାଚନ ହାରିବ ବୋଲି ଲୋକ ସଭା ପ୍ରାର୍ଥୀ ମଲ୍ଲିକଙ୍କୁ କୁଆଡେ କଡ଼ା ତାଗିଦ ଓ ସତର୍କ କରାଇଥିବା ଆଲୋଚନା ହେଉଛି। ଯାହାଫଳରେ ଲୋକ ସଭା ପ୍ରାର୍ଥୀ ଏକ ପ୍ରକାର ହରଡ଼ଘଣାରେ ପଡ଼ି ଏବେ ଆଉ ପୁରୁଣା କାର୍ଯ୍ୟକର୍ତ୍ତାଙ୍କ ଛାଇ ମାଡିବାକୁ ବି ସାହସ କରୁ ନାହାନ୍ତି। ପୁରୁଣା କାର୍ଯ୍ୟକର୍ତ୍ତାଙ୍କ ନିକଟରେ ଏକ ବଡ଼ ଭୋଟ ବ୍ୟାଙ୍କ ରହିଛି ବୋଲି ଲୋକ ସଭା ପ୍ରାର୍ଥୀ ଅନୁଭବ କରୁଥିଲେ ମଧ ସେମାନଙ୍କ ସହଯୋଗ ଲୋଡ଼ି ନ ପାରିବା ଭବିଷ୍ୟତରେ ତାଙ୍କୁ ମହଙ୍ଗା ପଡ଼ିପାରେ ବୋଲି ଦଳର କେତେକ ନେତା ପ୍ରକାଶ କରୁଛନ୍ତି। ପୁରୁଣା କାର୍ଯ୍ୟକର୍ତ୍ତାଙ୍କୁ ଅଣଦେଖା କରି ଜିଲାରେ ଭାଜପା ପ୍ରାର୍ଥୀମାନେ ଅନ୍ୟଦଳରୁ ଟାଣୁଥିବା କର୍ମୀଙ୍କ ପ୍ରତି ଅଧିକ ଭରସା କରି ନିର୍ବାଚନ ବୈତରଣୀ ପାର ହେବାର ଦମ୍ଭ କେତେ ସଫଳ ହେଉଛି ତାହା ନିର୍ବାଚନ ଫଳାଫଳ ହିଁ କହିବ ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି।

## ସଂକ୍ଷେପରେ

### ମରଣାନ୍ତକ ଆକ୍ରମଣ, ୪ ଗୁରୁତର

**କେନ୍ଦ୍ରାପଡା ଅଫିସ୍, ୧୭।୪:** ସଦର ଥାନା ଅଧୀନ ବାରିମୂଳ ପଞ୍ଚାୟତ ତିଲୋତ୍ତମାପୁର ଗ୍ରାମର ଏକ ପରିବାରର ୪ ସଦସ୍ୟଙ୍କୁ ବୁଧବାର ମରଣାତ୍ମକ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଥିବା ବିଜୟ କୁମାର ଜେନା, ସ୍ତ୍ରୀ ମଧୁସ୍ମିତା ଓ ୨ ପୁଅ ରିପୋର୍ଟ ଲେଖା ପର୍ଯ୍ୟନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ମଧୁସ୍ମିତା ସଦର ଥାନାରେ ଏକ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରରେ ସେ କୌଣସି କାରଣ ନ ଥାଇ ପଡ଼ୋଶୀ ଲୋକ ଶାବଳ ଭୁଜାଲିର ଆକ୍ରମଣ ସହିତ ତାଙ୍କୁ ଉଲଗ୍ନ କରିବା, ସୁନା ହାର ଲୁଟି ନେବା ଆଦି ଉଲ୍ଲେଖ କରିଛନ୍ତି। ତେବେ ଗଣମାଧମକୁ ମଧୁସ୍ମିତା କହିଛନ୍ତି, ପୂର୍ବାହ୍ନରେ ତାଙ୍କ ପୁଅ ଭାଜପା ପକ୍ଷରୁ ଆୟୋଜିତ ରାଲିରେ ଯାଇଥିଲେ। ଏହି କଥାକୁ ନେଇ ପଡୋଶୀ ବିଜେଡି ସମର୍ଥକମାନେ ତାଙ୍କୁ ମାଡ଼ ମାରିବା ସହ ଘର ଛାଡ଼ି ପଳାଇ ଯିବାକୁ ଧମକ ଦେଇଛନ୍ତି ବୋଲି ମଧୁସ୍ମିତା କହିଛନ୍ତି। ଏ ନେଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ମହେଶ୍ୱର ସାହୁ ସୂଚନା ଦେଇଛନ୍ତି।

### ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା



**ମହାକାଳପଡ଼ା, ୧୭।୪(ଡି.ଏନ୍.ଏ.):** ମହାକାଳପଡା ବ୍ଲକ ସୁନୀତି ପଞ୍ଚାୟତ ଅନ୍ତର୍ଗତ ସୁନୀତି ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଅଗ୍ନିକାଣ୍ଡ ଘଟି ୨ ବଖରା ଚାଳଘର ଜଳିଯାଇଛି। ଏଥିରେ ଗ୍ରାମର ଭବେଶ ମଣ୍ଡଳଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ତାଙ୍କର ସମସ୍ତ ଆସବାବ ପତ୍ର ଜଳିପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ବିପନ୍ନ ପରିବାର ଏବେ ଖୋଲା ଆକାଶ ତଳେ ରହିଥିବା ବେଳେ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି। ଏସମ୍ପର୍କରେ ତହସିଲଦାର ରମେଶ ଚନ୍ଦ୍ର ସେଠୀ କହିଛନ୍ତି ଯେ, ଘଟଣା ତଦନ୍ତ କରାଯିବା ପରେ ବିପନ୍ନ ପରିବାରକୁ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ଯୋଗାଇ ଦିଆଯିବ।

### ପାଣିରେ ବୁଡି ବୃଦ୍ଧ ମୃତ

**ମହାକାଳପଡା, ୧୭।୪(ଡି.ଏନ୍.ଏ.):** ମହାକାଳପଡା ବ୍ଲକ ଅଧୀନ ଜମ୍ବୁ ଗ୍ରାମର ଜଣେ ବୃଦ୍ଧ ଶୌଚ ହେବାକୁ ଯାଉଥିବାବେଳେ ପାଣି ବୁଡିଯିବାରୁ ତାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର କୃଷ୍ଣ ତାଲୁକଦାର(୬୦)। ସେ ଗ୍ରାମ ନିକଟ ଗୋବରୀନଦୀସ୍ଥିତ ଏକ ଜୋରୀକୁ ମଧ୍ୟାହ୍ନ ସମୟରେ ଶୌଚ ହେବାକୁ ଯାଇଥିବା ବେଳେ ହଠାତ ପାଣିରେ ଗୋଡ ଖସିଯାଇଥିଲା। ଫଳରେ ସେ ପାଣିରେ ବୁଡିଯାଇଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜିପରେ ପାଣିରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ।

## କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନମଣ୍ଡଳୀ

# ପ୍ରାର୍ଥୀଙ୍କୁ ସହାୟକ ହେବ ଦଳୀୟ ରଣନୀତି

**କେନ୍ଦ୍ରାପଡ଼ା ଅଫିସ୍, ୧୭।୪**

୧୮ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଗତ ୧୬ ତାରିଖରୁ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ଏବେ ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନ ଉପରେ ରାଜନୈତିକ ଦଳଗୁଡ଼ିକର ଫୋକସ୍ ରହିଛି। କେନ୍ଦ୍ରାପଡ଼ା ଜିଲାରେ ୪ର୍ଥ ତଥା ଶେଷ ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବ। ତେବେ ଏକଦା ମନ୍ତ୍ରୀପଡ଼ା ଆଖ୍ୟା ପାଇଥିବା ଏହି କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନମଣ୍ଡଳୀ ଅଧୀନ ୭ ବିଧାନସଭା ଆସନରେ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିବାକୁ ସବୁ ଦଳର ହେଭିୱେଟଙ୍କ ଭିଡ଼ ଜମୁଛି। ପ୍ରଚାରରେ ହେଭିୱେଟମାନେ ସାମିଲ ହେଉଥିବା ବେଳେ ଲୋକଙ୍କ ମଧ୍ୟରେ ଏ ନେଇ ଉତ୍ସୁକତା ବଢ଼ୁଛି।

କେନ୍ଦ୍ରାପଡ଼ାରେ ନିଜର ଆଧିପତ୍ୟ ଜାହିର କରିବାକୁ ୩ ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଥିବା ବେଳେ କେତେକ ଜାଗାରେ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ କଡ଼ା ଟକ୍କର ଦେବେ ବୋଲି ଚର୍ଚ୍ଚା ହେଉଛି। ପ୍ରାର୍ଥୀମାନେ ସମର୍ଥକଙ୍କ ସହ ମିଶି ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିବା ବେଳେ ସଂଗଠନ ସୁଦୃଢ଼ ପାଇଁ ପ୍ରତିଦିନର କାର୍ଯ୍ୟକୁ ଦଳର ନେତାମାନେ ସମୀକ୍ଷା କରୁଛନ୍ତି। ଏଥିସହିତ ଭୋଟ ଗ୍ରହଣ ପର୍ଯ୍ୟନ୍ତ ରଣନୀତି କେଉଁ ପ୍ରକାର ରହିବ ସେ ସମ୍ପର୍କରେ ମଧ୍ୟ ଆଲୋଚନା ହେଉଛି। କେନ୍ଦ୍ରାପଡା ଲୋକ ସଭା ଆସନ ପାଇଁ ୧୯୮୫ରେ ଗୋଟିଏ ଉପନିର୍ବାଚନ ସମେତ ୧୭ ଥର ନିର୍ବାଚନ ହୋଇଛି। ଏଥିରେ ୧୯୫୨ ମସିହା ପ୍ରଥମ ନିର୍ବାଚନ ବ୍ୟତୀତ ଦ୍ୱିତୀୟ ଥର ପାଇଁ କଂଗ୍ରେସ କ୍ଷମତା ଆସି ନାହିଁ। କିନ୍ତୁ କଂଗ୍ରେସ ଏଠାରେ ସବୁବେଳେ ଦ୍ୱିତୀୟ ସ୍ଥାନରେ ରହି ନିଜର ଆଧିପତ୍ୟ ଜାହିର କରିଛି। ଅପରପକ୍ଷରେ ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀରୁ ବହୁ କଂଗ୍ରେସ ପ୍ରାର୍ଥୀ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଗତ ସାଧାରଣ ନିର୍ବାଚନରେ ରାଜନଗର ଆସନରୁ ଅଂଶୁମାନ୍ ମହାନ୍ତି ଓ ଆଳି ବିଧାନସଭା କ୍ଷେତ୍ରରୁ ଦେବେନ୍ଦ୍ର ଶର୍ମା କଂଗ୍ରେସ ବିଧାୟକ ହୋଇଛନ୍ତି। ଏହାବ୍ୟତୀତ କଂଗ୍ରେସର ଲୋକ ସଭା ପ୍ରାର୍ଥୀ ଧରଣୀଧର ନାୟକ, ପାଟକୁରା ବିଧାୟକ ପ୍ରାର୍ଥୀ ଜୟନ୍ତ ମହାନ୍ତି ପୂର୍ବ ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏଥର ଲଢ଼େଇରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ମଧ୍ୟ ସାମିଲ ହୋଇଛନ୍ତି। ସେହିପରି ବିଜେଡି ଏଠାରେ ଅନୁଭବ ମହାନ୍ତିଙ୍କୁ ଲୋକ ସଭା ପ୍ରାର୍ଥୀ କରିଥିବା ବେଳେ ପ୍ରତାପ ଦେବଙ୍କୁ ଆଳି ବିଧାୟକ ପ୍ରାର୍ଥୀ, ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କୁ କେନ୍ଦ୍ରାପଡ଼ା ବିଧାୟକ ପ୍ରାର୍ଥୀ, ବେଦପ୍ରକାଶ ଅଗ୍ରୱାଲଙ୍କୁ ପାଟକୁରା ବିଧାୟକ ପ୍ରାର୍ଥୀ ଏବଂ ଅତନୁ ସବ୍ୟସାଚୀ ନାୟକଙ୍କୁ ମହାକାଳପଡ଼ା ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ଦେଇଛି। ସେହିପରି ଭାଜପା ପକ୍ଷରୁ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଓ ବରିଷ୍ଠ ରାଜନେତା ବିଜୟ ମହାପାତ୍ର ନିର୍ବାଚନ ମଇଦାନରେ ଥିବାରୁ ଲଢ଼େଇର ଶେଷ ପର୍ଯ୍ୟାୟ ଏକ ରୋଚକ ସ୍ଥିତିକୁ ଆସିବ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି।

### ଏମାନେ କୁହନ୍ତି...

ନିର୍ବାଚନ ମଇଦାନରେ ଥିବା ପ୍ରାର୍ଥୀଙ୍କ ପାଇଁ ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ ବାଧକ ହୋଇଛି। କଂଗ୍ରେସରେ ଗୋଷ୍ଠୀ କନ୍ଦଳ କମ ଥିବା ବେଳେ ଭାଜପା ଓ ବିଜେଡିରେ ଥିବା ଦଳୀୟ ଅସନ୍ତୋଷ ପଦାକୁ ଆସୁଛି। ଆଳିରେ ଅସନ୍ତୁଷ୍ଟ ଦଳୀୟ ନେତ୍ରୀ ସୁଜାତା ବାରିକ, ରାଜନଗରରେ ଦଳୀୟ ନେତା ଅଜୟ ବେହେରା ଓ କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ରରେ ଦଳୀୟ ନେତ୍ରୀ ଉର୍ମିଳା ସେଠୀଙ୍କ ପ୍ରାର୍ଥୀ ହେବା ଭାଜପା ପାଇଁ ସମସ୍ୟା ସୃଷ୍ଟି କରିଛି। ସେହିପରି ମହାକାଳପଡା ନିର୍ବାଚନ ମଣ୍ଡଳୀରେ ଭାଜପା ବିଜୟ ପ୍ରଧାନଙ୍କୁ ପ୍ରାର୍ଥୀ କରିଥିବାରୁ ବହୁ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଭାଜପା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ପାଟକୁରା ବିଧାୟକ ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ରଣକୌଶଳରେ ପ୍ରତିପକ୍ଷ ଛନ୍ଦି ହୋଇପଡୁଥିବା ଦେଖାଯାଉଛି।

-ରାଜନୈତିକ ବିଶ୍ଳେଷକ, ଡା. ପି.ଏନ୍. ଗୌରାଙ୍ଗ

ବିଜେଡିର ଲୋକ ସଭା ପ୍ରାର୍ଥୀ ଅନୁଭବ ମହାନ୍ତି ଓ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କେନ୍ଦ୍ରାପଡ଼ା ପାଇଁ ନୂଆ ମୁହଁ। ଏଠାରେ ପୁରୁଣା ସଂଗଠକମାନେ ନିର୍ବାଚନକୁ ଆଗେଇ ନେବା କଥା। କିନ୍ତୁ ପାଟକୁରା ବିଧାନସଭା ଆସନରେ ବେଦପ୍ରକାଶଙ୍କୁ ବିଜେଡ଼ି ଟିକେଟ ଦେବା ପରେ ଏହାକୁ ବିରୋଧରୁ ଡେରାବିଶ ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଛନ୍ତି। ପରେ ପାଟକୁରା ନିର୍ବାଚନ ମଣ୍ଡଳୀରେ ନିଶ୍ଚୟ ଏହାର ପ୍ରଭାବ ପଡ଼ିବ।

-ଶୁଭାଶିଷ ମହାନ୍ତି, ରାଜନୈତିକ ବିଶ୍ଳେଷକ

ପାଟକୁରାରେ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ନିର୍ବାଚନ ପ୍ରଚାରରେ ଜୋରଦାର ଲାଗିଥିବା ବେଳେ ଶରୀର ଅସୁସ୍ଥତା କାରଣରୁ ବିଜେଡି ବିଧାୟକ ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କୁ ନିର୍ବାଚନ ମଇଦାନରେ ଦେଖିବାକୁ ମିଳୁନାହିଁ। ସେହିପରି କେନ୍ଦ୍ରାପଡା ଓ ରାଜନଗରରେ ଦଳୀୟ ଅସନ୍ତୋଷ ପଦାକୁ ଆସିଛି। ମଙ୍ଗଳବାର ସନ୍ଧ୍ୟାରେ ବିଜେଡି ସଂଖ୍ୟାଲଘୁ ସେଲର ବହୁ କର୍ମୀ ଦଳୀୟ ପଦବୀ ବଣ୍ଟନରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏସବୁ ସ୍ଥିତିରେ କେବଳ ଦଳୀୟ ରଣନୀତି ହିଁ ପ୍ରାର୍ଥୀଙ୍କୁ ଜିତିବା ପାଇଁ ସହାୟକ ହେବ।

-ରାଜନୈତିକ ବିଶ୍ଳେଷକ, ମନୋଜ ନାୟକ

## ନିର୍ଦ୍ଦିଷ୍ଟ ବୁଥ୍‌ରେ କଡ଼ା ସୁରକ୍ଷା ଲୋଡିଲେ ପ୍ରାର୍ଥୀ

**କେନ୍ଦ୍ରାପଡା ଅଫିସ, ୧୭।୪**

ଆଳି ବିଧାନସଭା କ୍ଷେତ୍ରର ନିର୍ଦ୍ଦିଷ୍ଟ କେତୋଟି ଭୋଟକେନ୍ଦ୍ରକୁ କଡା ସୁରକ୍ଷା ବଳୟରେ ରଖିବା ପାଇଁ ସ୍ୱାଧୀନ ପ୍ରାର୍ଥୀ ରାଧାନାଥ ରାୟ ବୁଧବାର କେନ୍ଦ୍ରାପଡା ଜିଲା ପର୍ଯ୍ୟବେକ୍ଷକଙ୍କୁ ଏକ ଆବେଦନ ପତ୍ର ପ୍ରଦାନ କରିଛନ୍ତି। ସେହିପରି ଏହି ନିର୍ବାଚନମଣ୍ଡଳୀର ଜୈନିକ ସରକାରୀ କର୍ମଚାରୀ ବିଜେଡିରେ ପ୍ରଚାର କରୁଥିବା ନେଇ ଜିଲା ପର୍ଯ୍ୟବେକ୍ଷକଙ୍କୁ ଆଳି ବ୍ଲକ ବଳଭଦ୍ରପୁର ଗ୍ରାମର ସୁବାଶିଷ ଷଡ଼ଙ୍ଗୀ ଅଭିଯୋଗ ପତ୍ର ଦେଇଛନ୍ତି। ଏହି ଦୁଇ ଅଭିଯୋଗ ପତ୍ର ସମ୍ପର୍କରେ ସହରର ତିନିମୁହାଣିସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦୁହେଁ ସୂଚନା ପ୍ରଦାନ କରିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ରାୟଙ୍କ ସୂଚନା ଅନୁଯାୟୀ, ଦେମାଳ ପଞ୍ଚାୟତର ୧୯୪ ଠାରୁ ୧୯୯ ନଂ. ବୁଥ୍ ଗୁଡିକରେ ପ୍ରତି ନିର୍ବାଚନରେ ଦଳୀୟ ବ୍ୟକ୍ତିଙ୍କ ମନମୁଖୀ କାର୍ଯ୍ୟ ଚାଲି ଆସୁଛି। ସେହିପରି ହାବଳ ଗଣ୍ଡ ଓ ପାରିପୂଆପଡା ପଞ୍ଚାୟତର ବୁଥ ନଂ.୧୩୩, ୧୩୪, ୧୩୫, ପଦନିପାଳ ପଞ୍ଚାୟତ ବୁଥ ନଂ. ୫୭ରୁ ୬୦ ସହିତ ମେଣ୍ଡପୁର, ପାଳିମୀ, ବଳରାମପୁର ଓ ବାରାହାଦୋମୁଣ୍ଡା ପଞ୍ଚାୟତରେ ବୁଥ୍ କବଜା ହେବା ଭୟ ରହିଛି। ଏହି ବୁଥଗୁଡିକ ଅତ୍ୟଧିକ ସମ୍ବେଦନଶୀଳ ହୋଇଥିବାରୁ ଭିଡିଓଗ୍ରାଫି ସହିତ ପୋଲିସ ଫୋର୍ସ ମୁତୟନ ହେବା ଆବଶ୍ୟକ ହୋଇପଡିଛି। ସେହିପରି ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି ଯେ, ଆଳି ବ୍ଲକ ଅଞ୍ଚଳର ଜୈନିକ ପ୍ରାଧ୍ୟାପକ ଏକ ନିର୍ଦ୍ଦିଷ୍ଟ ଦଳ ପାଇଁ ପ୍ରାଚାର କାର୍ଯ୍ୟ କରୁଛନ୍ତି। ଏ ନେଇ ସେ ଭିଡିଓ ଓ ଷ୍ଟିଲ ଫଟୋ ପ୍ରଦର୍ଶନ କରିଥିଲେ।

## ମା' ରାମଚଣ୍ଡୀ ପୀଠରେ ମେଳା

**ମହାକାଳପଡା, ୧୭।୪(ଡି.ଏନ୍.ଏ.)**

# ଅଗ୍ନିକାଣ୍ଡରେ ଜଳିଗଲା ଷ୍ଟଲ

ମହାକାଳପଡା ବ୍ଲକ ରାମନଗର ପଞ୍ଚାୟତସ୍ଥିତ ମା' ରାମଚଣ୍ଡୀଙ୍କ ପୀଠରେ ପଣାସଂକ୍ରାନ୍ତିଠାରୁ ମେଳା ଆରମ୍ଭ ହୋଇଛି। ଏହି ମେଳାରେ ଖୋଲିଥିବା ଏକ ପାଷ୍ଟଫୁଡ ଷ୍ଟଲ ଦୋକାନରେ ବୁଧବାର ଅଗ୍ନିକାଣ୍ଡ ଘଟିଛି। ଗ୍ୟାସ ପାଇପ୍ ଫାଟିବାରୁ ଏହି ନିଆଁ ଲାଗିଥିବା ଜଣାପଡିଛି। ଏଥିରେ କେନ୍ଦ୍ରାପଡ଼ା ସଦର ଥାନା ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମର କୃଷ୍ଣଚନ୍ଦ୍ର ପାତ୍ର କ୍ଷତିଗ୍ରସ୍ତ ହୋଇଛନ୍ତି। ନିଆଁରେ ତାଙ୍କ ଷ୍ଟଲର ସମସ୍ତ ଆସବାବପତ୍ର, ପଲିଥିନ ଓ ଷ୍ଟଲରେ ଥିବା ଟଙ୍କା ସବୁ ଜଳିଯାଇଛି। ନିଆଁ ଦାଉରୁ ଅଳ୍ପକେ ତାଙ୍କ ସ୍ତ୍ରୀ ପ୍ରମିଳା ପାତ୍ର ରକ୍ଷା ପାଇଯାଇଛନ୍ତି। ନିକଟରେ ଥିବା ଅନ୍ୟ ଏକ ଫାଷ୍ଟ ଫୁଡ଼ ଦୋକାନର ମାଲିକ ଭାଗୀରଥି ମଣ୍ଡଳ ଉପସ୍ଥିତି ବୁଦ୍ଧି ଖଟାଇ ପାଖରେ ରଖିଥିବା ଫାୟାର ଗ୍ୟାସ ସ୍ପ୍ରେ କରିବା ଯୋଗୁ ନିଆଁ ବ୍ୟାପି ପାରି ନ ଥିଲା। ଫଳରେ ମେଳାରେ ଏକ ବଡ଼ ଧରଣର ଅଗ୍ନିକାଣ୍ଡ ହେବାରୁ ବର୍ତ୍ତିଯାଇଛି। ଖବରପାଇ ମହାକାଳପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ନିଆଁ ଆୟତ୍ତ ହୋଇଯାଇଥିଲା। ରାମନଗର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ବିକାଶ ଚନ୍ଦ୍ର ଦେବନାଥ ବିପନ୍ନ ପରିବାରକୁ ଭେଟି ସହାୟତା ପ୍ରଦାନ କରିଛନ୍ତି। ଅଗ୍ନିକାଣ୍ଡ ପରେ ଫାଷ୍ଟଫୁଡ୍ ଦୋକାନର ଟ୍ରଷ୍ଟ କମିଟିର ସଦସ୍ୟମାନେ ଘଟଣା ସ୍ଥଳରେ ପହଞ୍ଚି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ପଣା ସଂକ୍ରାନ୍ତିଠାରୁ ମା ରାମଚଣ୍ଡୀଙ୍କ ପୀଠରେ ଝାମୁଯାତ୍ରା ସହ ଏହି ମେଳା ଆରମ୍ଭ ହୋଇଛି। ଏହି ମେଳାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଦୋକାନୀମାନେ ଆସି ଯୋଗଦେଇଛନ୍ତି। ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଦୋକାନୀ ଏଠାରେ ଷ୍ଟଲ ଖୋଲିଛନ୍ତି।

# ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**କେନ୍ଦ୍ରାପଡା ଅଫିସ, ୧୭।୪**

କେନ୍ଦ୍ରାପଡା ସ୍ୱାଭିମାନ ମଞ୍ଚ ପକ୍ଷରୁ ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀ ସହରର ମେଡିକାଲ ଛକରେ ପାଳିତ ହୋଇଯାଇଛି। ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ପ୍ରଥମେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରାପଡା ବିଜେଡି ବିଧାୟକ ପ୍ରାର୍ଥୀ ଶଶିଭୂଷଣ ବେହେରା, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ପୂର୍ବତନ ପୌରାଧ୍ୟକ୍ଷ ଧୀରେନ ସାହୁ, ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା, ପୂର୍ବତନ କାଉନସିଲର ଦୁର୍ଗା ପ୍ରସାଦ ପତି, ବ୍ଲକ ସଭାପତି ଆଲୋକ ସାହୁ, ଶିବ ପ୍ରସାଦ ଭୋଳ, ବିଜୟ କୁମାର ମଣ୍ଡଳ, ଦେବଦାସ ମହାନ୍ତି, ସଞ୍ଜୟ କୁମାର ଜେନା, ଗୋପାଳ ଚନ୍ଦ୍ର ମହାପାତ୍ର, ଶକ୍ତିକାନ୍ତ ପାତ୍ର, ବଳଭଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ।

## ଉପଯୁକ୍ତ ପ୍ରାର୍ଥୀ ଚୟନ ପାଇଁ ଆହ୍ୱାନ

**କେନ୍ଦ୍ରାପଡ଼ା ଅଫିସ୍, ୧୭।୪**

ଚଳିତ ନିର୍ବାଚନରେ ଉପଯୁକ୍ତ ପ୍ରାର୍ଥୀ ଚୟନ କରି ଭୋଟ ଦେବାକୁ କେନ୍ଦ୍ରାପଡା ଜିଲା ସାମ୍ବୁଖ୍ୟ ପକ୍ଷରୁ ବୁଧବାର ଆହ୍ୱାନ ଦିଆଯାଇଛି। ସହରର ଖଡିଅଙ୍ଗସ୍ଥିତ ଜିଲା କାର୍ଯ୍ୟାଳୟଠାରେ ସମ୍ପାଦକ ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସୂଚନାଦାତା ଭାବେ ସମ୍ପାଦକ ସାମଲଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ସେମାନେ ପ୍ରକାଶ କରିଥିଲେ ଯେ, କେନ୍ଦ୍ରାପଡ଼ା ଜିଲାର ବିକାଶ ରାଜନେତାଙ୍କ ଅଣଦେଖା ପାଇଁ ଆଗେଇ ପାରୁନାହିଁ। ରାଜ୍ୟର ସର୍ବପୁରାତନ ପୌରାଞ୍ଚଳ ସହର ପରିବର୍ତ୍ତେ ଗ୍ରାମାଞ୍ଚଳ ପାଲଟିଛି। ବିଭିନ୍ନ ସମୟରେ କୃଷି କ୍ଷେତକୁ ଜଳ ପରିଚାଳନା, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତୀକରଣ ପାଇଁ ଜିଲାବାସୀଙ୍କ ପକ୍ଷରୁ ଉଠୁଥିବା ସ୍ୱରକୁ ରାଜନେତା ଦବାଇ ଦେଉଛନ୍ତି। ଆଞ୍ଚଳିକ ବିକାଶରେ ସହଯୋଗ ଦେବା ପାଇଁ ପ୍ରସ୍ତୁତ ରାଜନେତାଙ୍କୁ ନିର୍ବାଚିତ କରାଯାଉ ବୋଲି ସେମାନେ ଏଠାରେ ଆହ୍ୱାନ ଦେଇଥିଲେ।

# ନୈତିକତା ଭାରତୀୟ ସମାଜ ପାଇଁ ଶ୍ରେଷ୍ଠ ଶକ୍ତି

**କେନ୍ଦ୍ରାପଡ଼ା ଅଫିସ, ୧୭।୪**

ଗୁପ୍ତ କ୍ଷେତ୍ର ସଖୀବଟରେ ଗତ ରବିବାରଠାରୁ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସନ୍ଧ୍ୟାରେ ସ୍ୱାମୀ ଶିବାନନ୍ଦ ଆଶ୍ରମ ଅଧ୍ୟକ୍ଷ ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ଆଶୀର୍ବଚନରେ କହିଥିଲେ ଯେ, ଭାରତୀୟ ସମାଜ ପାଇଁ ନୈତିକତା ହିଁ ଶ୍ରେଷ୍ଠ ଶକ୍ତି। ଏହା ଦ୍ୱାରା ବିଶ୍ୱସ୍ତରରେ ଆମେ ସୁଖର ସନ୍ଧାନ ପାଇପାରିବା। ଏହି କାର୍ଯ୍ୟକ୍ରମରେ ସ୍ୱାମୀ ରାମଶରଣା ନନ୍ଦ, ସ୍ୱାମୀ ଗୁରୁଶରଣାନନ୍ଦ, ମେଜର ଭରତ ଚନ୍ଦ୍ର ଜେନା, ସଖିବଟ ସମ୍ପାଦକ ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ରାମଙ୍କ ମହିମା ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଶିବାନନ୍ଦ ଭଜନଗଙ୍ଗା ପରିବେଷଣ ହୋଇଥିଲା। ଏହି ଅବସରରେ ସଖୀବଟର ମୁଖପତ୍ର ମୁକ୍ତ ଗାଥା ଉନ୍ମୋଚନ ହୋଇଥିଲା। ଏଥିରେ ମୁଖ୍ୟ ସମ୍ପାଦକ ଶ୍ରୀଧର କୁମାର ରାଉତ, କବି ନବଜ୍ୟୋତି ରାୟ ପ୍ରମୁଖ ସାମିଲ ହୋଇଥିଲେ।



ଅତିଥିମାନେ ମୁଖପତ୍ର ମୁକ୍ତ ଗାଥା ଉନ୍ମୋଚନ କରୁଛନ୍ତି।

# ଗାଈ ଚରାଇବାକୁ ଯାଇ ବୃଦ୍ଧ ମୃତ

**ରାଜକନିକା, ୧୭।୪(ଡି.ଏନ୍.ଏ.)**

ରାଜକନିକା ଥାନା ଜୟନଗର ପଞ୍ଚାୟତ ଅନ୍ତର୍ଗତ ବଜରପୁର ଗ୍ରାମର ବନମାଳୀ ମହାନ୍ତି (୬୦) ମଙ୍ଗଳବାରଠାରୁ ନିଖୋଜ ହୋଇଯାଇଥିଲେ। ସେ ଅପରାହ୍ନ ସମୟରେ ଗ୍ରାମ ନିକଟ ବୈତରଣୀ ନଦୀକୂଳକୁ ଗାଈ ଚରାଇବାକୁ ଯାଇ ଆଉ ଫେରି ନ ଥିଲେ। ବୁଧବାର ସନ୍ଧ୍ୟାରେ ଏହି ନଦୀର ବାଙ୍ଗରକୁଆଁ ପାଖରୁ ତାଙ୍କର ମୃତଦେହ ଉଦ୍ଧାର ହୋଇଛି। ପୋଲିସ ପକ୍ଷରୁ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ମୃତକଙ୍କ ଶରୀରରେ ଅନେକ କ୍ଷତଚିହ୍ନ ଥିବାରୁ କୁମ୍ଭୀର ଆକ୍ରମଣ କରିଥିବା ଆଶଙ୍କା କରାଯାଉଛି।

### କୁମ୍ଭୀର ଆକ୍ରମଣ ଆଶଙ୍କା

ସୂଚନାଯୋଗ୍ୟ, ବନମାଳୀ ଗାଈ ଚରାଇବାକୁ ଯାଇ ଘରକୁ ନ ଫେରିବାରୁ ପରିବାର ପକ୍ଷରୁ ଖୋଜାଖୋଜି କରାଯିବା ପରେ ଅଗ୍ନିଶମ ସେବା ସଂସ୍ଥାରେ ଖବର ଦିଆଯାଇଥିଲା। ଏହାପରେ କର୍ମଚାରୀମାନେ ନଦୀକୂଳ ଓ ଏହାର ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ ବନମାଳୀଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ବୁଧବାର ତାଙ୍କ ପୁଅ ମୁକ୍ତିକାନ୍ତ ମହାନ୍ତି ରାଜକନିକା ଥାନାରେ ଅଭିଯୋଗ କରିଥିଲେ। ଏବେ ତାଙ୍କ ମୃତଦେହ ମିଳିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ଅନୁଭବ

**ରାଜନଗର, ୧୭।୪(ଡିଏନଏ)**

ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ରାଜନଗର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବୁଧବାର ବିଜୁବାବୁଙ୍କ ଦ୍ୱାରା ସ୍ଥାପିତ ରାଜନଗର ଅଞ୍ଚଳର ସର୍ବପୁରାତନ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ବିଜେଡି ଏମପି ପ୍ରାର୍ଥୀ ଅନୁଭବ ମହାନ୍ତି, ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ପ୍ରମୁଖ ପୁଷ୍ପମାଲ୍ୟ ଦେଇଥିଲେ। ଏହି ଅବସରରେ ଏମପି ପ୍ରାର୍ଥୀ ମହାନ୍ତି କହିଥିଲେ ଯେ, ବିଜୁ ବାବୁ ଓଡିଆ ମାଟିର ଅସ୍ମିତା ଥିଲେ। ଜଣେ ମହାନ ସ୍ୱପ୍ନଦ୍ରଷ୍ଟା ଭାବେ ସେ ସମଗ୍ର ଦେଶରେ ପରିଚିତ ଥିଲେ। ଜାତୀୟ ରାଜନୀତି କ୍ଷେତ୍ରରେ ଅଶୀରୁ ନବେ ଦଶକ ମଧ୍ୟରେ ସ୍ୱର୍ଗତ ବିଜୁବାବୁଙ୍କ ଅବଦାନ ଚିର ସ୍ମରଣୀୟ। ସତୁରୀ ଦଶକରେ ବିଜୁବାବୁଙ୍କୁ ରାଜନଗର ମାଟି ରାଜନୈତିକ ଜୀବନ୍ୟାସ ଦେଇଥିଲା। ତେଣୁ ରାଜନଗର ମାଟି ସହିତ ବିଜୁବାବୁଙ୍କ ସମ୍ପର୍କ ଯୁବପୀଢିମାନଙ୍କ ପାଇଁ ଆଦର୍ଶ ହୋଇ ରହିବ ବୋଲି ସେ କହିଥିଲେ।

## ପାଟକୁରାରେ ନିର୍ବାଚନ ପ୍ରଚାର ସରଗରମ

# ପ୍ରଚାର ଅଭିଯାନକୁ ଜୋରଦାର କଲେ ପ୍ରାର୍ଥୀ

**ଡେରାବିଶ, ୧୭।୪(ସ୍ୱ.ପ୍ର.)**



ବେଦ ପ୍ରକାଶ ଅଗ୍ରୱାଲ



ବିଜୟ ମହାପାତ୍ର



ଜୟନ୍ତ ମହାନ୍ତି

ଜିଲାରେ ରାଜନୈତିକ ଗୁରୁତ୍ୱ ବହନ କରୁଥିବା ପାଟକୁରା ନିର୍ବାଚନ ମଣ୍ଡଳୀରେ ପ୍ରଚାର ଏବେ ସରଗରମ ହେବାରେ ଲାଗିଛି। ଆସନ୍ତା ୨୯ ତାରିଖ ତଥା ରାଜ୍ୟର ଚତୁର୍ଥ ପର୍ଯ୍ୟାୟରେ ଏଠାରେ ନିର୍ବାଚନ ହେବ। ଏହି ବିଧାନସଭା ଆସନ ପାଇଁ ବିଜେଡ଼ି, ଭାଜପା ଓ କଂଗ୍ରେସ ସମେତ ସମୁଦାୟ ୧୧ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଜିଲାର ସର୍ବାଧିକ ପ୍ରାର୍ଥୀ ଏହି ନିର୍ବାଚନ ମଣ୍ଡଳୀରୁ ଅବତୀର୍ଣ୍ଣ ହୋଇଥିବା ଜଣାପଡିଛି।

ତୃତୀୟଥର ପାଇଁ ଏହି ନିର୍ବାଚନରେ ବିଜେଡ଼ି ପ୍ରାର୍ଥୀ ଭାବେ ବିଧାୟକ ବେଦପ୍ରକାଶ ଅଗ୍ରୱାଲ୍ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତାଙ୍କ ବିପକ୍ଷରେ ଭାଜପାରୁ ବିଜୟ ମହାପାତ୍ର ଓ କଂଗ୍ରେସରୁ ଜୟନ୍ତ ମହାନ୍ତି ପ୍ରାର୍ଥୀ ହୋଇଛନ୍ତି। ନିଜର ଅସୁସ୍ଥତା ସତ୍ତ୍ୱେ ଗତ ୮ରେ ବେଦପ୍ରକାଶ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନିର୍ବାଚନ ପ୍ରଚାରକୁ ବେଦପ୍ରକାଶ ଅଦ୍ୟାବଧି ନିଜେ ଯାଇ ନ ଥିଲେ ମଧ୍ୟ କର୍ମୀମାନେ ଉତ୍ସାହିତ ହୋଇ ପ୍ରଚାର କାର୍ଯ୍ୟ ଜୋରଦାର କରିଛନ୍ତି। ଦଳ ତଥା ପ୍ରାର୍ଥୀଙ୍କ ସମ୍ମାନ ରକ୍ଷା ପାଇଁ ତାଙ୍କ ପ୍ରଚାରରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୫୧ ପଞ୍ଚାୟତର ଦଳୀୟ କର୍ମୀ ସାମିଲ ହୋଇଛନ୍ତି। ସେ ଗତ ୧୦ ବର୍ଷ ମଧ୍ୟରେ ଏହି ନିର୍ବାଚନ ମଣ୍ଡଳୀରେ ଅନେକ ବିକାଶମୂଳକ କାର୍ଯ୍ୟ କରିଥିବାରୁ ଚଳିତ ନିର୍ବାଚନରେ ବିଜୟ ଲାଭ କରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସେହିପରି ଭାଜପା ପକ୍ଷରୁ ମଧ୍ୟ ପ୍ରଚାର ଅଭିଯାନ ଜୋରଦାର କରାଯାଇଛି। ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ୧୯୮୦ରୁ ୨୦୦୦ ମସିହା ମଧ୍ୟରେ ଏହି ନିର୍ବାଚନ ମଣ୍ଡଳୀରୁ ଲଗାତର ୪ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ମାତ୍ର ଗତ ୨୦୦୯ରେ ସେ ଏହି ଆସନ ପାଇଁ ଭାଜପାରୁ ପ୍ରାର୍ଥୀ ହୋଇ ବିଜେଡ଼ି ପ୍ରାର୍ଥୀ ବେଦପ୍ରକାଶଙ୍କଠାରୁ ୨୭ ହଜାର ଭୋଟରେ ପରାଜିତ ହୋଇଥିଲେ। ପରେ ୨୦୧୪ ନିର୍ବାଚନରେ ଭାଜପାରୁ ମହାକାଳପଡ଼ା ବିଧାନସଭା ଆସନ ପାଇଁ ଲଢ଼ି ପରାଜିତ ହୋଇଥିଲେ। ଚଳିତ ନିର୍ବାଚନରେ ପୁନର୍ବାର ଭାଜପା ପକ୍ଷରୁ ଏହି ବିଧାନ ସଭା ଆସନ ପାଇଁ ସେ ପ୍ରାର୍ଥୀ ହୋଇଛନ୍ତି। ତାଙ୍କୁ ପ୍ରାର୍ଥୀଭାବେ ଘୋଷଣା କରାଯିବା ପରେ ଦଳୀୟ କର୍ମୀଙ୍କ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି।

ସେହିପରି ଦୀର୍ଘ ୧୯ ବର୍ଷ ଧରି ରାଜ୍ୟରେ ଶାସନାଧୀନ ବିଜେଡି ସରକାର ରାଜ୍ୟର ଅର୍ଥକୁ ଲୁଟ୍ କରିଥିବା ଅଭିଯୋଗ କରି ଚଳିତ ନିର୍ବାଚନରେ ସେ ଏହି ଆସନରୁ ଜିତିବେ ବୋଲି କହିଛନ୍ତି। ଏଥିସହ ଚଳିତ ନିର୍ବାଚନକୁ ଏକ ଆସାଧାରଣ ଓ ଐତିହାସିକ ବୋଲି ବିଜୟ ମତ ଦେଇଛନ୍ତି। ଇତିମଧ୍ୟରେ ସେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଛତା ଓ କରିଲୋପାଟଣାଠାରେ କରାଯାଇଥିବା ୨ଟି ଦଳୀୟ ସଭାରେ ନିଜର ଦମ୍ ଦେଖାଇଛନ୍ତି।

ସେହିପରି କଂଗ୍ରେସ ମଧ୍ୟ ଏହି ଆସନକୁ ହାତେଇବା ପାଇଁ ଜୋରଦାର ପ୍ରୟାସ ଚଳାଇଛି। ଗତ ୨୦୦୯ ଓ ୨୦୧୪ରେ ଏହି ଆସନରୁ କଂଗ୍ରେସ ପ୍ରାର୍ଥୀ ପରାଜିତ ହୋଇଥିଲେ। ୨୦୧୪ରେ ଜୟନ୍ତ ଏହି ଆସନରୁ ପରାଜିତ ହେବା ପରେ ତାଙ୍କୁ ଉପରେ ଦଳ ପୁନର୍ବାର ଆସ୍ଥା ପ୍ରକଟ କରିବା ସହ ୨ୟ ଥର ପାଇଁ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ସେ ବିଭିନ୍ନ ସ୍ଥାନରେ ନିର୍ବାଚନୀ ସଭା କରି ବୁଥ କମିଟିକୁ ଅଧିକ ସକ୍ରିୟ କରିଛନ୍ତି। ନିର୍ବାଚନୀ ବୈତରଣୀ ପାରହେବା ପାଇଁ ସେ ଗହଗାଠାରେ ନିର୍ବାଚନୀ ସଭା କରିବା ସହ ବିଭିନ୍ନ ପଞ୍ଚାୟତରେ କର୍ମୀଙ୍କ ସହ ପଦ କରି ଭୋଟରଙ୍କ ନିକଟତର ହେଉଥିବା ଉଦ୍ୟମ ଚଳାଇଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୃଷକଙ୍କ ପ୍ରତି ଅଣଦେଖା କରୁଛନ୍ତି। ଚଳିତ ନିର୍ବାଚନରେ କେନ୍ଦ୍ର ଓ ରାଜ୍ୟରେ ତାଙ୍କ ଦଳ ସରକାର ଗଠନ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିବା ସହ ପାଟକୁରା ଆସନରୁ ନିର୍ବାଚିତ ହେଲେ କୃଷକଙ୍କ ସମସ୍ୟାକୁ ପ୍ରାଥମିକତା ଦେଇ ଏହାର ସମାଧାନ କରିବେ ବୋଲି କହିଛନ୍ତି।

ସେହିପରି ସ୍ୱାଧୀନ ଓ ଅନ୍ୟ ଦଳୀୟ ପ୍ରାର୍ଥୀମାନେ ନିର୍ବାଚନ ଜିତିବା ପାଇଁ ପ୍ରଚାର ଅଭିଯାନକୁ ଗୁରୁତ୍ୱ ଦେଉଛନ୍ତି। ଏହି ଆସନ ପାଇଁ ଲଢୁଥିବା ସ୍ୱାଧୀନ ପ୍ରାର୍ଥୀ ଦିବ୍ୟସିଂହ ଦାସ, ପରମାନନ୍ଦ ମହାରଣା, ରତିକାନ୍ତ କାନୁନ୍‌ଗୋ, ପ୍ରଫୁଲ୍ଲ କୁମାର ବେହେରା, ସଞ୍ଜୟ କୁମାର ସ୍ୱାଇଁ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି।

ସେହିପରି ସମାଜବାଦୀ ପାର୍ଟିରୁ ପ୍ରଦୀପ କୁମାର ମିଶ୍ର, ରାଷ୍ଟ୍ରୀୟ ଇଣ୍ଡିପେଣ୍ଡେଂଟ ପାର୍ଟିରୁ ଅନ୍ନଦା ପ୍ରସାଦ ରାଉତରାୟ ନିର୍ବାଚନର ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ସୂଚନାଯୋଗ୍ୟ, ପାଟକୁରା ବିଧାନସଭା ମଣ୍ଡଳୀ ଅଧୀନରେ ଡେରାବିଶ ବ୍ଲକର ୨୬ ପଞ୍ଚାୟତ, ଗରଦପୁର ୧୮ ଓ ମାର୍ଶାଘାଇ ବ୍ଲକ ୭ ପଞ୍ଚାୟତ ରହିଛି। ଏହି ନିର୍ବାଚନ ମଣ୍ଡଳୀର ଭୋଟରଙ୍କ ସଂଖ୍ୟା ୨, ୩୮,୯୫୪ ହୋଇଥିବା ବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୧,୨୫୪୩୫, ମହିଳା ଭୋଟରଙ୍କ ସଂଖ୍ୟା ୧,୧୩,୫୧୭ ଓ ଅନ୍ୟ ବର୍ଗର ୨ ଜଣ ରହିଛନ୍ତି। ୩ ପ୍ରମୁଖ ଦଳ ସମେତ ଅନ୍ୟ ୮ ପ୍ରାର୍ଥୀ ଏହି ଆସନକୁ ହାତେଇବା ପାଇଁ ପ୍ରଚାର ଅଭିଯାନ ଜୋରଦାର କରିଥିବା ବେଳେ କିଏ ଭୋଟଙ୍କ ମନ ଜିଣିବାକୁ ସକ୍ଷମ ହେବ ତାହା ଦେଖିବାକୁ ବାକି ରହିଲା।

## ସଂକ୍ଷେପରେ

### ତରାସାହିରେ କଂଗ୍ରେସର ମିଶ୍ରଣ ପର୍ବ

**ବାଲିକୁଦା,୧୭।୪(ସ୍ୱ.ପ୍ର.):** ତରାସାହି ପଞ୍ଚାୟତରେ ବୁଧବାର କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ତରାସାହି ଗ୍ରାମସ୍ଥିତ ବୁଦ୍ଧେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ସମ୍ମିଳନୀରେ ବ୍ଲକ ସଭାପତି ବିକ୍ରମ ପରିଡା ସଭାପତିତ୍ୱ କରିଥିଲେ। ବାଲିକୁଦା-ଏରସମା ବିଧାନସଭା ପ୍ରାର୍ଥୀ ଡା. ଲଲାଟେନ୍ଦୁ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ବୈରାଗୀ ଚରଣ ରାଉତ, ୩ ନଂ ଜୋନ୍ ସଭାପତି ତଥା ବୋରିକିନା ସରପଞ୍ଚ ସାଧୁ ଚରଣ ସାହୁ, ତରାସାହି ସରପଞ୍ଚ ପ୍ରିୟଦର୍ଶିନୀ ବେହେରା, ୨ ନଂ ଜୋନ୍ ସଭାପତି ବିଭୁତି ଭୂଷଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଗାମୀ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବାକୁ ସମସ୍ତେ ଉଦ୍ୟମ କରିବା ପାଇଁ କହିଥିଲେ। ଏହି ଅବସରରେ ବିଜେଡି କର୍ମୀ କୈଳାସ ବେହେରା, ପ୍ରଦୀପ ବିଶ୍ୱାଳ, ହୃଷିକେଶ ବେହେରା, ବିଶ୍ୱନାଥ ବେହେରା ପ୍ରମୁଖ କଂଗ୍ରେସରେ ଯୋଗ ଦେଇଥିଲେ।

### ପଙ୍କପାଳରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

**କୁଜଙ୍ଗ,୧୭।୪(ସ୍ୱ.ପ୍ର.):** ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ କୁଜଙ୍ଗ ବ୍ଲକ୍ ପଙ୍କପାଳ ପଞ୍ଚାୟତରେ ବୁଧବାର ସନ୍ଧ୍ୟାରେ ବିଜେଡିର ଏକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ବ୍ଲକ ବିଜେଡି ସଭାପତି ନରେନ୍ଦ୍ର କୁମାର ପରିଡାଙ୍କ ପୌରୋହିତ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ସମ୍ବିତ୍ କୁମାର ରାଉତରାୟ ଯୋଗଦେଇ ଏହା ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧକ୍ଷ ସ୍ମୃତିରଞ୍ଜନ ବେହେରା, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ପ୍ରମୋଦ କିଶୋର ଜେନା, ବିଜେଡି ନେତା ଗତିକୃଷ୍ଣ ଶତପଥୀ, ପୂର୍ବତନ ବ୍ଲକ୍ ବିଜେଡି ସଭାପତି ଚିତ୍ତରଞ୍ଜନ ମିଶ୍ର, ପଙ୍କପାଳ ସମିତିସଭ୍ୟ ଅକ୍ଷୟ ସାହୁ, ପଙ୍କପାଳ ସମବାୟ ସମିତି ସଭାପତି ନିକୁଞ୍ଜ କିଶୋର ଚୌଧୁରୀ, ମଦନ ମୋହନ ସ୍ୱାଇଁ, ଚୌ. ଅମିୟ ମିଶ୍ର, ସଞ୍ଜୟ କୁମାର ସ୍ୱାଇଁ, ବାବୁଲି ସ୍ୱାଇଁ, ମନୋରମା ରାଉତ, ମନୋରାମା ବାରିକ, ମମତା ସାହୁ, ମିନତୀ ମିଶ୍ର, ପ୍ରସନ୍ନ ସାହୁ, ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ସହ ଆଗାମି ଦିନରେ ସଙ୍ଗଠନକୁ ଅଧିକ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପଙ୍କପାଳର ଜଣେ ବିଧବା ନିଜ ପୁଅ ମୃତ୍ୟୁ ଘଟଣା ବିଷୟରେ ସମ୍ବିତ୍‌ଙ୍କୁ ଭେଟି ନ୍ୟାୟ ପାଇଁ ନିବେଦନ କରିଥିଲେ।

### ବରମୁଣ୍ଡଳିରେ ଭାଜପା କର୍ମୀ ସମାବେଶ

**ବାଲିକୁଦା,୧୭।୪(ସ୍ୱ.ପ୍ର.):** ବରମୁଣ୍ଡଳି ପଞ୍ଚାୟତର ମା' ନଳକଣି ଠାକୁରାଣୀଙ୍କ ପୀଠରେ ଭାଜପାର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ନାରାୟଣ ବାରିକ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଯୁବନେତା ଶଶିକାନ୍ତ ପରିଡା ଯୋଗଦେଇ ଦଳକୁ ମଜଭୁତ୍ କରିବା ସହିତ କର୍ମୀମାନେ ସଙ୍ଗଠିତ ହୋଇ କାମ କଲେ ଭାଜପା ପ୍ରାର୍ଥୀ ଡା. ଦାମୋଦର ରାଉତ ନିଶ୍ଚିତ ଭାବେ ବିଜୟୀ ହୋଇପାରିବେ ବୋଲି କହିଥିଲେ। ଜନାର୍ଦ୍ଦନ ମହାନ୍ତି ଯୋଗଦେଇ କର୍ମୀମାନଙ୍କୁ ନିର୍ବାଚନ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ କଥା କହିଥିଲେ। ଦେବାଶିଷ ତୁଳସୀ ଦାସ, ଦୀପକ ବିଶ୍ୱାଳ, ଅମ୍ଳାନ ରାୟ, ସୂର୍ଯ୍ୟକାନ୍ତ ମିଶ୍ର, ରବୀନ୍ଦ୍ର ସେଠୀ, ଭଗବାନ ଗ୍ରହାଚାର୍ଯ୍ୟ, ପ୍ରମୋଦ ମିଶ୍ର, ରାମଚନ୍ଦ୍ର ସ୍ୱାଇଁ, ସଞ୍ଜୟ ନାୟକ, ହେମନ୍ତ ମହାନ୍ତି, ବିବେକାନନ୍ଦ ମହାନ୍ତି, ଶଙ୍କର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ୱାର୍ଡରେ ୱାର୍ଡ କମିଟି ଗଠନ କରିବାକୁ ଏଥିରେ ନିଷ୍ପତ୍ତି ହୋଇଥିଲା।

### ଭୋଟର ସଚେତନତା କାର୍ଯ୍ୟକ୍ରମ

**ପାରାଦୀପ,୧୭।୪(ସ୍ୱ.ପ୍ର.):** ପାରାଦୀପର ବଡ଼ପଡ଼ିଆ ଥାନା ଛକରେ ବୁଧବାର ସନ୍ଧ୍ୟାରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାଲା ମାଧମରେ ଭୋଟରଙ୍କୁ ସଚେତନ କରାଯାଇଛି। ଏସ୍‌ଭିଇଇପି ବ୍ୟବସ୍ଥାରେ ପ୍ରତ୍ୟେକ ଭୋଟର ବୁଥ୍‌କୁ ଯାଇ ମତଦାନ କରିବାକୁ ଏଥିରେ ପରାମର୍ଶ ଦିଆଯାଇଥିଲା। ମତଦାନ କେନ୍ଦ୍ରରେ କିପରି ଇଭିଏମ୍ ଓ ଭିଭିପିଏଟିର ବ୍ୟବହାର କରିବେ ସେ ସମ୍ପର୍କରେ ମଧ କୁହାଯାଇଥିଲା। କାର୍ଯ୍ୟକ୍ରମରେ ଏଡିଏମ୍ ତଥା ଇଲେକ୍ସନ ନୋଡାଲ ଅଫିସର କାହ୍ନୁଚରଣ ଧିର, ପୌର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତିଙ୍କ ସମେତ ୨ଜଣ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଉପସ୍ଥିତ ଥିଲେ। ସେଥିରୁ ଜଣେ ନିର୍ବାଚନରେ ପ୍ରାର୍ଥୀଙ୍କ ଖର୍ଚ୍ଚକୁ ଗୋପନୀୟ ଭାବେ ତଦାରଖ କରୁଥିବା ଅଧିକାରୀ ଥିଲେ।

■ ନିର୍ବାଚନରେ ଅର୍ଥ କାରବାରକୁ ସୁଯୋଗ

# ଫ୍ଲାଇଂ ସ୍କ୍ୱାଡ୍‌ର ଢ଼ିଲା ଯାଞ୍ଚ

■ ରାତି ୧୦ଟା ପରେ କରାଯାଉନି ଯାଞ୍ଚ

■ ଯଥା ସମ୍ଭବ ଯାଞ୍ଚ କରୁଥିବା କହିଲେ ଏଏସ୍‌ପି

**ପାରାଦୀପ,୧୭।୪(ସ୍ୱ.ପ୍ର.)**

ସାଧାରଣ ନିର୍ବାଚନକୁ ନିରପେକ୍ଷ ଓ ଶୃଙ୍ଖଳିତ କରିବା ପାଇଁ ନିର୍ବାଚନ କମିଶନ ଆଦର୍ଶ ଆଚରଣ ବିଧି ଲଗାଇବା ସହ ଅନେକ କଟକଣା ଲଗାଇଛନ୍ତି। ଏଥିରେ ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ବିଶେଷ କରି ନିର୍ବାଚନରେ ଜନମତକୁ ପ୍ରଭାବିତ କିରବା ପାଇଁ ଯେଭଳି ଅର୍ଥ କାରବାର ହୋଇ ନ ପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ସ୍ୱତନ୍ତ୍ର ଫ୍ଲାଇଙ୍ଗ ସ୍କ୍ୱାର୍ଡ ଗଠନ କରାଯାଇଛି। ଏହି ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ବ୍ଲକିଂ କରି ଗାଡିମୋଟର ଯାଞ୍ଚ କରୁଛନ୍ତି। ଏହି ଫ୍ଲାଇଂ ସ୍କ୍ୱାଡ୍ ଏବେ ପାରାଦୀପ ଶିଳ୍ପାଞ୍ଚଳ ସମେତ ସାରା ରାଜ୍ୟରେ ଯାଞ୍ଚ କରୁଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପାରାଦୀପରେ ଫ୍ଲାଇଂ ସ୍କ୍ୱାଡ୍ ବା ପୋଲିସ ଅପରାହ୍ନ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଯାଞ୍ଚ କରୁଛି। ଅନ୍ୟ ସମୟରେ ସେଭଳି ଯାଞ୍ଚ ପ୍ରାୟତଃ ଦେଖିବାକୁ ମିଳୁନି। ତେଣୁ ଯେଉଁ ପ୍ରାର୍ଥୀମାନେ ଟଙ୍କା ବାଣ୍ଟିବା ପାଇଁ ଉଦ୍ୟମ କରୁଥିବେ ସେମାନେ ପୋଲିସର ଯାଞ୍ଚ ସମୟକୁ ଦେଖି କାରବାର କରୁଥିବେ ବୋଲି ଚର୍ଚ୍ଚ ହେଉଛି।

ସୂଚନାଯୋଗ୍ୟ, ନିର୍ବାଚନ କମିଶନ ପ୍ରତ୍ୟେକ ବିଧାୟକ ପ୍ରାର୍ଥୀ ସର୍ବାଧିକ ୨୮ ଲକ୍ଷ ଓ ଏମ୍‌ପି ପ୍ରାର୍ଥୀ ୭୦ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ ବୋଲି ନିର୍ଦ୍ଧାରଣ କରିଛନ୍ତି। କିନ୍ତୁ ବାସ୍ତବତା ଏହାଠାରୁ କାହିଁ କେତେ ଗୁଣରେ ଅଧିକ। ଏପରି କି ବିଧାୟକ ପ୍ରାର୍ଥୀମାନେ ଏବେ ୨ରୁ ୧୦କୋଟି ପର୍ଯ୍ୟନ୍ତ ଖର୍ଚ୍ଚ କରୁଥିବା ଚର୍ଚ୍ଚା ହେଉଛି। ସେହିପରି ସୋସିଆଲ ମିଡିଆରେ ପ୍ରଚାର କଟକଣା ମଧ କିଛି କାମରେ ଲାଗୁ ନ ଥିବା ଜଣାଯାଏ। ଫେସବୁକ, ହ୍ୱାଟ୍ସଆପ, ଇନ୍‌ଷ୍ଟାଗ୍ରାମ, ଟୁଇଟର ଆଦିରେ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକମାନେ ପ୍ରଚାର ଚଳାଇଛନ୍ତି। ସେହି ଗ୍ରୁପରେ ସପକ୍ଷ ଓ ବିପକ୍ଷ ଗୋଷ୍ଠୀ ପରସ୍ପରକୁ ଆକ୍ଷେପ କରି କଟୁ ସମାଲୋଚନା କରୁଛନ୍ତି। ଏମିତି ବ୍ୟବସ୍ଥାରେ ନିର୍ବାଚନ ଏବେ ପ୍ରଚାର ସର୍ବସ୍ୱ ଓ ବ୍ୟୟ ବହୁଳ ହୋଇପଡିଥିବାବେଳେ ସ୍ଥାନୀୟ ଲୋକଙ୍କ ମୂଳ ସମସ୍ୟା ସମାଧାନ କଥା କେହି ଚିନ୍ତା କରୁନାହାନ୍ତି। ଏ ସମ୍ପର୍କରେ ଏଏସ୍‌ପି ବିଷ୍ଣୁଚରଣ ମିଶ୍ର କହିଛନ୍ତି ଯେ, ଦିନରାତି ଆମେ ଯାଞ୍ଚ କରୁଛୁ। ଥରେ ଆମେ ୧.୭ ଲକ୍ଷ ଟଙ୍କା ଜବତ ମଧ କରିଛୁ। ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଭାବେ ଯାଞ୍ଚ ଚାଲିଛି। ତେବେ ସବୁ ସମୟରେ ରାସ୍ତାରେ ବ୍ଲକିଂ କରି ଜାମ କରିବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି।



ରୋହିଆ ପଞ୍ଚାୟତରେ ଅନୁଷ୍ଠିତ ବିଜେଡି କର୍ମୀ ସମ୍ମିଳନୀରେ ପ୍ରଶାନ୍ତ ମୁଦୁଲି ଓ ଅନ୍ୟମାନେ।

## ରୋହିଆ ପଞ୍ଚାୟତରେ ବିଜେଡି କର୍ମୀ ସମ୍ମିଳନୀ

**ନାଉଗାଁ,୧୭।୪(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ରୋହିଆ ପଞ୍ଚାୟତ କୋରଣିଆଠାରେ ମଙ୍ଗଳବାର ସନ୍ଧ୍ୟାରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବ୍ଲକ ବିଜେଡି ସଭାପତି ସୁଜିତ ମଲିକଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି, ଯୁବନେତା ପ୍ରଦୀପ୍ତ ସ୍ୱାଇଁ, ନିଲମ ସ୍ୱାଇଁ(ଧନ), ପ୍ରତ୍ୟୁଷ ପରିଡ଼ା, ପ୍ରଭୁ ଚରଣ ଦାସ, ଜିଲା କୃଷକ ମୋର୍ଚ୍ଚା ସଭାପତି ପ୍ରକାଶ ବସ୍ତିଆ, ଅଜୟ ମହାନ୍ତି, ରୋହିଆ ପଞ୍ଚାୟତ ସଭାପତି ବିଷ୍ଣୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଧାୟକ ପ୍ରାର୍ଥୀ ମୁଦୁଲି ଓ ଏମ୍‌ପି ପ୍ରାର୍ଥୀ ରାଜଶ୍ରୀ ମଲିକଙ୍କୁ ଶଙ୍ଖ ଚିହ୍ନରେ ଭୋଟଦେଇ ନିର୍ବାଚିତ କରିବାକୁ ଏଥିରେ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ଅସନ୍ତୁଷ୍ଟ କଂଗ୍ରେସ କର୍ମୀ ଶ୍ରୀଚରଣ ନାୟକ, କୈଳାସ ମହାନ୍ତି, ଦିଲୁ ରାଉତ, ଭୋଳି ରାଉତ, ବନମାଳି ସ୍ୱାଇଁ, ତ୍ରିନାଥ ମହାନ୍ତି, ଦିଲୀପ ଓଝା, ସଞ୍ଜୟ ଦାସ, ପ୍ରକାଶ ବାରିକ, ଗିରିଧାରୀ ମହାନ୍ତି, ବାଇଧର ଜେନା, ଗୋବିନ୍ଦ ଜେନା, ଗୋପାଳ ଜେନା ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ।

■ ଭୋଟରଙ୍କୁ ଆକର୍ଷିତ କରୁଛି ନୂଆ କୌଶଳ

## କଂଗ୍ରେସ ମୁଖା, ବିଜେଡି ଚା'କପ୍





କଂଗ୍ରେସ ପ୍ରାର୍ଥୀ ବାପି ସର୍ଖେଲଙ୍କ ମୁଖା ପିନ୍ଧିଛନ୍ତି କର୍ମୀ। ବିଜେଡି କର୍ମୀମାନେ ଶଙ୍ଖ ଚିହ୍ନ ଥିବା ଚା' କପ୍ ଦେଖାଉଛନ୍ତି।

**ପାରାଦୀପ,୧୭।୪(ସ୍ୱ.ପ୍ର.)**

ପାରାଦୀପ ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀମାନେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଭିନ୍ନ ଢଙ୍ଗରେ ପ୍ରଚାର ଚଳାଇଥିବା ଦେଖିବାକୁ ମିଳୁଛି। ବିଜେଡିର ମହିଳା କର୍ମୀମାନେ ଏବେ ଘର ଘର ବୁଲି ଶଙ୍ଖମାର୍କା ଚା'କପ୍ ବାଣ୍ଟୁଛନ୍ତି। ଏପରିକି ପାରାଦୀପ ବସ୍‌ଷ୍ଟାଣ୍ଡ ଓ ଅନ୍ୟ କେତେକ ସ୍ଥାନରେ ଥିବା ଦୋକାନରେ ଶଙ୍ଖ ଚିହ୍ନ ଥିବା କପ୍‌ରେ ଚା' ବିକ୍ରି ହେଉଛି। ସେହିପରି କଂଗ୍ରେସ କର୍ମୀମାନେ ଅରିନ୍ଦମ ସର୍ଖେଲ (ବାପି)ଙ୍କ ମୁଖା ଲଗାଇ ପ୍ରଚାରରେ ବୁଲୁଛନ୍ତି। ଭାଜପା ପ୍ରାର୍ଥୀଙ୍କର ଯଦିଓ ସେଭଳି ଦୃଶ୍ୟ ଦେଖିବାକୁ ମିଳୁନାହିଁ, ତେବେ ତାଙ୍କର ଘର ଘର ବୁଲି ଭୋଟ୍ ମାଗିବା ଶୈଳୀ ଲୋକଙ୍କୁ ଆକର୍ଷିତ କରୁଛି। ସେହପରି ବ୍ୟଙ୍ଗାତ୍ମକ ଶୈଳୀରେ ପ୍ରଚାରକୁ ନେଇ ଏବେ ସବୁ ଖଟିରେ ଆଲୋଚନା ଜୋର ଧରିଛି।

### ବିଜୁବାବୁଙ୍କ ୨୨ତମ ଶ୍ରାଦ୍ଧୋତ୍ସବ

**ପାରାଦୀପ,୧୭।୪(ସ୍ୱ.ପ୍ର.)**

ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୨ତମ ଶ୍ରାଦ୍ଧୋତ୍ସବ ପାରାଦୀପର ଜିରୋ ପଏଣ୍ଟଠାରେ ପାଳିତ ହୋଇଛି। ପୂର୍ବ ଭାରତ ତୈଳ ବିଶୋଧନାଗାର ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଦିନ ତମାମ ସମାଜ କଲ୍ୟାଣ କାର୍ଯ୍ୟକ୍ରମ କରାଯାଇଥିଲା। ପାରାଦୀପ, କୁଜଙ୍ଗ ଓ ରାହାମାଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିସହ ତୀଳତର୍ପଣ, ମନ୍ଦିରରେ ଦୀପଦାନ, ହସ୍ପିଟାଲରେ ରୋଗୀଙ୍କୁ ଫଳ ବଣ୍ଟନ, ଦରିଦ୍ର ନାରାୟଣ ସେବା, ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଶ୍ରମିକନେତା ସନ୍ତୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମନିନ୍ଦ୍ର ଗୁରୁ, ଚିନ୍ମୟ ଦାସ, ମିହିରକାନ୍ତ ସାହୁ, ନେତ୍ରାନନ୍ଦ ସାମଲ ପ୍ରମୁଖ ଉପସ୍ଥିତ ରହି ବିଜୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

### ଭାଜପାର ବାଇକ ଶୋଭାଯାତ୍ରା

**ତିର୍ତ୍ତୋଲ,୧୭।୪(ଡି.ଏନ.ଏ.)**

ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଅଧୀନ ତିର୍ତ୍ତୋଲ, ତେନ୍ତୁଳିପଦା ଓ ତରଜଙ୍ଗ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଭାଜପା ତରଫରୁ ବୁଧବାର ବାଇକ ଶୋଭାଯାତ୍ରା ଜରିଆରେ ପ୍ରଚାର କରାଯାଇଛି। ଏଥିରେ ଭାଜପାର ବରିଷ୍ଠ ନେତା ଆଇନଜୀବୀ ଆହ୍ଲାଦ ପରିଜା, ବିଧାୟକ ପ୍ରାର୍ଥୀ ରମାକାନ୍ତ ଭୋଇ ସାମିଲ ହୋଇ ଭୋଟ ଭିକ୍ଷା କରିଥିଲେ। ତେନ୍ତୁଳିପଦା ପଞ୍ଚାୟତର ଦଣ୍ଡାସାହି, ବାଇଁଗୋଳ, ରଥିପୁର, ତେନ୍ତୁଳିପଦା, ତିର୍ତ୍ତୋଲ ପଞ୍ଚାୟତର ତିର୍ତ୍ତୋଲ, ମୁଣ୍ଡାସାହି, ଅରଜଙ୍ଗ, ନାଉସିରା, ମାଣତିରି, ତରଜଙ୍ଗ ପଞ୍ଚାୟତର ତରଜଙ୍ଗ, କୋଟକଣା, ବାଲିପାଟଣା, ତେରତାଙ୍ଗ, ଠାକୁରାଣୀ ପାଟଣା ଆଦି ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ଅବସରରେ ପ୍ରାର୍ଥୀ ଭୋଇ ଘରକୁ ଘର ବୁଲି ଜନସାଧାରଣଙ୍କୁ ଭେଟି ଭୋଟ ପାଇଁ ନିବେଦନ କରିବା ସହ ବରିଷ୍ଠ ନାଗରିକ, ବୃଦ୍ଧାବୃଦ୍ଧଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଜିଲା ଯୁବମୋର୍ଚ୍ଚା ଉପସଭାପତି ବିଶ୍ୱଜିତ ଦାଶ, କାର୍ତ୍ତିକେଶ୍ୱର ତିଆଡି, ସ୍ମିରଞ୍ଜନ ମଲ୍ଲିକ, ମଣ୍ଡଳ ସଭାପତି ପ୍ରମୋଦ ପ୍ରଧାନ, ତ୍ରିନାଥ ବାରିକ, ହରିଶଙ୍କର ମହାନ୍ତି, ରାକେଶ ଦାସ, ସାଗର ଦାସ, ସରୋଜ ଦାସ, ମନୋରଞ୍ଜନ ସାହୁ, ରଶ୍ମିରଞ୍ଜନ ବେହେରା, ତପନ ମଲ୍ଲିକଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

## 'ପରାଜୟ ଭୟରେ ହିଂସା କରୁଛି ବିଜେଡି'

**ଜଗତ୍‌ସିଂହପୁର ଅଫିସ,୧୭।୪**

ଚଳିତ ନିର୍ବାଚନରେ ବିଜେଡି ସ୍ଥିତି ଦୁର୍ବଳ ହୋଇଯିବ। ଭାଜପାର ଶକ୍ତି ବୃଦ୍ଧି ପାଉଥିବା ଜାଣି ବିଜେଡି ନେତା ଓ କର୍ମୀମାନେ ବିଚଳିତ ହୋଇ ପଡିଲେଣି। ତେଣୁ ଅନନ୍ୟୋପାୟ ହୋଇ ସେମାନେ ହିଂସା ଭଳି ରାସ୍ତା ଆପଣାଉଛନ୍ତି। ଖୋର୍ଦ୍ଧାରେ ଭାଜପା ମଣ୍ଡଳ ସଭାପତିଙ୍କୁ ଯେଉଁଭଳି ନିଷ୍ଠୁର ଭାବେ ହତ୍ୟା କରାଗଲା ଏହା ତାର ଜ୍ୱଳନ୍ତ ପ୍ରମାଣ। କେବଳ ଖୋର୍ଦ୍ଧା ନୁହେଁ, ହିଞ୍ଜିଳିଠାରୁ ଆରମ୍ଭ କରି ଅନେକ ସ୍ଥାନରେ ଭାଜପା ନେତା ଓ କର୍ମୀଙ୍କୁ ବିଜେଡି ଗୁଣ୍ଡାମାନେ ମରଣାନ୍ତକ ଆକ୍ରମଣ କରୁଛନ୍ତି। କଂଗ୍ରେସ ସରକାର ଅମଳରେ ଏହିଭଳି ଗୁଣ୍ଡାରାଜ ଚାଲିଥିଲା। ଲୋକେ ଏହାର ଉପଯୁକ୍ତ ଜବାବ ଦେଇଥିଲେ। ସେହିପରି ଚଳିତ ନିର୍ବାଚନରେ ଭୋଟର ବିଜେଡି ବିରୋଧରେ ମତ ଦେଇ ଉଚିତ ଶିକ୍ଷା ଦେବେ ବୋଲି କହିଛନ୍ତି ଭାଜପା ଜାତୀୟ ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଅରୁଣ ସିଂହ। ବୁଧବାର ଅପରାହ୍ଣରେ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ ଏହା କହିଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ପୂର୍ବତନ ଜିଲା ସଭାପତି ଉପେନ୍ଦ୍ରନାଥ ବିଶ୍ୱାଳ, ମିଡିଆ ସେଲ୍‌ର ଗଣେଶ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

### ପୁରଣରେ କଂଗ୍ରେସ କର୍ମୀ ସମ୍ମିଳନୀ

**ବିରିଡ଼ି/ବାଲିଆ,୧୭।୪(ଡି.ଏନ.ଏ.)**

ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିରିଡ଼ି ବ୍ଲକ ୨୨ ମୌଜା ପୁରଣ ପଞ୍ଚାୟତର ମରିଚେଇ ଠାକୁରାଣୀଙ୍କ ପୀଠରେ ବୁଧବାର ପଞ୍ଚାୟତସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜୋନ-୨ କଂଗ୍ରେସ ସଭାପତି ଚନ୍ଦ୍ରଶେଖର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଦେବୀ ପ୍ରସାଦ ମଲ୍ଲିକ, ପୂର୍ବତନ ସରପଞ୍ଚ ପ୍ରବୋଧ ତ୍ରିପାଠୀ, ଯୁଧିଷ୍ଠିର ବେହେରା, ପଞ୍ଚାୟତ କଂଗ୍ରେ ସଭାପତି ରମଣୀ ରଞ୍ଜନ ବେହେରା, କିଶୋର ଚନ୍ଦ୍ର ପାଳ, ସୁବ୍ରତ ପଟ୍ଟନାୟକ, କୈଳାସ ସେଠୀ, ରଜନୀକାନ୍ତ ତ୍ରିପାଠୀ, ଜିତେନ୍ଦ୍ର ସ୍ୱାଇଁ, ପ୍ରଶାନ୍ତ ବେହେରା, ସୌଦାମିନୀ ଆଚାର୍ଯ୍ୟ, ନିରୁପମା ସାହୁ, ଝୁମୁରୀ ସାହୁ ପ୍ରମୁଖ ଯୋଗଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ୨୨ ମୌଜା ପାଇଁ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ଅବଦାନ ଅବିସ୍ମରଣୀୟ। ତେଣୁ ତାଙ୍କ ସୁପୁତ୍ର ବିଧାୟକ ପ୍ରାର୍ଥୀ ମଲ୍ଲିକ ଓ କନ୍ୟା ଏମ୍‌ପି ପ୍ରାର୍ଥୀ ପ୍ରତିମା ମଲ୍ଲିକଙ୍କୁ ହାତ ଚିହ୍ନରେ ଭୋଟଦେଇ ଜିତାଇବାକୁ ଆହ୍ୱାନ ଦେଇଥିଲେ।

### ଭାଜପାରେ ଯୋଗଦେଲେ ବହୁ କର୍ମୀ



ଭାଜପାରେ ସାମିଲ ହୋଇଥିବା କର୍ମୀଙ୍କୁ ସ୍ୱାଗତ କରାଯାଉଛି।

**କୁଜଙ୍ଗ,୧୭।୪(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ୍ ଅଗପାଳ ଓ ପାଟପୁର ପଞ୍ଚାୟତର କେତେଜଣ ନେତା ଓ ବିଭିନ୍ନ ଦଳର ସଙ୍ଗଠକ ବୁଧବାର ଭାଜପାରେ ସାମିଲ ହୋଇଥିବା ସୂଚନା ଦିଆଯାଇଛି। ମୋଦୀ ସରକାରଙ୍କ ବିକାଶ ମୂଳକ ଯୋଜନା ଓ ଦୃଢ ନେତୃତ୍ୱକୁ ଭରସା କରି ସେମାନେ ଭାଜପାରେ ମିଶିଥିବା କହିଛନ୍ତି। ପାରଦୀପ ନିର୍ବାଚନମଣ୍ଡଳୀର ମୁଖ୍ୟ କାର୍ଯ୍ୟାଳୟ ଜିରୋ ପଏଣ୍ଟଠାରେ ଦଳର ଏକ କାର୍ଯ୍ୟକାରିଣୀ ସଦସ୍ୟ ନିର୍ମଳ କୁମାର ସ୍ୱାଇଁଙ୍କ ଉପସ୍ଥିତିରେ ହୋଇଥିଲା। ଅଗପାଳ ପଞ୍ଚାୟତର ସୌଦାମିନୀ ଶତପଥୀ, ନମିତା ମହାରଣା, ପ୍ରଭାତ କୁମାର ପଣ୍ଡା, କାନନ ବିହାରୀ ନାୟକ, ପ୍ରଦୀପ୍ତ କେଶରୀ ଷଡ଼ଙ୍ଗୀ, ପ୍ରକାଶ ଚନ୍ଦ୍ର ଶତପଥୀ, ପ୍ରଦ୍ୟୁମ୍ନ ମହାରଣା, ବିଶ୍ୱଜିତ୍ ଶତପଥୀ, ପାଟପୁର ପଞ୍ଚାୟତର ଶ୍ରୀଚରଣ ନାୟକ, କରତୁଠାର ରଞ୍ଜନ କୁମାର ନାୟକ, ବଳରାମ ଦାସ, ସରୋଜ ଦାସ, ରାଜକିଶୋର ଦାସ, ପ୍ରକାଶ ଦାସ, ଜଗନ ଦାସ ପ୍ରମୁଖ ବିଜେଡି ଓ କଂଗ୍ରେସ ଛାଡ଼ି ଭାଜପାରେ ମିଶିଥିଲେ।

## ଜଣେ ଏମ୍‌ପି, ୪ ବିଧାୟକ ପ୍ରାର୍ଥୀଙ୍କ ଘର ତିର୍ତ୍ତୋଲରେ

**ତିର୍ତ୍ତୋଲ,୧୭।୪(ଡି.ଏନ.ଏ.)**

ଚଳିତ ନିର୍ବାଚନ ଲଢୁଥିବା ଜଣେ ଏମ୍‌ପି ପ୍ରାର୍ଥୀ ଓ ୪ଜଣ ବିଧାୟକ ପ୍ରାର୍ଥୀଙ୍କ ଘର ତିର୍ତ୍ତୋଲ ବ୍ଲକରେ। ସେମାନେ ବିଭିନ୍ନ ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତିର୍ତ୍ତୋଲ ରାଜସ୍ୱ ଗ୍ରାମର ଭୋଟର ଡା. ରାଜଶ୍ରୀ ମଲ୍ଲିକ ଜଗତ୍‌ସିଂହପୁର ଏମପି ପ୍ରାର୍ଥୀ ଭାବରେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ସେହିପରି ଏହି ବ୍ଲକ ସାମନ୍ତରାପୁର ପଞ୍ଚାୟତ ମୁରାରିପୁର ଗ୍ରାମର ଦୀପ୍ତିରଞ୍ଜନ ନାୟକ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀରୁ ଜାତୀୟ ଦଳ ଆମ୍ବେଡ଼କର ନ୍ୟାଶନାଲ କଂଗ୍ରେସ ପାର୍ଟିରୁ ପ୍ରାର୍ଥୀ ହୋଇଛନ୍ତି। ତୁଳଙ୍ଗ ଗ୍ରାମର ଚିରଞ୍ଜୀବ ବିଶ୍ୱାଳ ଜଗତ୍‌ସିଂହପୁର ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି। କୋଲର ଗ୍ରାମ ନିବାସୀ ଦେବାଶିଷ ସାମନ୍ତରାୟ କଟକ-ବାରବାଟୀ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ଇବ୍ରିସିଂ ପଞ୍ଚାୟତ ସାନିଲୋ ଗ୍ରାମର ନୃସିଂହଚରଣ ବାରିକ ଜଗତସିଂହପୁର ବିଧାବସଭା ନିର୍ବାଚନମଣ୍ଡଳୀରୁ ଇଣ୍ଡିଆନ ସିଟିଜେନ ପାର୍ଟିରୁ ପ୍ରାର୍ଥୀ ହୋଇଛନ୍ତି। ଏହି ପ୍ରାର୍ଥୀମାନଙ୍କ ମଧ୍ୟରୁ ୩ ଜଣ ଅତିତରେ ତିର୍ତ୍ତୋଲ ବିଧାନସଭା କ୍ଷେତ୍ରରୁ ବିଧାୟକ ହେବାର ସୌଭାଗ୍ୟ ପାଇଛନ୍ତି। ସୂଚନାଅନୁଯାୟୀ, ଦେବାଶିଷ ସାମନ୍ତରାୟ ୨୦୦୦ରୁ ୨୦୦୪, ଚିରଞ୍ଜୀବ ବିଶ୍ୱାଳ ୨୦୦୪ରୁ ୨୦୦୯ ଓ ଡା. ରାଜଶ୍ରୀ ମଲ୍ଲିକ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ତିର୍ତ୍ତୋଲ ବିଧାୟକ ହୋଇଛନ୍ତି।

### ତନ୍ମୟ ସ୍ୱାଇଁ ବିଜେଡି ସହ ପର୍ଯ୍ୟବେକ୍ଷକ

**ଜଗତ୍‌ସିଂହପୁର ଅଫିସ,୧୭।୪**

ଉତ୍କଳ ବିଶ୍ୱ ବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ତଥା ପୂର୍ବତନ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତନ୍ମୟ ସ୍ୱାଇଁଙ୍କୁ ନୂଆ ଦାୟିତ୍ୱ ମିଳିଛି। ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ତାଙ୍କୁ ଦଳର ପାରାଦୀପ ଓ ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି।

### ମୂଳୁଗାଁରେ ବିଜେଡିର କର୍ମୀ ସମ୍ମିଳନୀ

**ବାଲିକୁଦା,୧୭।୪(ସ୍ୱ.ପ୍ର.)**

ମୂଳୁଗାଁ ପଞ୍ଚାୟତରେ ମଙ୍ଗଳବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସଭାପତି ତଥା ପୂର୍ବତନ ସରପଞ୍ଚ ନରେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ବ୍ଲକ ସଭାପତି ରତ୍ନାକର ନାୟକ, ବିଧାୟକ ପ୍ରାର୍ଥୀ ରଘୁନନ୍ଦନ ଦାସ, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ, ସରପଞ୍ଚ ଲିଲି ପରିଡା, ସମିତିସଭ୍ୟ ଦିଲୀପ ସ୍ୱାଇଁ, ଅଜୟ ମହାପାତ୍ର, ଜିଲା ପରିଷଦ ସଦସ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ନିର୍ବାଚନମଣ୍ଡଳୀ ଯୁବ ବଜେଡି ସଭାପତି ଅଲେଖ ସ୍ୱାଇଁ, ବ୍ଲକ ଯୁବ ବିଜେଡି ସଭାପତି ରଶ୍ମିରଞ୍ଜନ କୁଅଁର ଯୋଗଦେଇ ଥିଲେ। ତେବେ ଏହି କର୍ମୀ ସମ୍ମିଳନୀକୁ ଦଳର ଗୋଟିଏ ଗୋଷ୍ଠୀ ଆସି ନ ଥିଲେ। ଏହି ଅବସରରେ ଭାଜପା କର୍ମୀ ଜଗବନ୍ଧୁ ନାୟକ ବିଜେଡିରେ ସାମିଲ ହୋଇଥିଲେ। ତଣ୍ଡିକୁଳ ପଞ୍ଚାୟତର ନିକୁଞ୍ଜ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ପୂର୍ବତନ ସରପଞ୍ଚ ମନୋରଞ୍ଜନ ସ୍ୱାଇଁ, ପ୍ରତିମା ବେହେରା, ବାବାଜି ସ୍ୱାଇଁ, ଯୁବ ସଙ୍ଗଠକ ରାଜେଶ ଦାସ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ସପଥ ନେଇଥିଲେ।

■ ଚିକିଣିଆରେ ବିଜେଡିର କର୍ମୀ ସମାବେଶ

## ବିଷ୍ଣୁଙ୍କ ପାଇଁ ଭୋଟଭିକ୍ଷା କଲେ ଭଉଣୀ

**ରଘୁନାଥପୁର, ୧୭।୪ ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଚିକିଣିଆରେ ବିଜେଡି କର୍ମୀଙ୍କ ପକ୍ଷରୁ ଏକ ପଞ୍ଚାୟତସ୍ତରୀୟ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ବିଷ୍ଣୁ ଚରଣ ସେଠୀ ଓ ସମିତିସଭ୍ୟ ଚୌଧୁରୀ ଇନ୍ଦୁଭୂଷଣ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମାବେଶରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ବିଷ୍ଣୁ ଦାସଙ୍କ ଭଉଣୀ ମିନତି ଦାସ ଉପସ୍ଥିତ ହୋଇ ଭାଇଙ୍କ ସପକ୍ଷରେ ଭୋଟଭିକ୍ଷା କରିଥିଲେ। ବିଜୁବାବୁଙ୍କ ୨୨ତମ ଶ୍ରାଦ୍ଧ ବାର୍ଷିକରେ ସମସ୍ତ ଅତିଥି ବୃନ୍ଦ ତାଙ୍କର ତୈଳଚିତ୍ରରେ ମାଲ୍ୟାର୍ପଣ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ସଭା ଆରମ୍ଭ କରାଯାଇଥିଲା। ଚିକିରିଆ, କଳାଧାରୀ ଓ ଏରଣ୍ଡପାଳ ଗାଁର ହଜାର ହଜାର ମହିଳାପୁରୁଷ ଓ ଯୁବ ଛାତ୍ରମାନେ ଉପସ୍ଥିତ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ସଂକଳ୍ପ ନେଇଥିଲେ। ପୂର୍ବତନ ସମିତିସଭ୍ୟ ଲେଙ୍କାଙ୍କ ସଭାପତିତ୍ୱରେ ପୂର୍ବତନ ବ୍ଲକ ବିଜେଡି ସଭାପତି ସରୋଜକାନ୍ତ ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଜତ କୁମାର ପାତ୍ର, ପୂର୍ବତନ ସମିତିସଭ୍ୟା କଳ୍ପନା ପ୍ରିୟଦର୍ଶିନୀ ନାୟକ ଧରାଧରପୁର ସରପଞ୍ଚଙ୍କ ସ୍ୱାମୀ ଯୁଗଳ ମଲ୍ଲିକ, ରାଜ୍ୟ ବିଜୁ କୃଷକ ମୋର୍ଚ୍ଚାର ସମ୍ପାଦକ ଅନ୍ତର୍ଯ୍ୟାମୀ ରାଉତ, ପୂର୍ବତନ ସରପଞ୍ଚ ପୁରୁଷୋତ୍ତମ ସ୍ୱାଇଁ, ପ୍ରଭୁଦତ୍ତ ମହାନ୍ତି, ପ୍ରଦୀପ୍ତ ମହାନ୍ତି ଓ ଛାତ୍ର ନେତା ଶୁଭ୍ରକାନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଅପରାହ୍ନରେ ବିଷ୍ଣୁ ପହଞ୍ଚି ସାଧାରଣଜନତାଙ୍କ ନିକଟତର ହୋଇଥିଲେ।



ଚିକିଣିଆଠାରେ ଅନୁଷ୍ଠିତ ବିଜେଡିର କର୍ମୀ ସମ୍ମିଳନୀରେ ମିନତି ଦାସ ଓ ଅନ୍ୟମାନେ।


କ୍ୟାଟ୍ରିନା

# ଅରେଞ୍ଜ୍ କଷ୍ଟ୍ୟୁମ୍ ପାଇଁ

ଓଃ, ଗୋଟିଏ କଷ୍ଟ୍ୟୁମ୍ ଚଏସ୍ କରିବାକୁ ଚାରି ଘଣ୍ଟା! ଏତେ ସମୟ ଧରି କ୍ୟାଟ୍ରିନା ତ ଟେନ୍ସନରେ ରହିବା ସ୍ୱାଭାବିକ, ହେଲେ ଆୟୋଜକମାନଙ୍କୁ ଏହି ସମୟ ମଧ୍ୟରେ ଖାଳନାଳ ହେବାକୁ ପଡ଼ିଥିଲା। ନିକଟରେ କ୍ୟାଟ୍ରିନା ଏକ ର୍ୟାମ୍ପ ଶୋ'ରେ ଭାଗ ନେଇଥିଲେ। ହେଲେ ତା' ପୂର୍ବରୁ କଷ୍ଟ୍ୟୁମ୍ ସିଲେକ୍ଶନ ବେଳେ ତାଙ୍କ ମୁଣ୍ଡ ବିଗିଡି ଯାଇଥିଲା। ଯେଉଁ କେତୋଟି ଅରେଞ୍ଜ୍ କଲର କଷ୍ଟ୍ୟୁମ୍ ତାଙ୍କୁ ଦିଆଯାଇଥିଲା, ତାହା ତାଙ୍କର ପସନ୍ଦ ଆସି ନ ଥିଲା। ଶେଷରେ କଷ୍ଟ୍ୟୁମ୍ ଡିଜାଇନର୍‌ଙ୍କୁ ଡକାଯାଇଥିଲା ଏବଂ ସେ ଅଳ୍ପ ସମୟ ଭିତରେ ଏହି ସମସ୍ୟାର ସମାଧାନ କରିଦେଇଥିଲେ।

# ତମନ୍ନା ଯାହା ଚାହୁଁଥିଲେ..



ଓଡ଼ିଆ ସିନେମାର ଗ୍ଲାମର କୁଇନ୍ ଭାବରେ ପରିଚିତା ତମନ୍ନା ଯା ଭିତରେ ବେଶ୍ କେତୋଟି ଚଳଚ୍ଚିତ୍ରରେ ଅଭିନୟ କରିସାରିଲେଣି। ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଭାଇନା କ'ଣ କଲା ସେ'ରେ ସଂଯୋଜିତ 'ଚାଲ କରିବା ଠିଆପାଲା' ଗୀତଟି ତାଙ୍କୁ ଦର୍ଶକଙ୍କ ନିକଟରେ ଆହୁରି ପରିଚିତ କରାଇପାରିଥିଲା। ଏବେ ତାଙ୍କ ଖୁସି କହିଲେ ନ ସରେ। ପ୍ରଥମ କଥା ହେଲା ଫେମିନା ମିସ୍ ଇଣ୍ଡିଆ-୨୦୧୯ର ପ୍ରଥମ ରାଉଣ୍ଡରେ ସେ ସିଲେକଶନ ହୋଇ ପରବର୍ତ୍ତୀ ରାଉଣ୍ଡରେ ଭାଗ ନେବାକୁ ନିକଟରେ କୋଲକାତା ଯିବେ। 'ଯା'ଠାରୁ ଖୁସି ଖବର ମୋ ପାଇଁ କିଛି ହୋଇ ନ ପାରେ। ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ମୋର ଅନ୍ୟତମ ସ୍ୱପ୍ନ ଥିଲା। ଅନ୍ୟପକ୍ଷରେ ମୋ ରିଲ୍ ଲାଇଫରେ ଆଉ ଏକ ଖୁସି ଖବର ରହିଛି। ନିର୍ମାଣାଧୀନ ଓଡ଼ିଆ ସିନେମା 'ସୁପରବୟ'ରେ ମୋତେ ମିଳିଛି ମନଲାଖି ଭୂମିକା। ଏଥିରେ ମୋ ଭୂମିକାଟି ହେଲା ତାନିୟା। ସେ ଜଣେ ସୁଇଟ୍ ଆଉ ଇନୋସେଣ୍ଟ ଗର୍ଲ। ନିଜ ମନର ମଣିଷକୁ ଖୋଜୁ ଖୋଜୁ ସେ ପ୍ରେମ୍ ନାମକ ଜଣେ ଯୁବକ ସଂସ୍ପର୍ଶରେ ଆସିଛି ଯିଏ ସୁପର ପାୱାରର ଅଧିକାରୀ। ହେଲେ ସେହି ପାୱାରଟି କ'ଣ ତାହା ସିନେମା ଦେଖିଲେ ହିଁ ଜାଣିପାରିବେ। ଏହି ଫିଲ୍ମରେ ମୋତେ ମିଳିଥିବା ଭୂମିକାରେ ଏପରି ମସଲା ରହିଛି ଯାହା ଦର୍ଶକଙ୍କୁ ଫୁଲ୍ ଏଣ୍ଟରଟେମେଣ୍ଟ କରିବ ବୋଲି କହନ୍ତି ତମନ୍ନା।' 'ସୁପରବୟ'ର ଟାଇଟଲ ଭୂମିକାରେ ଅଛନ୍ତି ଜ୍ୟୋତି ନାୟକ। ଖାସ୍ କଥା ହେଲା ଏହି ଫିଲ୍ମରେ ଶୁଭାଶିଷ ଶର୍ମା (ମଣ୍ଟୁ) ନେଗେଟିଭ ରୋଲ୍‌ରେ ଅଭିନୟ କରୁଛନ୍ତି। ସାଇ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଦକ୍ଷିଣ ଭାରତୀୟ ପ୍ରଯୋଜକ କେ. ଆନୀଷ।


ସ୍ୱାଂଶ-ପୂର୍ଣ୍ଣମୟୀ

ଅପେରା ହାଲ୍‌ଚାଲ

# ଅଭିନୟ ନିଶାରେ ପଙ୍କଜ



ଚାହୁଁ ଚାହୁଁ ପାଞ୍ଚବର୍ଷ ବିତିଗଲାଣି। ହେଲେ ଦିନକୁ ଦିନ ଅଭିନୟର ଝୁଙ୍କ୍ ଆହୁରି ଦୃଢ଼ ହେବାରେ ଲାଗିଛି। ମ୍ୟାନେଜ୍‌ମେଣ୍ଟ ଛାତ୍ର ଥିବା ବେଳେ ପିଲାଟି ଦିନରୁ ତାଙ୍କ ମନ ଭିତରେ ସାଇତି ହୋଇ ରହିଥିବା ଅଭିନେତା ହେବାର ଇଚ୍ଛା ଜାଗ୍ରତ ହୋଇଥିଲା। ଭୁବନେଶ୍ୱରରେ କେତେକ କଳାକାରଙ୍କ ସଂସ୍ପର୍ଶରେ ଆସିବା ପରେ ସେ ମାଇଣ୍ଡ ମେକ୍‌ଅପ କରିନେଇଥିଲେ ଯେ ଯେତେ ବାଧାବିଘ୍ନ ଆସିଲେ ବି ତାହାକୁ ସାହସର ସହ ସାମ୍ନା କରି ଜଣେ କଳାକାର ହେବେ। ଶେଷରେ ତାଙ୍କ ସ୍ୱପ୍ନ ସାକାର ହୋଇଥିଲା। ବର୍ତ୍ତମାନ ସେ ଜଲିଉଡ୍‌ର ଅନ୍ୟତମ ଚକୋଲେଟ୍ ବୟ ଭାବେ ପରିଚିତ। ଗତ ଦୁଇବର୍ଷ ଧରି ସେ ଗଡିଜଙ୍ଗ, କଟକସ୍ଥିତ ଶ୍ରୀକ୍ଷେତ୍ର ଗଣନାଟ୍ୟରେ ନାୟକ ଭୂମିକାରେ ଅଭିନୟ ଜାରି ରଖିଛନ୍ତି। ସେ ହେଲେ ପଙ୍କଜ କୁମାର ମହନ୍ତ ଓରଫ ପିଙ୍କୁ। ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ଗ୍ରାମରେ ତାଙ୍କ ଜନ୍ମ। ବାପା ସ୍ୱର୍ଗତ ମନୋଜ କୁମାର ମହନ୍ତ ଏବଂ ମା' ପ୍ରଭାବତୀ ମହନ୍ତଙ୍କ ଏହି ପୁତ୍ରଙ୍କ ଜଲିଉଡ୍ କ୍ୟାରିୟର ଆରମ୍ଭ ହୁଏ ଦଶକଳସ ଅପେରାରୁ। ତା'ପରେ ଶକ୍ତିମୟୀ ଅପେରା ଆଉ ଏବେ ଶ୍ରୀକ୍ଷେତ୍ର ଗଣନାଟ୍ୟରେ ନିଜ ଲକ୍ଷ୍ୟପଥରେ ସେ ଅଗ୍ରସର। 'ଅଭିନୟ ଏକ ନିଶା। ଅଭିନୟ ସମୟରେ ମୋତେ ଯେଉଁ ଭୂମିକା ମିଳୁନା କାହିଁକି ତାକୁ କିପରି ଶତ ପ୍ରତିଶତ ଜଷ୍ଟିସ୍ ଦେବି ସବୁବେଳେ ଚେଷ୍ଟା କରିଥାଏ। ଆଉ ଗୋଟେ କଥା-ଦର୍ଶକ ମୋ ପାଇଁ ସବୁକିଛି। ସେମାନଙ୍କ ପାଇଁ ମୋର ଆଶା ପୂରଣ ହୋଇଛି ବୋଲି କହନ୍ତି ପଙ୍କଜ।' ତାଙ୍କ ଅଭିନୀତ ନାଟକଗୁଡ଼ିକ ମଧ୍ୟରେ ରହିଛି-ତୋର ମୋର ଗୋଟିଏ ବର, ମଝି ଦରିଆରେ ସାଧବ ବୋହୂ, ଏମିତି ସ୍ତ୍ରୀକୁ ଶହେ ସଲାମ, କାନ୍ଦିବାକୁ ଏଠି ଲୁହ ନାହିଁ ଏବଂ ପ୍ରଦୀପ ବେହେରାଙ୍କ ରଚିତ ଏବଂ ନିର୍ଦ୍ଦେଶିତ ତତେ ସତରକୁ ମତେ ଅଠର।'

## ଖ|ବ|ର|ଟ|ବ|ର

★ତରଙ୍ଗ ସିନେ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ତୁ ମୋ ଲଭ୍ ଷ୍ଟୋରି-୨'। ଏହାର ଶୁଟିଂ ଏବେ ଆଣ୍ଡାମାନରେ ଚାଲିଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ତାପସ ସରଘରିଆ । 'ତୁ ମୋ ଲଭ୍ ଷ୍ଟୋରି'ର ଯୋଡି ସ୍ୱରାଜ-ଭୂମିକାଙ୍କୁ ଏଥିରେ ରିପିଟ୍ କରାଯାଇଛି। ଏଥିରେ ସିଦ୍ଧାନ୍ତ ମହାପାତ୍ର ଏବଂ ଅନୁ ଚୌଧୁରୀଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। ଅନ୍ୟପକ୍ଷରେ ଏହି ବ୍ୟାନରରେ ଆଉ ଏକ ସିନେମାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏହାର ନିର୍ଦ୍ଦେଶନା ଅଶୋକ ପତି ଦେବେ ଏବଂ ନାୟକ ସାଜିବେ ବାବୁସାନ୍।

★ନିର୍ଦ୍ଦେଶକ ଜ୍ୟୋତି ଦାସ ଏବେ ଏକ ନୂଆ ସିନେମାର ପ୍ରାରମ୍ଭିକ କାମରେ ବ୍ୟସ୍ତ ଅଛନ୍ତି। ଖୁବ୍ ଶୀଘ୍ର ଟାଇଟଲ ଏବଂ କାଷ୍ଟିଂ ଫାଇନାଲ ହୋଇ ଶୁଟିଂ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ସେ।

★ଅକ୍ଷୟ କୁମାର ପରିଜାଙ୍କ ପ୍ରଯୋଜିତ 'ଚିରକୁଟ୍' ଆସନ୍ତା ମାସ ପ୍ରଥମ ସପ୍ତାହରେ ରିଲିଜ ହେବାର ଯୋଜନା ରହିଛି। ଏହି ଫିଲ୍ମରୁ ପ୍ରଥମ ଥର ପାଇଁ ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିଛନ୍ତି ହାସ୍ୟାଭିନେତା ପପୁ ପମପମ।

★ଓଡ଼ିଆ ସିନେମା 'କ୍ରିଷ୍ଣା-ଷ୍ଟୋରି ଅଫ ଏ ଡ୍ୟାନ୍ସର' ଚଳିତ ମାସ ୨୬ରେ ରିଲିଜ ହେବାକୁ ଯାଉଛି। ନିଜ ଜୀବନୀ ଉପରେ ପ୍ରସ୍ତୁତ ଏହି ଫିଲ୍ମର ପ୍ରଯୋଜନା, ନିର୍ଦ୍ଦେଶନା ଦେବା ସହ ନାୟକ ଭୂମିକାରେ ଅଭିନୟ କରିଛନ୍ତି ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍‌ର ମୁଖ୍ୟ କ୍ରିଷ୍ଣା ରେଡ୍ଡୀ।

★ଆଉ ଜଣେ ନବାଗତ ଓଲିଉଡ୍‌ରେ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି। ସେ ହେଲେ ଶ୍ରେୟାନ୍। ଆଉ ଫିଲ୍ମଟି ହେଲା 'ସେଲଫିଶ୍ ଦିଲ୍'। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ସୂର୍ଯ୍ୟମୟୀ। ଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ବସନ୍ତ ସାହୁ।

★ଏନ.ବି. ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଆଇଟମ ଗର୍ଲ ରାନୀ ପଣ୍ଡା'। ଫିଲ୍ମଟିର ପ୍ରଯୋଜନା କରୁଛନ୍ତି ଦିଲୀପ ଦାଶ ଏବଂ ସୁଶାନ୍ତ କୁମାର ପଣ୍ଡା। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ମଳୟ ମିଶ୍ର। ଖାସ୍ କଥା ହେଲା ଏହାର ଟାଇଟଲ ଭୂମିକାରେ ନିଜେ ରାନୀ ଅଭିନୟ କରିବେ। ଏହାର ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ସଞ୍ଜୟ।

★ପ୍ରଥମ ଥର ପାଇଁ ପ୍ରଯୋଜନା ପରି ଗୁରୁଦାୟିତ୍ୱ ସମ୍ଭାଳିଥିବା ସମ୍ବିତ 'ଟିକେ ଲଭ୍ ଟିକେ ଟ୍ୱିଷ୍ଟ' ଫିଲ୍ମରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ସମ୍ବିତଙ୍କ ବ୍ୟତୀତ ସମରେଶ ରାଉତରାୟ ଏବଂ ବୁଲୁଙ୍କ ଦ୍ୱାରା ପ୍ରଯୋଜିତ ଏହି ଚିତ୍ରର ଫିମେଲ ଲିଡ୍‌ରେ ଅଭିନୟ କରିଛନ୍ତି ପୁନମ ମିଶ୍ର।

# କ'ଣ କରୁଛନ୍ତି ମଲ୍ଲିକା



ମଲ୍ଲିକା ଶେରାୱତ। ବଲିଉଡ୍‌କୁ ଆସୁଆସୁ ସେ କିସ୍ ଶଟ୍ ପାଇଁ ଚର୍ଚ୍ଚିତ ହୋଇଥିଲେ। ତା'ପରେ ଆଉ କେତେକ ଚଳଚ୍ଚିତ୍ରରେ ସେ ବୋଲ୍ଡ ସିନ୍ ଦେଇ ରାତାରାତି ଷ୍ଟାର ବନିଯାଇଥିଲେ। ହେଲେ ଏବେ ସେ କ'ଣ କରୁଛନ୍ତି! ଦିନ ଥିଲା, କେତେକ ପ୍ରଯୋଜକ ତାଙ୍କୁ ସାଇନ୍ କରାଇବାକୁ ଅପେକ୍ଷା କରୁଥିଲେ। ହେଲେ ଏବେ ସେଦିନ ଆଉ ନାହିଁ। କେତେବେଳେ କେମିତି ସିନେମାଟିଏ ମିଳୁଛି। ତେଣୁ ଅବସର ସମୟରେ ସେ ନିଜ ଅଭିନୀତ ସିନେମାଗୁଡ଼ିକୁ ଦେଖୁଛନ୍ତି। ତା' ସହ ନିଜ ଫିଟ୍‌ନେସ୍ ପ୍ରତି ଧ୍ୟାନ ମଧ୍ୟ ରଖୁଛନ୍ତି।

## ଜଣା ଅଜଣା


ସୁବାସ ଘାଇ

**ଅଜବ ନିଶା :** ନିର୍ଦ୍ଦେଶକ ସୁବାସ ଘାଇ ନିଜ ଫିଲ୍ମରେ ଗୋଟିଏ ମିନିଟ୍ ପାଇଁ ପରଦା ଉପରକୁ ଆସିଥାଆନ୍ତି। ସେ ଏପରି ଉଭା ହୁଅନ୍ତି ଯେ, ହଠାତ୍ ତାଙ୍କୁ ଦେଖି ଦର୍ଶକ ଚମକି ଉଠନ୍ତି। ଯେତେବେଳେ ସେ ହିନ୍ଦୀ ସିନେମାରେ ଅଭିନୟ କରିବାକୁ ଆସିଲେ ତାଙ୍କୁ ରାଜେଶ ଖାନ୍ନାଙ୍କ ଅଭିନୀତ 'ଆରାଧନା'ରେ ଏକ କେମିଓ ଭୂମିକା ମିଳିଥିଲା। କେବଳ ସେତିକି ନୁହେଁ, ଏହି ଭୂମିକାଟି ତାଙ୍କୁ ବେଶ୍ ପ୍ରଭାବିତ ମଧ୍ୟ କରିଥିଲା। ବାସ୍, ତା'ପରେ ନିଜ ଦ୍ୱାରା ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଫିଲ୍ମଗୁଡିକରେ ସେ ହଠାତ୍ ପରଦା ଉପରେ ଆବିର୍ଭାବ ହୋଇଥାଆନ୍ତି।


ସୁନୀଲ ଦତ୍ତ

**ଡକାୟତ ଅବତାର:** ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ସୁନୀଲ ଦତ୍ତଙ୍କୁ ଡକାୟତ ଭୂମିକା ବେଶ୍ ମାନିଥାଏ। ସେ ଅଭିନୟ କରିଥିବା ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରୁ ୨୦ଟି ସିନେମାରେ ଡକାୟତ ଭୂମିକାରେ ଅବତୀର୍ଣ୍ଣ ହୋଇ ଦର୍ଶକଙ୍କ ଦ୍ୱାରା ପ୍ରଶଂସିତ ହୋଇଛନ୍ତି।

**କେତେବେଳେ ନାୟିକା ତ କେତେବେଳେ ମା':** ୧୯୭୬ରେ ନିର୍ମିତ 'ଅଦାଲତ'ରେ ଅମିତାଭ ବଚ୍ଚନଙ୍କ ନାୟିକା ସାଜିଥିଲେ ୱାହିଦା ରହମନ। କିନ୍ତୁ ପରବର୍ତ୍ତୀ ସମୟରେ ସେ 'ତ୍ରିଶୂଲ୍' (୧୯୭୮)ରେ ଅମିତାଭଙ୍କ ମା' ଭୂମିକାରେ ଅଭିନୟ କରିଥିଲେ।


ରାଜ କପୁର

**ଶାକାହାରୀ ରାଜ କପୁର:** ବଲିଉଡ୍‌ର ଶୋ'ମ୍ୟାନ୍ ରାଜ କପୁର। ତାଙ୍କ ପ୍ରଯୋଜିତ, ନିର୍ଦ୍ଦେଶିତ ଏବଂ ଅଭିନୀତ ସିନେମାଗୁଡ଼ିକ ଦର୍ଶକଙ୍କୁ କେତେ ପ୍ରଭାବିତ କରିଛି ତାହା କହିବା ବାହୁଲ୍ୟ। ତାଙ୍କ ନିର୍ଦ୍ଦେଶିତ 'ସତ୍ୟମ୍ ଶିବମ୍ ସୁନ୍ଦରମ୍'ର ଶୁଟିଂ ବେଳେ ଏକ ମଜାଦାର ଘଟଣା ଘଟିଥିଲା। ଏହି ଫିଲ୍ମର ଶୁଟିଂଠାରୁ ରିଲିଜ୍ ପର୍ଯ୍ୟନ୍ତ ରାଜ୍ ନିରାମିଷ ଖାଦ୍ୟ ଖାଇଥିଲେ। କେବଳ ସେତିକି ନୁହେଁ, ଏହି ସମୟରେ ସେ ଆଦୌ ମଦ୍ୟପାନ କରି ନ ଥିଲେ।


ରେଖା

**ରେଖାଙ୍କ ପସନ୍ଦ:** ହିନ୍ଦୀ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ରେଖାଙ୍କର ଚଏସ୍ ନିଆରା। ସେ ଯେତେବେଳେ ବାହାରକୁ ଯାଆନ୍ତି କେବଳ କ୍ରିମିଶନ କିମ୍ବା ଚକୋଲେଟ୍ କଲର ଲିପ୍‌ଷ୍ଟିକ୍ ହିଁ ଲଗାଇଥାଆନ୍ତି।



“ଟେଲିକମ ସେକ୍ଟରରେ ସ୍ପେକ୍ଟ୍ରମ ବାବଦରେ ସର୍ବାଧିକ ଅର୍ଥ ଦେବାକୁ ପଡୁଛି। ଏହି କାରଣରୁ କମ୍ପାନୀର ଋଣଭାର ବଢ଼ିଚାଲିଛି। ଏହି କ୍ଷେତ୍ରରେ ଅଧିକ ଟିକସ ଆଦାୟ କରାଯାଉଛି।

–ବଲେଶ ଶର୍ମା, ସିଇଓ, ଭୋଡ଼ାଫୋନ-ଆଇଡିଆ



“ମାଇଣ୍ଡଟ୍ରି ପ୍ରତି ଶେୟାର ୨୦ ଟଙ୍କା ହିସାବରେ ଶେୟାରଧାରୀଙ୍କୁ ସ୍ୱତନ୍ତ୍ର ଲାଭାଂଶ ଦେବ। ଏଥିଯୋଗୁ ୩୨୦ କୋଟି ଟଙ୍କା ବ୍ୟୟ ହେବ।

– ରୋଷ୍ଟୋ ରାଭାନନ୍, ସିଇଓ-ଏମ୍‌ଡି, ମାଇଣ୍ଡଟ୍ରି

## ସଂକ୍ଷେପରେ

### ବଢ଼ିଲା ଅନିଲ ଅମ୍ବାନୀଙ୍କ ଅଡୁଆ



ନୂଆଦିଲ୍ଲୀ,୧୭-୪: ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅମ୍ବାନୀଙ୍କ ଅଡୁଆ ବଢୁଛି ପଛେ କମିବାର ନାଁ ଧରୁନି। ଏଚ୍‌ଏସ୍‌ବିସି ଡେଜି ଶେୟାରଧାରୀଙ୍କ ଦ୍ୱାରା ଦାୟର ଅବମାନନା ମାମଲାରେ ରାଷ୍ଟ୍ରୀୟ କମ୍ପାନୀ ଆଇନ ଅପିଲୀୟ ନ୍ୟାୟାଧିକରଣ(ଏନ୍‌ସିଏଲ୍‌ଏଟି) ଅନିଲଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। ଆସନ୍ତା ୧୦ ଦିନ ଭିତରେ ଜବାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ରିଲାଏନ୍ସ ଗ୍ରୁପ୍‌ର କମ୍ପାନୀ ଆର୍-ଇନ୍‌ଫ୍ରାଟେଲ ଦ୍ୱାରା ୨୩୦ କୋଟି ଟଙ୍କା ପ୍ରଦାନ କରିବାରେ ବିଫଳ ହେବାକୁ ନେଇ ଏଚ୍‌ଏସ୍‌ବିସି ଡେଜି ପକ୍ଷରୁ ଏନ୍‌ସିଏଲ୍‌ଏଟିରେ ଅପିଲ କରାଯାଇଛି। ଜଷ୍ଟିସ ଏସ୍.ଜେ. ମୁଖୋପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି। ଏଚ୍‌ଏସ୍‌ବିସି ଡେଜି ଇନଭେଷ୍ଟମେଣ୍ଟ(ମରିସସ୍) ଏବଂ କମ୍ପାନୀର କ୍ଷୁଦ୍ର ଶେୟାରଧାରୀଙ୍କ ପକ୍ଷରୁ ଦାଏର ଅଦାଲତ ଅବମାନନା ମାମଲାରେ ଖଣ୍ଡପୀଠ ଅନିଲ ଅମ୍ବାନୀଙ୍କ ଜବାବ ଜାଣିବାକୁ ଚାହାନ୍ତି। ସୂଚନାଥାଉ କି, ଏଚ୍‌ଏସ୍‌ବିସି ଓ କ୍ଷୁଦ୍ର ଶେୟାରଧାରୀଙ୍କୁ ରିଲାଏନ୍ସ ଇନଫ୍ରାଟେଲ ୨୩୦ କୋଟି ଟଙ୍କା ପ୍ରଦାନ କରିବାକୁ ଏନ୍‌ସିଏଲ୍‌ଏଟି ନିର୍ଦ୍ଦେଶ ଦେଇଥିଲେ। ତେବେ କମ୍ପାନୀ ଏହି ନିର୍ଦ୍ଦେଶ ପାଳନ କରିବାରେ ବିଫଳ ହୋଇଛି।

### ୟୁକୋ ବ୍ୟାଙ୍କର ନୂତନ ଆଞ୍ଚଳିକ ପ୍ରବନ୍ଧକ



ଭୁବନେଶ୍ୱର,୧୭-୪
ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ପ୍ରବନ୍ଧକ ଭାବେ ଟି.ଆର, ଚୋକଲିଙ୍ଗମ୍ କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଗୁଜରାଟର ଅହମ୍ମଦାବାଦ ଆଞ୍ଚଳିକ କାର୍ଯ୍ୟାଳୟରେ ଆଞ୍ଚଳିକ ପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ୧୯୮୧ରେ ସେ ୟୁକୋ ବ୍ୟାଙ୍କରେ କାର୍ଯ୍ୟ ଆରମ୍ଭ ସହ ତାମିଲନାଡୁ, ମହାରାଷ୍ଟ୍ର, କର୍ନାଟକ, କେରଳ, ଗୁଜରାଟ ଏବଂ ସିଙ୍ଗାପୁର ଭଳି ସ୍ଥାନରେ କାର୍ଯ୍ୟ କରିଛନ୍ତି। ବ୍ୟାଙ୍କିଙ୍ଗ କ୍ଷେତ୍ରରେ ତାଙ୍କର ଦୀର୍ଘ ୩୮ ବର୍ଷର ଅଭିଜ୍ଞତା ରହିଛି। ଜେନେରାଲ ବ୍ୟାଙ୍କିଙ୍ଗରେ ତାଙ୍କର ରୁଚି ରହିଛି। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଭୁବନେଶ୍ୱର ଅଞ୍ଚଳ ମଧ୍ୟରେ ରିଟେଲ, ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଗୁରୁତ୍ୱ ପ୍ରଦାନ ସହ ଏନ୍‌ପିଏ ହ୍ରାସ ଦିଗରେ ଉଦ୍ୟମ କରିବେ ବୋଲି କହିଛନ୍ତି।

### ନିଯୁକ୍ତି ସୁରକ୍ଷାରେ ସହାୟକ ନୁହେଁ ସଂରକ୍ଷଣବାଦ : ରାଜନ

ଜାତିସଂଘ,୧୭-୪
ବିଶ୍ୱର ଦେଶଗୁଡିକ ଆପଣାଉ ଥିବା ସଂରକ୍ଷଣବାଦ ନିଯୁକ୍ତି ସୁରକ୍ଷା ଦିଗରେ ବିଶେଷ ଭାବେ ସହାୟକ ହେବ ନାହିଁ। ଅପରପକ୍ଷରେ ଅଟୋମେଶନ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଯୋଗୁ ନିଯୁକ୍ତି ଉପରେ ପଡୁଥିବା ପ୍ରଭାବକୁ ଏହା ସାମାନ୍ୟ ପ୍ରତିହତ କରିବାକୁ ସକ୍ଷମ ହୋଇ ପାରେ ବୋଲି ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ମଙ୍ଗଳବାର କହିଛନ୍ତି। ଏଠାରେ ଚାଲୁଥିବା ଇକୋସୋକ୍-୨୦୧୯ କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ରାଜନ କହିଛନ୍ତି ଯେ, ଉଦ୍ୟୋଗୀକରଣ ଏବଂ ଜଗତୀକରଣ ଲାଭରୁ ବଞ୍ଚିତ ହୋଇଥିବା ଲୋକଙ୍କ ଗଣତାନ୍ତ୍ରିକ ମତକୁ ଶିକ୍ଷୋନ୍ନତ ଦେଶଗୁଡ଼ିକ ଅଣଦେଖା କରି ପାରିବେ ନାହିଁ। ଏପରି କରିବା ଦେଶଗୁଡିକ ଲାଗି ଭାରି ପଡିବ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମୁକ୍ତ ଏବଂ ଉଦାରଶୀଳ ବଜାର ବ୍ୟବସ୍ଥା ଯୋଗୁ ଗତ ୬ ଦଶନ୍ଧି ଧରି ବିଶ୍ୱ ଅନେକ ଲାଭ ପାଇଛି। ମାତ୍ର ଏହା ଉପରେ ଏବେ ବିଭିନ୍ନ ପ୍ରଭାବ ଆସିଛି।

# ବିମୁଦ୍ରୀକରଣ ପରେ ନିଯୁକ୍ତି ହରାଇଛନ୍ତି ୫୦ ଲକ୍ଷ

ନୂଆଦିଲ୍ଲୀ,୧୭-୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୬ ନଭେମ୍ବର ୮ରେ ବିମୁଦ୍ରୀକରଣ ଘୋଷଣା କଲେ। ଏହାଦ୍ୱାରା ଆତଙ୍କବାଦ, ଦୁର୍ନୀତି ଓ କଳାଧନ ଦେଶରୁ ଲୋପ ପାଇବ ବୋଲି ଦାବି କରା ଯାଇଥିଲା। ତେବେ ଅଚାନକ ୫୦୦ ଓ ୧୦୦୦ ଟଙ୍କିଆ ନୋଟ ବନ୍ଦ ହୋଇଯିବା କାରଣରୁ ଉଦ୍ୟୋଗ ଜଗତକୁ ଭାରି ଝଟକା ଲାଗିଥିଲା। ଲକ୍ଷ ଲକ୍ଷ କ୍ଷୁଦ୍ର ଶିଳ୍ପ ବନ୍ଦ ହୋଇଗଲା। ଏବେ ନିଯୁକ୍ତିକୁ ନେଇ ବେଙ୍ଗାଲୁରୁ ସ୍ଥିତ ଅଜିମ ପ୍ରେମଜୀ ୟୁନିଭର୍ସିଟିର ଏକ ଚାଞ୍ଚଲ୍ୟକର ରିପୋର୍ଟ ପଦାକୁ ଆସିଛି। ବିମୁଦ୍ରୀକରଣ ପରେ ୨୦୧୬ରୁ ୨୦୧୮ ମଧ୍ୟରେ ଦୁଇ ବର୍ଷରେ ୫୦ ଲକ୍ଷ ଲୋକ ଚାକିରି ହରାଇଥିଲେ ବୋଲି ରିପୋର୍ଟରେ କୁହାଯାଇଛି।

ସି ଏ ମ୍ ଅ ା ଇ ଇ - ସିପିଡିଏକ୍ସ ତଥ୍ୟକୁ ଆଧାରକରି ଅଜିମ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟ ଏହି ରିପୋର୍ଟ ପ୍ରସ୍ତୁତ କରିଛି। ରିପୋର୍ଟରେ କୁହାଯାଇଛି ଯେ, ବିମୁଦ୍ରୀକରଣ ଲାଗୁ ହେବା ସହିତ ନିଯୁକ୍ତି ହ୍ରାସ ଆରମ୍ଭ ହୋଇଥିଲା। ଜାରି କରାଯାଇଥିବା ‘ଷ୍ଟେଟ ଅଫ୍ ୱର୍କ ଇଣ୍ଡିଆ ୨୦୧୯’ ରିପୋର୍ଟରେ କୁହାଯାଇଛି ଯେ, ନିଯୁକ୍ତି ହରାଇବା ଦ୍ୱାରା ସାଧାରଣତଃ ପୁରୁଷଙ୍କ ଅପେକ୍ଷା ମହିଳା ଅଧିକ ପ୍ରଭାବିତ ହୋଇଥିଲେ। ଏଥିସହିତ ଶ୍ରମବଳ ଅଂଶଗ୍ରହଣକାରୀ ସଂଖ୍ୟା କମିଛି। ରିପୋର୍ଟରେ କୁହାଯାଇଛି ଯେ, ସାଧାରଣତଃ ୨୦୧୧ ପରେ ବେକାରି ସଂଖ୍ୟା ଧୀରେ ଧୀରେ ବଢ଼ିଛି। ବର୍ଷ ୨୦୧୮ରେ ମୋଟ ବେକାରି ହାର ୬% ଆଖପାଖରେ ଥିଲା, ଯାହା କି ୨୦୦୦ରୁ ୨୦୧୧ ମଧ୍ୟରେ ଦୁଇଗୁଣା ହୋଇଛି। ଏଥିରେ କୁହାଯାଇଛି ଯେ, ସହରାଞ୍ଚଳର ମହିଳାଙ୍କ ମଧ୍ୟରୁ କାର୍ଯ୍ୟ କରିବାର ବୟସରେ ଥିବା ଜନସଂଖ୍ୟାରେ ସ୍ନାତକ ମହିଳାଙ୍କ ହାର ୧୦% ରହିଛି। ସେମାନଙ୍କ ମଧ୍ୟରୁ ୩୪ ପ୍ରତିଶତ ବେକାର ହୋଇଛନ୍ତି। ୨୦ରୁ ୨୪ ବର୍ଷ ବୟସ ସମୂହରେ ସର୍ବାଧିକ ବେକାରି ଦେଖିବାକୁ ମିଳିଛି। ରିପୋର୍ଟ ଅନୁସାରେ ସହରାଞ୍ଚଳ ପୁରୁଷଙ୍କ ମଧ୍ୟରେ କାର୍ଯ୍ୟ କରିବା ବୟସର ପୁରୁଷଙ୍କ ହାର ଜନସଂଖ୍ୟାର ୧୩.୫% ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୬୦ ପ୍ରତିଶତ ନିଯୁକ୍ତି ହରାଇଥିଲେ। ଏହାଛଡ଼ା ଉଚ୍ଚ ଶିକ୍ଷାପ୍ରାପ୍ତଙ୍କ ମଧ୍ୟରେ ବେକାରି ବୃଦ୍ଧି ପାଇଥିବା ବେଳେ କମ୍ ପାଠ ପଢ଼ିଥିବା ଚାକିରିରତ ବ୍ୟକ୍ତି ନିଯୁକ୍ତ ହରାଇଥିଲେ। ୨୦୧୬ର ତୃତୀୟ




ତ୍ରୈମାସ ଅର୍ଥାତ୍ ସେପ୍ଟେମ୍ବରରୁ ଡିସେମ୍ବର ମଧ୍ୟରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଲେବର ପାର୍ଟିସିପେଶନ ଫୋର୍ସ ଅଂଶଗ୍ରହଣ ଅଚାନକ ହ୍ରାସ ପାଇବା ଦେଖାଯାଇଥିଲା। ଏହାର ଅର୍ଥ ସେପ୍ଟେମ୍ବର ୨୦୧୬ରୁ ହଠାତ୍ ନିଯୁକ୍ତି ହ୍ରାସ ପାଇବାକୁ ଲାଗିଲା। ତେବେ ୨୦୧୭ ଦ୍ୱିତୀୟ ତ୍ରୈମାସରେ ଏହି ହାର ସାମାନ୍ୟ କମିଥିଲା। ପରେ ନିଯୁକ୍ତି ସଂଖ୍ୟା କ୍ରମାଗତ କମିବାରେ ଲାଗିଲା ଏବଂ ଏଥିରେ କୌଣସି ସୁଧାର ହେବାର ଦେଖାଯାଇ ନ ଥିଲା। କାମ କରିବାର ସୁଯୋଗ ଧୀରେ ଧୀରେ ହ୍ରାସ ପାଇଥିଲା। ରିପୋର୍ଟରେ କୁହାଯାଇଛି ଯେ, ଗତ ୩ ବର୍ଷକୁ ଧରାଗଲେ ଜାନୁୟାରୀ-ଏପ୍ରିଲ ୨୦୧୬ରୁ ସେପ୍ଟେମ୍ବର-ଡିସେମ୍ବର ୨୦୧୮ ପର୍ଯ୍ୟନ୍ତ ସହରାଞ୍ଚଳ ପୁରୁଷ ଏଲ୍‌ଏଫପିଆର୍ ହାର ୫.୮% ରହିଥିଲା। ଏଥିରେ ବିମୁଦ୍ରୀକରଣ ଯୋଗୁ ଭବିଷ୍ୟତରେ ନିଯୁକ୍ତି ସଙ୍କଟ ସୃଷ୍ଟି ହୋଇପାରେ ବୋଲି ଚେତାବନୀ ଦିଆଯାଇଛି। ବର୍ଷ ୨୦୧୬ରୁ ୨୦୧୮ ମଧ୍ୟରେ ଦେଶରେ କାମ କରିବାର ପୁରୁଷଙ୍କ ସଂଖ୍ୟାରେ ୧୬.୧ ମିଲିୟନ ବୃଦ୍ଧି ହୋଇଥିଲା। ଅନ୍ୟପକ୍ଷରେ ଏହି ସମୟରେ ୫ ମିଲିୟନ ଅର୍ଥାତ୍ ୫୦ ଲକ୍ଷ ବେକାର ହୋଇଥିଲେ ବୋଲି ରିପୋର୍ଟରେ ସ୍ପଷ୍ଟ କରାଯାଇଛି। ବିମୁଦ୍ରୀକରଣର ସବୁଠାରୁ ଅଧିକ ପ୍ରଭାବ ଅସଂଗଠିତ କ୍ଷେତ୍ର ଉପରେ ପଡିଥିଲା। ଜିଏସ୍‌ଟି ଲାଗୁ ହେବା ପରେ ଏହି ସେକ୍ଟର ଅବସ୍ଥା ସଙ୍ଗୀନ ହୋଇଥିଲା। ଏହି ସେକ୍ଟରରେ କାର୍ଯ୍ୟରତ କର୍ମଚାରୀଙ୍କୁ ସର୍ବାଧିକ ସଂଖ୍ୟାରେ ନିଯୁକ୍ତି ହରାଇବାକୁ ପଡ଼ିଥିଲା। ଷ୍ଟେଟ ଅଫ ୱର୍କ ଇଣ୍ଡିଆ ୨୦୧୯ ରିପୋର୍ଟ ପ୍ରସ୍ତୁତ କରିଥିବା ମୁଖ୍ୟ ଲେଖକ ତଥା ପ୍ରଫେସର ଅମିତ ବସୋଲେଙ୍କ କହିବାନୁସାରେ ରିପୋର୍ଟକୁ ସେପ୍ଟେମ୍ବର ୨୦୧୬ରୁ ଡିସେମ୍ବର ୨୦୧୬ ଏବଂ ସେପ୍ଟେମ୍ବର-ଡିସେମ୍ବର ୨୦୧୮ ଡାଟା ଆଧାରରେ ତିଆରି କରାଯାଇଛି। ତାଙ୍କ ମତରେ ନ୍ୟାଶନାଲ ସାମ୍ପଲ ସର୍ଭେ ଅର୍ଗାନାଇଜେଶନ (ଏନ୍‌ଏସ୍‌ଏସଓ) ରିପୋର୍ଟରେ ଦେଶରେ ବେକାରି ସଂଖ୍ୟା ୪୫ ବର୍ଷର ଶୀର୍ଷରେ ପହଞ୍ଚିଯାଇଛି ଏବଂ ୨୦୧୭-୧୮ରେ ୬.୧% ରହିଛି। ସୂଚନାଥାଉ କି, ନିଯୁକ୍ତି ହ୍ରାସ ଏବେ ସାଧାରଣ ନିର୍ବାଚନର ଅନ୍ୟତମ ମୁଖ୍ୟ ପ୍ରସଙ୍ଗ ହୋଇଥିବା ବେଳେ ଏହି ରିପୋର୍ଟ ବିରୋଧୀ ଦଳଗୁଡ଼ିକ ପାଇଁ ଏକ ଅସ୍ତ୍ର ହେବାକୁ ଯାଉଛି। ଏହି ରିପୋର୍ଟକୁ ଭିତ୍ତି କରି ସେମାନେ କ୍ଷମତାସୀନ ଏନ୍‌ଡିଏ ସରକାରଙ୍କୁ ନିଶ୍ଚିତ ଟାର୍ଗେଟ କରିବେ, ଏଥିରେ ତିଳେ ହେଲେ ସନ୍ଦେହ ନାହିଁ।

## ଗୁଗଲ, ଆପଲ ଆପ୍ ଷ୍ଟୋରରୁ ହଟିଲା ଟିକ୍‌ଟକ୍

ନୂଆଦିଲ୍ଲୀ,୧୭-୪



ଗୁଗଲ ଏବଂ ଆପଲ ନିଜର ଆପ୍ ଷ୍ଟୋରରୁ ଟିକଟକ ଆପ୍‌କୁ ହଟାଇ ଦେଇଛି। ମାଡ୍ରାସ ହାଇକୋର୍ଟ ଭାରତରେ ଏହି ଆପ୍‌କୁ ବ୍ୟାନ କରିବା ପରେ ଏଥିରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରି ନ ଥିଲେ। ଫଳରେ ଏବେ ଏହି ଆପ୍‌କୁ ହଟାଇ ଦେବା ଲାଗି ଗୁଗଲ ଓ ଆପଲ ବାଧ୍ୟ ହୋଇଛି। ଗୁଗଲ ପ୍ଲେ ଷ୍ଟୋର ଓ ଆପଲ୍‌ର ଆପ୍ ଷ୍ଟୋରରେ ଏବେ ଟିକଟକକୁ ଖୋଜିଲେ ମିଳୁ ନାହିଁ। ସୂଚନାଥାଉ କି, ମାଡ୍ରାସ ହାଇକୋର୍ଟ ଏପ୍ରିଲ ୩ରେ ଏହି ଆପ୍‌କୁ ବ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ କେନ୍ଦ୍ର ସରକାର ଏ ଦିଗରେ ପଦକ୍ଷେପ ନେବାକୁ କହିଥିଲେ। ଏହି ମୋବାଇଲ ଆପ୍ ଜରିଆରେ ପର୍ନୋଗ୍ରାଫି ଏବଂ ଆପତ୍ତିଜନକ ସାମଗ୍ରୀ ଉପଲବ୍ଧ କରାଯାଉଛି ବୋଲି ମିଡିଆ ରିପୋର୍ଟକୁ ଆଧାର କରି ହାଇକୋର୍ଟ ରାୟ ଦେଇଥିଲେ। ମିଡିଆ ମଧ୍ୟ ଟିକଟକ ଆପ୍ ନ ଚଳାଇବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ମାଡ୍ରାସ ହାଇକୋର୍ଟ ରାୟ ଓ ସୁପ୍ରିମକୋର୍ଟ ରହିତାଦେଶ ଦେବାକୁ ମନା କରିଦେବା ପରେ ମଧ୍ୟ ଟିକଟକ ପ୍ରସାରଣ ଜାରି ରହିଥିଲା। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଗୁଗଲ ଓ ଆପଲକୁ ହାଇକୋର୍ଟ ରାୟ ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ପୂର୍ବରୁ ଡାଉନଲୋଡ୍ ହୋଇଥିବା ଏହି ଆପ୍ ପ୍ରସାରଣ ସମ୍ଭବ ହେଉଥିବାରୁ ହାଇକୋର୍ଟ ରାୟ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରିବା ସମ୍ଭବ ହେବ ନାହିଁ ବୋଲି କୁହାଯାଉଛି। ବର୍ତ୍ତମାନର ବ୍ୟବହାରକାରୀ ଏହାକୁ ଶେୟାରଇଟ୍ ଭଳି ଆପ୍ ଜରିଆରେ ଶେୟାର କରିପାରିବେ। ଶେୟାର ହେବା ପରେ ଜଣେ ନୂଆ ବ୍ୟବହାରକାରୀ ଏହାକୁ ଇନ୍‌ଷ୍ଟଲ କରି ବ୍ୟବହାର କରିପାରିବେ। ଏହାକୁ ରୋକାଯିବା ଆବଶ୍ୟକ। ସୂଚନାଥାଉ କି, ଚାଇନାର ଏହି ଆପ୍ ଭାରତରେ ଯୁବବର୍ଗଙ୍କ ଭିତରେ ବେଶ୍ ଲୋକପ୍ରିୟ ହୋଇପାରିଛି।

## ପରିବର୍ତ୍ତିତ ମାର୍ଗରେ ଯିବ ସମ୍ବଲପୁର, ବିଶାଖାପାଟଣା-ନାନ୍ଦେଦ ଏକ୍ସପ୍ରେସ

ଭୁବନେଶ୍ୱର,୧୭-୪
ସମ୍ବଲପୁର-ନାନ୍ଦେଦ-ସମ୍ବଲପୁର ଏବଂ ବିଶାଖାପାଟଣା-ନାନ୍ଦେଦ-ବିଶାଖାପାଟଣା ତ୍ରିସାପ୍ତାହିକ ଏକ୍ସପ୍ରେସ ଚଳିତ ମାସ ୪ର୍ଥ ସପ୍ତାହଠାରୁ ପରିବର୍ତ୍ତିତ ମାର୍ଗ ଦେଇ ଯିବ। ଏହା ବିଜୟୱାଡା ପରିବର୍ତ୍ତେ ଗୁଣ୍ଟାଲା-ରାୟନାପଡୁ ମାର୍ଗ ଦେଇ ଚଳାଚଳ କରିବ। ରାୟନାପଡୁଠାରେ ଏହି ଏକ୍ସପ୍ରେସର ରହଣି ବ୍ୟବସ୍ଥା କରାଯାଇଛି। ୨୨ ତାରିଖଠାରୁ ସମ୍ବଲପୁରରୁ ଛାଡିବାକୁ ଥିବା ସମ୍ବଲପୁର ନାନ୍ଦେଦ ଏବଂ ୨୩ ତାରିଖଠାରୁ ବିଶାଖାପାଟଣା-ନାନ୍ଦେଦ ତ୍ରିସାପ୍ତାହିକ ଏକ୍ସପ୍ରେସ ରାୟନାପଡୁଠାରେ ସ୍ଥିରୀକୃତ ଦିନ ମାନଙ୍କରେ ରାତ୍ର ୨.୪୦ ମିନିଟରେ ପହଞ୍ଚି ୨.୪୫ରେ ନାନ୍ଦେଦ ଯାତ୍ରା କରିବ। ଫେରିବା ବାଟରେ ଏହା ନାନ୍ଦେଦ ସମ୍ବଲପୁର ଏବଂ ୨୪ର ନାନ୍ଦେଦ ବିଶାଖାପାଟଣା ରାୟନାପଡୁଠାରୁ ସ୍ଥିରୀକୃତ ଦିନ ମାନଙ୍କରେ ରାତ୍ର ୩.୩୫ ମିନିଟରେ ପହଞ୍ଚି ୩.୪୦ ମିନିଟରେ ଯଥାକ୍ରମେ ସମ୍ବଲପୁର ଏବଂ ବିଶାଖାପାଟଣା ଯାତ୍ରା କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

# ଓଡ଼ିଶାରେ ଉତ୍ପାଦନ ହେବ ଇ-ସ୍କୁଟର

ଭୁବନେଶ୍ୱର,୧୭-୪





ଓଡ଼ିଶାରେ ପ୍ରଥମଥର ଲାଗି ଇ-ସ୍କୁଟର ଉତ୍ପାଦନ ହେବ। ଓମ୍‌ଜୟ ଇଭି ଲିମିଟେଡ ଏହି ଇ-ଯାନଗୁଡ଼ିକୁ ଉତ୍ପାଦନ କରିବାକୁ ଯୋଜନା ରହିଛି। ଯାଜପୁର ଜିଲାର ବଡଚଣାଠାରେ ମଡେଲଗୁଡ଼ିକ ମାନୁଫାକଚରିଂ କରାଯିବ। ଏଠାରେ କମ୍ପାନୀ ଏକ ବିଶ୍ୱ ସ୍ତରୀୟ ଫାସିଲିଟି ସ୍ଥାପନ କରିଛି। ଏଥି ଲାଗି ରାଜ୍ୟ ସରକାର ସମସ୍ତ ପ୍ରକାରର ମଞ୍ଜୁରୀ ଦେଇଛନ୍ତି। ଇଭି ବ୍ରାଣ୍ଡରେ ପ୍ରାଥମିକ ପର୍ଯ୍ୟାୟରେ ୪ଟି ମଡେଲର ସ୍କୁଟର କମ୍ପାନୀ ବଜାରକୁ ଛାଡିବ। ଆଗାମୀ ଦିନରେ ମୋଟ ୧୫ଟି ମଡେଲ ଆଣିବାକୁ ଏହା ଯୋଜନା ରଖିଛି। ମଡେଲଗୁଡ଼ିକ ଶୀଘ୍ର ବଜାରରେ ଉପଲବ୍ଧ କରାଇବାକୁ କମ୍ପାନୀ ପକ୍ଷରୁ ଯୋଜନା ଧାର୍ଯ୍ୟ ହୋଇଛି। ଯାନଗୁଡ଼ିକ ପରିବେଶ ଉପଯୋଗୀ ହୋଇଥିବା ବେଳେ ପ୍ରଦୂଷଣ ନିରୋଧୀ, ଚଳନାରେ ସୁଗମତା, ନିର୍ଗମନ ବିହୀନ, ସୁଲଭ ମୂଲ୍ୟ, ପରିଚାଳନା ସୁଗମତା ଏବଂ ୟୁଜର ଫ୍ରେଣ୍ଡଲି ଭଳି ପ୍ରମୁଖ ବୈଶିଷ୍ଟ୍ୟ ସହ ଆସୁଛି। ଗ୍ରାହକଙ୍କ ଚାହିଦାକୁ ଦେଖି ମଡେଲଗୁଡ଼ିକ ଡିଜାଇନ କରାଯାଇଛି। ଏଥି ଲାଗି ବିଶେଷଜ୍ଞଙ୍କ ପରାମର୍ଶ ଗ୍ରହଣ କରାଯିବା ସହ ଗବେଷଣାକୁ ପ୍ରାଥମିକତା ଦିଆଯାଇଛି। ଏହା ଘରୋଇ ବଜାରର ଇ-ମୋବିଲିଟି କ୍ଷେତ୍ରରେ ଏକ ବିପ୍ଳବ ସୃଷ୍ଟି କରିବ ବୋଲି ଭାରତ ଗ୍ରୁପର ଅଧ୍ୟକ୍ଷ ଜୟପ୍ରକାଶ ଦିଦ୍‌ୱାନିଆ ସୂଚନା ଦେଇଛନ୍ତି। ସବୁ ବୟସ ବର୍ଗର ଗ୍ରାହକଙ୍କୁ ଧ୍ୟାନରେ ରଖି ବିସ୍ତୃତ ରେଞ୍ଜର ପ୍ରଡକ୍ଟ କମ୍ପାନୀ ପ୍ରସ୍ତୁତ କରୁଛି। ସେହିଭଳି ସାରାଦେଶରେ ଏଥିଲାଗି ଡିଲର ନିଯୁକ୍ତ କରିବାକୁ ଯୋଜନା ମଧ୍ୟ ରହିଛି। ପ୍ରାଥମିକ ପର୍ଯ୍ୟାୟରେ ୨୫୦ ଡିଲର ନିଯୁକ୍ତ କରାଯିବ ବୋଲି ଦିଦ୍‌ୱାନିଆ କହିଛନ୍ତି।

## ରିୟଲ ଲାଇଫ୍‌କୁ ନେଇ ସିନେମା କରିବ ଫିଲ୍ମ କିଡା

ମୁମ୍ବାଇ,୧୭-୪

ବ୍ୟବସାୟିକ ସିନେମା ପ୍ରସ୍ତୁତିରେ ନିଜର ଛାପ ଛାଡିବା ପରେ ଫିଲ୍ମ କିଡା ପ୍ରଡକ୍ସନ ହାଉସ ବର୍ତ୍ତମାନ ରିୟଲ ଲାଇଫ ଷ୍ଟୋରିକୁ ନେଇ ସିନେମା କରିବ। ଦର୍ଶକଙ୍କ ପସନ୍ଦ ଆସିବା ଭଳି କଣ୍ଟେଣ୍ଟ ଉପରେ କାର୍ଯ୍ୟ କରିବାକୁ ପ୍ରଡକ୍ସନ ହାଉସ ଲକ୍ଷ୍ୟ ରଖିଛି। କିଛି ଦିନ ତଳେ ରିଲିଜ ହୋଇଥିବା ସିନେମା ମିଲନ ଟକିଜ୍ ବ୍ୟବସାୟିକ ସଫଳତା ହାସଲ କରିଥିଲା। ଭଲ ଷ୍ଟୋରି ଦର୍ଶକଙ୍କୁ ଭେଟିଦେବାକୁ ଉଦ୍ୟମ ଜାରି ରହିଥିବା ଫିଲ୍ମ କିଡା ପ୍ରଡକ୍ସନର ପ୍ରତିଷ୍ଠାତା ପି.ଏସ୍,ଛୋଟୱାଲ ସୂଚନା ଦେଇଛନ୍ତି।

# ସାମୟିକ ବନ୍ଦ ହେଲା ଜେଟ୍

ନୂଆଦିଲ୍ଲୀ,୧୭-୪

ଋଣରେ ବୁଡ଼ି ଯାଇଥିବା ଜେଟ୍ ଏୟାରୱେଜରେ ଦୀର୍ଘ ୨୫ ବର୍ଷ ପରେ ତାଲା ଝୁଲିଲା। ପରିଚାଳନା ବ୍ୟବସ୍ଥାକୁ ଜିଇଁ ରଖିବା ଲାଗି କମ୍ପାନୀ ମ୍ୟାନେଜମେଣ୍ଟ ବ୍ୟାଙ୍କ ଗୁଡ଼ିକ (ଋଣପ୍ରଦାନକାରୀ) ଠାରୁ ଜରୁରିକାଳୀନ ଭିତ୍ତିରେ ୪୦୦ କୋଟି ଟଙ୍କା ଦେବାକୁ କହିଥିଲେ। କିନ୍ତୁ ସେମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ବୁଧବାର ରାତିରୁ ଜେଟ୍ ଏୟାରୱେଜ ସମସ୍ତ ଉଡ଼ାଣକୁ ସାମୟିକ ଭାବେ ସ୍ଥଗିତ କରିଦେଇଛି। ଏଭଳି ଭାବେ ବୁଧବାର ରାତିରୁ ଜେଟ୍‌ରେ ପରିଚାଳନା ବନ୍ଦ ହୋଇଯାଇଛି। ବୁଧବାର ରାତି ୧୦.୩୦ରେ ମୁମ୍ବାଇରୁ ଦିଲ୍ଲୀରେ ଜେଟ୍‌ର ଶେଷ ଫ୍ଲାଇଟ ୯ଡବ୍ଲ୍ୟୁ-୨୫୦୨ ପହଞ୍ଚିଥିଲା। ତେବେ ଏହା ପୁନର୍ବାର କେବେ ଠାରୁ କାର୍ଯ୍ୟକ୍ଷମ ହେବ କେହି ଜାଣିନାହାନ୍ତି। ନୂଆ ମ୍ୟାନେଜମେଣ୍ଟ, ନୂଆ ମାଲିକ ଆସିବା ପରେ ହିଁ ପୁଣିଥରେ ଏହାର ବିମାନ ଉଡ଼ିବ ବୋଲି ଆଶାକରାଯାଉଛି। ମାତ୍ର କେଇ ଦିନ ପୂର୍ବେ ଜେଟ୍ ୨୬ ବର୍ଷର ଉଡ଼ାଣ ଯାତ୍ରା ପୂର୍ଣ୍ଣ କରି ଘରୋଇ ବିମାନ କ୍ଷେତ୍ରରେ ସର୍ବାଧିକ ଉଡ଼ିବାର ରେକର୍ଡ ହାସଲ କରିଥିଲା। ସିଇଓ ବିନୟ ଦୁବେ କର୍ମଚାରୀଙ୍କୁ ଭାବବିହ୍ୱଳ ଇ-ମେଲ୍ ପଠାଇ କମ୍ପାନୀର ନିଷ୍ପତ୍ତି ସମ୍ପର୍କରେ

**ଜରୁରୀ ପାଣ୍ଠି ଦେଲେନି ଋଣପ୍ରଦାନକାରୀ**

- ୪୦୦ କୋଟିର ଜରୁରୀ ପାଣ୍ଠି ମାଗିଥିଲା ମ୍ୟାନେଜମେଣ୍ଟ
- ଶେଷ ଫ୍ଲାଇଟ ଉଡ଼ିଲା ବୁଧବାର ରାତି ୧୦.୩୦ଟାରେ
- ପୁଣି କେବେ ଉଡ଼ିବ ଜଣାନାହିଁ




- କର୍ମଚାରୀଙ୍କୁ ଭାବବିହ୍ୱଳ ପତ୍ର ଲେଖିଲେ ସିଇଓ
- ପରମିଟ ବାତିଲ ହୋଇଯିବା ସମ୍ଭାବନା

ଜଣାଇ ଦେଇଥିଲେ। ସେଥିରେ ସେ ଲେଖିଥିଲେ ଯେ, ଉଡାଣ ଜାରି ରଖିବା ଲାଗି ଜରୁରୀ ପାଣ୍ଠି ଯୋଗାଇବାକୁ କମ୍ପାନୀ ପକ୍ଷରୁ ବାରମ୍ବାର ଅନୁରୋଧ କରାଯିବା ସତ୍ତ୍ୱେ ବ୍ୟାଙ୍କଗୁଡ଼ିକ ଏହା ଶୁଣି ନଥିଲେ। ଏଣୁ ଆଉ ବିମାନ ଉଡ଼ାଣ ସମ୍ଭବ ନୁହେଁ। ଜେଟ୍‌ର ଶେଷ ବିମାନ ଉଡ଼ାଣ ଦୁଇଟି କାରଣରୁ ପ୍ରତୀକାତ୍ମକ ଥିଲା। ବୁଧବାର ମୁମ୍ବାଇରୁ ବୋଇଂ ୭୩୭ ବିମାନ ଦିଲ୍ଲୀରେ ପହଞ୍ଚିବା ପରେ ସମସ୍ତ ଉଡ଼ାଣ ବନ୍ଦ କରାଯାଇଥିଲା। ୧୯୯୩ ମେ ୫ରେ ଏଭଳି ଏକ ବୋଇଂ ବି୭୩୭ ବିମାନ ମୁମ୍ବାଇରୁ ଅହମ୍ମଦାବାଦ୍ ଉଡ଼ିଥିଲା, ଯାହା କି ଜେଟ୍ ଏୟାରୱେଜର ପ୍ରଥମ ଫ୍ଲାଇଟ ଥିଲା। ସୂଚନାଥାଉ କି, ମଙ୍ଗଳବାର ଜେଟ୍ ବୋର୍ଡର ବୈଠକ ବସି ସିଇଓ ଦୁବେଙ୍କୁ ନିଷ୍ପତ୍ତି ନେବାର ପୂର୍ଣ୍ଣ କ୍ଷମତା ଦେଇଥିଲା। ଜରୁରିକାଳୀନ ଭିତ୍ତିରେ ୪୦୦ କୋଟି ଟଙ୍କା ସହାୟତା ମାଗିବାକୁ ନିଷ୍ପତ୍ତି ହୋଇଥିଲା। ଏହା ନ ମିଳିଲେ ଯେ କୌଣସି ସମୟରେ କମ୍ପାନୀରେ ତାଲା ଝୁଲାଇବାକୁ ଦୁବେଙ୍କୁ କ୍ଷମତା ପ୍ରଦାନ କରାଯାଇ ଥିଲା। ଅନ୍ୟପକ୍ଷରେ ଜେଟ୍‌ର ପରମିଟ ରଦ୍ଦ ହୋଇଯିବାର ବିପଦ ରହିଛି। କାରଣ ପରମିଟ ଜାରି ରଖିବାକୁ ହେଲେ ଅତିକମ୍‌ରେ ୫ ବିମାନ ଚଳାଇବାକୁ ହେବ। ଜରୁରୀ ପାଣ୍ଠି ନ ମିଳିବାରୁ କର୍ମଚାରୀଙ୍କ ମଧ୍ୟରେ ନୈରାଶ୍ୟ ଖେଳି ଯାଇଛି। ସେମାନଙ୍କର ସବୁ ଆଶା ମଉଳିଯାଇଥିବା କର୍ମଚାରୀମାନେ କହିଛନ୍ତି। ଉଲ୍ଲେଖଥାଉ କି, ଜେଟ୍ ଉପରେ ଏବେ ପ୍ରାୟ ୮ ହଜାର କୋଟି ଟଙ୍କାର ଋଣ ରହିଛି।

## ଘରୋଇ କମ୍ପାନୀଙ୍କ ପ୍ରତି ଭେଦଭାବ: ମାଲ୍ୟା

ନୂଆଦିଲ୍ଲୀ,୧୭-୪



ବିଜୟ ମାଲ୍ୟା।

ଜେଟ୍ ଏୟାରୱେଜ ବନ୍ଦ ହୋଇଯାଇଛି। ଏହାକୁ ନେଇ କିଙ୍ଗଫିଶର ଏୟାରଲାଇନ୍ସ ପୂର୍ବତନ ମାଲିକ ତଥା ମଦ ବ୍ୟବସାୟୀ ବିଜୟ ମାଲ୍ୟା ଦୁଃଖ ପ୍ରକାଶ କରିଛନ୍ତି। ଘରୋଇ ଏୟାରଲାଇନ୍ସକୁ ନେଇ କେନ୍ଦ୍ର ସରକାରଙ୍କ ଭେଦଭାବ ନୀତିକୁ ସେ ତୀବ୍ର ସମାଲୋଚନା କରିଛନ୍ତି। ସରକାର କ୍ଷତିରେ ଚାଲିଥିବା ଏୟାର ଇଣ୍ଡିଆକୁ ୩୫ ହଜାର କୋଟି ଟଙ୍କା ଦେଇ ସହାୟତା କରିଥିବା ବେଳେ କିଙ୍ଗ୍‌ଫିଶର ଏୟାରଲାଇନ୍ସ ଏବଂ ଜେଟ୍ ଏୟାରୱେଜକୁ ସଙ୍କଟରୁ ବାହାରି ଆସିବାରେ କୌଣସି ସହାୟତା କରିନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଜେଟ୍ ଏୟାରୱେଜ ସଙ୍କଟକୁ ନେଇ ମାଲ୍ୟା ବୁଧବାର ଗୋଟିଏ ପରେ ଗୋଟିଏ ଟୁଇଟ କରିଥିଲେ। ସେ ଲେଖିଛନ୍ତି ଯେ, ଏକଦା କିଙ୍ଗ୍‌ଫିଶରର ବଡ଼ ପ୍ରତିଦ୍ୱନ୍ଦ୍ୱୀ ଥିଲା ଜେଟ୍। କିନ୍ତୁ ତାଙ୍କ ମନରେ ନରେଶ ଏବଂ ନୀତା(ଅନୀତା) ଗୋୟଲଙ୍କ ପ୍ରତି ସହାନୁଭୂତି ରହିଛି। ସେମାନେ ଜେଟ୍ ଏୟାରୱେଜ ଛିଡା କରିଥିଲେ, ଯାହାକୁ ନେଇ ଭାରତ ଅତ୍ୟନ୍ତ ଗୌରବାନ୍ୱିତ ହେବା କଥା। ଏଭଳି ଏକ ଭଲ ଏୟାରଲାଇନ ଗୁରୁତ୍ୱପୂର୍ଣ୍ଣ ରୁଟ୍‌ରେ ଏବଂ ଭଲ ସେବା ଯୋଗାଇ ଆସୁଛି। କିନ୍ତୁ ବର୍ତ୍ତମାନ ଏକ ବଡ଼ ଏୟାରଲାଇନର ବିଫଳତା ଦେଖି ତାଙ୍କୁ ଦୁଃଖ ଲାଗୁଛି। ଭାରତରେ ଏତେ ମାତ୍ରାରେ ଏୟାରଲାଇନ କମ୍ପାନୀ ଭୁଶୁଡି ପଡିବାର କାରଣ କ’ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ପିଏସ୍‌ୟୁ ହେବା ଭେଦଭାବର ଆଧାର ହୋଇ ନ ପାରେ। ମାଲ୍ୟା କହିଛନ୍ତି ଯେ, ସେ କିଙ୍ଗଫିଶରରେ ବଡ଼ ଧରଣର ନିବେଶ କରିଥିଲେ।

**N.P.C.C. Ltd.**
एन पी सी सी NPCC PROJECT EXCELLENCE SINCE 1957
(A Govt. of India Enterprises)
Bhubaneswar Zonal Office: Plot No.: VII-HIG/59, Sailashree Vihar, Bhubaneswar-751021, Odisha.

**NOTICE INVITING TENDER**

E-tenders are invited under two bid system from the interested Construction agencies for the following works by **06.05.2019** (completion period is 12 months):
NIT No.600105/BZO/STSC/NIT/47 Date: 18.04.2019
Construction of 120 seated hostel for ST girls in Government ITIs in Mayurbhanj and Sundargarh District, Odisha (Package-V(a)) of estimated cost Rs 3.25 Cr
&
NIT No. 600105/BZO/STSC/NIT/48 Date: 18.04.2019
Construction of 120 seated hostel for ST girls in Government ITIs in Koraput and Malkangiri District, Odisha (Package-V(b)) of estimated cost Rs 3.27 Cr
For further details please visit our official website.
www.npcc.gov.in,https://npcc.tenderpro.in
*Zonal Manager*

**CHILIKA DEVELOPMENT AUTHORITY**

**Advertisement No.753** **Dated:12.04.2019**
Office of the Chilika Development Authority, Plot No.493(P), Palaspalli, Pokhariput Road, Bhubaneswar, Pin-751020, Dist-Khurda, **Ph. No.91-674-2434044, Fax No.91-674-2434485,** Email ID: **Chilika@Chilika.com.** Chilika Development Authority, Bhubaneswar invites quotations for repair of water purification instrument at WRTC, Chandraput. The detailed information are available in the website of Chilika Development Authority **www.Chilika.com.**

1. Date & Time of submission of quotation - 2.30 P.M. on 26.04.2019.
2. Opening of quotation - 3 P.M. on 26.04.2019.

***Sd./- Chief Executive,***
***Chilika Development Authority,***
***Bhubaneswar***

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶଶୋଭା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ,
ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା 11043 /ଭୁ.ଉ.କ., ଭୁବନେଶ୍ୱର ତା17.04.19 ରିଖ
NSDH 364/01

**ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗାଡକଣସ୍ଥିତ ନେତାଜୀ ସୁଭାଷ ଏନ୍‌କ୍ଲେଭ୍ ଗୃହ ନିର୍ମାଣ ପ୍ରକଳ୍ପରେ ଗୃହ ନଂ-HIG Deluxe Flat No.G-11 କୁ ଶ୍ରୀ ସୁଭାରୁନ୍ ବାନାର୍ଜୀ, ପିତା-ପ୍ରଣବ କୁମାର ବାନାର୍ଜୀ, ଗ୍ରାମ/ପୋଅ/ଥାନା/ଜିଲ୍ଲା-ଦୁର୍ଗାପୁର, (West Bengal) ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଶ୍ରୀ ସୁଭାରୁନ୍ ବାନାର୍ଜୀ ଉକ୍ତ ଗୃହ (Flat) କୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ମୃତ୍ୟୁଞ୍ଜୟ ଦାଶ, ପିତା-ମହାଦେବ ଦାଶ, ଗ୍ରାମ-କୋଇଲାମା, ପୋଷ୍ଟ-ସାରଙ୍ଗଧରପୁର, ଜିଲ୍ଲା-ନୟାଗଡ଼, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହ (Flat) ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା’ହେଲେ ଏହି ନୋଟିସ ପ୍ରକାଶନର ପନ୍ଦରଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହ (Flat) ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

**ସ୍ୱା./- ଆବଣ୍ଟନ ଅଧିକାରୀ-୧**
**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର**



“ ମଙ୍ଗଳବାର ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିବା ସହ ଆମ ଦଳ ଠିକଣା ସମୟରେ ଆଇପିଏଲକୁ ପ୍ରତ୍ୟାବର୍ତ୍ତନ କରିଛି ।

–ରବିଚନ୍ଦ୍ରନ ଅଶ୍ୱିନ, କିଙ୍ଗ୍ସ ଇଲେଭେନ ପଞ୍ଜାବ ଅଧିନାୟକ

“ ଚାମ୍ପିୟନ୍ସ ଲିଗ୍‌ରେ ଆଉ ଏକ ବିପର୍ଯ୍ୟୟ ସତ୍ତ୍ୱେ ଆସନ୍ତା ସିଜନରେ ମୁଁ ଜୁଭେଣ୍ଟସ ଫୁଟ୍‌ବଲ ଦଳ ସହିତ ରହିବାକୁ ସ୍ଥିର କରିଛି ।

–ମାସିମିଲିଆନୋ ଆଲେଜେରି, ଜୁଭେଣ୍ଟସ କୋଚ୍



## ସଂକ୍ଷେପରେ

### ବଜରଙ୍ଗ ପୁଣି ବିଶ୍ୱର ନମ୍ବର ୱାନ

ନୂଆଦିଲ୍ଲୀ, ୧୭।୪ (ପି.ଟି.)-ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ ତରଫରୁ ବୁଧବାର ର୍‍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ଏଥିରେ ଭାରତୀୟ କୁସ୍ତି ଯୋଦ୍ଧା ବଜରଙ୍ଗ ପୁନିଆ ପୁରୁଷ ୬୫ କେଜି ଶ୍ରେଣୀରେ ନମ୍ବର ୱାନ ସ୍ଥାନକୁ ଫେରିଛନ୍ତି। ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ବ୍ୟତୀତ ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଥିବା ୨୫ ବର୍ଷୀୟ ବଜରଙ୍ଗ ୫୮ ର୍‍ୟାଙ୍କିଙ୍ଗ ପଏଣ୍ଟ ଅର୍ଜନ ସହ ରୁଷିଆର ଅଖମେଦ ଚାକେଭଙ୍କଠାରୁ ଆଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଚାକେଭ ୨୧ପଏଣ୍ଟ ଅର୍ଜନ କରିଛନ୍ତି। ଏପ୍ରିଲ ୨୩ରୁ ଚାଇନାରେ ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍ ହେବ। ବଜରଙ୍ଗ ଏଥିଲାଗି ନିଜକୁ ପ୍ରସ୍ତୁତ କରୁଛନ୍ତି। ସେ ଗତବର୍ଷ ନଭେମ୍ବରରେ ପ୍ରଥମ ଥର ବିଶ୍ୱ ର୍‍ୟାଙ୍କିଙ୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଗତ ମାସରେ ସେ ବୁଲ୍‌ଗେରିଆରେ ଅନୁଷ୍ଠିତ ଡାନ୍ କୋଲୋଭ-ନିକୋଲା ପେଟ୍ରୋଭ ଟୁର୍ନାମେଣ୍ଟରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

### ଡିକାଙ୍କ ସହିତ ଚୁକ୍ତି ନବୀକରଣ କଲା ଇଷ୍ଟବେଙ୍ଗଲ



କଲିକତା, ୧୭।୪ (ପି.ଟି.): ଆଇ-ଲିଗ୍ ରନର୍ସଅପ୍ ଇଷ୍ଟବେଙ୍ଗଲ ବୁଧବାର ଏହାର ପ୍ରମୁଖ ମିଡ୍‌ଫିଲ୍ଡର ଲାଲ୍‌ରିଣ୍ଡିକା ରାଲ୍‌ଟେଙ୍କ ସହ ପରବର୍ତ୍ତୀ ଦୁଇ ସିଜନ ପାଇଁ ଚୁକ୍ତି ନବୀକରଣ କରିଛି। ମିଜୋରାମର ୨୬ ବର୍ଷୀୟ ଫୁଟ୍‌ବଲର ଲାଲ୍‌ରିଣ୍ଡିକା ‘ଡିକା’ ନାମରେ ଜଣାଶୁଣା। ଇଷ୍ଟବେଙ୍ଗଲ ମିଡ୍‌ଫିଲ୍ଡରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି। ଚୁକ୍ତି ନବୀକରଣ ନେଇ ସେ ଖୁସୀ ବ୍ୟକ୍ତ କରିଛନ୍ତି। କୋଚ୍ ଆଲେଜାଣ୍ଡ୍ରୋ ମେଣ୍ଡିଜଙ୍କ ତତ୍ତ୍ୱାବଧାନରେ ପୁଣି ଖେଳିବାକୁ ସୁଯୋଗ ମିଳିଥିବାରୁ ମୁଁ ଆନନ୍ଦିତ ବୋଲି ସେ କହିଛନ୍ତି। ଇଷ୍ଟବେଙ୍ଗଲ ଇତିମଧ୍ୟରେ ବ୍ରାଣ୍ଡନ ଭାନଲାଲରେମ୍‌ଡିକା ଏବଂ ସ୍ପାନିଶ ଡିଫେଣ୍ଡର ବୋର୍ଜା ଗୋମେଜଙ୍କ ସହିତ ଚୁକ୍ତି ନବୀକରଣ କରିସାରିଛି। ଇଷ୍ଟ ବେଙ୍ଗଲ ଆସନ୍ତାବର୍ଷ ଇଣ୍ଡିଆନ ସୁପର ଲିଗ୍‌ରେ ଅଂଶଗ୍ରହଣ କରିବ ବୋଲି ବିଚାରୁଛି।

### କରୁଣାରତ୍ନେ ଶ୍ରୀଲଙ୍କା ଅଧିନାୟକ

କଲମ୍ବୋ,୧୭।୪(ପି.ଟି.)- ଆଗାମୀ ବିଶ୍ୱକପ୍ ପାଇଁ ଗୁରୁବାର ଶ୍ରୀଲଙ୍କା ଦଳ ଘୋଷଣା ହେବ। ତେବେ ବୁଧବାର ଏଥିପୂର୍ବରୁ ଅଭିଜ୍ଞ ଦ୍ରୁତ ବୋଲର ଲସିଥ ମାଲିଙ୍ଗାଙ୍କଠାରୁ ନେତୃତ୍ୱ କାଢିନିଆଯାଇଛି। ତାଙ୍କ ସ୍ଥାନରେ ଟେଷ୍ଟ ଅଧିନାୟକ ଦିମୁଥ କରୁଣାରତ୍ନେ ଦଳର ଅଧିନାୟକ ନିଯୁକ୍ତ ହୋଇଛନ୍ତି। ଗୋଟିଏ ଦିନ ପରେ ବିଶ୍ୱକପ୍ ଦଳ ଘୋଷଣା କରାଯିବ ବୋଲି ଶ୍ରୀଲଙ୍କା କ୍ରିକେଟ ତରଫରୁ କୁହାଯାଇଛି। ୩୧ ବର୍ଷୀୟ କରୁଣାରତ୍ନେ ୨୦୧୫ଠାରୁ ଏପର୍ଯ୍ୟନ୍ତ ଗୋଟିଏ ହେଲେ ଦିନିକିଆ ମ୍ୟାଚ୍ ଖେଳିନାହାନ୍ତି। କ୍ୟାରିୟରରେ ସେ ଏପର୍ଯ୍ୟନ୍ତ ମୋଟ ୧୭ଟି ଦିନିକିଆ ଖେଳିଛନ୍ତି ଓ ୧୫.୮୩ ହାରରେ ରନ ସଂଗ୍ରହ କରିଛନ୍ତି। ୬୦ ହେଉଛି ତାଙ୍କର ଉଚ୍ଚତମ ସ୍କୋର। ମାଲିଙ୍ଗାଙ୍କ ନେତୃତ୍ୱରେ ଶ୍ରୀଲଙ୍କା ଗତ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ୦-୫ରେ ପରାସ୍ତ ହୋଇଥିଲା। ମାଲିଙ୍ଗାଙ୍କ ନେତୃତ୍ୱରେ ଶ୍ରୀଲଙ୍କା ୨୦୧୪ରେ ବିଶ୍ୱକପ୍ ଟି୨୦ ଚାମ୍ପିୟନ ହୋଇଥିଲା। ଟେଷ୍ଟ ଓପନର କରୁଣାରତ୍ନେଙ୍କ ନେତୃତ୍ୱରେ ଗତ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍‌ରେ ଶ୍ରୀଲଙ୍କା ୨-୦ରେ ବିଜୟୀ ହୋଇ ଇତିହାସ ସୃଷ୍ଟି କରିଥିଲା।

# ବିଶ୍ୱକପ୍ ଲାଗି ଷ୍ଟାଣ୍ଡବାଏରେ ପନ୍ତ, ରାୟୁଡୁ



ରିଷଭ ପନ୍ତ



ଅମ୍ବାତି ରାୟୁଡୁ

**ନୂଆଦିଲ୍ଲୀ, ୧୭।୪(ପି.ଟି.)**

ଇଂଲଣ୍ଡରେ ହେବାକୁ ଥିବା ଆଇସିସି ବିଶ୍ୱକପ୍‌ର ଆଗାମୀ ଦ୍ୱାଦଶ ସଂସ୍କରଣ ଲାଗି ସୋମବାର ଭାରତୀୟ ଦଳ ଘୋଷଣା କରାଯାଇଥିଲା। ବିରାଟ କୋହଲିଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଦଳରୁ ଯୁବ ଉଇକେଟ୍‌କିପର ରିଷଭ ପନ୍ତ ଓ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁଙ୍କୁ ସ୍ଥାନ ମିଳି ନ ଥିଲା। ଫଳରେ ସୁନୀଲ ଗାଭାସ୍କର ଓ ଗୌତମ ଗମ୍ଭୀରଙ୍କ ପରି ଅନେକ କ୍ରିକେଟର ଦଳ ଘୋଷଣାକୁ ନେଇ ଅସନ୍ତୋଷ ଜାହିର କରିଥିଲେ। କିନ୍ତୁ ବୁଧବାର ବିସିସିଆଇ ଏ ଦୁଇ ଉଦୀୟମାନ ବ୍ୟାଟ୍ସମ୍ୟାନଙ୍କୁ ବିଶ୍ୱକପ୍ ଲାଗି ଘୋଷିତ ଭାରତୀୟ ଦଳର ଷ୍ଟାଣ୍ଡବାଏ ଖେଳାଳି ଭାବେ ଚୟନ କରିଛି। ବିଶ୍ୱକପ୍ ସମୟରେ ଖେଳାଳି ଆଘାତପ୍ରାପ୍ତ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଏମାନଙ୍କୁ ଚୟନ କରାଯାଇଥିବା ଜଣାପଡ଼ିଛି। ପନ୍ତ ଓ ରାୟୁଡୁଙ୍କ ସହ ଦ୍ରୁତ ବୋଲର ନବଦୀପ ସଇନିଙ୍କୁ ମଧ୍ୟ ୩ୟ ଷ୍ଟାଣ୍ଡବାଏ ଖେଳାଳିଭାବେ ଚୟନ କରାଯାଇଛି। ଫଳରେ ବିଶ୍ୱକପ୍ ସମୟରେ କୌଣସି ଖେଳାଳି ଆଘାତପ୍ରାପ୍ତ ହେଲେ ଏମାନଙ୍କ ମଧ୍ୟରୁ କେହି ଇଂଲଣ୍ଡ ଗସ୍ତ କରିବେ। ‘ଆଇସିସି ଚାମ୍ପିୟନ୍ସ ଟ୍ରଫି ପରି ଆମେ ୩ଜଣ ଷ୍ଟାଣ୍ଡବାଏ ଖେଳାଳିଙ୍କୁ ରଖିଛୁ। ରିଷଭ ପନ୍ତ ଓ ଅମ୍ବାତି ରାୟୁଡୁ ପ୍ରଥମ ଓ ୨ୟ ଷ୍ଟାଣ୍ଡବାଏ ଖେଳାଳି ରହିଥିବାବେଳେ ବୋଲରଭାବେ ସଇନିଙ୍କୁ ନିଆଯାଇଛି। ଯଦି କୌଣସି ଖେଳାଳି ବିଶ୍ୱକପ୍ ସମୟରେ ଆଘାତପ୍ରାପ୍ତ ହୁଅନ୍ତି ତେବେ ଆବଶ୍ୟକତା ଅନୁଯାୟୀ ୩ଜଣଙ୍କ ମଧ୍ୟରୁ ଯିଏ ହେଲେ ଇଂଲଣ୍ଡ ଗସ୍ତ କରିବେ’ ବୋଲି ବୁଧବାର ବିସିସିଆଇ ପକ୍ଷରୁ କୁହାଯାଇଛି। ପୂର୍ବରୁ ଖଲିଲ୍ ଅହମ୍ମଦ, ଅଭେସ ଖାଁ ଓ ଦୀପକ ଚହରଙ୍କୁ ନେଟ୍ସ ବୋଲର ଭାବେ ଚୟନ କରାଯାଇଥିଲା। ବିଶ୍ୱକପ୍ ସମୟରେ ନେଟ୍ସରେ ଭାରତୀୟ ଖେଳାଳିଙ୍କୁ ବୋଲିଂ କରିବା ପାଇଁ ଏହି ୩ଜଣ ଇଂଲଣ୍ଡ ଗସ୍ତ କରିବେ ବୋଲି ଜଣାପଡ଼ିଥିଲା। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ବିଶ୍ୱକପ୍ ପୂର୍ବରୁ ଖେଳାଳିଙ୍କ ୟୋ-ୟୋ ଟେଷ୍ଟ କରାଯିବ ନାହିଁ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି।

## ସରୱାନ ୱେଷ୍ଟଇଣ୍ଡିଜ ମେଣ୍ଟର

**କିଙ୍ଗ୍‌ଷ୍ଟନ୍, ୧୭।୪**



ପ୍ରାକ୍ତନ ବ୍ୟାଟ୍ସମ୍ୟାନ ରାମନରେଶ ସରୱାନଙ୍କୁ ଆଗାମୀ ଆଇସିସି ବିଶ୍ୱକପ୍ ଲାଗି ୱେଷ୍ଟଇଣ୍ଡିଜ ଦଳର ମେଣ୍ଟର ନିଯୁକ୍ତ କରାଯାଇଛି। ଏଥିସହ ଆସନ୍ତା ମାସରେ ବିଶ୍ୱକପ୍ ପୂର୍ବରୁ ବାଂଲାଦେଶ ଓ ଘରୋଇ ଆୟର୍ଲାଣ୍ଡକୁ ନେଇ ହେବାକୁ ଥିବା ତ୍ରି-ରାଷ୍ଟ୍ରୀୟ ସିରିଜରେ ମଧ୍ୟ ସେ ୱେଷ୍ଟଇଣ୍ଡିଜ ଦଳର ବ୍ୟାଟ୍ସମ୍ୟାନଙ୍କୁ ସହାୟତା କରିବେ। ଡବଲିନ୍‌ରେ ହେବାକୁ ଥିବା ଏହି ତ୍ରି-ରାଷ୍ଟ୍ରୀୟ ସିରିଜ ଲାଗି ୱେଷ୍ଟଇଣ୍ଡିଜ ଦଳ ପକ୍ଷରୁ ପ୍ରସ୍ତୁତି ଶିବିର ଆରମ୍ଭ ହୋଇଯାଇଥିବା ବେଳେ ୩୮ ବର୍ଷୀୟ ସରୱାନ ଏଥିରେ ଯୋଗ ଦେଇସାରିଥିବା ଜଣାପଡ଼ିଛି। ସରୱାନ ମୁଖ୍ୟତଃ ଉଇକେଟ୍ ଉପରେ ରନିଂ ଓ ମ୍ୟାଚ୍ ଫିନିଶିଂ ନେଇ ଜାତୀୟ ଦଳର ବ୍ୟାଟ୍ସମ୍ୟାନଙ୍କୁ ଟିପ୍ସ ଦେବେ। ତେବେ ସେ ବିଶ୍ୱକପ୍‌ରେ ଦଳର ସପୋର୍ଟ ଷ୍ଟାଫ୍ ଭାବେ ଗଣାଯିବେ ନାହିଁ। ବ୍ୟାଟ୍ସମ୍ୟାନଙ୍କୁ ସହାୟତା ଲାଗି ସେ ଦଳ ସହ ରହିବେ ବୋଲି କ୍ରିକେଟ୍ ୱେଷ୍ଟଇଣ୍ଡିଜ ପକ୍ଷରୁ କୁହାଯାଇଛି। ମଧ୍ୟକ୍ରମରେ ଜଣେ ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଭାବେ ଖ୍ୟାତି ଅର୍ଜନ କରିଥିବା ସରୱାନ ୧୩ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରରେ ୮୭ ଟେଷ୍ଟ, ୧୮୧ ଦିନିକିଆ ଓ ୧୮ ଟି୨୦ ମ୍ୟାଚ୍ ଖେଳି ମୋଟ୍ ଉପରେ ୧୧,୯୪୪ ରନ ସଂଗ୍ରହ କରିଛନ୍ତି। ୨୦୧୬ରେ ସେ କ୍ରିକେଟରୁ ଅବସର ଘୋଷଣା କରିଥିଲେ।




## ଇଂଲଣ୍ଡ ଦଳରେ ସ୍ଥାନ ପାଇଲେନି ଆର୍ଚର

**ଲଣ୍ଡନ, ୧୭।୪(ଏଏଫ୍‌ପି)**

ମେ ୩୦ରୁ ହେବାକୁ ଥିବା ଆଇସିସି ବିଶ୍ୱକପ୍ ଲାଗି ଆୟୋଜକ ଇଂଲଣ୍ଡ ଦଳ ପକ୍ଷରୁ ବୁଧବାର ୧୫ ଜଣିଆ ଦଳ ଘୋଷଣା କରାଯାଇଛି। ଇଅନ ମୋର୍ଗାନଙ୍କ ନେତୃତ୍ୱରେ ଘୋଷିତ ଦଳରେ ନବାଗତ ଷ୍ଟାର୍ ଅଲ୍‌ରାଉଣ୍ଡର ଜୋଫ୍ରା ଆର୍ଚରଙ୍କୁ ସ୍ଥାନ ମିଳିନାହିଁ। ତେବେ ବିଶ୍ୱକପ୍ ପୂର୍ବରୁ ଆୟର୍ଲାଣ୍ଡ ଓ ପାକିସ୍ତାନ ବିପକ୍ଷରେ ଖେଳାଯିବାକୁ ଥିବା ଦିନିକିଆ ସିରିଜ ଲାଗି ଘୋଷିତ ୧୭ ଜଣିଆ ଇଂଲଣ୍ଡ ଦଳରେ ଆର୍ଚରଙ୍କୁ ସୁଯୋଗ ମିଳିଛି। ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାକୁ ଥିବା ସମସ୍ତ ଦଳ ଲାଗି ଖେଳାଳି ଘୋଷଣାର ଶେଷ ତାରିଖ ମେ ୨୩ ରହିଛି। ଯଦି ଆର୍ଚର ଆୟର୍ଲାଣ୍ଡ ଓ ପାକିସ୍ତାନ ବିପକ୍ଷରେ ଖେଳାଯିବାକୁ ଥିବା ଦିନିକିଆ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରନ୍ତି ତେବେ ମେ ୨୩ ପୂର୍ବରୁ ଇଂଲଣ୍ଡ ଟିମ୍ ପରିବର୍ତ୍ତନ କରାଯାଇ ତାଙ୍କୁ ସୁଯୋଗ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଇଂଲଣ୍ଡ ଆଣ୍ଡ୍ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ ଜଣାପଡ଼ିଛି। ଘରୋଇ ଓ ଫ୍ରାଞ୍ଚାଇଜଭିତ୍ତିକ କ୍ରିକେଟରେ ଆର୍ଚରଙ୍କ ପ୍ରଦର୍ଶନ ବେଶ୍ ପ୍ରଭାବୀ ରହିଛି। ସେ ଜଣେ ଉଦୀୟମାନ ଖେଳାଳି। ଚୟନ କମିଟି ଆର୍ଚରଙ୍କ ପ୍ରଦର୍ଶନରେ ପ୍ରଭାବିତ ହୋଇଛି’ ବୋଲି ଇଂଲଣ୍ଡ ଜାତୀୟ ଚୟନକର୍ତ୍ତା ଏଡ୍ ସ୍ମିଥ୍ କହିଛନ୍ତି। ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍ ସହ ଇଂଲଣ୍ଡ ଏହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ।

**ଇଂଲଣ୍ଡ ବିଶ୍ୱକପ୍ ଦଳ**

ଇଅନ ମୋର୍ଗାନ (ଅଧିନାୟକ), ମୋଇନ ଅଲି, ଜନି ବେୟାରଷ୍ଟୋ, ଜୋଶ୍ ବଟ୍‌ଲର (ଉଇକେଟ୍‌କିପର), ଟମ୍ କୁରାନ, ଜୋଏ ଡେନ୍‌ଲୀ, ଆଲେକ୍ସ ହେଲ୍ସ, ଲିଆମ ପ୍ଲଙ୍କେଟ୍, ଆଡିଲ ରଶିଦ, ଜୋ ରୁଟ୍, ଜାସନ ରଏ, ବେନ୍ ଷ୍ଟୋକ୍ସ, ଡେଭିଡ୍ ୱିଲୀ, କ୍ରିସ ୱୋକ୍ସ ଓ ମାର୍କ ଉଡ୍।



ଜୋଫ୍ରା ଆର୍ଚର

ପ୍ରକାଶଯୋଗ୍ୟ, ୨୪ ବର୍ଷୀୟ ସସେକ୍ସ ଅଲ୍‌ରାଉଣ୍ଡର ଆର୍ଚରଙ୍କ ଜନ୍ମ ୱେଷ୍ଟଇଣ୍ଡିଜର ବାର୍ବାଡସରେ ହୋଇଥିଲା। ଆର୍ଚରଙ୍କ ବାପା ଇଂଲଣ୍ଡର ହୋଇଥିବାବେଳେ ତାଙ୍କ ନିକଟରେ ବ୍ରିଟିଶ ପାସପୋର୍ଟ ମଧ୍ୟ ରହିଛି। କିନ୍ତୁ ଇଂଲଣ୍ଡ ଜାତୀୟ ଦଳ ପକ୍ଷରୁ ଖେଳିବାକୁ ହେଲେ ଜଣେ ବିଦେଶୀ ଖେଳାଳିଙ୍କୁ ୩ ବର୍ଷର ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ରହିଥିବା ଆବଶ୍ୟକ। ଇଂଲଣ୍ଡ ବାସିନ୍ଦା ଭାବେ ଆର୍ଚର ଗତ ମାର୍ଚ୍ଚ ୧୭ରେ ୩ ବର୍ଷ ପୂରଣ କରିବା ସହ ଇଂଲଣ୍ଡ ପକ୍ଷରୁ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି।

## ପନ୍ତଙ୍କୁ ଉପେକ୍ଷା: ପଣ୍ଟିଂ ଚକିତ

ନୂଆଦିଲ୍ଲୀ, ୧୭।୪(ପି.ଟି.)- ଭାରତୀୟ ବିଶ୍ୱକପ୍ ଦଳରେ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ସ୍ଥାନ ନ ମିଳିବା ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ତଥା ଦିଲ୍ଲୀ କ୍ୟାପିଟାଲ୍ସ ହେଡ କୋଚ୍ ରିକି ପଣ୍ଟିଂଙ୍କୁ ଚକିତ କରିଛି। ଅନ୍ତିମ ଏକାଦଶରେ ପନ୍ତ ଏକ୍ସ ଫ୍ୟାକ୍ଟର ରୂପେ ଉଭା ହୋଇଥାନ୍ତେ ବୋଲି ସେ କହିଛନ୍ତି। ଉଇକେଟକିପିଂ ଦୃଷ୍ଟିକୋଣୁ ପନ୍ତଙ୍କୁ ପଛରେ ପକାଇ ଚୟନକର୍ତ୍ତା ଦିନେଶ କାର୍ତ୍ତିକଙ୍କୁ ଦଳରେ ସାମିଲ କରିଥିଲେ। ପନ୍ତ ଜଣେ ପ୍ରତିଭା ସମ୍ପନ୍ନବ୍ୟାଟ୍ସମ୍ୟାନ। ଅତିକମ୍‌ରେ ସେ କ୍ୟାରିୟରରେ ୩ଟି ବିଶ୍ୱକପ୍ ଖେଳିବା ଆବଶ୍ୟକ। ଅନ୍ତିମ ଏକାଦଶରେ ସାମିଲ ହୋଇଥିଲେ ପନ୍ତ ଭାରତ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଥାନ୍ତେ। ଅବଶ୍ୟ ପନ୍ତଙ୍କୁ ପରେ ବିଶ୍ୱକପ୍ ଦଳରେ ଷ୍ଟାଣ୍ଡବାଇ ଭାବେ ସାମିଲ କରାଯାଇଛି।

## ପାକିସ୍ତାନ ହକି ମହାସଂଘକୁ ଏଫ୍‌ଆଇଏଚ୍‌ର ଜରିମାନା

**କରାଚୀ, ୧୭।୪ (ପି.ଟି.)**

ପ୍ରତିଶ୍ରୁତି ଦେଇ ମଧ୍ୟ ପ୍ରୋ-ଲିଗ୍ ମ୍ୟାଚ ପାଇଁ ଦଳ ପଠାଇ ନ ଥିବାରୁ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପାକିସ୍ତାନ ହକି ମହାସଂଘକୁ ୧୭୦,୦୦୦ ୟୁରୋ ଜରିମାନା କରିଛି। ପାକିସ୍ତାନ ଏହାର ପ୍ରୋ-ଲିଗ୍ ମ୍ୟାଚଗୁଡ଼ିକ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଖେଳିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ପିଏଚ୍‌ଏଫ୍ ଆର୍ଥିକ ସଙ୍କଟରେ ଥିବାରୁ ବର୍ତ୍ତମାନ ପରିସ୍ଥିତିରେ ସମ୍ପୂର୍ଣ୍ଣ ଜରିମାନା ଦେବାକୁ ଅସମର୍ଥ। ଜରିମାନାର ପରିମାଣ ହ୍ରାସ କରିବା ସହ କିସ୍ତିରେ ଜମା କରିବା ଲାଗି ଅନୁମତି ଦେବା ଲାଗି ପିଏଚ୍‌ଏଫ୍ ସାଧାରଣ ସମ୍ପାଦକ ଶାହବାଜ ଅହମ୍ମଦ ଏଫ୍‌ଆଇଏଚ୍‌କୁ ଅନୁରୋଧ କରିଥିବା ବୁଧବାର ସୂଚନା ଦେଇଛନ୍ତି। ଏଫ୍‌ଆଇଏଚ୍ ଜୁନ୍ ୨୦ ସୁଦ୍ଧା ଜରିମାନା ଦାଖଲ କରିବା ଲାଗି ପିଏଚ୍‌ଏଫ୍‌କୁ ନିର୍ଦ୍ଦେଶ ଦେଇଛି। ତା’ନ ହେଲେ ଜରିମାନା ପରିମାଣ ଦୁଇ ଗୁଣା ହୋଇଯିବ। ଗତ ଡିସେମ୍ବରରେ ଭାରତରେ ଅନୁଷ୍ଠିତ ବିଶ୍ୱକପ୍‌ରେ ପାକିସ୍ତାନ ହକି ଦଳ ୧୧ଶ ସ୍ଥାନରେ ରହିଥିଲା। ଦଳର ଏହି ପ୍ରଦର୍ଶନ ଉପରେ ପାକିସ୍ତାନ ସରକାର ପିଏଚ୍‌ଏଫ୍ ଉପରେ ବିରକ୍ତି ପ୍ରକାଶ କରିବା ସହ ମହାସଂଘକୁ ଆଉ ପାଣ୍ଠି ଦେବା ଲାଗି ମନା କରିଦେଇଥିଲେ। ପାଣ୍ଠି ଅଭାବରୁ ଏପ୍ରିଲ ୨୦ରେ କରାଚୀଠାରେ ହେବାକୁ ଥିବା ଜାତୀୟ ହକି ଚାମ୍ପିୟନଶିପ୍‌କୁ ବାତିଲ କରିବା ଲାଗି ପିଏଚ୍‌ଏଫ୍ ବାଧ୍ୟ ହୋଇଛି। ଶାହବାଜ ଏଫ୍‌ଆଇଏଚ୍ କାର୍ଯ୍ୟନିର୍ବାହୀ ବୋର୍ଡର ଜଣେ ସଦସ୍ୟ ଅଟନ୍ତି, ଯାହାର ମୁଖ୍ୟ ଭାରତର ନରିନ୍ଦର ବାତ୍ରା ଅଛନ୍ତି। ବିଶ୍ୱକପ୍ ବିପର୍ଯ୍ୟୟ ପରେ ସେ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ମାତ୍ର ପିଏଚ୍‌ଏଫ୍ ସଭାପତି ବ୍ରିଗେଡିୟର (ଅବସରପ୍ରାପ୍ତ) ଖଲିଦ ସାଜିଦ ଖୋକାର ଅଗ୍ରାହ୍ୟ କରିଦେଇଥିଲେ। ଫଳରେ ସେ ତାଙ୍କ ପଦବୀକୁ ଫେରି ଆସିଥିଲେ।

## ଜୋକୋଭିଚ୍‌ଙ୍କ ୮୫୦ତମ ବିଜୟ

**ମୋନାକୋ (ଫ୍ରାନ୍ସ), ୧୭।୪**

ବିଶ୍ୱର ଏକ ନମ୍ବର ଟେନିସ ଖେଳାଳି ସର୍ବିୟାର ନୋଭାକ ଜୋକୋଭିଚ୍ କ୍ୟାରିୟରର ୮୫୦ତମ ମ୍ୟାଚ୍ ବିଜୟୀ ହୋଇଛନ୍ତି। ଏଠାରେ ଚାଲିଥିବା ମଣ୍ଟେ କାର୍ଲୋ ମାଷ୍ଟର୍ସ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସରେ ଜୋକୋଭିଚ୍ ୬-୩, ୪-୬, ୬-୪ ସେଟ୍‌ରେ ଜର୍ମାନୀର ଫିଲିପ୍ କୋଲ୍‌ଶ୍ରେବରଙ୍କୁ ପରାସ୍ତ କରି ଏହି ମାଇଲଷ୍ଟୋନ ଛୁଇଁଛନ୍ତି। ଏହି ମ୍ୟାଚ୍ ଜିତିବାକୁ ତାଙ୍କୁ ୨ ଘଣ୍ଟା ୩୬ ମିନିଟ୍ ସମୟ ଲାଗିଥିଲା। ବିଜୟ ସହ ୩ୟ ରାଉଣ୍ଡରେ ସ୍ଥାନ ପକ୍କା କରିଥିବା ଜୋକୋଭିଚ୍ ଏଥିସହ ଫିଲିପ୍‌ଙ୍କ ବିପକ୍ଷରେ ମଧୁର ପ୍ରତିଶୋଧ ନେବାରେ ସଫଳ ହୋଇଛନ୍ତି। ଗତ ମାସରେ ଅନୁଷ୍ଠିତ ବିଏନ୍‌ପି ପରିବାସ ଓପନ୍‌ର ୩ୟ ରାଉଣ୍ଡରେ ଫିଲିପ୍‌ଙ୍କଠାରୁ ହାରି ସେ ପ୍ରତିଯୋଗିତାରୁ ବିଦାୟ ନେଇଥିଲେ। ୩୧ ବର୍ଷୀୟ ଜୋକୋଭିଚ୍ ଯଦି ଏଠାରେ ଚାମ୍ପିୟନ ହୁଅନ୍ତି ତେବେ ୩ୟଥର ପାଇଁ ମଣ୍ଟେ କାର୍ଲୋ ମାଷ୍ଟର୍ସ ଟ୍ରଫି ହାସଲ କରିବାର ସୌଭାଗ୍ୟ ଲାଭ କରିବେ। ପୂର୍ବରୁ ସେ ୨୦୧୩ ଓ ୨୦୧୫ରେ ଏଠାରେ ଟାଇଟଲ ଜିତିଥିଲେ।



ବିଜୟ ହାସଲ ପରେ ନୋଭାକ ଜୋକୋଭିଚ୍।

## ଏନସିଏ ବାଳିକା ଶିବିରରେ ଓଡ଼ିଶାର ୪



ପୁନମ ନାୟକ



ସୁଇଟ ବେଉରା



ଶୁଭ୍ରନିର୍ଝରିଣୀ ସ୍ୱାଇଁ



ତରଣା ପ୍ରଧାନ

**କଟକ ଅଫିସ,୧୭।୪**

ଭାରତର ବିଭିନ୍ନ ଭେନ୍ୟୁରେ ଆସନ୍ତା ମେ ୧୩ରୁ ଜୁନ ୬ ତାରିଖ ପର୍ଯ୍ୟନ୍ତ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ) ୧୯ବର୍ଷରୁ କମ୍ ବାଳିକା ଏଲିଟ୍ ଗ୍ରୁପର ଶିବିର ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୪ଜଣ ଖେଳାଳି ସାମିଲ ହେବାର ସୁଯୋଗ ପାଇଛନ୍ତି। ଧର୍ମଶାଳାଠାରେ ହେବାକୁଥିବା ଏଲିଟ୍ ଗ୍ରୁପ-୧ର ଶିବିରରେ ଯାଜପୁରର ପୁନମ ନାୟକ, ଜୟପୁରଠାରେ ହେବାକୁ ଥିବା ଏଲିଟ୍ ଗ୍ରୁପ-୨ର ଶିବିରରେ କଟକର ସୁଇଟ ବେଉରା ଓ ଶୁଭ୍ରନିର୍ଝରିଣୀ ସ୍ୱାଇଁ, ନଦିଆଡରେ ଏଲିଟ ଗ୍ରୁପ-୩ର ଶିବିରରେ ଭୁବନେଶ୍ୱରର ତରଣା ପ୍ରଧାନ ସାମିଲ ହେବେ। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇ ଉକ୍ତ ଚାରିଜଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଅଲ୍ ଇଣ୍ଡିଆ ଓପନ ଚେସ୍ ଟୁର୍ନାମେଣ୍ଟ ଆରମ୍ଭ

**କଟକ ଅଫିସ,୧୭।୪**

ଟ୍ରିପଲ ସି ଚେସ୍ କ୍ଲବ ଆନୁକୂଲ୍ୟରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୪ର୍ଥ ଅଲ ଇଣ୍ଡିଆ ଓପନ ଚେସ୍ ଚାମ୍ପିୟନଶିପ୍ ବୁଧବାରଠାରୁ ଆରମ୍ଭ ହୋଇଛି। ଟୁର୍ନାମେଣ୍ଟରେ ୧୦ଟି ରାଜ୍ୟରୁ ମୋଟ ୨୭୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ଗ୍ରାଣ୍ଡ ମାଷ୍ଟର ଓ ୫ଜଣ ଇଣ୍ଟରନ୍ୟାସନାଲ ମାଷ୍ଟର ଖେଳାଳି ରହିଛନ୍ତି। ଓଡ଼ିଶାର ଇଣ୍ଟରନ୍ୟାଶନାଲ ମାଷ୍ଟର ଖେଳାଳି ରାକେଶ ଜେନା ଓ ଅନ୍ୱେଶ ଉପାଧ୍ୟାୟ ମଧ୍ୟ ଅଂଶଗ୍ରହଣ କରିଛନ୍ତି। ଚେନ୍ନାଇ ପ୍ରତିଯୋଗୀ ତଥା ଗ୍ରାଣ୍ଡ ମାଷ୍ଟର ଆର୍.ଆର୍ ଲକ୍ଷ୍ମଣ ହେଉଛନ୍ତି ଟୁର୍ନାମେଣ୍ଟର ଟପ୍‌ସିଡ୍ ଖେଳାଳି। ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତା ଆସନ୍ତା ରବିବାର ଉଦ୍‌ଯାପିତ ହେବ। ପ୍ରଥମ ଦିବସରେ ୨ ରାଉଣ୍ଡ ଖେଳ ଶେଷ ସୁଦ୍ଧା ଆର୍.ଆର୍ ଲକ୍ଷ୍ମଣ, ରାକେଶ କୁମାର ଜେନା, ଗୁସେନ ହିମାଲ, ଅନ୍ୱେଶ ଉପାଧ୍ୟାୟ, ସୋମକ ପାଲିତ, ଏନ୍. ସୁରେନ୍ଦ୍ର, ବୈଭବ ମିଶ୍ର, ରାଜେଶ ନାୟକ, ଅର୍ପଣ ଦାସ, ଅରିନ୍ଦମ ମୁଖାର୍ଜୀ, ଜୟଦୀପ ଦତ୍ତ, ରାକେଶ କୁମାର ନାୟକ, ମୁସିନି ଅଜୟ ପ୍ରମୁଖ ୨ ପଏଣ୍ଟ ଲେଖାଏ ହାସଲ କରି ଶୀର୍ଷରେ ରହିଛନ୍ତି। ଆୟକର ବିଭାଗର ପୂର୍ବତନ ଅତିରିକ୍ତ କମିଶନର ରଞ୍ଜନ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଅଲ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଟ, ଟ୍ରିପଲ ସି ଚେସ୍ କ୍ଲବ ସଭାପତି ବିଶ୍ୱଜିତ ରାୟ, ସମ୍ପାଦକ ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



“ଖେଳାଳି କମ୍ବିନେଶନ ଠିକ୍ ନ ଥିବାରୁ ଏଥର ଆମ ଦଳ ଆଇପିଏଲରେ ଭଲ ପ୍ରଦର୍ଶନ କରିପାରୁନି। ଏଥିରେ ପରିବର୍ତ୍ତନ ଦରକାର।
–ପ୍ୟାଡି ଅପ୍‌ଟନ, ରାଜସ୍ଥାନ ରୟାଲ୍ସ ମୁଖ୍ୟ କୋଚ୍



“ଚଳିତ ଆଇପିଏଲରେ ଜଣେ ଅଲରାଉଣ୍ଡର ହିସାବରେ ଆମ ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ ଦଳ ପାଇଁ ଏକ ବଡ଼ ସମ୍ବଳ।
–ଡେଭିଡ ମିଲର, କିଙ୍ଗ୍ସ ଇଲେଭେନ ପଞ୍ଜାବ ବ୍ୟାଟ୍ସମ୍ୟାନ

## ଆଜିର ମ୍ୟାଚ



ଦିଲ୍ଲୀ କ୍ୟାପିଟାଲ୍ସ
ବନାମ
ମୁମ୍ବାଇ ଇଣ୍ଡିଆନ୍ସ

ପ୍ରସାରଣ
ସ୍ଥାନ : ନୂଆଦିଲ୍ଲୀ
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

# ପଞ୍ଜାବ ୧୨ରେ ବିଜୟୀ

ମୋହାଲି,୧୭।୪(ପି.ଟି.)

ଘରୋଇ ପରିବେଶରୁ ଫାଇଦା ଉଠାଇ କିଙ୍ଗ୍ସ ଇଲେଭେନ ପଞ୍ଜାବ ମଙ୍ଗଳବାର ଅନୁଷ୍ଠିତ ଆଇପିଏଲ୍‌ର ୩୨ତମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସକୁ ୧୨ ରନରେ ପରାସ୍ତ କରିଛି। ଏଥିସହିତ ପଞ୍ଜାବ ୯ ମ୍ୟାଚ୍ ଖେଳି ୫ ବିଜୟ ଓ ୪ ପରାଜୟ ସହ ୧୦ ପଏଣ୍ଟ ପାଇ ତାଲିକାର ଚତୁର୍ଥ ସ୍ଥାନକୁ ଉଠିଛି। ଅନ୍ୟପଟେ ରାଜସ୍ଥାନ ୮ଟି ମ୍ୟାଚ୍‌ରୁ ୨ ବିଜୟ ଓ ୬ ପରାଜୟ ସହ ୪ ପଏଣ୍ଟ ପାଇ ସପ୍ତମ ସ୍ଥାନରେ ରହିଛି। ମୋହାଲିରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ବ୍ୟାଟିଂ ଆମନ୍ତ୍ରଣ ପାଇ ପଞ୍ଜାବ ୬ ଉଇକେଟରେ ୧୮୨ ରନ କରିଥିଲା। ଜବାବରେ ରାଜସ୍ଥାନ ୭ ଉଇକେଟ ହରାଇ ୧୭୦ ରନରେ ସୀମିତ ରହିଯାଇଥିଲା। ଦ୍ରୁତ ୧୭ ରନ ସହ ମୂଲ୍ୟବାନ ୨ ଉଇକେଟ ଅକ୍ତିଆର କରିଥିବା ପଞ୍ଜାବ ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୧୮୩ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ରାଜସ୍ଥାନ ଦ୍ରୁତ ଗତିରେ ରନ୍ ସଗ୍ରଂହ ପ୍ରୟାସ କରିଥିଲା। ଦୁଇ ଓପନର ରାହୁଲ ତ୍ରିପାଠୀ ଓ ଜୋସ ବଟଲର ପ୍ରଥମ ଉଇକେଟରେ ୨୫ ବଲରୁ ୩୮ ରନ ସଂଗ୍ରହ କରିଥିଲେ। ବଟଲର ୧୭ ବଲରୁ ୧ ଚୌକା ଓ ୨ ଛକା ସହ ୨୩ ରନ କରି ପ୍ରଥମେ ଆଉଟ ହୋଇଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ୨୧ ବଲରୁ ୨ ଚୌକା ସହ ୨୭ ରନ କରି ପ୍ୟାଭିଲିୟନ ଫେରିଥିଲେ। ତ୍ରିପାଠୀ ୫୦ ରନ (୪୫ ବଲ, ୪ ଚୌକା) ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ଦ୍ୱିତୀୟ ଉଇକେଟ ଯୋଡିରେ ତ୍ରିପାଠୀ ଓ ସାମସନ ୪୫ ବଲରୁ ୫୯ ରନ ସଂଗ୍ରହ କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରବିଚନ୍ଦ୍ରନ୍ ଅଶ୍ୱିନ।

ଆଷ୍ଟନ ଟର୍ନର ଖାତା ଖୋଲିବା ପୂର୍ବରୁ ଆଉଟ ହେବା ପରେ ଜୋଫ୍ରା ଅର୍ଚର ୧ ରନ କରିଥିବା ବେଳେ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଅଧିନାୟକ ଅଜିଙ୍କ୍ୟ ରାହାନେ ୨୧ ବଲରୁ ୧ ଚୌକା ସହ ୨୬ ରନ ଓ ଶେଷରେ ଶ୍ରେୟାସ ଗୋପାଲ ବିନା ସ୍କୋରରେ ଆଉଟ ହୋଇଥିଲେ। ସ୍ୱଳ୍ପ ରନ ମଧ୍ୟରେ ୪ଟି ଉଇକେଟ ପଡିବା ଫଳରେ ରାଜସ୍ଥାନ ଆବଶ୍ୟକ ହାରରେ ରନ ସଂଗ୍ରହ କରିପାରି ନ ଥିଲା। ଷ୍ଟୁଆର୍ଟ ବିନ୍ନୀ ମାତ୍ର ୧୧ ବଲରୁ ୧ ଚୌକା ଓ ୩ ଛକା ସହ ଦ୍ରୁତ ଅପରାଜିତ ୩୩ ରନ କରିଥିଲେ ମଧ୍ୟ ବିଜୟ ପାଇଁ ଏହା ଯଥେଷ୍ଟ ହୋଇ ନ ଥିଲା। ବୋଲିଂରେ ପଞ୍ଜାବ ତରଫରୁ ଅର୍ଶଦୀପ ସିଂ, ରବିଚନ୍ଦ୍ରନ ଅଶ୍ୱିନ ଓ ମହମ୍ମଦ ସାମି ୨ଟି ଲେଖାଏ, ମୁରୁଗାନ ଅଶ୍ୱିନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିବାର ସୁଯୋଗ ପାଇଥିବା ପଞ୍ଜାବ ତରଫରୁ ଓପନର ଲୋକେଶ ରାହୁଲ, କ୍ରିସ୍ ଗେଲ୍, ଡେଭିଡ ମିଲର ଓ ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ ଉନ୍ନତ ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ଫଳରେ ଦଳ ୧୮୨ ରନର ସମ୍ମାନଜନକ ସ୍କୋର ହାସଲ କରିଥିଲା। ଅଭିଜ୍ଞ ଗେଲ୍ ୨୨ ବଲରୁ ୨ ଚୌକା ଓ ୩ ଛକା ସହ ୩୦ ରନ କରି ପ୍ରଥମେ ଆଉଟ ହୋଇଥିଲେ। ମୟଙ୍କ ଅଗ୍ରୱାଲ ମାତ୍ର ୧୨ଟି ବଲରୁ ୧ ଚୌକା ଓ ୨ ଛକା ସହ ଦ୍ରୁତ ୨୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ରାହୁଲ ଦଳ ତରଫରୁ ସର୍ବାଧିକ ୫୨ ରନ (୪୭ ବଲ, ୩ ଚୌକା, ୨ ଛକା)ର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଏହାପରେ ଉଇକେଟକିପର ବ୍ୟାଟ୍ସମ୍ୟାନ ନିକୋଲାସ ପୁରାନ ମାତ୍ର ୫ ରନ କରି ଆଉଟ ହୋଇଥିବା ବେଳେ ମନଦୀପ ସିଂ ଖାତା ଖୋଲିପାରି ନ ଥିଲେ।

ଶେଷରେ ଅଶ୍ୱିନ ୪ଟି ବଲର ସମ୍ମୁଖୀନ ହୋଇ ୧ ଚୌକା ଓ ୨ ଛକା ସହ ଦ୍ରୁତ ୧୭ ରନ କରି ଦଳର ସ୍କୋରକୁ ୧୮୦ରନ ପାର କରାଇଥିଲେ। ମୁଜିବ ଉର ରହମାନ ବିନା ସ୍କୋରରେ ଅପରାଜିତ ରହିଥିଲେ। ମିଲର ୨୭ଟି ବଲ୍ ଖେଳି ୨ ଚୌକା ଓ ୨ ଛକା ସହ ଦ୍ରୁତ ୪୦ ରନ ସଂଗ୍ରହ କରିଥିଲେ।

### ସଂକ୍ଷିପ୍ତ ସ୍କୋର

■ କିଙ୍ଗ୍ସ ଇଲେଭେନ ପଞ୍ଜାବ ୨୦ ଓଭରରେ ୧୮୨/୬, (ରାହୁଲ- ୫୨, ମିଲର- ୪୦, ଗେଲ୍- ୩୦, ମୟଙ୍କ- ୨୬, ଅଶ୍ୱିନ- ୧୭*, ଆର୍ଚର- ୩/୧୫, କୁଲକର୍ଣ୍ଣୀ- ୧/୩୭, ଉନାଡ଼କଟ-୧/ ୪୮, ସୋଧୀ- ୧/୪୧)।

■ ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୭୦/୭, (ତ୍ରିପାଠୀ- ୫୦, ବିନ୍ନୀ- ୩୩*, ସାମସନ- ୨୭, ରାହାନେ- ୨୬, ବଟଲର- ୨୩, ଅର୍ଶଦୀପ- ୨/୪୩, ଅଶ୍ୱିନ- ୨/୨୪, ସାମି- ୨/୪୪)।

ତୃତୀୟ ଉଇକେଟ ଯୋଡିରେ ମିଲର ଓ ରାହୁଲ ୫୨ ବଲରୁ ୮୫ ରନ ସଂଗ୍ରହ କରିଥିଲେ। ବୋଲିଂରେ ରାଜସ୍ଥାନ ତରଫରୁ ଜୋଫ୍ରା ଆର୍ଚର ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧାୱଲ କୁଲକର୍ଣ୍ଣୀ, ଜୟଦେବ ଉନାଡ଼କଟ ଓ ଇଶ୍ ସୋଧୀ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୮ | ୭ | ୧ | ୧୪ | ୦.୨୮୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୫ | ୩ | ୧୦ | ୦.୪୧୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୫ | ୩ | ୧୦ | ୦.୨୪୪ |
| କିଙ୍ଗ୍ସ ଇଲେଭେନ | ୯ | ୫ | ୪ | ୧୦ | –୦.୦୧୫ |
| ନାଇଟ ରାଇଡର୍ସ | ୮ | ୪ | ୪ | ୮ | ୦.୩୫୦ |
| ସନ୍‌ରାଇଜର୍ସ | ୭ | ୩ | ୪ | ୬ | ୦.୪୦୯ |
| ରାଜସ୍ଥାନ ରୟାଲ୍ସ | ୮ | ୨ | ୬ | ୪ | –୦.୫୮୯ |
| ରୟାଲ ଚ୍ୟାଲେଞ୍ଜର୍ସ | ୮ | ୧ | ୭ | ୨ | –୧.୧୧୪ |

## ରାୟୁଡୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବନି: ବିସିସିଆଇ

ନୂଆଦିଲ୍ଲୀ, ୧୭।୪(ପି.ଟି.)

ବିଶ୍ୱକପ୍ ଦଳରେ ସ୍ଥାନ ନ ପାଇବା ପରେ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ଟୁଇଟ୍ କରି ପରୋକ୍ଷରେ ଚୟନକର୍ତ୍ତାଙ୍କୁ କଟୁ ସମାଲୋଚନା କରିଥିଲେ। ତେବେ ଏଥିପାଇଁ ରାୟୁଡୁଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ତାଙ୍କୁ ବାସନ୍ଦ କରିବାର କୌଣସି ଯୋଜନା ନାହିଁ ବୋଲି ବୋର୍ଡ କହିଛି। ରାୟୁଡୁଙ୍କୁ ପଛରେ ପକାଇ ଚୟନକର୍ତ୍ତାମାନେ ଅଲରାଉଣ୍ଡର ବିଜୟ ଶଙ୍କରଙ୍କୁ ଦଳରେ ସାମିଲ କରିଥିଲେ। ଫଳରେ ଏଥିରେ ଅସନ୍ତୋଷ ଜାହିର କରି ରାୟୁଡୁ ୩ଡି ଚଷମାରେ ଏଥର ବିଶ୍ୱକପ୍ ଦେଖିବି ବୋଲି ପରିହାସ କରି ଟୁଇଟ୍ କରିଥିଲେ। ମୁଖ୍ୟ ଚୟନକର୍ତ୍ତା ଏମ୍.ଏସ୍.କେ. ପ୍ରସାଦ ଶଙ୍କର ଚୟନକୁ ଯଥାର୍ଥ ବୋଲି କହିଥିଲେ ଓ ତାଙ୍କ ପାଖରେ ଥ୍ରି– ଡାଇମେନସନାଲ କ୍ୱାଲିଟି ଅର୍ଥାତ୍ ବୋଲିଂ, ବ୍ୟାଟିଂ ଓ ଫିଲ୍ଡିଂରେ ପାରଦର୍ଶିତା ରହିଛି ବୋଲି କହିଥିଲେ। ଖାସ୍ ଏଥିପାଇଁ ସେ ଏହି ଚସମା ବ୍ୟବହାର କରିବେ ବୋଲି କହିଥିଲେ। ରାୟୁଡୁଙ୍କ ଟୁଇଟ୍ ସମ୍ପର୍କରେ ଆମେ ଅବଗତ ଅଛୁ ବୋଲି ବୋର୍ଡ ତରଫରୁ କୁହାଯାଇଛି। ତେବେ ସେ ସଧାସଳଖ ଚୟନକର୍ତ୍ତାଙ୍କୁ ସମାଲୋଚନା କରିନାହାନ୍ତି ଓ ଏବେ ବିଶ୍ୱକପ୍ ଯୋଗୁ ପରିସ୍ଥିତ ବେଶ୍ ଉଷ୍ମ ରହିଛି। ତେଣୁ ଭାବପ୍ରବଣତାକୁ ଆମେ ସମ୍ମାନ ଦେଉଛୁ ବୋଲି ବୋର୍ଡ କହିଛନ୍ତି। ଅବଶ୍ୟ ରାୟୁଡୁଙ୍କ ସମେତ ରିଷଭ ପନ୍ତ, ନୀତିନ ସଇନୀଙ୍କୁ ବିଶ୍ୱକପ୍ ଦଳରେ ଷ୍ଟାଣ୍ଡ ବାଇ ଖେଳାଳିଭାବେ ପରେ ସାମିଲ କରାଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ରାୟୁଡୁ ବିଫଳ ହୋଇଥିଲେ। ଫଳରେ ବିଶ୍ୱକପ୍ ଦଳରେ ତାଙ୍କୁ ସ୍ଥାନ ମିଳି ନ ଥିଲା। ରାୟୁଡୁଙ୍କ ଏହି ଟୁଇଟ୍‌କୁ ଏପର୍ଯ୍ୟନ୍ତ ୭୬,୦୦୦ ଲାଇକ ଓ ୧୨,୦୦୦ ଟିଟୁଇଟ୍ କରାଯାଇଛି।

## ସଂକ୍ଷେପରେ

### ହାଇଦ୍ରାବାଦ ବିପକ୍ଷରେ ଧୋନୀଙ୍କୁ ବିଶ୍ରାମ

ହାଇଦ୍ରାବାଦ, ୧୭।୪ (ପି.ଟି.)- ୨୦୧୦ ପରଠାରୁ ପ୍ରଥମଥର ପାଇଁ ମହେନ୍ଦ୍ର ସିଂ ଧୋନୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଚେନ୍ନାଇ ସୁପର କିଙ୍ଗ୍ସର ନେତୃତ୍ୱ ନେଇନାହାନ୍ତି। ବୁଧବାର ଖେଳାଯାଇଥିବା ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍‌ରେ ତାଙ୍କୁ ବିଶ୍ରାମ ଦିଆଯାଇଛି। ତାଙ୍କ ଅନୁପସ୍ଥିତିରେ ସୁରେଶ ରାଇନା ଦଳରେ ନେତୃତ୍ୱ ନେଇଛନ୍ତି। ଧୋନୀ ବିଶ୍ରାମ ନେବାକୁ ଚାହୁଁଥିଲେ ଓ ସେ ପରବର୍ତ୍ତୀ ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ରାଇନା କହିଛନ୍ତି। ଆଘାତ ସମସ୍ୟାକୁ ଏଡାଇବା ପାଇଁ ସେ ଆଗୁଆ ଏପରି ନିଷ୍ପତ୍ତି ନେଇଛନ୍ତି। ଗତ କୋଲକାତା ବିପକ୍ଷ ମ୍ୟାଚ ଖେଳିବା ଅବସରରେ ସେ ପିଠିରେ ଆଘାତ ପାଇଥିଲେ। ତେବେ ଏହା ଗୁରୁତର ହୋଇ ନ ଥିଲେ ମଧ୍ୟ ସେ ବିଶ୍ରାମ ନେବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଟିମ୍ ମ୍ୟାନେଜମେଣ୍ଟ ତରଫରୁ ସୂଚନା ଦିଆଯାଇଛି। ମ୍ୟାଚ୍ ପୂର୍ବରୁ ଧୋନୀ ଫୁଟବଲ ଖେଳିଥିବାର ଦେଖାଯାଇଥିଲା। ଏହା ପରେ ରାଇନା ଟସ୍ ପକାଇବାକୁ ଆସିଥିଲେ। ଆଇପିଏଲ୍‌ରେ ଚତୁର୍ଥଥର ପାଇଁ ଧୋନୀ କୌଣସି ମ୍ୟାଚ୍ ଖେଳୁନାହାନ୍ତି।

### ହେନ୍‌ରିକ୍ସ, ମୁଜିବ୍ ଆହତ

ମୋହାଲି, ୧୭।୪(ପି.ଟି.)- ଆଇପିଏଲ୍‌ର ଦ୍ୱାଦଶ ସଂସ୍କରଣ ଦ୍ୱିତୀୟାର୍ଦ୍ଧ ଆଗେଇ ଚାଲିଥିବାବେଳେ କିଙ୍ଗ୍ସ ଇଲେଭେନ ପଞ୍ଜାବ ପାଇଁ ଆଘାତଜନିତ ସମସ୍ୟା ଚିନ୍ତାର କାରଣ ହୋଇଛି। ଅଲ୍‌ରାଉଣ୍ଡର ମୋଇସେସ୍ ହେନରିକ୍ସ ଓ ସ୍ପିନର ମୁଜିବ ଉର୍ ରେହମାନ ସାମାନ୍ୟ ଆଘାତ ପାଇଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି। ପଞ୍ଜାବ ପକ୍ଷରୁ ପଦାର୍ପଣ କରିବାକୁ ଥିବା ୩୨ ବର୍ଷୀୟ ଅଷ୍ଟ୍ରେଲିଆ ଅଲ୍‌ରାଉଣ୍ଡର ହେନରିକ୍ସ ମଙ୍ଗଳବାର ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍ ପୂର୍ବରୁ ଅଭ୍ୟାସ ସମୟରେ ଏକ କ୍ୟାଚ୍ ଧରୁଥିବାବେଳେ ତାଙ୍କ ମାଂସପେଶୀ ଟାଣି ହୋଇଯାଇଥିଲା। ସେହିଭଳି ଆଫଗାନିସ୍ତାନ ସ୍ପିନର ମୁଜିବ ରାଜସ୍ଥାନ ବିପକ୍ଷ ମ୍ୟାଚ୍ ଅବସରରେ ଖେଳିଥିବାବେଳେ ହାତରେ ଆଘାତ ପାଇଥିଲେ ବୋଲି କିଙ୍ଗ୍ସ ଇଲେଭେନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ରବିଚନ୍ଦ୍ରନ ଅଶ୍ୱିନଙ୍କ ନେତୃତ୍ୱାଧୀନ ପଞ୍ଜାବ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ରାଜସ୍ଥାନକୁ ୧୨ ରନରେ ପରାସ୍ତ କରିଥିଲା। ପଞ୍ଜାବ ବର୍ତ୍ତମାନ ସୁଦ୍ଧା ୯ ମ୍ୟାଚ୍‌ରୁ ୫ ବିଜୟ ଓ ୪ ପରାଜୟ ସହ ୧୦ ପଏଣ୍ଟ ପାଇ ଟେବୁଲର ୪ର୍ଥ ସ୍ଥାନରେ ରହିଛି।

## ଉପେକ୍ଷିତ ଖେଳାଳିଙ୍କୁ ଶାସ୍ତ୍ରୀଙ୍କ ସାନ୍ତ୍ୱନା

ଦୁବାଇ,୧୭।୪(ପି.ଟି.)

ଭାରତୀୟ ବିଶ୍ୱକପ୍ ଦଳ ଚୟନ ନେଇ ପୂର୍ବତନ ଅଲରାଉଣ୍ଡର ତଥା କୋଚ୍ ରବି ଶାସ୍ତ୍ରୀ ମୁହଁ ଖୋଲିଛନ୍ତି। ବିଶ୍ୱକପ୍ ପାଇଁ ଏକ ୧୫ ବଦଳରେ ଏକ ୧୬ ଜଣିଆ ଶକ୍ତିଶାଳୀ ଦଳ ଚୟନ ହୋଇଥିଲେ ଭଲ ହୋଇଥାନ୍ତ ବୋଲି ସେ ମତ ଦେଇଛନ୍ତି। ତେବେ ଯେଉଁ ଖେଳାଳିମାନେ ବିଶ୍ୱକପ୍ ଦଳରେ ସ୍ଥାନ ପାଇନାହାନ୍ତି ସେମାନଙ୍କୁ ଶାସ୍ତ୍ରୀ ସାନ୍ତ୍ୱନା ଦେଇଛନ୍ତି। ସେମାନେ ନିରାଶ ହେବା ଉଚିତ୍ ନୁହେଁ ବୋଲି ସେ କହିଛନ୍ତି। ମେ ୩୦ରୁ ଇଂଲଣ୍ଡରେ ଆରମ୍ଭ ହେବାକୁ ଥିବା ବିଶ୍ୱକପ୍ ପାଇଁ ସୋମବାର ଏକ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଥିଲା। ଏହି ଦଳରେ ରିଷଭ ପନ୍ତ ଓ ଅମ୍ବାତି ରାୟୁଡୁଙ୍କୁ ଚୟନକର୍ତ୍ତାମାନେ ଅଣଦେଖା କରିଥିଲେ। ଫଳରେ ଏ ନେଇ ବେଶ୍ ଚର୍ଚ୍ଚା ସୃଷ୍ଟି ହୋଇଥିଲା। ଦଳ ଚୟନରେ ମୋର କୌଣସି ଭୂମିକା ନାହିଁ ବୋଲି ଶାସ୍ତ୍ରୀ ସ୍ପଷ୍ଟ କରିଛନ୍ତି। ପୁଣି ଯେଉଁମାନେ ଦଳରେ ସ୍ଥାନ ପାଇନାହାନ୍ତି ସେମାନଙ୍କୁ ମଧ୍ୟ ସୁଯୋଗ ମିଳିପାରେ। କାରଣ କ୍ରିକେଟରେ ଇଞ୍ଜୁରି ସମସ୍ୟା ରହିଛି। ତେଣୁ କେତେବେଳେ ବି ଜଣେ ଖେଳାଳିଙ୍କୁ ଡାକରା ମିଳିପାରେ। ଏହି ବିଶ୍ୱକପ୍‌ରେ ଇଂଲଣ୍ଡ ଫେଭରାଇଟ୍ ଦଳ ବୋଲି ସେ କହିଛନ୍ତି। ଗତ ଦୁଇବର୍ଷ ହେବ ଇଂଲଣ୍ଡ କ୍ରମାଗତ ଭାବେ ସ୍ଥିର ପ୍ରଦର୍ଶନ କରିଆସୁଛି। ତେବେ ବିଶ୍ୱକପ୍‌ରେ ଏକାଧିକ ଦଳ ବିପର୍ଯ୍ୟୟ ଘଟାଇବାର ଦକ୍ଷତା ରଖୁଛନ୍ତି। ତେଣୁ ପ୍ରତ୍ୟେକ ଦଳକୁ ପ୍ରତି ମ୍ୟାଚ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡିବ। ଏହା ନ ହେଲେ ଦୁର୍ବଳ ଦଳଗୁଡିକ ମଧ୍ୟ ବିପର୍ଯ୍ୟୟ ଘଟାଇ ଆଗକୁ ଯାଇପାରିବେ ବୋଲି ଶାସ୍ତ୍ରୀ କହିଛନ୍ତି।



## ଆର୍‌ସିବି ଖେଳାଳିଙ୍କୁ ବିରୁଷ୍କାଙ୍କ ଡିନର ପାର୍ଟି

ମୁମ୍ବାଇ, ୧୭।୪

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଦଳ ଚଳିତ ଆଇପିଏଲ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖିଛି। ବର୍ତ୍ତମାନ ସୁଦ୍ଧା ବାଙ୍ଗାଲୋର ୮ ମ୍ୟାଚ୍ ଖେଳି ୭ ପରାଜୟ ଓ ଗୋଟିଏ ମାତ୍ର ବିଜୟ ସହ ୮ ଦଳୀୟ ପଏଣ୍ଟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଛି। ଆର୍‌ସିବି ଏହାର ଅନ୍ତିମ ମ୍ୟାଚ୍‌ରେ ମୁମ୍ବାଇରେ ଘରୋଇ ମୁମ୍ବାଇ ଇଣ୍ଡିଆନ୍ସଠାରୁ ୫ ଉଇକେଟ୍‌ରେ ପରାସ୍ତ ହୋଇଥିଲା। ଲଗାତର ପରାଜୟ ସତ୍ତ୍ୱେ ଏଥିରେ ବିବ୍ରତ ନ ହୋଇ ଅଧିନାୟକ କୋହଲି ଆର୍‌ସିବି ଖେଳାଳିଙ୍କୁ ଖୁସି କରିବା ପାଇଁ ଏକ ଡିନର ପାର୍ଟି ଦେଇଛନ୍ତି। ଯେହେତୁ ମୁମ୍ବାଇ ବିପକ୍ଷ ମ୍ୟାଚ୍ ଲାଗି ସମସ୍ତ ଖେଳାଳି ଏବେ ସେଠାରେ ରହିଛନ୍ତି ତେଣୁ କୋହଲି ଓର୍ଲିସ୍ଥିତ ନିଜ ବାସଭବନରେ ଏହି ଡିନର ପାର୍ଟିର ଆୟୋଜନ କରିଥିଲେ। ବିରାଟ ଓ ସ୍ତ୍ରୀ ଅନୁଷ୍କା (ବିରୁଷ୍କା)ଙ୍କ ଦ୍ୱାରା ଆୟୋଜିତ ଏହି ଡିନର ପାର୍ଟିରେ ଆର୍‌ସିବିର ଅଧିକାଂଶ ସଦସ୍ୟଙ୍କ ସହ ସ୍ୱତନ୍ତ୍ର ଅତିଥିଭାବେ ଚେନ୍ନାଇ ସୁପର୍ କିଙ୍ଗ୍ସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଏଥିରେ ଯୋଗ ଦେଇଥିବା ଜଣାପଡ଼ିଛି। ଏହି ପାର୍ଟିରେ ଉପସ୍ଥିତ ରହିଥିବା ଅନ୍ୟ ଖେଳାଳିଙ୍କ ମଧ୍ୟରେ ଯୁଜବେନ୍ଦ୍ର ଚହଲ, ହିମତ୍ ସିଂ, କୁଲୱନ୍ତ ଖେଜ୍ରୋଲିଆ, ଯୁବ ସ୍ପିନର ଡେବଦତ୍ତ ପାଡିକଲ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହାର କିଛି ଫଟୋ ଏବେ ସୋସିଆଲ ମିଡିଆରେ ଆସିବା ପରେ ଚର୍ଚ୍ଚାର ବିଷୟ ପାଲଟିଛି।



ହିମତ୍ ସିଂ (ଡାହାଣ)ଙ୍କ ସହ ବିରାଟ କୋହଲି ଓ ଅନୁଷ୍କା ଶର୍ମା।



ଢାକାରେ ବୁଧବାର ମିନର୍ଭା ପଞ୍ଜାବ ଏଫସି ଓ ବାଂଲାଦେଶର ଆବାହନୀ ଢାକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ। ଏହି ମ୍ୟାଚ ୨–୨ରେ ଅମୀମାଂସିତ ରହିଥିଲା।

## ଦିଲ୍ଲୀ- ମୁମ୍ବାଇ ମୁକାବିଲା ଆଜି: ଫୋକସରେ ପନ୍ତ

ନୂଆଦିଲ୍ଲୀ,୧୭।୪(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୩୪ତମ ମ୍ୟାଚ୍‌ରେ ଗୁରୁବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମୁହାଁମୁହିଁ ହେବେ। ସ୍ଥାନୀୟ ଫିରୋଜ ଶାହା କୋଟଲା ଗ୍ରାଉଣ୍ଡରେ ଘରୋଇ ପରିବେଶରୁ ଫାଇଦା ଉଠାଇ ଦିଲ୍ଲୀ ବିଜୟୀ ହେବା ଲକ୍ଷ୍ୟରେ ରହିଛି। ତେବେ ଏହି ମ୍ୟାଚ୍‌ରେ ରିଷଭ ପନ୍ତଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଭାରତୀୟ ବିଶ୍ୱକପ୍ ଦଳରୁ ବାଦ୍ ପଡିବା ପରେ ପନ୍ତଙ୍କୁ ନେଇ ଚର୍ଚ୍ଚା ଥମି ନାହିଁ। ପନ୍ତଙ୍କୁ ପଛରେ ପକାଇ ଚୟନକର୍ତ୍ତା ଅଭିଜ୍ଞ ଦୀନେଶ କାର୍ତ୍ତିକଙ୍କୁ ଦଳରେ ସାମିଲ କରିବା ପରେ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଫଳରେ ପନ୍ତ ଏହି ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ନିଜର ଦକ୍ଷତା ପ୍ରତିପାଦନ କରିବେ ବୋଲି ଆଶା କରାଯାଉଛି।

ଦିଲ୍ଲୀ ଏପର୍ଯ୍ୟନ୍ତ ୮ଟି ମ୍ୟାଚ୍ ଖେଳି ୫ ବିଜୟ ଓ ୩ଟି ପରାଜୟ ସହ ୧୦ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ମୁମ୍ବାଇ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୫ ବିଜୟ ଓ ୩ ପରାଜୟ ସହ ୧୦ ପଏଣ୍ଟ ପାଇଥିଲେ ମଧ୍ୟ ନେଟ୍ ରନରେଟ୍‌ରେ ପଛରେ ପଡି ତାଲିକାର ତୃତୀୟ ସ୍ଥାନରେ ରହିଛି। ତେଣୁ ଉଭୟ ଦିଲ୍ଲୀ ଓ ମୁମ୍ବାଇ ଏବେ ପ୍ଲେ- ଅଫ୍ ଦୌଡରେ ସାମିଲ ରହିଛନ୍ତି। ମୁମ୍ବାଇ ୩ଥର ଆଇପିଏଲ ଟାଇଟଲ ଜିତିଛି। ଦିଲ୍ଲୀ ୨୦୧୨ରେ ଶ୍ରେଷ୍ଠ ୪ଟି ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଦୁଇ ପୂର୍ବତନ ମହାନ୍ କ୍ରିକେଟର ହେଡ କୋଚ୍ ରିକି ପଣ୍ଟିଂ ଓ ମେଣ୍ଟର ସୌରଭ ଗାଙ୍ଗୁଲିଙ୍କ ଦିଗ୍‌ଦର୍ଶନରେ ଦିଲ୍ଲୀ ଆଶାଠାରୁ ଭଲ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଛି। ଏବେ ଦଳ ଟାଇଟଲ ଜିତିବାର କ୍ଷମତା ରଖୁଛି ବୋଲି ଦିଲ୍ଲୀ ଖେଳାଳି ହୃଦୟଙ୍ଗମ କରିବା ଆରମ୍ଭ କଲେଣି। ପଣ୍ଟିଂ ଓ ଗାଙ୍ଗୁଲି ଦିଲ୍ଲୀ ପ୍ରଦର୍ଶନରେ ଉନ୍ନତି ଆଣିପାରିଛନ୍ତି ବୋଲି ଦଳର ଅଭିଜ୍ଞ ଓପନର ଶିଖର ଧାୱନ୍ କହିଛନ୍ତି। ପୁଣି ଆମ ଦଳର ଯୁବ ଖେଳାଳିମାନେ ମଧ୍ୟ ପରିପକ୍ୱତା ହାସଲ କଲେଣି । ନୂଆ ନାଁ, ନୂଆ ପ୍ରଶାସନିକ ବ୍ୟବସ୍ଥା, ନୂଆ ସପୋର୍ଟ ଷ୍ଟାଫ୍‌ଙ୍କ ସହ ନୂଆ ଦିଲ୍ଲୀ ଦଳ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିବାରେ ସଫଳ ହୋଇଛି ବୋଲି ସେ କହିଛନ୍ତି। ଦିଲ୍ଲୀ ପାଇଁ ଦକ୍ଷିଣ ଆଫ୍ରିକା ପେସ୍ ଯୋଡି କାଗିସୋ ରାବାଡ଼ା ଓ କ୍ରିସ୍ ମୋରିସ୍ ବେଶ୍ ଦମଦାର ପ୍ରଦର୍ଶନ କରିଛନ୍ତି। ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲର କିମୋ ପଲ ମଧ୍ୟ ଗତ ଦୁଇଟି ମ୍ୟାଚ୍‌ରେ ନିର୍ଣ୍ଣାୟକ ପ୍ରଦର୍ଶନ କରିଛନ୍ତି। ସେହିପରି ବ୍ୟାଟିଂରେ ଅଧିନାୟକ ଶ୍ରେୟାସ ଆୟାର, ଅଭିଜ୍ଞ ଶିଖର ଧାୱନ ଫର୍ମ ଫେରିପାଇବା ସହ ଭଲ ପ୍ରଦର୍ଶନ କରିଛନ୍ତି। ପ୍ରଥମ ୫ଟି ମ୍ୟାଚ୍‌ରେ ଓପନିଂ ଯୋଡି ଭଲ ଖେଳି ନ ଥିଲେ ମଧ୍ୟ ପରେ ଦମ୍ ଦେଖାଇବାରେ ସଫଳ ହୋଇଛନ୍ତି। ତେବେ ପନ୍ତଙ୍କ ଉପରେ ସମସ୍ତଙ୍କ ନଜର ରହିବ। କାରଣ ବିଶ୍ୱକପ୍ ଦଳରୁ ବାଦ୍ ପଡିବା ପରେ ସେ ପ୍ରଥମଥର ପାଇଁ ଖେଳିବାକୁ ଯାଉଛନ୍ତି।

ଏଥିସହ କୋଟଲା ପିଚ୍ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିବ। ମନ୍ଥର ପିଚ୍ ପାଇଁ କୋଟଲାର ଏହି ପିଚ୍ ବେଶ୍ ସମାଲୋଚିତ ହୋଇଛି। ଯେକୌଣସି ଘରୋଇ ଦଳ ପାଇଁ ଏହି ପିଚ୍ ସବୁଠାରୁ ଖରାପ୍ ବୋଲି ପଣ୍ଟିଂ ମତ ଦେଇଛନ୍ତି। କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷ ମ୍ୟାଚ୍ ଏଠାରେ ସୁପର ଓଭରକୁ ଯାଇଥିଲା। ବାକି ଦୁଇଟି ମ୍ୟାଚ୍‌ରେ ଲୋ– ସ୍କୋରିଂ ଥିଲା ଓ ଦିଲ୍ଲୀ ଦଳ ପ୍ରଦର୍ଶନ ଭଲ ହୋଇ ନ ଥିଲା। ଦିଲ୍ଲୀ ଭଳି ମୁମ୍ବାଇ ମଧ୍ୟ ପ୍ରତି ମ୍ୟାଚ୍‌ରେ ତା'ର ପ୍ରଦର୍ଶନରେ ଉନ୍ନତି ଆଣିବାରେ ସକ୍ଷମ ହୋଇଛି। ତେଥି ଓଭର ସ୍ପେଶାଲିଷ୍ଟ ଲସିଥ ମାଲିଙ୍ଗା ଓ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଏବେ ପୂରା ଲୟରେ ରହିଛନ୍ତି। ଗୁରୁବାର ବାଙ୍ଗାଲୋରରେ ହାର୍ଦ୍ଦିକ ୧୬ ବଲରୁ ୩୭ ରନ ସଂଗ୍ରହ କରିଥିଲେ। ୱାଙ୍ଖଡେରେ ମୁମ୍ବାଇ ବିପକ୍ଷରେ ପୂର୍ବରୁ ଭଲ ପ୍ରଦର୍ଶନ କରିଛି। ତେଣୁ ଏହି ମ୍ୟାଚ୍‌ରେ ମୁମ୍ବାଇ ଉନ୍ନତ ପ୍ରଦର୍ଶନ କରି ବିଜୟୀ ହେବା ଲକ୍ଷ୍ୟରେ ରହିଛି।



ଦିଲ୍ଲୀ ଏୟାରପୋର୍ଟରେ ପହଞ୍ଚିବା ପରେ ସ୍ତ୍ରୀ ପାଙ୍ଖୁରୀ ଶର୍ମାଙ୍କ ସହ କ୍ରୁନାଲ ପାଣ୍ଡ୍ୟା।




# ବିନା ସିଓଆର୍‌ରେ ଚାଲିଛି ବେସରକାରୀ ଶିକ୍ଷାନୁଷ୍ଠାନ

## ଜାଭିୟର୍ସ ହାଇସ୍କୁଲ ପରିଦର୍ଶନ କଲେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ

**ଜଗତ୍‌ସିଂହପୁର ଅଫିସ,୧୭।୪**

ଜଗତ୍‌ସିଂହପୁର ଜିଲାରେ ବେନିୟମ ଭାବେ ବହୁ ବେସରକାରୀ ଶିକ୍ଷାନୁଷ୍ଠାନ ଚାଲିଛି। ବିଶେଷ କରି ଜିଲା ମୁଖ୍ୟାଳୟରେ ବିନା ସିଓଆର୍ (ସାର୍ଟିଫିକେଟ୍ ଅଫ ରେକଗ୍ନାଇଜେଶନ୍)ରେ ଏକାଧିକ ବିଦ୍ୟାଳୟ ଚାଲିଥିଲେ ମଧ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସରକାର କଟକଣା ଲଗାଉ ନ ଥିବାରୁ ଏହି ବିଦ୍ୟାଳୟଗୁଡିକ ମିଥ୍ୟା ପ୍ରତିଶ୍ରୁତି ଦେଇ ଛାତ୍ରାଭିଭାବକଙ୍କୁ ଲୁଟୁଛନ୍ତି। ପରେ ସେମାନଙ୍କ ପିଲାଙ୍କ ନାମ ଲେଖାଇ ନିଜର ଲକ୍ଷ୍ୟ ପୂରଣ କରୁଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ପ୍ରତିଭା ମଞ୍ଜରୀ ଦାସଙ୍କୁ ପଚାରିବାରୁ ସେ କହିଲେ ଯେ, ଜଗତ୍‌ସିଂହପୁରରେ ଥିବା ଏକାଧିକ ବେସରକାରୀ ବିଦ୍ୟାଳୟକୁ ସିଓଆର୍ ଦିଆଯାଇନାହିଁ। ତେଣୁ ବେଆଇନ ଭାବେ ସେଗୁଡିକ ଚାଲିଥିବାରୁ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ବୋଲି କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ତେବେ ମଙ୍ଗଳବାର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିଭୂ ପ୍ରସାଦ ଷଡ଼ଙ୍ଗୀ ଜଗତ୍‌ସିଂହପୁର ଗସ୍ତରେ ଆସି ଏଠାରେ ଥିବା ଜାଭିୟର୍ସ ହାଇସ୍କୁଲ ପରିଦର୍ଶନ କରିଛନ୍ତି। ହେଲେ ଏହି ବିଦ୍ୟାଳୟ ବିରୋଧରେ ସେ ରାଜ୍ୟ ସରକାରଙ୍କୁ କଣ ରିପୋର୍ଟ ଦେଉଛନ୍ତି ତାହା ପରବର୍ତ୍ତୀ ସମୟରେ ଜଣାପଡିବ ବୋଲି କୁହାଯାଇଛି।

■ନାମଲେଖାରେ ଅଙ୍କୁଶ ଲାଗୁନି

■ଡିଇଓ କହିଲେ କାରଣ ଦର୍ଶାଅ ନୋଟିସ୍ ହୋଇଛି

ସୂଚନା ଅନୁଯାୟୀ, ଜିଲା ମୁଖ୍ୟାଳୟ ସମେତ ଅନ୍ୟ ଅଞ୍ଚଳରେ ୨୦୦ରୁ ଅଧିକ ବିଦ୍ୟାଳୟ ସିଓଆର୍ ପାଇଁ ଆବେଦନ କରିଛନ୍ତି। କିନ୍ତୁ ହାତ ଗଣତି କେତୋଟିକୁ ବାଦ୍‌ଦେଲେ ଅବଶିଷ୍ଟ ସିଓଆର୍ ପାଇବା ପାଇଁ ଅନୁପଯୁକ୍ତ ବୋଲି ଜଣାଯାଇଛି। ଏହାସତ୍ତ୍ୱେ ସମ୍ପୃକ୍ତ ବେଆଇନ ଶିକ୍ଷାନୁଷ୍ଠାନଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାରେ ଉଦ୍ଦେଶ୍ୟମୂଳକ ଭାବେ ବିଳମ୍ବ କରାଯାଉଛି। କେବଳ ଏତିକି ନୁହେଁ, ସ୍ଥାନୀୟ ସେଣ୍ଟ ଜାଭିୟର୍ସ ସ୍କୁଲ କର୍ତ୍ତୃପକ୍ଷ ଜାଲ କରି ୨.୦୪ ଡିସିମିଲ ଜମି କାଗଜପତ୍ର ଦାଖଲ କରିଥିବା ଅଭିଯୋଗ ହୋଇଥିଲା। ଏହି ବିଦ୍ୟାଳୟକୁ ୨୦୦୭ରେ ସର୍ତ୍ତମୂଳକ ଏନ୍‌ଓସି ମିଳିଥିଲା। କିନ୍ତୁ ପରେ ଏନ୍‌ଓସି ଦିଆଯାଇ ନ ଥିଲା। ସହରାଞ୍ଚଳରେ କୌଣସି ବେସରକାରୀ ବିଦ୍ୟାଳୟ ଖୋଲିବାକୁ ହେଲେ ସର୍ବନିମ୍ନ ୧ ଏକର ଜମି ଆବଶ୍ୟକ। ଗ୍ରାମାଞ୍ଚଳରେ ଏହି ପରିମାଣ ଦେଢ ଏକର। ଜଗତ୍‌ସିଂହପୁର ତହସିଲଦାର ତଦନ୍ତ କରି ଜାଣିବାକୁ ପାଇଥିଲେ ଯେ ଏହି ବିଦ୍ୟାଳୟ ୬ ଡିସିମିଲ ଜମିରେ ହୋଇଛି। ତତ୍କାଳୀନ ଜିଲାପାଳ ଯାମିନୀ ଷଡ଼ଙ୍ଗୀ ଏ ସମ୍ପର୍କରେ ଜାତୀୟ ଶିଶୁ ସୁରକ୍ଷା କମିଶନଙ୍କଠାରୁ ସିବିଏସ୍‌ଇ କର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରିଥିଲେ। ଅନୁରୂପ ଭାବେ ଜଗତ୍‌ସିଂହପୁରରେ ୫ ତଳ ବିଶିଷ୍ଟ ବିଲ୍ଡିଂକୁ ଅନୁମତି ନ ଥିଲେ ସୁଦ୍ଧା ଏଥିରେ ଶିକ୍ଷାନୁଷ୍ଠାନ ଚାଲିଛି। ତାହା ପୁଣି ଜାତୀୟ ରାଜପଥ ପାର୍ଶ୍ୱରେ। ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ନ ଥାଇ ଏହି ଶିକ୍ଷାନୁଷ୍ଠାନ ସମେତ ଶତାଧିକ ବେଆଇନ ଭାବେ ଚାଲିଥିବା ଅଭିଯୋଗ ହୋଇଛି।

# ଗୋରେଖନାଥଙ୍କ ହୁଣ୍ଡିରୁ ୫ ଲକ୍ଷ ୪୮୦ ଟଙ୍କା ଆୟ

**ରଘୁନାଥପୁର, ୧୭।୪ ଡି.ଏନ.ଏ.)**

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରେଖନାଥଙ୍କ ହୁଣ୍ଡିରୁ ୫ ଲକ୍ଷ ୪୮୦ ଟଙ୍କା ଆୟ ହୋଇଛି। ବୁଧବାର ପୂର୍ବାହ୍ନରେ ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ସଂଗ୍ରାମ କେଶରୀ ଭଳଙ୍କ ଉପସ୍ଥିତରେ ଗୋରେଖନାଥଙ୍କ ସମ୍ମୁଖରେ ଥିବା ଦୁଇଟି ଦାନବାକ୍ସ ଖୋଲାଯାଇ ଗଣତି କରାଯାଇଥିଲା। ଗଣତିରେ ଟ୍ରଷ୍ଟବୋର୍ଡ ସଭ୍ୟ ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ସୁରେନ୍ଦ୍ର ନାଥ ସ୍ୱାଇଁ, ସୂର୍ଯ୍ୟ ନାରାୟଣ ପଣ୍ଡା, ପ୍ରଦୀପ୍ତ କୁମାର ମହାନ୍ତି, ସୁଶାନ୍ତ କୁମାର ଦାଶ, କିରାଣି ସରୋଜ କୁମାର ସାହାଣୀଙ୍କ ସମେତ ଭୋଟ ୨୫ ଜଣ ନିୟୋଜିତ ହୋଇଥିଲେ। ଜଗତ୍‌ସିଂହପୁର ଏଚଡିଏଫସି ବ୍ୟାଙ୍କ ମ୍ୟାନେଜର ଜ୍ୟୋତିରଞ୍ଜନ ତ୍ରିପାଠୀଙ୍କ ସମେତ ୩ ଜଣ କର୍ମଚାରୀ ମଧ ଏହି କାର୍ଯ୍ୟରେ ନିୟୋଜିତ ଥିଲେ। ପୂର୍ବରୁ ଗଣା ହୋଇ ନ ପାରି ଅଖା ବସ୍ତାରେ ବନ୍ଧା ହୋଇ ରହିଥିବା କଏନ ମଧ ଗଣା ହୋଇଥିଲା। ତେବେ କଏନଗୁଡିକ ସମ୍ପୂର୍ଣ୍ଣ ଗଣା ହୋଇ ନ ପାରିବାରୁ ସେଗୁଡିକ ଡିପୋଜିଟ୍ ହୋଇପାରିନାହିଁ। ବାକି ଗଣା ହୋଇଥିବା ଟଙ୍କାକୁ ଏଚଡିଏଫସି ବ୍ୟାଙ୍କରେ ଡିପୋଜିଟ୍ କରାଯାଇଛି।



ଗୋରେଖନାଥଙ୍କ ହୁଣ୍ଡିରୁ ବାହାରିଥିବା ଟଙ୍କା ଗଣାଯାଉଛି।

# ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ୧.୫ ଲକ୍ଷ ଜବତ

**ଜଗତ୍‌ସିଂହପୁର ଅଫିସ,୧୭।୪**

ବୁଧବାର ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଧୁସୂଦନପୁର ଠାରେ ଫ୍ଲାଇଂ ସ୍କ୍ୱାଡ ଟିମ୍ ଦ୍ୱାରା ୧.୫ ଲକ୍ଷ ଟଙ୍କା ଜବତ ହୋଇଛି। ଜନୈକ ବ୍ୟକ୍ତି ଏକ ବାଇକ୍ (ନଂ. ଓଆର୍-୨୧-ବି-୯୩୭୨)ରେ ଜଗତ୍‌ସିଂହପୁରରୁ ମଧୁସୂଦନପୁର ଯାଉଥିବା ବେଳେ ଫ୍ଲାଇଂ ସ୍କ୍ୱାଡ ଟିମ୍ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲା। ତେବେ ଏହି ଟଙ୍କା ସମ୍ପର୍କରେ ସମ୍ପୃକ୍ତ ବ୍ୟକ୍ତି କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଟଙ୍କା ଟ୍ରେଜେରୀରେ ଜମା କରାଯାଇ ତଦନ୍ତ ଚାଲିଥିବା ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

■ ଆଜି ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଭୋଟ

# ମତଦାନ କରିବେ ୧ ଲକ୍ଷ ୮୯ ହଜାର ଭୋଟର

ନୟାଗଡ଼ ଅଫିସ,୧୭।୪

ରାଜ୍ୟରେ ଦ୍ୱିତୀୟ ତଥା ନୟାଗଡ଼ ଜିଲାରେ ପ୍ରଥମ ପର୍ଯ୍ୟାୟରେ ଗୁରୁବାର ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ନିର୍ବାଚନ ଅନୁଷ୍ଠିତ ହେବ। ଉଭୟ କନ୍ଧମାଳ ଲୋକ ସଭା ଓ ଏହା ଅନ୍ତର୍ଗତ ଦଶପଲ୍ଲା ବିଧାନସଭା ଆସନ ପାଇଁ ଭୋଟରମାନେ ମତଦାନ କରିବେ। ସକାଳ ୭ଟାରୁ ଅପରାହ୍ଣ ୪ଟା ଯାଏ ମତଦାନ କରାଯିବ। ଆରମ୍ଭର ଦେଢ଼ଘଣ୍ଟା ପୂର୍ବରୁ ବୁଥ୍‌ଗୁଡ଼ିକରେ ମକ୍ ପୋଲିଂ କରାଯିବ। ଏଥିପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।


ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ମତଦାନ କେନ୍ଦ୍ରରେ ଅଧିକାରୀମାନେ ପ୍ରସ୍ତୁତ ହେଉଛନ୍ତି।

■ ଜଣେ ମହିଳାଙ୍କ ସମେତ ମଇଦାନରେ ୭ ପ୍ରାର୍ଥୀ
■ ୨୩୪ ବୁଥ୍‌ରେ ହେବ ମତଦାନ

## ମଇଦାନରେ ୧୨ ପ୍ରାର୍ଥୀ

କନ୍ଧମାଳ ଲୋକ ସଭା ଓ ଦଶପଲ୍ଲା ବିଧାନସଭା ଆସନ ପାଇଁ ଜଣେ ମହିଳା ପ୍ରାର୍ଥୀଙ୍କୁ ମିଶାଇ ୧୨ ଜଣ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ଦଶପଲ୍ଲା ବିଧାନସଭା ଆସନ ପାଇଁ ୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନେ ହେଲେ ବିଜେଡିରୁ ରମେଶ ଚନ୍ଦ୍ର ବେହେରା, ଭାଜପାରୁ ପୂର୍ଣ୍ଣଚନ୍ଦ୍ର ନାୟକ, କଂଗ୍ରେସରୁ ପ୍ରଶାନ୍ତ କୁମାର ନାୟକ, ଏନ୍‌ସିପିରୁ ବେଣୁଧର ନାୟକ, ସମତାକ୍ରାନ୍ତି ଦଳରୁ ତ୍ରିନାଥ ନାୟକ, ବିଏସ୍‌ପିରୁ ଦେବରାଜ ନାୟକ ଓ ସ୍ୱାଧୀନପ୍ରାର୍ଥୀ ବିଷ୍ଣୁପ୍ରିୟା ଦାଶ । କନ୍ଧମାଳ ଏମ୍‌ପି ଆସନ ପାଇଁ ୫ ଜଣ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ସେମାନେ ହେଲେ ବିଜେଡିରୁ ଅଚ୍ୟୁତ ସାମନ୍ତ, ଭାଜପାରୁ ଐର ଖାରବେଳ ସ୍ୱାଇଁ, କଂଗ୍ରେସରୁ ମନୋଜ ଆଚାର୍ଯ୍ୟ, ବିଏସ୍‌ପିରୁ ଅମିର ନାୟକ ଓ ସିପିଆଇରୁ ଟୁନା ମଲ୍ଲିକ।

## ୧ ଲକ୍ଷ ୮୯ ହଜାର ୬୩୦ ଭୋଟର

ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ୧,୮୯,୬୩୦ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ୯୮,୮୬୨ ପୁରୁଷ , ୯୦,୭୫୩ ମହିଳା ଓ ୧୫ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ଦିବ୍ୟାଙ୍ଗ ଭୋଟରଙ୍କ ସଂଖ୍ୟା ୩୩୯୧ ହୋଇଥିବା ବେଳେ ୩ ଜଣ ଭିଆଇପି ଭୋଟର ଅଛନ୍ତି। ଗତ ନିର୍ବାଚନରେ ୬୮.୬୭ ପ୍ରତିଶତ ମତଦାନ ହୋଇଥିଲା। ଚଳିତ ଥର ଭୋଟ ହାର ବଢ଼ାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି।

## ମତଦାନ ପାଇଁ ୨୩୪ ବୁଥ୍

ନୂଆଗାଁ ବ୍ଲକର ୨୨, ଦଶପଲ୍ଲାର ୨୦, ଗଣିଆର ୮ଟି ପଞ୍ଚାୟତ ଓ ଦଶପଲ୍ଲା ଏନ୍‌ଏସିକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ମତଦାନ ପାଇଁ ୨୩୪ଟି ବୁଥ୍ କରାଯାଇଛି। ଏଥିମଧ୍ୟରୁ ୫୨ ବୁଥ୍ ସମ୍ବେଦନଶୀଳ ଥିବା ଜଣାପଡ଼ିଛି। ଗୋଟିଏ ଲେଖାଏ ବୁଥ୍‌ରେ ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସର ଭଳି ୬ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେହିପରି ପ୍ରତି ବୁଥ୍‌ରେ ଜଣେ ଲେଖାଏ ପୋଲିସ କର୍ମଚାରୀ ନିୟୋଜିତ କରାଯାଇଛି। ୩୫ ବୁଥ୍‌ରେ ୧୦୫ଜଣ ମହିଳା କର୍ମଚାରୀଙ୍କୁ ପୋଲିଂ ପାଇଁ ନିୟୋଜିତ କରାଯାଇଛି। ପ୍ରତି ବ୍ଲକରେ ୨ଟି ଲେଖାଏ ଆଦର୍ଶ ବୁଥ୍ କରାଯାଇଛି। ଦିବ୍ୟାଙ୍ଗ ଓ ବୟସ୍କ ଲୋକମାନଙ୍କୁ ବୁଥକୁ ଅଣାଯିବା ପାଇଁ ପ୍ରତି ବୁଥ୍‌ରେ ସ୍ୱତନ୍ତ୍ର ଗାଡ଼ିର ବ୍ୟବସ୍ଥା କରାଯାଇଥିବା ଜିଲାପାଳ ଡା.ଏନ. ତିରୁମାଲା ନାୟକ ସୂଚନା ଦେଇଛନ୍ତି। ନିର୍ବାଚନ ସମୟରେ ଯେପରି କୌଣସି ବିଶୃଙ୍ଖଳା ନ ହେବ ସେଥିପାଇଁ ମୋବାଇଲ ସ୍କ୍ୱାଡ, ସେକ୍ଟର ଅଫିସର, ଜୋନାଲ ଅଫିସର ଟିମ୍ ଗଠନ କରାଯାଇଛି। ଦଶପଲ୍ଲାକୁ ଯୋଗାଯୋଗ କରୁଥିବା ସମସ୍ତ ରାସ୍ତାର ସୀମାକୁ ସିଲ୍ କରାଯାଇ ଗାଡ଼ିମୋଟର ଯାଞ୍ଚ କରାଯାଉଥିବା ଏସ୍‌ପି ଶଶିଭୂଷଣ ଶତପଥୀ ପ୍ରକାଶ କରିଛନ୍ତି।

# ପୋଲିସ ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ରଣପୁର (ସ୍ୱ.ପ୍ର.),୧୭।୪

ନୟାଗଡ଼ ଜିଲା ଚାନ୍ଦପୁର-ରଣପୁର ରାସ୍ତାର ରାଇପଡ଼ା ଛକଠାରେ ବୁଧବାର ସନ୍ଧ୍ୟାରେ ଏକ ପୋଲିସ ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ କେରେଣ୍ଡାଟାଙ୍ଗି ପଞ୍ଚାୟତ ରାଇପଡ଼ା ଗ୍ରାମର ସୁନୀଲ ଚମ୍ପତି। ପ୍ରକାଶ ଯେ, ନିର୍ବାଚନ କାର୍ଯ୍ୟରେ ପୋଲିସ ଗାଡ଼ିଟି ଯାଉଥିବା ବେଳେ ସୁନୀଲ ବାଇକ୍ (ନଂ.ଓଡ଼ି ୨୫ ଡ଼ି ୭୧୨୫)ରେ ଘରକୁ ଫେରୁଥିଲେ। ରାଇପଡ଼ା ଛକଠାରେ ପୋଲିସ କର୍ମଚାରୀ ଥିବା ବୋଲେରୋ ଗାଡ଼ିଟି ତାଙ୍କୁ ଧକ୍କା ଦେବାରୁ ସେ ଛିଟିକି ପଡ଼ିଥିଲେ। ପରେ ପଛରେ ଆସୁଥିବା ଆଉ ଏକ ଗାଡ଼ିରୁ ପୋଲିସ କର୍ମଚାରୀମାନେ ଓହ୍ଲାଇ ସୁନୀଲଙ୍କୁ ନିକଟସ୍ଥ ରଣପୁର ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ଗୁରୁତର ଅବସ୍ଥାରେ ସେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। କ୍ଷତିପୂରଣ ଦାବିରେ ଗ୍ରାମବାସୀ ଓ ଆହତଙ୍କ ପରିବାର ସଦସ୍ୟ ଚାନ୍ଦପୁର-ରଣପୁର ରାସ୍ତାରେ ଟାୟାର ଜାଳି ଅବରୋଧ କରିଛନ୍ତି। ଖବର ଲେଖାହେଲା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଛି।


କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ଚାନ୍ଦପୁର-ରଣପୁର ରାସ୍ତା ଅବରୋଧ।

UTKAL UNIVERSITY
CENTRE FOR IT EDUCATION
P.G. DEPARTMENT OF STATISTICS
VANI VIHAR, BHUBANESWAR-751004, ODISHA, INDIA
UTKAL UNIVERSITY
NAAC-A+ Accreditation
: 0674 - 2567711 / 2567275 / 9438014469. Website : www.citeutkal.com
e-mail : admission@citeutkal.com, centreforiteducation@gmail.com

ADMISSION NOTICE 2019-20 FOR M. TECH. (IT)

Applications are invited for admission for the 2 Year Full time Program on M. Tech in Information Technology in the department for the academic session 2019-20 under PPP mode.

SELECTION PROCEDURE

Selection of candidates for admission shall be made on the basis of Entrance Test to be conducted by the **Centre for IT Education, P.G. Department of Statistics, Utkal University on 20.07.2019 at 01:00 P.M-02:30 P.M.**

ELIGIBILITY FOR ADMISSION

(i) Master's degree in Computer Science/Information Technology/Computer Applications/Statistics/Mathematics/Physics/Electronic Sciences or any other qualification considered equivalent.
(ii) Bachelor's degree in Engineering/Technology or any other qualification considered equivalent (such as AMIEE or DOEACC 'B' Level).
Candidates waiting for final result may provisionally be admitted into M. Tech. (IT) course, provided that such candidates shall submit their pass result/CLC before filling up forms for the 1st semester examination.

HOW TO APPLY

Eligible candidates are required to apply to the Course Head/Director, Centre for IT Education, P.G. Department of Statistics, Utkal University in the prescribed application form downloadable from the **Website-http://www.utkaluniversity.ac.in, http://www.citeutkal.com** from 15.04.2019 along with Two Bank Drafts i.e., (i) **Rs. 150/-** in favour of **"Comptroller of Finance, Utkal University"** towards Application Form fees, and (ii) **Rs. 350/-** in favour of **"Centre for IT Education, Utkal University"** towards the Entrance Test fees drawn on any nationalized bank payable at Bhubaneswar, at the time of submission of the application form. **The downloaded application forms are also available in the department.**
**For details about Course Fee & Structure, visit the website-www.citeutkal.com**

**Last date of issue and submission of the application form is 16.07.2019 (5:00 P.M)**

**Course Director, M. Tech.(IT)**

■ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ୪ର୍ଥ ଦିବସ

# ଶ୍ରୀରାମ ବନବାସ, ଭରତ ମିଳନ, ବିରାଧ୍ୟ ବଧ


ରାମ ନାଟକରେ ରାମ, ଲକ୍ଷ୍ମଣ ଓ ସୀତାଙ୍କ ବନବାସ ଦୃଶ୍ୟ।

ଦଶପଲ୍ଲା,୧୭।୪(ଡି.ଏନ.ଏ.)

ଦଶପଲ୍ଲା ମହାବୀର କ୍ଷେତ୍ରରେ ଚାଲିଥିବା ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରାର ବୁଧବାର ଥିଲା ୪ର୍ଥ ଦିବସ। ଉକ୍ତ ଦିବସରେ ରାମନାଟକ ପାଇଁ ପାରମ୍ପରିକ ରୀତିରେ ପୂର୍ବାହ୍ଣରେ ମନ୍ଦିର ପରିସରରେ ପୂଜାବିଧି ହୋଇଥିଲା। ରାତିରେ କଳାକାରମାନଙ୍କ ଦ୍ୱାରା ଶ୍ରୀରାମ ବନବାସ, ଭରତ ମିଳନ ଓ ବିରାଧ୍ୟ ବଧ ମଞ୍ଚସ୍ଥ ହୋଇଥିଲା। ପିତୃ ସତ୍ୟ ପାଳନ କରି ପ୍ରଭୁ ଶ୍ରୀରାମଚନ୍ଦ୍ର ବନବାସ ଗଲେ। ସାଙ୍ଗରେ ଭ୍ରାତା ଲକ୍ଷ୍ମଣ ଏବଂ ଦେବୀ ସୀତା ମଧ୍ୟ ଗଲେ। ଭରତ ଓ ଶତ୍ରୁଘ୍ନ ମାମୁଘରୁ ଫେରି ସବୁ ସତକଥା ଜାଣିପାରି ଏଥିନିମନ୍ତେ ମନ୍ଥରା ଓ ନିଜ ମାତା କୈକେୟୀଙ୍କୁ ଦାୟୀ କରି ରାମଚନ୍ଦ୍ରଙ୍କୁ ଫେରାଇ ଆଣିବାକୁ ବନ ଅଭିମୁଖେ ବାହାରିଲେ। ଚିତ୍ରକୁଟ ପର୍ବତ ନିକଟରେ ପହଞ୍ଚି ଭରତ ଓ ଶତ୍ରୁଘ୍ନ ଶ୍ରୀରାମଙ୍କ ନିକଟକୁ ଗଲେ। ଅଯୋଧ୍ୟା ଫେରି ଆସିବାକୁ ଅନୁରୋଧ କଲେ। ବହୁ ବୁଝାଶୁଝା କରିବା ପରେ ଶ୍ରୀରାମଙ୍କ ପାଦୁକାକୁ ଧରି ଫେରିଥିଲେ ଏବଂ ସିଂହାସନରେ ତାହା ରଖି ପୂଜା କରି ରାଜ୍ୟ ଶାସନ କଲେ। ଅନ୍ୟପକ୍ଷେ ବିରାଧ୍ୟ ନାମକ ଏକ ଅସୁର ଜଙ୍ଗଲ ମଧ୍ୟରେ ଉତ୍ପାତ କରୁଥିଲା। ସେ ମୁନିଋଷିଙ୍କ ଯଜ୍ଞସ୍ଥଳ ଭଙ୍ଗାରୁଜା କରିବା ସହ ଯଜ୍ଞ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିଲା। ଏପରି କି ମୁନି ଋଷିମାନଙ୍କୁ ହଇରାଣ କରୁଥିଲା। ଏହି ଅସୁର ରାମ ଲକ୍ଷ୍ମଣ ସୀତାଙ୍କୁ ଦେଖି କାବୁ କରି ନେବାକୁ ଉଦ୍ୟମ କରନ୍ତେ ତାହା ଜାଣି ସୀତା କ୍ରନ୍ଦନରତ ଥିବା ବେଳେ ରାମ ଲକ୍ଷ୍ମଣ ବିରାଧ୍ୟକୁ ବଧ କରିଥିଲେ। ବିରାଧ୍ୟ ବଧ ପରେ ପୃଥିବୀ ଶାନ୍ତ ହୋଇଥିଲା। ମୁନିଋଷିମାନେ ଏହା ଜାଣି ରାମ ଲକ୍ଷ୍ମଣଙ୍କ ଉପରେ ଖୁସି ହୋଇଥିଲେ।

ଜନ୍ମଦିନ ଶୁଭେଚ୍ଛା



ସସ୍ମିତା ତ୍ରିପାଠୀ (ରୁନୁ)
ପ୍ଲଟ ନଂ-୨୪, ଭୀମପୁର, ଏୟାରପୋର୍ଟ ଏରିଆ, ଭୁବନେଶ୍ୱର
ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଅଛୁ କି ତୁମକୁ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ: ଗୁଗି, ମିମି, ମାମା, ଚାନ୍ଦିନୀ, ଲିକା, ଲିପୁ, ଜ୍ଞାନ ଓ ପରିବାରବର୍ଗ।
ଧ-୬୬୦୮୯

# ଭୋଜି ପାଇଁ ଟଙ୍କା ବଣ୍ଟାଯାଉଥିବା ଭିଡିଓ ଭାଇରାଲ୍

**ନୟାଗଡ଼ ଅଫିସ,୧୭।୪:** ନୟାଗଡ଼ ଜିଲା ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଗୁରୁବାର ନିର୍ବାଚନ ଅନୁଷ୍ଠିତ ହେବ। ମତଦାନ ପାଇଁ ଯେପରି କୌଣସି ଦଳ କାହାରିକୁ ଟଙ୍କା ନ ଦିଅନ୍ତି ସେ ନେଇ ପର୍ଯ୍ୟବେକ୍ଷକ ଓ ଜିଲା ପ୍ରଶାସନ ପକ୍ଷରୁ ନଜର ରଖାଯାଇଥିବା କୁହାଯାଉଛି। ହେଲେ ନିର୍ବାଚନର ଗୋଟିଏ ଦିନ ପୂର୍ବରୁ ଖୋଲାଖୋଲି ଲୋକମାନଙ୍କୁ ଟଙ୍କା ବଣ୍ଟା ଯାଉଥିବା ଭିଡିଓ ଭାଇରାଲ୍ ହୋଇଛି। ଭାଇରାଲ ହୋଇଥିବା ଭିଡିଓରୁ ସ୍ଥାନଟି ନୂଆଗାଁ ବ୍ଲକ ପଞ୍ଚୁପାଣ୍ଡବ ମଠ ନିକଟରେ ବୋଲି ଜଣାପଡ଼ିଛି। ବୁଧବାର ଅପରାହ୍ଣରେ ଏକ ଦଳର କିଛି କୁଜିନେତା ନିଜ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ପ୍ରତି ୱାର୍ଡରେ ଭୋଜି କରିବାକୁ ଟଙ୍କା ବାଣ୍ଟୁଛନ୍ତି। ପ୍ରତି ୱାର୍ଡ ପିଛା ୨ ହଜାର ଟଙ୍କା ବଣ୍ଟାଯାଉଥିବା ନେଇ ଭିଡିଓରେ ଦେଖିବାକୁ ମିଳୁଛି। ଏ ନେଇ ନୟାଗଡ଼ ଜିଲାପାଳ ଡା. ଏନ୍ ତିରୁମାଲା ନାୟକଙ୍କୁ ପଚାରିବାରୁ ସେ ଏ ଘଟଣା ବିଷୟରେ ଅବଗତ ନ ଥିବା କହିଥିଲେ।

# ନାବାଳିକା ବଳାତ୍କାର ମାମଲା: ଯୁବକଙ୍କୁ ୧୦ ବର୍ଷ କାରାଦଣ୍ଡ

**ନୟାଗଡ଼ ଅଫିସ,୧୭।୪ :** ଏକ ନାବାଳିକା ବଳାତ୍କାର ମାମଲାରେ ଜଣେ ଯୁବକଙ୍କୁ ୧୦ ବର୍ଷ କାରାଦଣ୍ଡ ଶୁଣାଣି ହୋଇଛି। ଯୁବକ ଜଣଙ୍କ ହେଲେ ନୟାଗଡ଼ ଜିଲା ରଣପୁର ଥାନା ମୟୂରଖଲିଆ ଗ୍ରାମର ସୌମ୍ୟରଞ୍ଜନ ସ୍ୱାଇଁ।

ପ୍ରକାଶ ଯେ, ରଣପୁର ଥାନା ଅଞ୍ଚଳର ଏକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକା ୩୦ ସେପ୍ଟେମ୍ବର ୨୦୧୫ରେ ପ୍ରତିଦିନ ଭଳି ମଧ୍ୟାହ୍ନ ଭୋଜନ ସମୟରେ ସାଙ୍ଗ ସହିତ ସାଇକେଲ୍‌ରେ ଘରକୁ ଖାଇବା ପାଇଁ ଯାଉଥିଲେ। ଏକ ନିଛାଟିଆ ରାସ୍ତାରେ ଧଳା ସ୍କୁଟି ଯୋଗେ ସୌମ୍ୟରଞ୍ଜନ ଆସି ଉଭୟ ନାବାଳିକାଙ୍କୁ ଅଟକାଇ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଜଣେ ନାବାଳିକାଙ୍କୁ ସୌମ୍ୟ କାବୁ କରି ତାଙ୍କ ସହିତ ଖରାପ ବ୍ୟବହାର କରିବାରୁ ଆଉ ଜଣେ ନାବାଳିକା ସେଠାରୁ ଫେରାର୍ ହୋଇଯାଇଥିଲେ। ଏହା ପରେ ସୌମ୍ୟ ଜୋରଜବରଦସ୍ତ ନାବାଳିକାଙ୍କୁ ସ୍କୁଟିରେ ବସାଇ ନିକଟସ୍ଥ ଜଙ୍ଗଲକୁ ନେଇ ଯାଇଥିଲେ। ଜଙ୍ଗଲରେ ତାଙ୍କୁ ବଳାତ୍କାର କରିବା ପରେ ଏ କଥା କାହାକୁ କହିଲେ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲେ। ଖସି ଆସିଥିବା ନାବାଳିକା ଜଣଙ୍କ ଏହି ଘଟଣା ପୀଡିତାଙ୍କ ଘର ଲୋକଙ୍କୁ କହିଥିଲେ। ପରିବାର ଲୋକେ ତାଙ୍କୁ ଖୋଜିବାକୁ ଯାଇଥିବାବେଳେ ସୌମ୍ୟ ନାବାଳିକାଙ୍କୁ ସ୍କୁଟିରେ ବସାଇ ବିଦ୍ୟାଳୟ ପାଖକୁ ଆସୁଥିଲେ। ପରିବାର ଲୋକ ଆସୁଥିବା ଦେଖି ନାବାଳିକାଙ୍କୁ ସ୍କୁଟିରୁ ତଳେ ପକାଇ ଫେରାର ହୋଇଯାଇଥିଲେ। ନାବାଳିକା ଜଣଙ୍କ ତଳେ ପଡ଼ି ଗୁରୁତର ହୋଇଥିଲେ। ଏହାପରେ ନାବାଳିକାଙ୍କ ପରିବାର ଲୋକେ ଓ ଗ୍ରାମବାସୀ ସୌମ୍ୟଙ୍କୁ ପିଛା କରିଥିଲେ। ସୌମ୍ୟ ଅଜାଘର ଡିମିରିଆ ଗ୍ରାମକୁ ଯାଇ ଲୁଚି ଯାଇଥିଲେ। ନାବାଳିକାଙ୍କ ପରିବାର ଲୋକ ରଣପୁର ଥାନାରେ ଜଣାଇବା ପରେ ପୋଲିସ ଡିମିରିଆ ଗ୍ରାମରେ ପହଞ୍ଚି ସୌମ୍ୟଙ୍କୁ ଗିରଫ କରିଥିଲା। ଥାନାରେ ନଂ. ୨୪୮/୧୫ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇଥିଲା। ୨ ମାସ ପୂର୍ବରୁ ସୌମ୍ୟ ବିବାହ କରିଥିଲେ। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ସେ ଜେଲ୍‌ରେ ରହିଆସୁଥିଲେ। ବୁଧବାର ନୟାଗଡ଼ ଜିଲା ଅତିରିକ୍ତ ଦୌରାଜଜ୍ ଡ. ପ୍ରସନ୍ନ କୁମାର ପଣ୍ଡା ୨୦ ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତି କରି ସୌମ୍ୟରଞ୍ଜନଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ କରିଛନ୍ତି। ସେହିଭଳି ୧୭ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଆହୁରି ୧୭ ମାସ କାରାଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ଦର୍ଶାଯାଇଛି। ସରକାରୀ ଓକିଲ ବଂଶୀଧର ରାଉତରାୟ ମାମଲା ପରିଚାଳନା କରୁଥିଲେ।








ଜଣେ ବଦନାମ ହୋଇଗଲା ପରେ ଚାରି ଚାରି ମିଶିଲେ ଆଠ ହୁଏ ବୋଲି ସେ କହିଲେ ମଧ ଲୋକ ସହଜରେ ବିଶ୍ୱାସ କରନ୍ତି ନାହିଁ।
- ଟିଲୋଟ୍‌ସନ୍



## ସଂକ୍ଷେପରେ

### ପ୍ରଚାରରେ କମ୍ପୁଛି ସାହି ବସ୍ତି

**ପୁରୀ ଅଫିସ,୧୭।୪:** ଆସନ୍ତା ୨୩ତାରିଖରେ ପୁରୀ ଲୋକ ସଭା ଏବଂ ଏହା ଅଧୀନ ବିଧାନସଭା ଲାଗି ମତଦାନ ହେବ। ୨୧ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ପ୍ରଚାର କରିପାରିବେ। ହାତରେ ଆଉ ମାତ୍ର ୪ଦିନ ରହିଥିବାରୁ ତୃଣମୂଳ ସ୍ତରରେ ଲୋକଙ୍କ ପାଖେ ପହଞ୍ଚିବାକୁ ରାତିଦିନ ଏକ କରିଦେଇଛନ୍ତି ପ୍ରାର୍ଥୀ। ସେମାନଙ୍କ ଆଖିରେ ନିଦ ନାହିଁ। ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସର ପ୍ରାର୍ଥୀମାନେ କିପରି ଅଧିକରୁ ଅଧିକ ଭୋଟରଙ୍କୁ ଆକୃଷ୍ଟ କରିବେ ସେଥିପାଇଁ ଆପ୍ରାଣ ଲାଗିପଡ଼ିଛନ୍ତି। ଭୋଟରଙ୍କୁ ଦେଉଛନ୍ତି ପୁଳା ପୁଳା ପ୍ରତିଶ୍ରୁତି। ସାହିଗଳିରେ ପଦଯାତ୍ରା, ରୋଡ୍ ଶୋ, ସଭା ସମିତି ଓ କର୍ମୀ ସମ୍ମିଳନୀ ମଧ ଚାଲିଛି। ବୁଧବାର ଝାଡ଼େଶ୍ୱରୀ କ୍ଲବ ପରିସରରେ ପୁରୀ ଜିଲା ଯୁବ ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡିର ପୁରୀ ଲୋକ ସଭା ପ୍ରାର୍ଥୀ ପିନାକୀ ମିଶ୍ର ଏବଂ ବିଧାନସଭା ପ୍ରାର୍ଥୀ ମହେଶ୍ୱର ମହାନ୍ତି ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ କହି ଭୋଟରଙ୍କୁ ନିଜ ସପକ୍ଷରେ ମନାଇବାକୁ ଚେଷ୍ଟା କରିଥିଲେ। ଏହି କର୍ମୀ ସମ୍ମିଳନୀରେ କୃଷ୍ଣଚନ୍ଦ୍ର ପଣ୍ଡା, ସରୋଜ ନାୟକ, ରାମଚନ୍ଦ୍ର ଗଜ, ଭଗବାନ ପଢ଼ିଆରୀ, ସବ୍ୟସାଚୀ ମହାପାତ୍ର, ନାରାୟଣ ସିଂ, ପ୍ରୀତମ ଜଗଦେବ, ଏନ୍. ବଳରାମ ରେଡ୍ଡୀ, ଭକ୍ତ ଦାସ, ଶାନ୍ତିଲତା ପ୍ରଧାନ, ଗୌରହରି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପୁରୀ ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ବାଇକ୍ ରାଲିରେ ବିଭିନ୍ନ ଅଞ୍ଚଳ ବୁଲି ଭୋଟ ଭିକ୍ଷା କରିଥିଲେ। ସେ ସମର୍ଥକ ଓ ଦଳୀୟ କର୍ମୀଙ୍କ ସହ ଖଣ୍ଡିଆବନ୍ଧ, ଗୋପୀନାଥପୁର, ଚାରିନଳା, ସିଦ୍ଧମହାବୀର ପ୍ରଭୃତି ଅଞ୍ଚଳ ବୁଲିଥିଲେ। କଂଗ୍ରେସ ପ୍ରାର୍ଥୀ ଇଂ. ଅରୋପ୍ରସାଦ ମିଶ୍ର ପେଣ୍ଠକଟା ସମେତ ବିଭିନ୍ନ ବସ୍ତି ଓ ସାହିରେ ସଭା କରିଥିଲେ। ବସ୍ତିବାସିନ୍ଦାଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ।

### ଭାଜପାରେ ମିଶିଲେ ଶତାଧିକ ବିଜେଡି କର୍ମୀ

**ପୁରୀ ଅଫିସ,୧୭।୪:** ପୁରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋପ ବ୍ଲକ ଇତିଭୂୟାଁ ପଞ୍ଚାୟତର ବହୁ ବିଜେଡି କର୍ମୀ ମଙ୍ଗଳବାର ଭାଜପାରେ ମିଶିଛନ୍ତି। ପୂର୍ବତନ ସରପଞ୍ଚ କ୍ଷେତ୍ରମୋହନ ସାହୁ ଓ ସମିତିସଭ୍ୟ କୈଳାସ ବାରିକଙ୍କ ନେତୃତ୍ୱରେ ବିଜେଡିର ପୂର୍ବତନ ବ୍ଲକ ସମ୍ପାଦକ ସହଦେବ ନାୟକ, ପଞ୍ଚାୟତ ସଭାପତି ଗନ୍ଧର୍ବ ପ୍ରଧାନ, ମିହିର ପାଣି, ସର୍ବେଶ୍ୱର ଦଳାଇ, ବାସୁ ଦଳାଇ, ଜମ୍ବେଶ୍ୱର ବିଶ୍ୱାଳ, ରତ୍ନାକର ସାହୁ ଏବଂ କୃଷ୍ଣ ସାହୁ ଭାଜପାରେ ଯୋଗଦେଇଛନ୍ତି। ସେହିପରି ସଂଗ୍ରାମ କେଶରୀ ପାଣିଙ୍କ ନେତୃତ୍ୱରେ ବହୁ ଯୁବ ଓ ଛାତ୍ର ସଙ୍ଗଠକ ଭାଜପାରେ ମିଶିଛନ୍ତି। ଗଡ଼ଭିଙ୍ଗୁରା ପଞ୍ଚାୟତର ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ସାମନ୍ତରାୟ ଓ ବ୍ଲକ ବିଜେଡି କାର୍ଯ୍ୟକର୍ତ୍ତା ସନାତନ ପାଣି, ଛଇତନା ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଶ୍ୱନାଥ ପ୍ରଧାନ, ପୂର୍ବତନ ସମିତି ସଭ୍ୟ ଭାସ୍କର ଚନ୍ଦ୍ର ରାଉତରାୟ, ସମିତି ସଭ୍ୟା ଡଲି ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ସଙ୍ଗଠକ ଭାଜପାରେ ଯୋଗଦାନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ପୁରୀ ଲୋକ ସଭା ପ୍ରାର୍ଥୀ ସମ୍ବିତ୍ ପାତ୍ର, ବିଧାୟକ ପ୍ରାର୍ଥୀ ଜୟନ୍ତ କୁମାର ଷଡ଼ଙ୍ଗୀ, ଭାଜପା ରାଜ୍ୟ ଉପସଭାପତି ଶଙ୍କର୍ଷଣ ପରିଡ଼ା, ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

■ ଓଡ଼ଗାଁ ଶ୍ରୀରାମନବମୀ ଯାତ୍ରାର ପଞ୍ଚମ ସନ୍ଧ୍ୟା

# ଶ୍ରୀରାମଙ୍କ ଶିବଧନୁ ଭଗ୍ନ, ସୀତା ବିବାହ

ଓଡ଼ଗାଁ,୧୭।୪(ସ୍ୱ.ପ୍ର.)

ଓଡ଼ଗାଁରେ ବିଜେ ପ୍ରଭୁ ଶ୍ରୀରଘୁନାଥଜୀଉଙ୍କ ନବ ଦିନ ବ୍ୟାପୀ ଶ୍ରୀରାମନବମୀ ଯାତ୍ରା ଅନୁଷ୍ଠିତ ହେଉଛି। ଉତ୍ସବର ପଞ୍ଚମ ସନ୍ଧ୍ୟା ଅବସରରେ ଚୈତ୍ର ଶୁକ୍ଳ ଅନଙ୍ଗ ତ୍ରୟୋଦଶୀ ତିଥି, ବୁଧବାର ପ୍ରଭୁ ଶ୍ରୀରାମଙ୍କ ଶିବଧନୁ ଭଗ୍ନ, ଜନକନନ୍ଦିନୀ ସୀତାଙ୍କ ସହିତ ବିବାହ ଉତ୍ସବ ସମ୍ପନ୍ନ ହୋଇଛି । ଏହି ଉତ୍ସବ ଦେଖିବା ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ମନ୍ଦିର ରତ୍ନ ସିଂହାସନରେ ଶ୍ରୀରାମଙ୍କ ଧନୁ ଭଗ୍ନ ସହିତ ଜାନକୀ ବେନି ହସ୍ତରେ ବରଣମାଳା ଧରି ଦଣ୍ଡାୟମାନ ହୋଇଥିବା କମନୀୟ ଓ ଭାବଭରା ଦୃଶ୍ୟ ଭକ୍ତଙ୍କୁ ବିଭୋର କରିଥିଲା । ସନ୍ଧ୍ୟା ଆଳତି ଅବସରରେ ମନ୍ଦିର ଦୁଆର ଖୋଲିବା ପରେ ଜନକ ଦରବାରରେ ଧନୁଭଗ୍ନ ବେଶରେ ପ୍ରଭୁ ଶ୍ରୀରାମ ଭକ୍ତଙ୍କୁ ଦର୍ଶନ ଦେଇଥିବାବେଳେ ଦକ୍ଷିଣ ଦ୍ୱାରସ୍ଥିତ ଝୁଲଣ ମଣ୍ଡପରେ ଶ୍ରୀଜୀଉଙ୍କ ରାଜକୀୟ ଢଙ୍ଗରେ ବୈଦିକ ରୀତିରେ ବିବାହ ଉତ୍ସବ ନିମନ୍ତେ ପ୍ରସ୍ତୁତି ଚାଲିଥିଲା । ମହାରାଜା ଜନକଙ୍କ ଦରବାରରେ ଧନୁ ଭଗ୍ନ ପରେ ପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ, ସର୍ବ ଦେବଦେବୀ, ବିଜେ ରାଧାକାନ୍ତଜୀଉଙ୍କ ସମେତ ପ୍ରଶାସନିକ ଅଧିକାରୀ, ପୂଜକ ପରିଷଦ ଓ ସେବାୟତଙ୍କ ଏକ ବରଯାତ୍ରୀ ଦଳ ଶୋଭାଯାତ୍ରାରେ ମନ୍ଦିର ସିଂହଦ୍ୱାର ଦେଇ ପଟୁଆରରେ ବାହାରିଥିଲେ। ବରଯାତ୍ରୀ ବାଣ, ରୋଶଣୀ, ନୃତ୍ୟସଙ୍ଗୀତ ସହିତ ଗ୍ରାମ ପରିକ୍ରମ କରି ସୁସଜ୍ଜିତ ବିବାହ ମଣ୍ଡପ ନିକଟରେ ପହଞ୍ଚିଥିଲେ। ସେଠାରେ ଶ୍ରୀଜୀଉଙ୍କ ବରଯାତ୍ରୀଙ୍କୁ ଅପେକ୍ଷା କରିଥିବା ଜନକନନ୍ଦିନୀ ଜାନକୀଙ୍କ କନ୍ୟାଯାତ୍ରୀ ଦଳରେ ବିଜେ ପ୍ରଭୁ ରାମେଶ୍ୱର, ବେଦଜ୍ଞ ପଣ୍ଡିତ, ପୂଜକ, ସେବାୟତ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ସମ୍ମାନର ସହିତ ଜ୍ୱାଇଁପୁଅ ଶ୍ରୀରାମଙ୍କୁ ବାଟବରଣ କରି ବିବାହମଣ୍ଡପକୁ ପାଛୋଟି ନେଇଥିଲେ। ବେଦଜ୍ଞ ପଣ୍ଡିତଙ୍କ ଦ୍ୱାରା ମନ୍ତ୍ର ପାଠ ସହ ବୈଦିକ ରୀତିରେ ଶ୍ରୀରାମଚନ୍ଦ୍ର ଓ ସୀତାଦେବୀଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା । ବରଯାତ୍ରୀ ଓ କନ୍ୟାଯାତ୍ରାରେ ସାମିଲ ଥିବା ସମସ୍ତ ଅତିଥିଙ୍କୁ ପ୍ରଶାସନ ତରଫରୁ ପ୍ରସାଦ ଆଦି ଆତିଥେୟତା ପ୍ରଦାନ କରାଯାଇଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଏହି ଉତ୍ସବ ଦର୍ଶନ କରିବା ନିମନ୍ତେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଷଷ୍ଠ ଦିବସ ଅବସରରେ ପିତୃସତ୍ୟ ପାଳନ ଉଦ୍ଦେଶ୍ୟରେ ବନଗମନ କରୁଥିବା ଦୃଶ୍ୟରେ ଭଗବାନ ଶ୍ରୀରାମଙ୍କୁ ଭକ୍ତମାନେ ଶୁକ୍ରବାର ଦର୍ଶନ କରିବେ । ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ରଙ୍କ ସହିତ ପୂଜକ ପରିଷଦର କର୍ମକର୍ତ୍ତା ଓ ମନ୍ଦିର ପରିଛା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଧନୁ ଭଗ୍ନ ଓ ସୀତା ବିବାହ ବେଶରେ ଶ୍ରୀରଘୁନାଥଜୀଉ।

■ ସମୂହ ବ୍ରତୋପନୟନ ଉତ୍ସବ

## ୧୨ ବ୍ରାହ୍ମଣ କୁମାର ଧାରଣ କଲେ ଉପବୀତ

ପୁରୀ ଅଫିସ,୧୭।୪

ଶ୍ରୀରାମଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଲୋକନାଥ ରୋଡସ୍ଥିତ ଶ୍ରୀଭେଙ୍କଟେଶ୍ୱର ମନ୍ଦିର ପରିସରରେ ବୁଧବାର ମାଗଣା ବ୍ରତୋପନୟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା, ମଧ୍ୟପ୍ରଦେଶ, ଛତିଶଗଡ଼ ପ୍ରଭୃତି ରାଜ୍ୟର ୧୨ଜଣ ବ୍ରାହ୍ମଣ କୁମାର ଯଜ୍ଞୋପବୀତ ଧାରଣ କରିଥିଲେ। ଟ୍ରଷ୍ଟ ଅଧକ୍ଷ ଜୀୟରସ୍ୱାମୀ ମଠ ମହନ୍ତ ସ୍ୱାମୀ ଇନ୍ଦିରା ରମଣ ରାମାନୁଜ ଦାସଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସୁଦର୍ଶନ ରାମାନୁଜ ଦାସଜୀ ମହାରାଜ, ବିଷ୍ଣୁଦତ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଏହି ଉତ୍ସବରେ ବହୁ ସାଧୁସନ୍ଥ ଯୋଗଦେଇ ବ୍ରାହ୍ମଣ କୁମାରମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।



ଶ୍ରୀଭେଙ୍କଟେଶ୍ୱର ମନ୍ଦିର ପରିସରରେ ବ୍ରତଧାରୀମାନେ।

## ତାତିଯାଉଛି ମହାନଦୀ ଜଳ, ଉହଲବିକଳ ଜଳଚର



ମହାନଦୀ ବାଲି ପଠାରେ ପାଣି କୁଆ ଓ ବଗ।

ଖଣ୍ଡପଡ଼ା,୧୭।୪(ସ୍ୱ.ପ୍ର.)

■ କୂଳରେ ବୁଲୁଛନ୍ତି ବଗ,ପାଣିକୁଆ

■ ଆଗକୁ ଅସହ୍ୟ ତାତି ଆଶଙ୍କା

ସମ୍ପ୍ରତି ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏଥିଯୋଗୁ ମହାନଦୀର ଜଳ ତାତିଯାଉଛି। ଅସହ୍ୟ ଖରା ଯୋଗୁ କିଛିଦିନ ହେଲା ସକାଳ ୯ଟାଠାରୁ ଲୋକେ ଘରୁ ପଦାକୁ ବାହାରି ପାରୁ ନାହାନ୍ତି । ଗ୍ରୀଷ୍ମ ପ୍ରବାହ ଯୋଗୁ ହାଟ, ବଜାର, ରାସ୍ତା ଜନଶୂନ୍ୟ ହୋଇପଡୁଛି। ଆଗକୁ ତାପମାତ୍ରା ବୃଦ୍ଧି ପାଇବାର ଆଶଙ୍କା ଥିବାରୁ ଜନ ସାଧାରଣଙ୍କ ମନରେ ଏବେଠାରୁ ଚିନ୍ତା ବଢ଼ିବାରେ ଲାଗିଛି। ତେବେ ପ୍ରଶାସନ ଓ ବିଭିନ୍ନ ମହଲରେ ଏଥିପ୍ରତି ସତର୍କତା ରହିବାକୁ କୁହାଯାଇଛି। ଏବେଠାରୁ ମହାନଦୀର ଜଳସ୍ତର ହ୍ରାସ ପାଇ ମଝିରେ ମଝିରେ ଶୁଖି ବାଲିପଠା ସୃଷ୍ଟି ହେଉଛି। ନଦୀ ମଧ୍ୟରେ ରହି ଖାଦ୍ୟ ଅନ୍ୱେଷଣ କରୁଥିବା ଜଳଚର ପ୍ରାଣୀ ପାଣିକୁଆ ଓ ବଗ ତାତିଲା ପାଣିକୁ ସହ୍ୟ କରି ନ ପାରି ବାହାରକୁ ଉଠି ଆସୁଛନ୍ତି । ତେଣୁ ବାଲୁକା ଶଯ୍ୟାରେ ବଗ ଏବଂ ପାଣିକୁଆ ଦଳ ଦଳ ହୋଇ ବୁଲୁଥିବା ଦେଖିବାକୁ ମିଳୁଛି। ଶୀତଦିନରେ ଯେପରି ବିଭିନ୍ନ ଜାତିର ପକ୍ଷୀ ଦଳ ଦଳ ହୋଇ ନଦୀକୁ ଆସିଥାନ୍ତି ସେହିପରି ପାଣି କୁଆମାନେ ଏବେ ନଦୀ କୂଳରେ ଚରାବୁଲା କରୁଥିବା ଦୃଶ୍ୟ ଦେଖିବାକୁ ଜନ ସମାଗମ ବୃଦ୍ଧିପାଉଛି। ସମ୍ପୃକ୍ତ ପକ୍ଷୀମାନେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ପ୍ରାୟ ସାଢେ ୪ଟା ପର୍ଯ୍ୟନ୍ତ ଏକାଠି ହୋଇ ନଦୀ କୂଳରେ ବସୁଥିବା ସୁନ୍ଦର ଦୃଶ୍ୟ ଖୁସି ଲାଗୁଥିବାବେଳେ ଗ୍ରୀଷ୍ମ ପ୍ରବାହ ଏମାନଙ୍କ ପାଇଁ କାଳ ସାଜିଥିବା ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

## ଭାଜପା ପ୍ରାର୍ଥୀଙ୍କ ବାଇକ ଶୋଭାଯାତ୍ରା

ଟାଙ୍ଗୀ (ଖୋର୍ଦ୍ଧା),୧୭।୪(ଡି.ଏନ.ଏ.)

ଖୋର୍ଦ୍ଧା ଭାଜପା ବିଧାୟକ ପ୍ରାର୍ଥୀ କାଳୁଚରଣ ଖଣ୍ଡାଇତରାୟ ବୁଧବାର ମଧ୍ୟାହ୍ନରେ ବାଇକ ଶୋଭାଯାତ୍ରାରେ ପାରିଓରଡ, ରାମଚନ୍ଦ୍ରପୁର, ବଡପାରୀ ଇତ୍ୟାଦି ପଞ୍ଚାୟତ ଯାଇ ଭୋଟଭିକ୍ଷା କରିଥିଲେ। ବିଭିନ୍ନ ଗ୍ରାମର ଛକ ଜାଗାରେ ଅଟକି ପଥପ୍ରାନ୍ତ ସଭାରେ ନରେନ୍ଦ୍ର ମୋଦିଙ୍କର ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଭୋଟରମାନଙ୍କୁ ଅବଗତ କରାଇଥିଲେ। ପ୍ରାୟ ୮ ଶହରୁ ଅଧିକ ଭାଜପା କର୍ମୀ ବାଇକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପ୍ରାର୍ଥୀ ଖଣ୍ଡାଇତରାୟଙ୍କ ସହିତ ନାରୀନେତ୍ରୀ ସୋନାଲି ସାହୁ, ବଡପାରୀର ପୂର୍ବତନ ସରପଞ୍ଚ ମିତ୍ରଭାନୁ ସୁବୁଦ୍ଧି, ରାମଚନ୍ଦ୍ରପୁର ସରପଞ୍ଚ ଲଳିତା ସୁବୁଦ୍ଧି, ପାରିଓରଡ ସରପଞ୍ଚ ପ୍ରଶାନ୍ତ ପ୍ରଧାନ, ପୂର୍ବତନ ସମିତିସଭ୍ୟ ଭାଗୀରଥି ମହାରଣା, ଭାଜପା ପଞ୍ଚାୟତ ସଭାପତି ଜନାର୍ଦ୍ଦନ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହାପରେ କୁଞ୍ଜୁରୀ, କୁହୁଡି ଓ ରତନପୁର ଇତ୍ୟାଦି ପଞ୍ଚାୟତରେ ବାଇକ ରାଲି କରାଯାଇଥିଲା।

## ପୂର୍ଣ୍ଣଚନ୍ଦ୍ର ପୁରୀ ଜିଲା ବିଜେଡି ସମ୍ପାଦକ

ପୁରୀ ଅଫିସ,୧୭।୪

ପୁରୀ ଜିଲା ବିଜେଡିର ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ସମ୍ପାଦକ ଏବଂ ଗୌରୀଶଙ୍କର ମିଶ୍ରଙ୍କୁ ପୁରୀ ସଦର ବ୍ଲକ ସମ୍ପାଦକ ଭାବେ ମଙ୍ଗଳବାର ମନୋନୀତ କରାଯାଇଛି। ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତି ବୁଧବାର ଏକ ପ୍ରେସ୍ ବିଜ୍ଞପ୍ତିରେ ଏହା ଜଣାଇଛନ୍ତି।

## ନିହତ ମଙ୍ଗୁଳି ଜେନାଙ୍କ ସ୍ତ୍ରୀ ପ୍ରଚାରରେ ସାମିଲ

ଟାଙ୍ଗୀ (ଖୋର୍ଦ୍ଧା), ୧୭।୪ (ଡି.ଏନ.ଏ.)

ଖୋର୍ଦ୍ଧା ଜିଲାପରିଷଦ ବଡପୋଖରିଆ ମଣ୍ଡଳ ସଭାପତି ମଙ୍ଗୁଳି ଜେନାଙ୍କୁ ନିର୍ମମ ଭାବରେ ହତ୍ୟା କରାଯିବା ପରେ ସ୍ୱାମୀଙ୍କ ସଂଗଠନକୁ ସୁଦୃଢ କରିବା ପାଇଁ ତାଙ୍କ ସ୍ତ୍ରୀ ତଥା ବଡପୋଖରିଆ ପୂର୍ବତନ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଜେନା ବୁଧବାର ପ୍ରଚାରରେ ସାମିଲ ହୋଇଛନ୍ତି। ସ୍ୱାମୀଙ୍କ ହତ୍ୟାରେ ଶୋକାଭିଭୂତ ହୋଇଥିଲେ ମଧ ନିର୍ବାଚନ ପ୍ରରିପ୍ରେକ୍ଷୀରେ ସ୍ୱାମୀଙ୍କ ସାଥୀ ସମର୍ଥକମାନଙ୍କୁ ସହଯୋଗ କରିବା ପାଇଁ ୭ ପଞ୍ଚାୟତ ପରିକ୍ରମା କରିଛନ୍ତି। ମହିଳା ମଣ୍ଡଳସ୍ତରୀୟ ନେତ୍ରୀମାନଙ୍କ ଗହଣରେ ଏକ ଶୋଭାଯାତ୍ରାରେ ସେ ବଡପୋଖରିଆ, ଅଚ୍ୟୁତପୁର, ସରପାରୀ, କମାଗୁରୁ, ଟାଙ୍କୋଳ, ଛଣଗିରି ଏବଂ ଓଳସିଂ ଇତ୍ୟାଦି ପଞ୍ଚାୟତ ପରିକ୍ରମା କରିଥିଲେ। ସ୍ୱାମୀ ମଙ୍ଗୁଳି ଜେନା ତାଙ୍କ ଜୀବନକାଳ ମଧ୍ୟରେ ଅନ୍ୟାୟ ଅନୀତି, ବ୍ୟଭିଚାର ଓ ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ ଜାରି ରଖି ବହୁବାର ମରଣାନ୍ତକ ଆକ୍ରମଣର ଶିକାର ହୋଇଥିଲେ ମଧ କେବେହେଲେ ସମାଜସେବାରୁ କ୍ଷାନ୍ତ ହୋଇ ନ ଥିଲେ। ଶେଷରେ ଆତତାୟୀଙ୍କ ହାତରେ ତାଙ୍କ ଜୀବନ ଗଲା। ବଡପୋଖରିଆ ମଣ୍ଡଳ ଅଞ୍ଚଳର ବିଭିନ୍ନ ଗ୍ରାମର ଲୋକଙ୍କୁ ସେ ଅତ୍ୟନ୍ତ ଭଲପାଉଥିବା ହେତୁ ତାଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ସେ ଆଗେଇ ଆସିବାକୁ ବାଧ ହୋଇଛନ୍ତି ବୋଲି ଜ୍ୟୋତ୍ସ୍ନାରାଣୀ କହିଥିଲେ। ନବୀନ ସରକାରଙ୍କ ଶାସନରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା କାରଣରୁ ତାଙ୍କ ସ୍ୱାମୀଙ୍କ ଜୀବନ ଗଲା ବୋଲି ସେ ଦୁଃଖର ସହ କହୁଥିବା ଦେଖାଯାଇଥିଲା। ଭାଜପାକୁ ଭୋଟ ଦେବାପାଇଁ ସେ ଭୋଟରମାନଙ୍କୁ ନିବେଦନ କରିଥିଲେ। ୯ ନଂ. ଜୋନ ଜିଲାପରିଷଦ ସଭ୍ୟା ମମତା ଜେନା, ମହିଳା ମୋର୍ଚ୍ଚା ସଭାପତି ସଂଯୁକ୍ତା କୋଦମାସିଂହ, ବଡପୋଖରିଆ ମହିଳା ମୋର୍ଚ୍ଚା ସଭାପତି ଅନୁପମା ବୈରିଗଞ୍ଜନ ଓ ଜୋନ୍ ଭାଜପା ସମ୍ପାଦକ ରବୀନ୍ଦ୍ର ବଳିୟାରସିଂହ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ ।

## ଆଚରଣ ବିଧି ଠିକ୍ ଭାବେ ଲାଗୁ ହେଉନି: ଭାଜପା

ପୁରୀ ଅଫିସ,୧୭।୪

ପୁରୀ ନିର୍ବାଚନମଣ୍ଡଳୀରେ ନିର୍ବାଚନ ଆଚରଣ ବିଧି ଠିକ୍ ଭାବେ ଲାଗୁ ହେଉନାହିଁ ବୋଲି ଅଭିଯୋଗ ଆଣିଛି ଭାଜପା। ପୁରୀ ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଇଛନ୍ତି ଯେ, ବିଦ୍ୟୁତ୍ ଖୁଣ୍ଟ, ସରକାରୀ ଜାଗାରେ ବିଜେଡିର ଫ୍ଲେକ୍ସ, ହୋର୍ଡିଂ, ପୋଷ୍ଟର ଲାଗିଛି। କିନ୍ତୁ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଫିସରମାନେ ନୀରବଦ୍ରଷ୍ଟା ସାଜିଛନ୍ତି। ସରକାରୀ ଜାଗାରେ ଲାଗିଥିବା ଦଳୀୟ ହୋର୍ଡିଂ, ଫ୍ଲେକ୍ସ, ପୋଷ୍ଟର ଆଦି ଜବତ କରିବା ଲାଗି ବହୁ ସଂଖ୍ୟାରେ ସ୍କ୍ୱାଡ୍ ଗଠନ କରାଯାଇଛି। କିନ୍ତୁ ଦାୟିତ୍ୱରେ ଥିବା ଅଧିକାରୀମାନେ ଆତିଥେୟତା ପାଇ ଆଖିବୁଜି ଦେଉଛନ୍ତି। ଫଳରେ ଆଦର୍ଶ ଆଚରଣ ବିଧି ଖୋଲାଖୋଲି ଉଲ୍ଲଂଘନ ହେଉଛି। ଯଦି ଏଥିପ୍ରତି ପଦକ୍ଷେପ ନିଆ ନ ଯାଏ ତେବେ ଭାଜପା ଭାରତର ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିବ। ଅନ୍ୟପକ୍ଷେ ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଏଥିପାଇଁ ନିୟୋଜିତ ଅଧିକାରୀମାନେ ସେମାନଙ୍କ କାମ ଠିକ୍ ଭାବେ କରୁଛନ୍ତି।

## ଗୋବିନ୍ଦପୁର: ସାପ କାମୁଡ଼ାରେ ଗର୍ଭବତୀ ମୃତ

ବେଗୁନିଆ,୧୭।୪ (ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ବଡବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଆଦିବାସୀ ସାହିର ଜଣେ ଗର୍ଭବତୀ ମହିଳାଙ୍କ ସାପ କାମୁଡି ଦେବାରୁ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତା ଜଣଙ୍କୁ ହେଲେ ସୁମିତ୍ରା ବେହେରା(୨୩)। ପ୍ରକାଶଥାଉ କି ବିଜୟଙ୍କ ପତ୍ନୀ ସୁମିତ୍ରା ବୁଧବାର ଅପରାହ୍ନ ପ୍ରାୟ ଗୋଟାଏ ବେଳେ ନିଜ ବାଡିପଟ କାଜୁ ବଗିଚାକୁ କୌଣସି କାର୍ଯ୍ୟରେ ଯାଇଥିଲେ। ସେଠାରେ ସୁମିତ୍ରାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ପରେ ସୁମିତ୍ରାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ଚିକିତ୍ସାଳୟକୁ ନେଇ ଯାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

■ ବାଙ୍କୋଇଗଡ଼ରେ ରାମଲୀଳା

## ୩ୟ ସନ୍ଧ୍ୟାରେ ମନମୋହିଲା ତାଡ଼କୀ, ସୁବାହୁ ବଧ

ବୋଲଗଡ,୧୭।୪(ଡି.ଏନ.ଏ.)

କବି ଅନଙ୍ଗ ନରେନ୍ଦ୍ରଙ୍କ ରଚିତ ରାମଲୀଳା ଉତ୍ସବ ପରମ୍ପରାକୁ ଉଜ୍ଜୀବିତ କରିବା ଓ ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇ ଦେବାରେ ବେଶ୍ ପ୍ରସିଦ୍ଧି ଲାଭ କରିଛି। କବିଙ୍କ ଜନ୍ମସ୍ଥାନ ଗ୍ରାମ ବାଙ୍କୋଇ ଗଡସାହିସ୍ଥିତ ରଘୁନାଥଜୀଉଙ୍କ ମନ୍ଦିର ସମ୍ମୁଖରେ ସୋମବାରଠାରୁ ୩ଦିନ ଧରି ଅନୁଷ୍ଠିତ ହେଉଛି ରାମଲୀଳା ଯାତ୍ରା । ଉତ୍ସବର ତୃତୀୟ ସନ୍ଧ୍ୟା ଅର୍ଥାତ୍ ବୁଧବାର ପର୍ଯ୍ୟନ୍ତ ମଞ୍ଚସ୍ଥ ହେଉଛି ରାମାୟଣର ଆଦ୍ୟକାଣ୍ଡ। ପ୍ରତି ସନ୍ଧ୍ୟାରେ ଅଭିନୟ କରୁଥିବା କଳାକାରମାନେ ବିଭିନ୍ନ ଚରିତ୍ର ପାଇଁ ଆକର୍ଷଣୀୟ ବେଶ ଧାରଣ କରିଥିଲେ। ତାଡ଼କୀ, ସୁବାହୁ ବଧ ଓ ମାରୀଚକୁ ଉଡ଼ାଇ ଦେବା ଦୃଶ୍ୟ ମନୋମୁଗ୍ଧକର ମନେ ହେଉଥିଲା। ରାମଲୀଳା ସ୍ଥଳୀରେ ଅଭିନୟ କରୁଥିବା ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ସଖୀ ଭୂମିକାରେ ଅଭିନୟ କରୁଥିବା କଳାକାରମାନେ ବନ୍ଦନା କରିଥିଲେ। ଏହାପରେ କଥାବସ୍ତୁକୁ ହରପାର୍ବତୀଙ୍କ କଥୋପକଥନ ଅନୁସାରେ ନୃତ୍ୟ, ଅଭିନୟ ଓ ସଂଳାପ ଭାବେ ମଞ୍ଚସ୍ଥ କରାଯାଇଥିଲା। ରାମଲୀଳା ଗାୟକ ରବୀନ୍ଦ୍ର କୁମାର ଜେନା ଓ ଯୋଗୀନାଥ ମାର୍ଥା ପ୍ରମୁଖ ବାୟକ ଏବଂ ପାଳିଆମାନେ ରାମଲୀଳା ପ୍ରସଙ୍ଗକୁ ଛାନ୍ଦ, ସ୍ୱର ଓ ତାଳ ଅନୁସାରେ ଗାନ କରିଥିଲେ। ରାମଲୀଳା ଗାନ କରାଯାଉଥିବା ବେଳେ କଳାକାରମାନେ ଅଭିନୟ କରିଥିଲେ। ସଂଳାପଗୁଡ଼ିକର ପରିବେଷଣ ଉତ୍ତମ ଶୈଳୀରେ ହେଉଥିଲା। ଏହାପୂର୍ବରୁ ଦଶରଥଙ୍କ ପୁତ୍ରେଷ୍ଟି ଯଜ୍ଞ, ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନଙ୍କ ଜନ୍ମ ପରେ ନାମକରଣ, ସୀତାଙ୍କ ଜନ୍ମକଥା ଅଭିନୟ ମାଧ୍ୟମରେ ପରିବେଷିତ ହୋଇଥିଲା । ଅନ୍ୟପକ୍ଷେ ବିଶ୍ରବା ଋଷିଙ୍କ ପୁତ୍ର ରାବଣ, କୁମ୍ଭକର୍ଣ୍ଣ, ବିଭିଷଣ ଓ କନ୍ୟା ସୁର୍ପଣଖାଙ୍କ ଜନ୍ମ ତଥା ନାମକରଣ ମଧ ଅଭିନୟ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ତୃତୀୟ ଦିବସରେ ରାମ ଏବଂ ଲକ୍ଷ୍ମଣ ଦୁଇଭାଇ ବିଶ୍ୱାମିତ୍ରଙ୍କ ସହିତ ଯଜ୍ଞ ରକ୍ଷା କରିବାକୁ ଯାଇଥିଲେ। ସେଠାରେ ଯଜ୍ଞ ନଷ୍ଟ କରୁଥିବା ତାଡ଼କୀ ରାକ୍ଷସୀକୁ ବଧ କରାଯିବା ଅଭିନୟ ନିଆରା ଥିଲା । ଏଥିସହ ସୁବାହୁ ବଧ ଏବଂ ମାରିଚ ରାକ୍ଷସକୁ ପବନ ଶରରେ ଲକ୍ଷେ ଯୋଜନ ଦୂରକୁ ନିକ୍ଷେପ କରାଯିବାର ଦୃଶ୍ୟ ଦର୍ଶକଙ୍କ ମନ ମୋହିପାରିଥିଲା। ମା’ସୀତାଙ୍କର ବିବାହ ପାଇଁ ଜନକ ରାଜାଙ୍କ ଆୟୋଜିତ ସ୍ୱୟମ୍ବରରେ ପ୍ରଭୁ ଶ୍ରୀରାମଙ୍କ ଶିବଧନୁ ଭଗ୍ନ ଅଭିନୟ ଦର୍ଶକଙ୍କୁ ବେଶ୍ ମନୋରଞ୍ଜନ ଯୋଗାଇଥିଲା।



ରାମଲୀଳାରେ ସାମିଲ ହୋଇଥିବା କଳାକାରମାନେ।

■ କପିଳେଶ୍ୱରଙ୍କ ବାହୁଡ଼ାଯାତ୍ରା

## ନିଶାର୍ଦ୍ଧରେ ଶ୍ମଶାନ ମଧଦେଇ ରଥଟଣା

ନିରାକାରପୁର,୧୭।୪(ଡି.ଏନ.ଏ.)

### ଆକର୍ଷଣ ସାଜେ ଚମ୍ପା ବାଣ ପ୍ରତିଯୋଗିତା



ଦାରୁ ଭୋଗ ପ୍ରସ୍ତୁତ କରାଯାଉଛି।

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଡିଆ ପଞ୍ଚାୟତସ୍ଥିତ ଶ୍ରୀଶ୍ରୀ କପିଳେଶ୍ୱରଙ୍କ ପୀଠରେ ପଞ୍ଚଦଶ ଶତାବ୍ଦୀରୁ ଅନୁଷ୍ଠିତ ହୋଇଆସୁଛି ଅଶୋକାଷ୍ଟମୀ(ବିଜୟା) ରଥଯାତ୍ରା ଓ ବାହୁଡା। ବୁଧବାର ନିଶାର୍ଦ୍ଧ ରାତିରେ ବିଲ ଗହୀର ଓ ଶ୍ମଶାନ ଦେଇ ରଥଟଣା ହେବାର ଅଜବ ପରମ୍ପରା କାହିଁ କେତେକାଳରୁ ରହିଆସିଛି। ବାହୁଡାଯାତ୍ରା ନିମନ୍ତେ ୨ ଦିନ ପୂର୍ବରୁ ବିଲଗୁଡିକର ହିଡ଼କାଟି ଗୁଳା ପ୍ରସ୍ତୁତ କରାଯାଇଥାଏ। ତେବେ ଏହି ଯାତ୍ରା ପୁରୀ ଶ୍ରୀକ୍ଷେତ୍ର ପରମ୍ପରା ସହ ଜଡିତ ଥିଲେ ମଧ ଛେରାପହଁରା କରାଯାଇ ନ ଥାଏ । ଭୋଇସାହି, ଡିଆ, କୋଲସାହି, ଭଙ୍ଗସାହି ଓ ବାଲିଗାଁ ଆଦି ଗ୍ରାମବାସୀଙ୍କ ପକ୍ଷରୁ ଦାରୁଭୋଗ ଅବସରରେ ଚମ୍ପାବାଣ ପ୍ରତିଯୋଗିତା ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥାଏ। ରଥଯାତ୍ରା ସମୟରୁ ମାଉସୀ ମା’ ମନ୍ଦିରରେ ଅବସ୍ଥାନ କରିଥିବା କପିଳେଶ୍ୱର ଦେବ, ଲେଣ୍ଡୋ ପଞ୍ଚାୟତ ଆରେଡ଼ି ଗ୍ରାମରୁ ଆସିଥିବା ବଡଭାଇ ଗ୍ରାମେଶ୍ୱର ଦେବ ଓ ଭାଉଜ ଗ୍ରାମେଶ୍ୱରୀଙ୍କୁ ସନ୍ଧ୍ୟା ୬ଟାରେ ଗ୍ରାମବାସୀ ପେଡି ଭୋଗ ଲାଗିକରନ୍ତି । ୭ଟାରେ ଆଳତି ଓ ଶୁଖିଲି ଭୋଗ ସମର୍ପଣ କରାଯାଏ। ରାତ୍ର ୯ଟାରେ ଖେଚୁଡ଼ି, ସାଢ଼େ ୯ଟାରେ ଗଜପତିଙ୍କ ଉତ୍ତରାଧିକାରୀଙ୍କୁ ଶିରିପା ପ୍ରଦାନ, ସାଢ଼େ ୧୦ଟାରେ ଶ୍ରୀଜୀଉମାନଙ୍କୁ ପହଣ୍ଡି ଓ ସାଢ଼େ ୧୨ଟାରେ ବାଟ ପହଣ୍ଡି ପରେ ଠାକୁର ରଥାରୁଢ ହୁଅନ୍ତି। ବିଳମ୍ବିତ ରାତିରେ ଟ୍ରଷ୍ଟବୋର୍ଡ ପକ୍ଷରୁ ରଥ ଉପରେ ଠାକୁରଙ୍କୁ ପଣାଲାଗି କରାଯାଏ । ରାତି ସାଢ଼େ ୧ଟାରେ ରଥଟଣା ହୁଏ। ଗୋଟିଏ ରଥରେ ବିଜେ କରି ଜୀଉମାନେ ବିଲ ଗହୀର ମଧ ଦେଇ ପଣା କିଆରିରେ ପହଞ୍ଚିବା ପରେ ଗୋପାଳମାନଙ୍କ ପକ୍ଷରୁ ପଣାଭୋଗକୁ ରାତି ୨ଟା ୨୦ରେ ଶ୍ରୀଜୀଉମାନେ ସେବନ କରନ୍ତି । ରାତି ସାଢେ ୨ଟାରେ ରଥ ଭେଟ ବାଲିପଡିଆରେ ପହଞ୍ଚିଥାଏ। ଏଠାରେ ବିଭିନ୍ନ ଗ୍ରାମରୁ ପ୍ରସ୍ତୁତ ହୋଇଥିବା ଦାରୁ(ବାଣ) ଭୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ରାତି ୩ଟାରେ ଆତସବାଜି ପ୍ରତିଯୋଗିତା ହୁଏ । ଭୂଇଁ ଚମ୍ପା ବାଣ ଦେଖିବାକୁ ଆଖପାଖରୁ ହଜାର ହଜାର ଦର୍ଶକ ଯୋଗଦେଇଥାନ୍ତି। ଏହି କାର୍ଯ୍ୟକ୍ରମ ଭୋର ପର୍ଯ୍ୟନ୍ତ ଚାଲିଥାଏ। ପରମ୍ପରା ଅନୁସାରେ, କପିଳେଶ୍ୱର ମନ୍ଦିରରେ ପୂଜିତ ମା’ନାରାୟଣୀ ରଥଯାତ୍ରାକୁ ନିମନ୍ତ୍ରିତ ହୋଇ ନ ଥାନ୍ତି। ଫଳ ସ୍ୱରୂପ ଦେବୀ ରାଗରେ ରଥଚକା ଭାଙ୍ଗି ଫେରିଯାନ୍ତି । ମାଉସୀ ମା’ମନ୍ଦିରକୁ ଆସି ପେଡି ମଧ୍ୟରେ ବାହୁଡା ଯାତ୍ରା ପର୍ଯ୍ୟନ୍ତ ଲୁଚିରୁହନ୍ତି ମା’ ନାରାୟଣୀ। ବାହୁଡାଯାତ୍ରାବେଳେ ନାରାୟଣୀ ଶୋଭାଯାତ୍ରାରେ ନ ଯାଇ ଚାହାଣି ମଣ୍ଡପରେ ବାହୁଡାଯାତ୍ରା ଦେଖିବାକୁ ଅପେକ୍ଷା କରିଥାନ୍ତି। ରଥ ନ ପହଞ୍ଚିବାରୁ ଭୋର ୫ଟାରେ ନାରାୟଣୀ ଭେଟ ବାଲିପଡିଆରେ ପହଞ୍ଚି ଶ୍ରୀଜୀଉମାନଙ୍କୁ ଦର୍ଶନ କରି ମନ୍ଦିରକୁ ଫେରିବାକୁ ଆମନ୍ତ୍ରଣ କରନ୍ତି । ଗୁରୁବାର ସକାଳ ୬ଟାରେ ଭେଟବାଲିରେ ରଥ ଟଣା ଆରମ୍ଭ ହୁଏ।

**ସଂକ୍ଷେପରେ**

**ଧରିତ୍ରୀ ପ୍ରଭାବ**

## ମରାମତି ହେଲା ପାଣି ପାଇପ୍



ଛତ୍ରପୁର,୧୭।୪(ଡି.ଏନ୍.ଏ.)- ଛତ୍ରପୁର ବ୍ଲକ ପୋଡାପଦର ପଞ୍ଚାୟତ କୁମାରବେଗପଲ୍ଲୀ ନିକଟ ରାସ୍ତା ପାର୍ଶ୍ୱରେ ଭାଙ୍ଗି ଯାଇଥିବା ପାଇପ୍‌ର ମରାମତି ବୁଧବାର ଜନସ୍ୱାସ୍ଥ୍ୟ କର୍ମଚାରୀ ମାନେ କରିଛନ୍ତି। ପାଇପ୍ ଭାଙ୍ଗି କିଛିଦିନ ହେଲା ପାଣି ନଷ୍ଟ ହେଉଥିଲା। ହଂସପୁରରୁ ଉକ୍ତ ପାଇପ୍ ଯୋଗେ ଛତ୍ରପୁର ସହରକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଳ ଯୋଗାଣ ହୋଇଥାଏ। ପ୍ରକାଶ ଯେ, ୧୬ ତାରିଖରେ କାହାକୁ ମିଳୁନି, କେଉଁଠି ଭାସୁଛି ଶୀର୍ଷକ ସହ ଫଟୋ ଧରିତ୍ରୀରେ ପ୍ରକାଶ ପାଇଥିଲା।

## ସିଲେଇ ତାଲିମ ଶିବିର ଉଦ୍‌ଯାପିତ

ପାରଳାଖେମୁଣ୍ଡି, ୧୭।୪(ସ୍ୱ.ପ୍ର) - ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନଠାରେ ଚାଲିଥିବା ମହିଳା ସିଲେଇ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ ଦାମୋଦର ଉଗୁର୍‌ସାଣ୍ଡି, ନାବାର୍ଡ ଡିଡିଏମ୍ ସୁଦୁମ୍ନ ପାଲ ଯୋଗଦେଇ ତାଲିମ ହାସଲକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସମସ୍ତଙ୍କୁ କଠିନ ପରିଶ୍ରମ କରି ସ୍ୱାବଲମ୍ବୀ ହୋଇ ଚଳିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ୨୫ଜଣ ମହିଳା ୩୦ ଦିନ ଧରି ତାଲିମ ନେଉଥିଲେ। ପାଠ୍ୟ ସଂଯୋଜକ ଦିଲୀପ କୁମାର ତନ୍ତି ପରିଚାଳନା କରିଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ଚିନ୍ତାମଣି ଭୂୟାଁ ଧନ୍ୟବାଦ ଦେଇଥିଲେ।

## ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ

ପାରଳାଖେମୁଣ୍ଡି, ୧୭।୪(ସ୍ୱ.ପ୍ର) - ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ହାଇସ୍କୁଲ ଛକ ନିକଟରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଜିଲା ବିଜେଡି ପକ୍ଷରୁ ୨୨ତମ ତିରୋଧାନ ଦିବସ ପାଳିତ ହୋଇଛି। ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକ ପ୍ରଥମେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ବିଜୁବାବୁ ତାଙ୍କ ଶାସନ କାଳରେ ଦେଶ ବିଦେଶରେ ଓଡିଶା ପାଇଁ କିପରି ଗୌରବମୟ ଅଧ୍ୟାୟ ସୃଷ୍ଟି କରିପାରିଥିଲେ ଏବଂ ତାଙ୍କ ଶାସନ ସମୟରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଅତିଥିମାନେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲ୍ୟାଣୀ ଗଜପତି, ଅନ୍ତର୍ଯାମୀ ଗମାଙ୍ଗ, ପୂର୍ଣ୍ଣବାସୀ ନାୟକ, ପାରଳାଖେମୁଣ୍ଡି ନଗର ସଭାପତି ସତ୍ୟ ନାରାୟଣ ରାଜଗୁରୁ, ପୂର୍ବତନ କାଉନସିଲର ପ୍ରଶାନ୍ତ ପାତ୍ର, ମହିଳା ସଭାନେତ୍ରୀ ସଞ୍ଜୁକ୍ତା ବେହେରା, ରାମନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜି. ଉଦୟଗିରି ବ୍ଲକ, ଏନ୍‌ଏସିରେ ୪ ଆଦର୍ଶ ମତଦାନ କେନ୍ଦ୍ର

ଜି.ଉଦୟଗିରି,୧୭।୪(ଡି.ଏନ୍.ଏ.)- ଜି.ଉଦୟଗିରି ବ୍ଲକ ଓ ଏନ୍‌ଏସିର ୪୦ ମତଦାନ କେନ୍ଦ୍ର ମଧ୍ୟରୁ ୪ କେନ୍ଦ୍ରକୁ ଆଦର୍ଶ ମତଦାନ କେନ୍ଦ୍ର କରାଯାଇଛି। ୪୪୦୪ ଜଣ ମତଦାଦାତା ଏହି ୪ ଆଦର୍ଶ ମତଦାନ କେନ୍ଦ୍ରରେ ଗୁରୁବାର ମତଦାନ କରିବେ। ଜି.ଉଦୟଗିରି ଏନ୍‌ଏସିର ୩ ଓ ନିଲୁଙ୍ଗିଆ ଗ୍ରାମର ଗୋଟିଏ ମତଦାନ କେନ୍ଦ୍ରକୁ ଆଦର୍ଶ ମତଦାନ କେନ୍ଦ୍ର କରାଯାଇଛି। ହବାକ ହାଇସ୍କୁଲରେ ଥିବା ୬୭,୬୮ ନଂ. ମତଦାନ କେନ୍ଦ୍ର ଓ ହାଟପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଠାରେ ଥିବା୬୬ନଂ ମତଦାନ କେନ୍ଦ୍ରକୁ ଆଦର୍ଶ କେନ୍ଦ୍ର କରାଯାଇଛି। ସେହିପରି ନିଲୁଙ୍ଗିଆର ନଂ.୭୯କୁ ଆଦର୍ଶ ମତଦାନ କେନ୍ଦ୍ର କରାଯାଇଛି। ଏହି ବୁଥ ଗୁଡିକୁ ସଜାଯିବା ସହ ଚେୟାର ପକାଯାଇଛି। ପାଣି ଓ ପଣାର ବନ୍ଦୋବସ୍ତ କରାଯାଇଛି ବୋଲି ଜି.ଉଦୟଗିରି ଜିପିଇଓ ସୁପ୍ରଭା ସାହୁ କହିଛନ୍ତି। ଗୁରୁବାର ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବ୍ଲକର ୩୩ ବୁଥ ଓ ଏନ୍‌ଏସିର ୭ ବୁଥରେ ମତଦାନ ହେବ।

# କନ୍ଧମାଳ ଜିଲାର ୩ ବିଧାନସଭା: ଗୋଟିଏ ଲୋକ ସଭାରେ ୨୬ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

ଫୁଲବାଣୀ ଅଫିସ, ୧୭।୪
(ଚିଦାନନ୍ଦ ଜେନା/ରାକେଶ ରାଉତ)

ସାରା ରାଜ୍ୟରେ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେଉଛି। ଏହି କ୍ରମରେ କନ୍ଧମାଳ ଜିଲାର ଗୋଟିଏ ଲୋକ ସଭା ଏବଂ ୩ ବିଧାନସଭା କ୍ଷେତ୍ରରେ ଭୋଟ ଗ୍ରହଣ ହେବ। ଶାନ୍ତିଶୃଙ୍ଖଳାରେ ଭୋଟ ଗ୍ରହଣ ପାଇଁ ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ସମସ୍ତ ପଦକ୍ଷେପ ଗ୍ରହଣ କରିଛି। ମତଦାନ ହାରକୁ ଗତ ନିର୍ବାଚନ ଅପେକ୍ଷା ଅଧିକ କରିବା ପାଇଁ ଚେଷ୍ଟା କରାଯାଇଛି। ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପିଙ୍କ ବୁଥ୍, ମହିଳା, ବୃଦ୍ଧା, ବୃଦ୍ଧ ଓ ପିଲାମାନଙ୍କ ସୁବିଧା ଲାଗି ସ୍ୱତନ୍ତ୍ର ମଡେଲ ବୁଥ୍ କରାଯାଇଛି। ହେଲେ ଭୋଟ ଗ୍ରହଣର ଗୋଟିଏ ଦିନ ପୂର୍ବରୁ ଫିରିଙ୍ଗିଆ ବ୍ଲକରେ ମାଓବାଦୀଙ୍କ ହିଂସାକାଣ୍ଡ ଦେଖିବାକୁ ମିଳିଛି। ଯାହାକୁ ନେଇ ପ୍ରଶାସନ ଅଡୁଆରେ ପଡିଛି। ଗୋଇନ୍ଦା ଫେଲ ଯୋଗୁ ଏପରି ହୋଇଥିବା ଆଲୋଚନା ହେଉଛି। ନିର୍ବାଚନର ଗୋଟିଏ ଦିନ ପୂର୍ବରୁ ଏପରି ଘଟଣା ଘଟିଥିବାରୁ ଅନ୍ୟ ମାଓବାଦୀ ପ୍ରବଣ ଇଲାକାରେ ହୋଇଥିବା ବୁଥ୍‌ରେ କିପରି ଭୋଟ ଗ୍ରହଣ ହେବ ଜିଲା ପ୍ରଶାସନର ଚିନ୍ତା ବଢ଼ାଇ ଦେଇଛି। କନ୍ଧମାଳ ଜିଲାର ୩ ବିଧାନସଭା ଏବଂ ଗୋଟିଏ ଲୋକ ସଭାରେ ମୋଟ ୨୬ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣ ହିଁ ନିର୍ବାଚିତ ହେବେ।

### ମୋଟ ପ୍ରାର୍ଥୀ ୨୬

କନ୍ଧମାଳ ଲୋକ ସଭା ଓ ବିଧାନସଭାରେ ମୋଟ ୨୬ ଜଣ ପ୍ରାର୍ଥୀ ରହିଛନ୍ତି। ଏମ୍‌ପି ପାଇଁ ୩ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେଡିରୁ ଅଚ୍ୟୁତ ସାମନ୍ତ, ଭାଜପାରୁ ମହାମେଘବାହନ ଐର ଖାରବେଳ ସ୍ୱାଇଁ ଏବଂ କଂଗ୍ରେସରୁ ମନୋଜ ଆଚାର୍ଯ୍ୟ। ଫୁଲବାଣୀ ବିଧାନସଭା ଆସନରେ ବିଜେଡିରୁ ଅଙ୍ଗଦ କହଁର, କଂଗ୍ରେସରୁ କିଶୋର ଚନ୍ଦ୍ର କହଁର ଓ ଭାଜପାରୁ ଦେବନାରାୟଣ ପ୍ରଧାନ,

**ଆଜି ନିର୍ବାଚନ**

ବାଲିଗୁଡା ନିର୍ବାଚନମଣ୍ଡଳୀରେ ବିଜେଡିରୁ ଚକ୍ରମଣି କହଁର, ଭାଜପାରୁ କରେନ୍ଦ୍ର ମାଝି, କଂଗ୍ରେସରୁ ସିମନ ମଲ୍ଲିକ, ଜି.ଉଦୟଗିରି ନିର୍ବାଚନମଣ୍ଡଳୀରେ ବିଜେଡିରୁ ସାଲୁଗା ପ୍ରଧାନ, କଂଗ୍ରେସରୁ ଶ୍ୟାମଘନ ପ୍ରଧାନ, ଭାଜପାରୁ ଅର୍ଚ୍ଚନା ପ୍ରଧାନ ଓ ଯାକବ ପ୍ରଧାନ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣ ହିଁ ଭାଗ୍ୟ ନିର୍ଦ୍ଧାରଣ କରିବେ।

### ବୁଥ୍ ସଂଖ୍ୟା ୬୫୯: ଭୋଟର ୫, ୨୯, ୮୨୦

ଜିଲାରେ ନିର୍ବାଚନ ପାଇଁ ମୋଟ ୬୫୯ ବୁଥ ହୋଇଛି। ସମସ୍ତ ବୁଥରେ ୪ ହାଜର ୩୫୬ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଫୁଲବାଣୀରେ ବୁଥ୍ ସଂଖ୍ୟ ୨୩୦। ଏସବୁ ସ୍ଥାନରେ ମୋଟ ୧ ଲକ୍ଷ ୮୪ ହଜାର ୬୪୯ ଭୋଟର ମତଦାନ କରିବେ। ଅନ୍ୟାନ୍ୟ ୯ଜଣ ରହିଛନ୍ତି। ସେମାନଙ୍କ ମଧ୍ୟରେ ପୁରୁଷ ୯୦ ହଜାର ୪୫୯ ଓ ମହିଳା ୯୪ ହଜାର ୧୮୧। ଜି.ଉଦୟଗିରି ନିର୍ବାଚନମଣ୍ଡଳୀରେ ୨୫୧ ବୁଥରେ ୧ ଲକ୍ଷ ୯୩ ହଜାର ୧୮୦ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ୯୩ ହଜାର ୮୮୨ ଓ ମହିଳା ୯୯ ହଜାର ୨୮୯। ସେହିପରି ବାଲିଗୁଡା ନିର୍ବାଚନମଣ୍ଡଳୀର ୧୭୮ ବୁଥ୍‌ରେ ୧ ଲକ୍ଷ ୫୧ ହଜାର ୯୯୧ ଜଣ ଭୋଟରଙ୍କ ମଧ୍ୟରୁ ପୁରୁଷ ୭୩ ହଜାର ୫୪୫ ଓ ମହିଳା ୭୮ ହଜାର ୪୩୯। ଏହି ଜିଲାର ସମସ୍ତ ବିଧାନସଭା ଆସନରେ ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ସଂଖ୍ୟା ଅଧିକ। ଅନ୍ୟାନ୍ୟ ଭୋଟର ୭ଜଣ ରହିଛନ୍ତି।

### ୫୦ ବୁଥ୍ ମାଓବାଦୀ ପ୍ରବଣ

ଜିଲାର ମୋଟ ବୁଥରୁ ୨୫୭ଟି ଉତ୍ତେଜନାପ୍ରବଣ ଭାବେ ଚିହ୍ନଟ କରାଯାଇଛି। ତନ୍ମଧ୍ୟରୁ ୫୦ବୁଥ୍ ମାଓବାଦୀ ପ୍ରବଣ। ଏସବୁ ବୁଥ୍‌ରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଅପରାହ୍ନ ୪ଟାରେ ଭୋଟଗ୍ରହଣ ସାରିବାକୁ ନିଷ୍ପତ୍ତି ନିଆଯାଇଛି। ଅନ୍ୟ ସବୁ ଅଞ୍ଚଳରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ।

### ୩୬ ମଡେଲ ବୁଥ୍, ଗୋଟିଏ ପିଙ୍କ ବୁଥ୍

ନିର୍ବାଚନରେ ଭୋଟରଙ୍କ ସୁବିଧାକୁ ଦେଖି ୩୬ଟି ମଡେଲ ଏବଂ ଗୋଟିଏ ପିଙ୍କ ବୁଥ୍ କରାଯାଇଛି। ଫୁଲବାଣୀରେ ୧୫, ବାଲିଗୁଡାରେ ୧୦ ଓ ଜି.ଉଦୟଗିରିରେ ୧୧ ମଡେଲ ବୁଥ୍ ହୋଇଥିବା ବେଳେ ଫୁଲବାଣୀ ସହର ହାଟପଦା ପ୍ରାଥମିକ ବିଦ୍ୟାଳୟରେ ପିଙ୍କ୍ ବୁଥ୍ ଖୋଲାଯାଇଛି। ମଡେଲ ବୁଥରେ ଭୋଟରଙ୍କ ବସିବା ଏବଂ ଖାଇବା ପାଇଁ ଅସ୍ଥାୟୀ ଖାଦ୍ୟ ଷ୍ଟଲର ବ୍ୟବସ୍ଥା ହୋଇଛି। ଯେଉଁମାନେ ଚାହିଁବେ ଖାଦ୍ୟ କିଣି ଖାଇ ପାରିବେ। ସେହିପରି ପିଙ୍କ୍ ବୁଥରେ କେବଳ ମହିଳା ମତଦାନ କରିବେ ଏବଂ ଏଥିପାଇଁ ମହିଳା କର୍ମଚାରୀ ନିୟୋଜିତ ହୋଇଛନ୍ତି।

### ହେଭିୱେଟ ପ୍ରାର୍ଥୀ

ଚଳିତ ନିର୍ବାଚନରେ ମୋଟ ୨୬ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଏକାଧିକ ହେଭିୱେଟ ପ୍ରାର୍ଥୀଅଛନ୍ତି। ସେମାନଙ୍କ ମଧ୍ୟରେ ଏମ୍‌ପି ପ୍ରାର୍ଥୀ ଭାବେ ବିଜେଡିରୁ ଅଚ୍ୟୁତ ସାମନ୍ତ, ଭାଜପାରୁ ମହାମେଘବାହନ ଐର ଖାରବେଳ ସ୍ୱାଇଁ, ବାଲିଗୁଡା ବିଧାନସଭାରେ ଭାଜପାର କରେନ୍ଦ୍ର ମାଝି ଓ ଜି.ଉଦୟଗିରି ନିର୍ବାଚନମଣ୍ଡଳୀରେ ବିଜେଡିର ସାଲୁଗା ପ୍ରଧାନ ଓ କଂଗ୍ରେସରୁ ଟିକେଟ ନ ପାଇ ସ୍ୱାଧୀନ ଭାବେ ବିଧାୟକ ଯାକବ ପ୍ରଧାନ ନିର୍ବାଚନ ଲଢୁଛନ୍ତି।

ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଏସ୍‌ପି ପ୍ରତୀକ ସିଂ କହିଛନ୍ତି ଆମର ୨୫୭ ଉତ୍ତେଜନା ପ୍ରବଣ ବୁଥ୍ ଚିହ୍ନଟ ହୋଇଥିବା ବେଳେ ୫୦ ମାଓବାଦୀ ପ୍ରବଣ ଅଟେ। ଜିଲା ବାହାରୁ ୭୦୦ ପାଖାପାଖି ଅଫିସର ଆସିଛନ୍ତି। ମୋଟ ୬୦ ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଛନ୍ତି।

# ପୋଲିସ ପକ୍ଷରୁ ରୋଡ ବ୍ଲକିଂ, ଫ୍ଲାଗ ମାର୍ଚ୍ଚ

ଆସିକା,୧୭।୪ (ଡି.ଏନ୍.ଏ.)

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆସିକା ବ୍ଲକର ୨୭ ପଞ୍ଚାୟତ, ଆସିକା ଏନ୍‌ଏସି ଓ କବିସୂର୍ଯ୍ୟନଗର ବ୍ଲକର ୧୨ ପଞ୍ଚାୟତରେ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ସରିଛି। ୨୦୯ ବୁଥରେ ମତଦାନ ଲାଗି ବ୍ୟବସ୍ଥା କରାଯାଇଥିବା ବେଳେ ସେଥିମଧ୍ୟରୁ ଆସିକା ବ୍ଲକ ଓ ଏନ୍‌ଏସିର ୧୪୯ ବୁଥ ଓ କବିସୂର୍ଯ୍ୟନଗର ବ୍ଲକର ୬୦ ବୁଥ ରହିଛି। ଏହି ସମସ୍ତ ବୁଥରେ ସମୁଦାୟ ୨ଲକ୍ଷ ୬୧ହଜାର ୮୪୦ ଜଣ ମତଦାତା ମତଦାନ କରିବେ। ପୁରୁଷ ଭୋଟର ସଂଖ୍ୟା ୧ଲକ୍ଷ ୩୪ହଜାର ୧୧୭ ରହିଥିଲାବେଳେ ମହିଳା ଭୋଟରଙ୍କ ସଂଖ୍ୟା ୧ଲକ୍ଷ ୨୭ହଜାର ୭୨୩ ରହିଛି। ବିଭିନ୍ନ ମତଦାନ କେନ୍ଦ୍ରରେ ମତଦାତାଙ୍କ ସୁବିଧା ଲାଗି ପାନୀୟ ଜଳ ଶୌଚାଳୟ ବ୍ୟବସ୍ଥା ରହିଥିଲାବେଳେ ଭିନ୍ନକ୍ଷମ ମତଦାତାଙ୍କ ଲାଗି ସମସ୍ତ ବୁଥରେ ହ୍ୱିଲ୍ ଚେୟାର ଓ ଅଟୋ ରିକ୍ସା ବ୍ୟବସ୍ଥା କରାଯାଇଛି। ନିର୍ବାଚନ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା ଓ ସହକାରୀ ନିର୍ବାଚନ ଅଧିକାରୀ ଆସିକା ବିଡିଓ ଗାୟତ୍ରୀଦତ୍ତ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମତଦାତାମାନେ ଯେଭଳି ବିଭିନ୍ନ ବୁଥରେ ଶୃଙ୍ଖଳିତ ଭାବେ ସେମାନଙ୍କ ମତଦାନ କରିପାରିବେ ସେନେଇ

**ମତଦାନ ଲାଗି ପ୍ରସ୍ତୁତି ଚୂଡାନ୍ତ**

ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆସିକା ବ୍ଲକ ଓ ଏନ୍‌ଏସିର ବିଭିନ୍ନ ବୁଥ୍ ଲାଗି ୩ଜଣ ସେକ୍ଟର ମାଜିଷ୍ଟ୍ରେଟ ନିୟୋଜିତ ରହିଥିଲା ବେଳେ ସେମାନେ ବିଭିନ୍ନ ବୁଥ ବୁଲି ମତଦାନ ତଦାରଖ କରିବେ। ସେହିଭଳି ମତଦାନ ସମୟରେ ଇଭିଏମ ମେସିନରେ କୌଣସି ତ୍ରୁଟି ଦେଖାଦେଲେ ତୁରନ୍ତ ସମାଧାନ ଲାଗି ୪ ଇଞ୍ଜିନିୟର ଉପସ୍ଥିତ ଥିବା ସହକାରୀ ନିର୍ବାଚନ ଅଧିକାରୀ ଗାୟତ୍ରୀଦତ୍ତ ନାୟକ ସୂଚନା ଦେଇଛନ୍ତି। ୫୦୦-୭୦୦ ମତଦାତା ରହିଥିବା ବୁଥରେ ଜଣେ ଲେଖାଏ କନଷ୍ଟେବଲ୍ ଓ ଉତ୍ତେଜନା ପ୍ରବଣ ବୁଥରେ ଜଣେ ହାବିଲଦାରଙ୍କ ସହ ୪ ଶସସ୍ତ୍ର ପୋଲିସ ନିୟୋଜିତ କରାଯାଇଛି। ଜଣେ ଅଫିସର ଓ ୪ଜଣ ଶସସ୍ତ୍ର ପୋଲିସଙ୍କୁ ନେଇ ଗଠିତ ୮ଟି ପେଟ୍ରୋଲିଂ ଦଳ ସମଗ୍ର ଅଞ୍ଚଳ ବୁଲି ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ନଜର ରଖିବେ। ଅତିରିକ୍ତ ଏସ୍‌ପି ସୀତାରାମ ଶତପଥୀ ଏଠାରେ ଉପସ୍ଥିତ ରହି ତଦାରଖ କରିଛନ୍ତି। ଏହାଛଡା ଗୋଟିଏ କମ୍ପାନୀ ସିଆଇଏସଏଫ୍ ୧ ପ୍ଲାଟୁନ୍ ଶସସ୍ତ୍ର ପୋଲିସ ମହଜୁଦ ରଖାଯାଇଥିବା ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ସୂଚନା ଦେଇଛନ୍ତି। ସେହିଭଳି ବୁଧବାର ସନ୍ଧ୍ୟାରୁ ଆସିକା ସହରକୁ ସଂଯୋଗ କରୁଥିବା ବିଭିନ୍ନ ମୁଖ୍ୟ ରାସ୍ତାରେ ପୋଲିସ ପକ୍ଷରୁ ବ୍ଲକିଂ କରି ଯାନବାହନ ଯାଞ୍ଚ ଚାଲିଛି। ଉତ୍ତେଜନା ପ୍ରବଣ ବୁଥ୍ ଇଲାକାରେ ବୁଧବାର ସନ୍ଧ୍ୟାରୁ ପୋଲିସ ପକ୍ଷରୁ ପୁଣି ଫ୍ଲାଗ ମାର୍ଚ୍ଚ କରାଯାଉଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି।

# ପୃଥକ୍ ଦୁର୍ଘଟଣା: ୨ ମୃତ, ୮ ଆହତ

ସୋରଡା,୧୭।୪(ଡି.ଏନ.ଏ.)

ସୋରଡା ଅଞ୍ଚଳର ବିଭିନ୍ନ ସ୍ଥାନରେ ବୁଧବାର ଦୁର୍ଘଟଣା ଘଟି ଜଣେ ମହିଳା ଏବଂ ଜଣେ ଶିଶୁଙ୍କର ମୃତ୍ୟୁ ଘଟିଥିବା ବେଳେ ୮ଜଣ ଆହତ ହୋଇଛନ୍ତି। ଜଣଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ସକାଳ ୧୦ଟାରେ ସନ୍ଧିକେନ୍ଦୁ ଗ୍ରାମର ସାଗର ନାୟକ ୩୫ ଏବଂ ସ୍ତ୍ରୀ ରଶ୍ମିତା ନାୟକ, ଝିଅ ପୂର୍ଣ୍ଣିମା ନାୟକ ବାଇକ ଯୋଗେ ଆସିକାରୁ ସୋରଡା ଅଭିମୁଖେ ଆସୁଥିଲେ। କରଡାବାଡି ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ବାଇକ ଛିଟିକି ପଡିଥିଲା। ସାଗର, ରଶ୍ମିତାଙ୍କୁ ପ୍ରବଳ ଆଘାତ ଲାଗିଥିଲା। ଦମକଳବାହିନୀ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନା ଆଣିଥିଲା। ଗୁରୁତର ସାଗରଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ସେହିପରି ଅପରାହ୍ନରେ ସୋରଡାରୁ ସିଦ୍ଧପୁର ଯାଉଥିବା ଏକ ଅଟୋ ଖାରିଗୁଡା ନିକଟ ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। ଫଳରେ ସେଥିରେ ବସିଥିବା ସାବିତ୍ରୀ ନାୟକ ଏବଂ ତାଙ୍କ ପୁଅ ଶୁଭଙ୍କରନାୟକ ମୁର୍ଗାପଲି, ବୁଲୁ ଗୌଡ, ସ୍ତ୍ରୀ ଜାନକୀ ଗୌଡ, ସିଙ୍ଗିପୁର, ରଘୁନାଥ ପଣ୍ଡା ସ୍ତ୍ରୀ ଆରତି ପଣ୍ଡା ସିଦ୍ଧିପୁର ଆହତ ହୋଇଥିବା ବେଳେ ତାଙ୍କର ୨ ମାସର କନ୍ୟା ସନ୍ତାନ ମୁଣ୍ଡରେ ଆଘାତ ଲାଗିବାରୁ ମୃତ୍ୟୁ ହୋଇଯାଇଥିଲା। ସେହିପରି ସୋରଡାରୁ ଅସୁରବନ୍ଧ ରାସ୍ତା ଭାଲିଆପଡା ରାସ୍ତାରେ ବାଇକରେ ଯାଉଥିବା ବେଳେ ଖାରିକୋଟି ଗ୍ରାମର କଳରା ନାୟକ ୫୦ଙ୍କ ମୃତ୍ୟୁ ଘଟିଛି। ପୁଅ ରାଜୀବ ନାୟକ ବାଇକ୍‌ରେ ମା' କଳରାଙ୍କୁ ବସାଇ ଯାଉଥିଲେ। ବାଇକରୁ କଳରା ଖସି ପଡିଥିଲେ। ତାଙ୍କୁ ମେଡିକାଲ ଅଣାଯାଇଥିଲା। ଡାକ୍ତର ଦିଲୀପ କୁମାର ନାୟକ ତାଙ୍କୁ ମୃତ ଘୋଷଣା କରିଥିଲେ।

## ସ୍ୱାମୀନାଥନ୍ କୃଷି ମହାବିଦ୍ୟାଳୟକୁ ଆଇସିଏଆର୍ ମାନ୍ୟତା

ପାରଳାଖେମୁଣ୍ଡି, ୧୭।୪(ସ୍ୱ.ପ୍ର)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ଆଲ୍ଲୁରିନଗରସ୍ଥିତ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ଅଧୀନ ଏସ୍.ଏସ୍. ସ୍ୱାମୀନାଥନ କୃଷି ମହାବିଦ୍ୟାଳୟ ଆଇସିଏଆର୍ ମାନ୍ୟତା ପାଇଛି। ଏହି ମାନ୍ୟତା ୫ ବର୍ଷ ପର୍ଯ୍ୟନ୍ତ ରହିବ। ସେଞ୍ଚୁରିଆନ୍ ବିଶ୍ୱ ବିଦ୍ୟାଳୟ ଏକ ଘୋରଇ ବିଶ୍ୱ ବିଦ୍ୟାଳୟ ଭାବେ ଏହି ମାନ୍ୟତା ପାଇବାରେ ଭାରତରେ ଦ୍ୱିତୀୟ ଏବଂ ଓଡିଶାରେ ପ୍ରଥମ ବୋଲି କୁହାଯାଉଛି। ସରକାରୀ ଅଧିକୃତ କୃଷି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଧ୍ୟନ ସମୟରେ ଯେଉଁ ସୁବିଧା ସୁଯୋଗ ପାଉଛନ୍ତି ଏହି ମାନ୍ୟତା ଯୋଗୁ ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସମସ୍ତ ସୁବିଧା ସୁଯୋଗ ପାଇପାରିବେ। ସେମାନେ ସ୍ନାତକୋତ୍ତର ପରେ ସରକାରୀ କୃଷି ବିଶ୍ୱବିଦ୍ୟାଳୟରେ ପ୍ରବେଶ କରିପାରିବେ, କୃଷି ସମ୍ପର୍କିତ ସରକାରୀ ଚାକିରି କରିପାରିବେ ଏବଂ ଗବେଷଣା ପାଇଁ ଆଇସିଏଆର୍ ଅନୁଦାନ ମଧ୍ୟ ପାଇପାରିବେ। ସୂଚନାଯୋଗ୍ୟ ଯେ, ଏହି ମାନ୍ୟତା ପ୍ରଦାନ ପାଇଁ ଆସିଥିବା ଉଚ୍ଚସ୍ତରୀୟ ଅଧିକାରୀ ଓ ଅନ୍ୟ ସମୀକ୍ଷକମାନେ କୃଷି ମହାବିଦ୍ୟାଳୟର ଶିକ୍ଷାର ଗୁଣାତ୍ମକ ମାନ ପରଖିବା ସହ ସେତେବେଳେ ବିଶ୍ୱବିଦ୍ୟାଳୟର ଆନୁସଙ୍ଗିକ ସୁବିଧା ସୁଯୋଗ ଦେଖି ପ୍ରଶଂସା କରିଥିଲେ।

## ବିଜୁ ବାବୁଙ୍କ ଶ୍ରାଦ୍ଧଦିବସ ପାଳିତ



ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

ଛତ୍ରପୁର,୧୭।୪(ଡି.ଏନ.ଏ.)

ଛତ୍ରପୁରରେ ବିଜେଡି ପକ୍ଷରୁ ବୁଧବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ନେତାଜୀ ଛକ ଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ବିଜେଡିର ନେତା ଓ କର୍ମୀମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜିଲାପରିଷଦ ସଭାପତି ସୁବାସ ବେହେରା, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ବ୍ଲକ ଅଧ୍ୟକ୍ଷ ଏମ୍ ଧନଞ୍ଜୟ ରେଡ୍ଡୀ, ମନୋଜ କୁମାର ପାଢୀ, ବିଜେଡି ବ୍ଲକ ସଭାପତି ସପନ ନାହାକ, ଟି. ଚନ୍ଦ୍ରଶେଖର ରାଓ, ପ୍ରଦୋଷ କୁମାର ବେହେରା, ବି. ରାଜୁ ବାବୁ, ରବୀନ୍ଦ୍ର ନାଥ ପଣ୍ଡା, ସରପଂଚ ଟି. ନରସିଂହ ରେଡ୍ଡୀ, ପୀତାମ୍ବର ପଣ୍ଡା, ବିଶ୍ୱନାଥ ସାହୁ, ବିମଳ ପଣ୍ଡା, ଭୈରବ ପଟ୍ଟନାୟକ, ଉମିନାଥ ସାହୁ, କିଶୋର ଚନ୍ଦ୍ର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ପରେ ଦଳ ପକ୍ଷରୁ ଛତ୍ରପୁର ହସ୍ପିଟାଲର ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

## ବୈଦ୍ୟ ବିଶାରଦଙ୍କ ସ୍ମୃତିଚାରଣ ସଭା

ଶେରଗଡ଼,୧୭।୪(ଡି.ଏନ୍.ଏ.)

ଶେରଗଡ଼ ଗ୍ରାମ ବଡଦାଣ୍ଡ ସାହିରେ ସୋମବାର ଅପରାହ୍ନରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଅବସରପ୍ରାପ୍ତ କର୍ମଚାରୀ ଭାସ୍କର ପ୍ରଧାନ ଅଧକ୍ଷତା କରିଥିଲେ। ଦିଲୀପ କୁମାର ତ୍ରିପାଠୀଙ୍କ ସଂଯୋଜାନରେ ଅନୁଷ୍ଠିତ ସଭାରେ ବୈଦ୍ୟ ବିଶାରଦ ସ୍ୱର୍ଗତ କାଶୀନାଥ ଷଡ଼ଙ୍ଗୀଙ୍କ ସ୍ମୃତି ଚାରଣ କରାଯାଇଥିଲା। ସ୍ୱର୍ଗତ କାଶୀନାଥ ଷଡ଼ଙ୍ଗୀ ଙ୍କ ଦ୍ୱାଦଶାହ ଅବସରରେ ତାଙ୍କର ସ୍ମୃତିଚାରଣ କରିବା ଆଳରେ କାଶୀନାଥ ଜଣେ ବୈଦ୍ୟ ସହ ଶିକ୍ଷକତା ଓ ସମାଜସେବାରେ ନିୟୋଜିତ ଥିଲେ। ତାଙ୍କ ମୃତ୍ୟୁ ଯୋଗୁ ଏକ ଅପୂରଣୀୟ କ୍ଷତି ହେଲା ବୋଲି ଉପସ୍ଥିତି ବ୍ୟକ୍ତି ମତବ୍ୟକ୍ତି କରିଥିଲେ। ବୈଠକରେ ଶିକ୍ଷକ ବିଜୟ କୁମାର ବାଡ଼ତ୍ୟାଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ମାଓବାଦୀ ଅଞ୍ଚଳରେ ଭୋଟଦେବେ ୮୦ ହଜାର ମତଦାତା

ଦାରିଙ୍ଗବାଡି,୧୭।୪(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ମାଓବାଦୀ ପ୍ରବଣ ଅଞ୍ଚଳରେ ଗୁରୁବାର ଭୋଟଗ୍ରହଣ ହେବ। ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ସରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିଂ ପାର୍ଟି ବୁଥ୍‌ରେ ପହଞ୍ଚି ସାରିଛନ୍ତି। ଦାରିଙ୍ଗବାଡି ଏବଂ ବ୍ରାହ୍ମଣୀଗାଁ ମାଓବାଦୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ୨ କମ୍ପାନୀ ଫୋର୍ସ ପହଞ୍ଚି ସାରିଛନ୍ତି। ବିଏସ୍‌ଏଫ ସମେତ ଆଇଆର୍‌ବିଏନ, ଓଡିଶା ଫୋର୍ସ ପହଞ୍ଚିଥିବା ବେଳେ ଯବାନମାନେ ମାଓବାଦୀଙ୍କ ଚଳପ୍ରଚଳ ଅଞ୍ଚଳରେ ବାଇକରେ ପାଟ୍ରୋଲିଂ କରୁଛନ୍ତି।

ଅଞ୍ଚଳର କାଟିଙ୍ଗିଆ ସମେତ ଝିଞ୍ଜିରିଗୁଡା, କୁମ୍ଭାରିଗାଁ, ଗଦାପୁର, ସରାମୁଳି, ଭ୍ରମରବାଡି, ସିଆଙ୍ଗବାଲି, ସିର୍କାବର୍ଗ, ସୋନପୁର, ସିମନବାଡି, ବାଡାବାଙ୍ଗା, ବୁରାଙ୍ଗିଆ ଆଦି ଅଞ୍ଚଳରେ ପୋଲିସ ପକ୍ଷରୁ ଜୋରଦାର ପାଟ୍ରୋଲିଂ କରାଯାଉଛି।

ସୂଚନାଯୋଗ୍ୟ ଯେ, ଉକ୍ତ ବ୍ଲକର ମୋଟ ୨୫ ପଞ୍ଚାୟତରେ ୧୦୬ ବୁଥ ରହିଛି। ସେହିପରି ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇ ୮୦ ହଜାରରେ ପହଞ୍ଚିଛି। ସମସ୍ତ ଭୋଟର ଶାନ୍ତିଶୃଙ୍ଖଳାର ସହ ମତଦାନ କରିବାକୁ ଦାରିଙ୍ଗବାଡି ବିଡିଓ ତ୍ରିଲୋଚନ ପାତ୍ର ନିବେଦନ କରିଛନ୍ତି। ବିଭିନ୍ନ ସ୍ଥାନରେ ସାଦା ପୋଷାକଧାରୀ ପୋଲିସଙ୍କ ଦ୍ୱାରା ତଦାରଖା କରାଯାଉଛି। ସେହିପରି କନ୍ଧମାଳ ଦଙ୍ଗାକୁ ଇତିମଧ୍ୟରେ ୧୧ ବର୍ଷ ବିତିଯାଇଛି। ୨୦୦୭ ଏବଂ ୨୦୦୮ରେ କନ୍ଧମାଳରେ ସାମ୍ପ୍ରଦାୟିକ ଦଙ୍ଗା ହୋଇଥିଲା। ଏହାପରେ ୨୦୦୯ ଓ ୧୪ରେ ସାଧାରଣ ନିର୍ବାଚନ ହୋଇଥିଲା। ୨୦୧୯ରେ ତୃତୀୟଥର ପାଇଁ ଦଙ୍ଗାପରେ ଏଠାରେ ସାଧାରଣ ନିର୍ବାଚନ ହେବ। ୨୦୧୪ ପରେ ଏମ୍‌ପି ହେମେନ୍ଦ୍ର ସିଂଙ୍କ ମୃତ୍ୟୁ ପରେ ସାନି ନିର୍ବାଚନ ହୋଇଥିଲା। ଦଙ୍ଗା ପରେ ଏବେ ଅଞ୍ଚଳବାସୀ ସବୁ ଭୁଲି ଜାତି ଧର୍ମ ନିର୍ବିଶେଷରେ ଏକ ହୋଇ ରହୁଛନ୍ତି। ବିଭିନ୍ନ ପର୍ବପର୍ବାଣି ଏବଂ ଗାଁରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହେଉଥିବା ନଜିର ରହିଛି। ଚଳିତ ନିର୍ବାଚନରେ ମଧ୍ୟ କୌଣସି ଦଳ ଜାତି କିମ୍ବା ଧର୍ମକୁ ନେଇ ଭୋଟ ଭିକ୍ଷା କରୁନଥିବା ଅଞ୍ଚଳବାସୀ କହିଛନ୍ତି। ତେଣୁ ମୋଟାମୋଟି ଭାବେ ଅଞ୍ଚଳରେ ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଅଞ୍ଚଳବାସୀ ଭୋଟଦାନ କରିବାକୁ ସହମତି ପ୍ରକାଶ କରୁଥିବା ଏବଂ ଏଥିପାଇଁ ସମସ୍ତ ମତଦାତା ଭୋଟ ଦେବାକୁ ଉତ୍ସାହିତ ହୋଇଥିବା ଜଣାପଡିଛି। ଆମ୍ଭେ ଏଭଳି କିଛି ଦଙ୍ଗା କ୍ଷତିଗ୍ରସ୍ତ ଗ୍ରାମରେ ଲୋକଙ୍କ ମତ ନେଇଥିଲୁ ଏବଂ ତାଙ୍କ ମୁହଁରୁ ଶୁଣୁଥିଲୁ।



ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

**ଆଜି ଭୋଟ ଗ୍ରହଣ**

- ପୋଲିସର ବାଇକ୍ ପାଟ୍ରୋଲିଂ
- କନ୍ଧମାଳ ଦଙ୍ଗା ପରେ ତୃତୀୟ ସାଧାରଣ ନିର୍ବାଚନ

**ସେମାନେ ଯାହା କୁହନ୍ତି**

**ସରିଶ୍ରୀ ପ୍ରଧାନ- ୱାର୍ଡସଭ୍ୟା (ବାଡାବାଙ୍ଗା):**



ଏବେ ଭୋଟଦାନ କରିବାରେ କୌଣସି ଅସୁବିଧା ନାହିଁ। ଜାତି ଧର୍ମକୁ ନେଇ କୌଣସି ପ୍ରାର୍ଥୀ ଭୋଟ ଦେବାକୁ ବାଧ କରୁନାହାନ୍ତି।

**ବଳରାମ ପ୍ରଧାନ- ସିକକେଟା ଗ୍ରାମବାସୀ:**



୨୦୦୮ ଦଙ୍ଗାରେ ମୋର ବହୁତ କ୍ଷତି ହୋଇଥିଲା। ସରକାର ଦଙ୍ଗା କ୍ଷତିଗ୍ରସ୍ତଙ୍କୁ ସାହାର୍ଯ୍ୟ କରୁଥିଲେ ମଧ୍ୟ ଯେଉଁ ପରିମାଣରେ କ୍ଷତି ହୋଇଥିଲା ସେହିପ୍ରକାରେ ମୋତେ କ୍ଷତିପୂରଣ ମିଳିନାହିଁ, କିନ୍ତୁ ଗଣତନ୍ତ୍ରରେ ବିଶ୍ୱାସ ରଖିଛି, ଚଳିତ ଥର ମଧ୍ୟ ମତଦାନ କରିବି।

**ନିକଜିନୀ ପ୍ରଧାନ- ବାଡାବାଙ୍ଗା ପଞ୍ଚାୟତବାସୀ:**



ପୂର୍ବରୁ ଦଙ୍ଗା ପାଇଁ ଅଞ୍ଚଳରେ ଭୟର ବାତାବରଣ ରହିଥିଲା। ଏବେ ସରକାରଙ୍କ ପକ୍ଷରୁ ବହୁତ ସୁବିଧା କରାଯିବା ସହ ମତଦାତାଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି, ଏଣୁ ମୁଁ ମତଦାନ କରିବି।

**ମଦନ ମାଝୀ- ବାଡାବାଙ୍ଗା ଗ୍ରାମବାସୀ:**



ଅଞ୍ଚଳରେ ଚଳିତ ଥର ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ହେବ। କୌଣସି ପ୍ରକାର ଚାପ କିମ୍ବା ଭୟ ନାହିଁ।

## ଜିଲାସ୍ତରୀୟ କ୍ରୀଡାପ୍ରତିଭା ଚୟନ ଉଦ୍‌ଯାପିତ

ପାରଳାଖେମୁଣ୍ଡି, ୧୭।୪ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ ପରିସରରେ ଜିଲା କ୍ରୀଡା ବିଭାଗ ପକ୍ଷରୁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଚାଲିଥିବା ଜିଲାସ୍ତରୀୟ କ୍ରୀଡା ପ୍ରତିଭା ଚୟନ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଚୟନ ପ୍ରକ୍ରିୟାରେ ଜିଲାର ୭ଟି ବ୍ଲକର ୯୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ ବିଭିନ୍ନ ଇଭେଣ୍ଟ ଯଥା ଭଲିବଲ୍, ଲମ୍ୱଡିଆଁ, ୧୦ମିଟର ଶଟଲ ଏବଂ ୩୦ ମିଟର ଦୌଡ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଯେଉଁ ପ୍ରତିଯୋଗୀମାନେ ଉଚ୍ଚ କୋଟୀର କ୍ରୀଡା ପ୍ରଦର୍ଶନ କରିଛନ୍ତିସେମାନେ ରାଜ୍ୟ କ୍ରୀଡାଛାତ୍ରାବାସ ଯିବାପାଇଁ ମନୋନୀତ ହୋଇଛନ୍ତି। ଚଳିତ ବର୍ଷ ୩୦ଜଣ ପ୍ରତିଯୋଗୀମାନଙ୍କ ନାମ ରାଜ୍ୟସ୍ତରକୁ ସୁପାରିସ ହୋଇଥିବା ଜଣାପଡିଛି। ଏହି ସମସ୍ତ କାର୍ଯ୍ୟକ୍ରମକୁ ଜିଲା କ୍ରୀଡାଧିକାରୀ ପ୍ରଭାକର ତ୍ରିପାଠୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବିଚନ୍ଦ୍ର ନାୟକ, କ୍ରୀଡା ଶିକ୍ଷକ ସୁରେନ୍ଦ୍ର ପାତ୍ର, ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।